# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ନଭେମ୍ବର ୪/୨୦୨୨ (୧୪ ପୃଷ୍ଠା) | Sambalpur, Friday, November 4/2022 | Page 14 | ₹ 7.00 | ★★

୧୮ଶ ଭାଗ ୩୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 316 | ମୂଲ୍ୟ ₹୭/-




## ଶଦାବ ଖାନ୍‌ଙ୍କ ଅଲରାଉଣ୍ଡ ପ୍ରଦର୍ଶନ

ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ କ୍ରିକେଟ ବିଶ୍ୱକପ୍ ମ୍ୟାଚରେ ଅଲରାଉଣ୍ଡ ପ୍ରଦର୍ଶନ କରି ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି ପାକିସ୍ତାନର ଶଦାବ ଖାନ୍।

୧୪

୧୨

## ଭାରତକୁ ହରାଇଲେ ଜିମ୍ବାୱେ ଖେଳାଳିଙ୍କୁ ବାହା ହେବି

ଭାରତ-ଜିମ୍ବାୱେ ମ୍ୟାଚରେ ଯଦି ଭାରତ ହାରିଯାଏ, ତେବେ ଜିମ୍ବାୱେର ଜଣେ କ୍ରିକେଟରଙ୍କୁ ବିବାହ କରିବେ ବୋଲି ପାକିସ୍ତାନୀ ଅଭିନେତ୍ରୀ ଶେହର ସିନୱାରୀ ଟୁଇଟ୍ କରିଛନ୍ତି।



**ଆଜିର ସମ୍ପାଦକୀୟ**

## ବିଷ ବଳୟରେ ବିଶ୍ୱ

### ୨୪ରୁ ବିଧାନସଭାର ଶୀତ ଅଧିବେଶନ

ପୃଷ୍ଠା-୩







# ଧଳାସୁନାରେ କୀଟ

**ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ବିସ୍ତୃତ ଅଞ୍ଚଳରେ ଦୀର୍ଘବର୍ଷ ହେଲା ଚାଷୀ ଉତ୍ସାହିତ ହୋଇ ଅର୍ଥକରୀ କପାଚାଷ କରୁଛନ୍ତି। ଧଳାସୁନାର ଅଞ୍ଚଳ ଭାବେ ପରିଚିତ ଏହି ଇଲାକାର ଅନୁକୂଳ ଜଳବାୟୁ ଏବଂ ଭୂମିରୂପ କପାକୁ ସୁହାଉଛି। ଏଠାକାର ଉତ୍କୃଷ୍ଟ କପା ଦେଶ ବିଦେଶକୁ ରପ୍ତାନି ହେଉଛି। ସମଗ୍ର ଓଡ଼ିଶାରେ ବାର୍ଷିକ ୧ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କାରବାର କେବଳ ଏହି କ୍ଷେତ୍ରରୁ ଆସୁଛି। ସାଧାରଣତଃ କପା କିଆରିରେ କୀଟ ଲାଗିଲେ କୀଟନାଶକ ଦ୍ୱାରା ଚାଷୀ ନିସ୍ତାର ପାଇଥାଏ। ମାତ୍ର ସରକାରୀସ୍ତରରେ ଉପଯୁକ୍ତ ପଦକ୍ଷେପ ଅଭାବରୁ ଅମଳ ପୂର୍ବରୁ ଧଳାସୁନାରେ ଆନ୍ଧ୍ରପ୍ରଦେଶ ଓ ମହାରାଷ୍ଟ୍ରର ଦଲାଲମାନେ କୀଟ ଭଳି ଲାଗିଯାଉଛନ୍ତି।**



ଅମଳ ହେବାକୁ ଥିବା ବଲାଙ୍ଗୀର ଜିଲା ବେଲପଡ଼ା ଅଞ୍ଚଳର ଏକ କପା କିଆରି।

**ବୀରେନ୍ଦ୍ର କୁମାର ଝାଙ୍କର**

**ବଲାଙ୍ଗୀର ଅଫିସ, ୩।୧୧**

ପଶ୍ଚିମ ଓଡ଼ିଶାର ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, ସୁବର୍ଣ୍ଣପୁର, ବୌଦ୍ଧ, ବରଗଡ଼ ଏବଂ ଦକ୍ଷିଣ ଓଡ଼ିଶାର ରାୟଗଡ଼ା, କୋରାପୁଟ, ଗଜପତି ଜିଲାରେ ଗତ କିଛିବର୍ଷ ହେଲା କପାଚାଷ ବୃଦ୍ଧି ପାଇଛି। ଏକ ତଥ୍ୟ ମୁତାବକ ୧୯୮୦ ମସିହାରେ ଓଡ଼ିଶାରେ ମାତ୍ର ୫ ହଜାର ହେକ୍ଟର ଜମିରେ କପାଚାଷ କରାଯାଉଥିଲାବେଳେ ୨୦୨୨ ବେଳକୁ ଏହା ୨ ଲକ୍ଷ ହେକ୍ଟରକୁ ପରିବ୍ୟାପ୍ତ ହୋଇଛି। ଅନ୍ତର୍ଜାତୀୟ ବଜାର ଅନୁଯାୟୀ କପାମୂଲ୍ୟ ଆକଳନ ହେଉଥିବାରୁ ଜାତୀୟସ୍ତରରେ ସରକାର କପାର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ନିର୍ଦ୍ଧାରିତ କରିଥାନ୍ତି। ତେବେ ବଜାରରେ ଚାହିଦା ଯୋଗୁ ଏମ୍ଏସ୍‌ପିଠାରୁ ଢେର ଅଧିକ ଦରରେ କପା ବିକ୍ରି ହେଉଛି।

୨୦୨୧ ବର୍ଷରେ କପା ଏମ୍ଏସ୍‌ପି କୁଇଣ୍ଟାଲ ପିଛା ମୂଲ୍ୟ ୬,୦୨୫ ଟଙ୍କା ଧାର୍ଯ୍ୟ ହୋଇଥିଲା। ତେବେ ଗତବର୍ଷ କୁଇଣ୍ଟାଲ ପିଛା ସର୍ବାଧିକ ୧୨ ହଜାର ଟଙ୍କା ପର୍ଯ୍ୟନ୍ତ କପା ବିକ୍ରି ହୋଇଥିବା ଜଣାପଡ଼ିଛି। ଗତ ଋତୁରେ ବଲାଙ୍ଗୀର ଜିଲାରେ ରାଜ୍ୟ ବାହାରର ବ୍ୟବସାୟୀ (ବିଡର୍ସ)ଙ୍କୁ କପାକ୍ରୟ ସୁଯୋଗ ଦିଆଯାଇଥିଲା। ଫଳରେ କପା କୁଇଣ୍ଟାଲ ପିଛା ମୂଲ୍ୟ ଦ୍ୱିଗୁଣିତ ହୋଇଥିବା ବେଳେ ଜିଲାର ଚାଷୀମାନେ ଲାଭବାନ୍ ହୋଇଥିବା କୁହାଯାଇଥିଲା। ସ୍ଥୂଳଦୃଷ୍ଟିରେ ଏଇ ତଥ୍ୟ ଅନେକାଂଶରେ ସତ୍ୟ ପ୍ରତୀତ ହୋଇଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ତୃଣମୂଳସ୍ତରରେ ଏଥିରେ ବିସଙ୍ଗତି ରହିଛି। ପୂର୍ବାପେକ୍ଷା ପ୍ରକୃତ ଚାଷୀ ଅଧିକ ଲାଭବାନ୍ ହୋଇଥିଲେ ☞ପୃଷ୍ଠା-୪

**ଧାମନଗର ଉପନିର୍ବାଚନ**

# ୬୬.୬୩% ମତଦାନ

## ବୁଥ୍ ରିଗିଂ ଅଭିଯୋଗ, ଦୁଇଗୋଷ୍ଠୀ ମାରପିଟ

**ଭୁବନେଶ୍ୱର/ଭଦ୍ରକ ଅଫିସ/ ଧାମନଗର (ଡି.ଏନ୍.ଏ.),୩।୧୧(ବ୍ୟୁରୋ)**

ଧାମନଗର ଉପନିର୍ବାଚନ ପାଇଁ ଗୁରୁବାର ମତଦାନ ଶେଷ ହୋଇଛି। ଏହି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୫ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଲେକ୍ଟ୍ରୋନିକ ଭୋଟିଂ ମେଶିନ (ଇଭିଏମ୍)ରେ ସିଲ୍ ହୋଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଏହି ନିର୍ବାଚନରେ ମୋଟ ୬୬.୬୩ ପ୍ରତିଶତ ମତଦାନ ହୋଇଛି। ଗତ ନିର୍ବାଚନଠାରୁ ଚଳିତ ନିର୍ବାଚନରେ ମତଦାନ ହ୍ରାସ ପାଇଛି। ୨୦୧୯ ସାଧାରଣ ନିର୍ବାଚନରେ ଧାମନଗରରେ ୭୨.୦୧ ପ୍ରତିଶତ ମତଦାନ ହୋଇଥିଲା। ମତଦାନ ସକାଳ ୭ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ଯାଏ ଚାଲିଥିଲା। ତେବେ କାଁ ଭାଁ କିଛି ସ୍ଥାନରେ ଗଣ୍ଡଗୋଳ ହୋଇଥିଲେ ମଧ୍ୟ ନିର୍ବାଚନ ମୋଟାମୋଟି ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ କହିଛନ୍ତି।

ଭୋଟ ଗ୍ରହଣ ବେଳେ କେତେକ ସ୍ଥାନରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିଥିବା ଦେଖିବାକୁ ମିଳିଥିଲା। କେଉଁଠି ବୁଥ୍ ରିଗିଂ ହୋଇଛି ତ ଆଉ କେଉଁଠି ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିବା ସୂଚନା ମିଳିଛି। ଧାମନଗର କଟସାହି ☞ପୃଷ୍ଠା-୧୧

# ଇମ୍ରାନ୍ ଖାନ୍‌ଙ୍କୁ ହତ୍ୟା ଉଦ୍ୟମ




କଣ୍ଟେନରରେ ଶୋଭାଯାତ୍ରାରେ ଯାଉଥିବାବେଳେ ପିଟିଆଇ ଅଧକ୍ଷ ଇମ୍ରାନ୍ ଖାନ୍‌ଙ୍କୁ ଗୁଳି କରି ହତ୍ୟା ଉଦ୍ୟମ। ଗୁଳି ଚଳାଇଥିବା ଅଭିଯୁକ୍ତ ନାଭେଦ (ଇନ୍‌ସେଟ୍)।

**ଇସ୍‌ଲାମାବାଦ,୩।୧୧**

## ମୁଁ ହତ୍ୟା କରିବାକୁ ଚାହୁଁଥିଲି: ଗିରଫ ଆତତାୟୀ

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଉପରେ ଗୁରୁବାର ମରଣାନ୍ତକ ଆକ୍ରମଣ ହୋଇଛି। ଦେଶରେ ତୁରନ୍ତ ସାଧାରଣ ନିର୍ବାଚନ କରାଯିବା ଦାବିରେ ବିଶାଳ ବିକ୍ଷୋଭ ଶୋଭାଯାତ୍ରାରେ ଯାଉଥିବାବେଳେ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ଅଧକ୍ଷ ଇମ୍ରାନ୍‌ଙ୍କୁ ଜଣେ ଆତତାୟୀ ଗୁଳିମାଡ଼ କରିଛନ୍ତି। ପଞ୍ଜାବ ପ୍ରଦେଶର ୱଜିରାବାଦ ସହରସ୍ଥିତ ଆଲ୍ଲାୱାଲା ଛକରେ ବନ୍ଧୁକଧାରୀ ଜଣକ କଣ୍ଟେନର ଉପରକୁ ଗୁଳି କରିଥିଲେ। ୭୦ ବର୍ଷୀୟ ଇମ୍ରାନ୍‌ଙ୍କ ଡାହାଣ ଗୋଡ଼ରେ ଅତି ନିକଟରୁ ଗୁଳି ବାଜିବା ପରେ ତାଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଇମ୍ରାନ୍ ଏବେ ବିପଦମୁକ୍ତ ଥିବା ନେଇ ପିଟିଆଇର ମୁଖପତ୍ର ଭାବେ ଜଣାଶୁଣା ଏଆର୍‌ୱାଇ ନ୍ୟୁଜ୍ କହିଛି। ☞ପୃଷ୍ଠା-୪




# ଡିସେମ୍ବର ୧, ୫ରେ ଗୁଜରାଟ ଭୋଟ

- ୨ ପର୍ଯ୍ୟାୟରେ ବିଧାନସଭା ନିର୍ବାଚନ
- ୮ରେ ହିମାଚଳ ସହ ଏକସଙ୍ଗେ ଗଣତି

**ନୂଆଦିଲ୍ଲୀ,୩।୧୧**

୧୮୨ ଆସନ ବିଶିଷ୍ଟ ଗୁଜରାଟ ବିଧାନସଭାର ବହୁପ୍ରତୀକ୍ଷିତ ନିର୍ବାଚନ ୨ଟି ପର୍ଯ୍ୟାୟରେ ହେବ। ଆସନ୍ତା ଡିସେମ୍ବର ୧ରେ ୮୯ ଓ ୫ ତାରିଖରେ ଅବଶିଷ୍ଟ ୯୨ ଆସନରେ ଭୋଟ ଗ୍ରହଣ କରାଯିବ। ହିମାଚଳ ପ୍ରଦେଶ ସହ ଏହାର ଭୋଟ ଗଣତି କରାଯିବ ବୋଲି ଗୁରୁବାର ଭାରତ ନିର୍ବାଚନ କମିଶନ (ଇସିଆଇ)ଙ୍କ ପକ୍ଷରୁ ଘୋଷଣା କରାଯାଇଛି।

ଭାଜପା ଶାସିତ ହିମାଚଳ ପ୍ରଦେଶରେ ଆସନ୍ତା ୧୨ରେ ବିଧାନସଭା ନିର୍ବାଚନ ହେବ। ଗତ ୧୪ ତାରିଖରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ଏହି ବିଷୟ ଘୋଷଣା କରିବା ସମୟରେ ଗୁଜରାଟ ବିଧାନସଭା ନିର୍ବାଚନ ତାରିଖକୁ ନେଇ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିଜ ରାଜ୍ୟ ପାଇଁ ବିକାଶମୂଳକ କାର୍ଯ୍ୟଗୁଡ଼ିକ ସକାଶେ ଶିଳାନ୍ୟାସ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବାକୁ ସୁଯୋଗ ଦେବା ପାଇଁ ସିଇସି ଗୁଜରାଟ ନିର୍ବାଚନ ତାରିଖ ଘୋଷଣା କରି ନ ଥିବା କଂଗ୍ରେସ ଏବଂ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ଅଭିଯୋଗ ଅଣାଯାଇଥିଲା। ଗୁରୁବାର ନୂଆଦିଲ୍ଲୀର ☞ପୃଷ୍ଠା-୧୧



**ଲାଲ୍‌କିଲ୍ଲା ଆକ୍ରମଣ: ଆତଙ୍କବାଦୀଙ୍କ ମୃତ୍ୟୁଦଣ୍ଡ କାଏମ**

ଲାଲ୍‌କିଲ୍ଲା ଆକ୍ରମଣ ମାମଲାରେ ଲଶ୍କର ଆତଙ୍କବାଦୀ ମହମ୍ମଦ ଅରିଫ ଓରଫ ଆଶଫାକ୍‌ଙ୍କ ମୃତ୍ୟୁଦଣ୍ଡାଦେଶକୁ ସୁପ୍ରିମକୋର୍ଟ କାଏମ ରଖିଛନ୍ତି। ଏହା ଭାରତୀୟ ସାର୍ବଭୌମତ୍ୱ ଏବଂ ଅଖଣ୍ଡତା ଉପରେ ଆକ୍ରମଣ ବୋଲି ସିଜେଆଇ ୟୁ.ୟୁ. ଲଳିତଙ୍କ ଖଣ୍ଡପୀଠ କହିଛନ୍ତି। ଆଶଫାକ୍ କରିଥିବା ପୁନର୍ବିଚାର ଆବେଦନ ଗୁରୁବାର ଖାରଜ ହୋଇଯାଇଛି। ୨୦୦୦ ଡିସେମ୍ବର ୨୨ରେ ଆଶ୍‌ଫାକ୍‌ଙ୍କ ସମେତ ଅନ୍ୟ ଆତଙ୍କବାଦୀମାନେ ଲାଲ୍‌କିଲ୍ଲାରେ ପ୍ରବେଶ କରି ଆଖିବୁଜା ଗୁଳି ଚଳାଇବାରୁ ୨ ଯବାନଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଥିଲା।

## ସଂକ୍ଷେପରେ

### ଚାଇନା-ପାକ୍ ମିଳିତ ବିବୃତିରେ ନାହିଁ କଶ୍ମୀର ପ୍ରସଙ୍ଗ

**ନିନ୍ଦାକଲା ଭାରତ**

**ନୂଆଦିଲ୍ଲୀ,୩।୧୧(ଆଇଏଏନ୍‌ଏସ୍):** ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍‌ଙ୍କ ବେଜିଂ ଗସ୍ତ ଅବସରରେ ଦୁଇ ଦେଶ ପକ୍ଷରୁ ଗୁରୁବାର ଜାରି ହୋଇଥିବା ମିଳିତ ବିବୃତିରେ ଜମ୍ମୁ-କଶ୍ମୀର ପ୍ରସଙ୍ଗ ସ୍ଥାନ ପାଇଥିବାରୁ ଭାରତ ଏହାକୁ ପ୍ରତ୍ୟାଖ୍ୟାନ କରିଛି। କଶ୍ମୀର ପ୍ରସଙ୍ଗକୁ ମିଳିତ ବିବୃତିରେ ସ୍ଥାନ ଦେବା ଠିକ୍ ନୁହେଁ ବୋଲି ଭାରତର ବହିର୍ବ୍ୟାପାର ମୁଖପାତ୍ର ଅରିନ୍ଦମ୍ ବାଗ୍‌ଚୀ କହିଛନ୍ତି। ଏଭଳି ବିବୃତିକୁ ଭାରତ କ୍ରମାଗତ ଭାବେ ପ୍ରତ୍ୟାଖ୍ୟାନ କରିଆସିଛି। ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ରହିଆସିଛି ଓ ରହିବ ବୋଲି ସେ କହିଛନ୍ତି। ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ସହ ପାକ୍ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା ପରେ ମିଳିତ ବିବୃତି ପ୍ରକାଶ ପାଇଥିଲା। ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡର (ସିପିଇସି) ପ୍ରକଳ୍ପ ଭାରତର ସାର୍ବଭୌମ ଅଞ୍ଚଳ ଦେଇ ଯାଉଥିବାରୁ ନୂଆଦିଲ୍ଲୀ ଏନେଇ ଉଭୟ ଦେଶ ନିକଟରେ ପ୍ରତିବାଦ କରିଆସିଛି ବୋଲି ବାଗ୍‌ଚୀ କହିଛନ୍ତି।

### କୋରିଆରେ କ୍ଷେପଣାସ୍ତ୍ର ପ୍ରତିଯୋଗିତା ଜାରି

**ସିଓଲ,୩।୧୧:** ଉତ୍ତର କୋରିଆ ଗୁରୁବାର ଆନ୍ତଃ ମହାଦେଶୀୟ ବାଲିଷ୍ଟିକ୍ ମିଶାଇଲ୍ (ଆଇସିବିଏମ୍) ସମେତ ୬ଟି କ୍ଷେପଣାସ୍ତ୍ର ସମୁଦ୍ରକୁ ନିକ୍ଷେପ କରିଛି। ଫଳରେ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ଉତ୍ତର ଜାପାନରେ ଟ୍ରେନ୍ ଚଳାଚଳ ପ୍ରଭାବିତ ହୋଇଛି। ଏହାକୁ ନେଇ ଉକ୍ତ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ଗୁରୁବାର ସକାଳେ ଉତ୍ତର କୋରିଆ ଗୋଟିଏ ଆଇସିବିଏମ୍ ପରୀକ୍ଷା କରିବା ପରେ ଦୁଇଟି ସ୍ୱଳ୍ପ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷା କରିଥିଲା। ପରେ ପୂର୍ବ ଉପକୂଳରେ ଉତ୍ତର କୋରିଆ ଆଉ ୩ଟି କ୍ଷେପଣାସ୍ତ୍ର ପରୀକ୍ଷା କରିଥିବା ଦକ୍ଷିଣ କୋରିଆ ସୈନ୍ୟବାହିନୀ ପକ୍ଷରୁ କୁହାଯାଇଛି। ଦକ୍ଷିଣ କୋରିଆ ସହ ଆମେରିକା ବାୟୁସେନା ମିଳିତ ସମରାଭ୍ୟାସ ଚଳାଇଥିବାବେଳେ ଉତ୍ତର କୋରିଆର ଏଭଳି କାର୍ଯ୍ୟକୁ ପଡୋଶୀ ଦେଶଗୁଡ଼ିକ ସମେତ ମାର୍କିନ ପକ୍ଷରୁ ନିନ୍ଦା କରାଯାଇଛି। ବୁଧବାର ଉତ୍ତର କୋରିଆ ୨୦ରୁ ଅଧିକ କ୍ଷେପଣାସ୍ତ୍ର ଛାଡ଼ିଥିଲା। ଉତ୍ତର କୋରିଆକୁ ଏକ ଆଣବିକ ଶକ୍ତି ଭାବେ ଗ୍ରହଣ କରିବା ପାଇଁ ଆମେରିକାକୁ ବାଧ କରିବା ଏହି କ୍ଷେପଣାସ୍ତ୍ର ପରୀକ୍ଷାର ଉଦ୍ଦେଶ୍ୟ ବୋଲି କୁହାଯାଉଛି।

### ଲାଞ୍ଚ ମାମଲା: ୩ ଏମ୍‌ଇଏସ୍ ଅଫିସରଙ୍କୁ ଗିରଫକଲା ସିବିଆଇ

**ଭୋପାଳ,୩।୧୧:** ଲାଞ୍ଚ ନେବା ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଭୋପାଳରୁ ସାମରିକ ଯନ୍ତ୍ରୀ ସେବା (ଏମ୍‌ଇଏସ୍)ର ୩ ଜଣ ଅଫିସରଙ୍କୁ ଗିରଫ କରିଛି। ବୁଧବାର ରାତିରେ ସିବିଆଇ ଭୋପାଳ ଶାଖାର ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗିରଫ ଅଫିସରମାନେ ହେଲେ ଆସିଷ୍ଟାଣ୍ଟ ଗାରିଶନ ଇଞ୍ଜିନିୟର (ଠିକା) ଜେ ଜନ୍ କେନେଡ଼ି, ଆସିଷ୍ଟାଣ୍ଟ ଗାରିଶନ ଇଞ୍ଜିନିୟର (ଇ/ଏମ୍) ଆର୍.ଏସ୍. ଯାଦବ ଏବଂ ଜୁନିୟର ଆଡମିନିଷ୍ଟ୍ରେଟିଭ୍ ଆସିଷ୍ଟାଣ୍ଟ ଅରୁଣ ସିଂ। ଠିକା ନେଇଥିବା ଏକ କମ୍ପାନୀ ଉପରେ ଅର୍ଥ ବକେୟା ଥିବା ଅଭିଯୋଗ ଆଣି ଏହାକୁ ଦଫାରଫା କରିବା ଲାଗି ୧.୧୦ ଲକ୍ଷ ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗ ହୋଇଥିଲା।

### ଶିଶୁ ଯୌନ ନିର୍ଯାତନା ଜାଣି ରିପୋର୍ଟ ନ କରିବା ସଙ୍ଗିନ ଅପରାଧ

**ନୂଆଦିଲ୍ଲୀ,୩।୧୧:** ଶିଶୁ ଯୌନ ନିର୍ଯାତନ ସମ୍ପର୍କରେ ଅବଗତ ଥାଇ ମଧ ରିପୋର୍ଟିଂ ନ କରିବା ଗୁରୁତର ଅପରାଧ ଏବଂ ଦୋଷୀଙ୍କୁ ଘଣ୍ଟ ଘୋଡ଼ାଇବା ପାଇଁ ଉଦ୍ୟମ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଶିଶୁ ଯୌନ ଅପରାଧ ନିରାକରଣ (ପୋକ୍ସୋ) ଆଇନରେ ଅପରାଧର ତୁରନ୍ତ ଓ ଉପଯୁକ୍ତ ରିପୋର୍ଟିଂ ହେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତାହା ନ ହେଲେ ଆଇନର ଉଦ୍ଦେଶ୍ୟ ପୂରଣ ହୋଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିବା ସହ ବମ୍ବେ ହାଇକୋର୍ଟଙ୍କ ଗତବର୍ଷ ଏପ୍ରିଲର ଏକ ରାୟକୁ ଖାରଜ କରିଦେଇଛନ୍ତି। ଏକ ହଷ୍ଟେଲରେ ନାବାଳିକାମାନଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ସମ୍ପର୍କରେ ଜାଣି ମଧ ଜଣେ ଡାକ୍ତର ଏ ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ଜଣାଇ ନ ଥିଲେ। ଫଳରେ ହାଇକୋର୍ଟ ଉକ୍ତ ଏତଲା ଏବଂ ଚାର୍ଜଶିଟ୍‌କୁ ଖାରଜ କରିଦେଇଥିଲେ। ମାମଲାରେ ଅନ୍ୟ ଅଭିଯୁକ୍ତ ଥିବାରୁ ଏତଲା ଓ ଚାର୍ଜଶିଟ୍ କାଏମ ରହିଥିବା ଜଷ୍ଟିସ ଅଜୟ ରାସ୍ତୋଗୀ ଏବଂ ସି.ଟି. ରବିକୁମାରଙ୍କ ଖଣ୍ଡପୀଠ କହିଛନ୍ତି। ହାଇକୋର୍ଟଙ୍କ ରାୟ ବିରୋଧରେ ମହାରାଷ୍ଟ୍ର ସରକାର ସୁପ୍ରିମକୋର୍ଟରେ ଅପିଲ କରିଥିଲେ।

# ଉଭେଇଯିବ ବୃହତ୍ ହିମବାହ

**ଘନେଇଲା ଜଳବାୟୁ ସଙ୍କଟ**



**ୱାଶିଂଟନ,୩।୧୧**

ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱତାପନ ଯୋଗୁ ଆମେରିକାର ୟେଲୋଷ୍ଟୋନ୍ ପାର୍କ୍ସ, ଇଟାଲୀର ଡୋଲୋମାଇଟ୍ସ ଏବଂ ତାଞ୍ଜାନିଆର ମାଉଣ୍ଟ କିଲିମାଞ୍ଜାରୋ ସମେତ ବିଶ୍ୱର ଅନେକ ପ୍ରସିଦ୍ଧ ହିମବାହ ୨୦୫୦ ସୁଦ୍ଧା ତରଳିଯିବ ବୋଲି ଜାତିସଂଘ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଜାତିସଂଘର ଶୈକ୍ଷିକ, ବୈଜ୍ଞାନିକ ଓ ସାଂସ୍କୃତିକ ସଙ୍ଗଠନ (ୟୁନେସ୍କୋ) ରିପୋର୍ଟ ଅନୁସାରେ ୫୦ ବିଶ୍ୱ ଐତିହ୍ୟ ସ୍ଥଳରେ ଥିବା ପ୍ରାୟ ୧୮,୬୦୦ ଗ୍ଲେସିୟର୍ସ ମଧ୍ୟରୁ ଏକତୃତୀୟାଂଶ ୨୦୫୦ ସୁଦ୍ଧା ଉଭାନ ହୋଇଯିବ। ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରୀ ସେଲ୍‌ସିୟସ୍ (୨.୭ ଡିଗ୍ରୀ ଫାରେନ୍‌ହିଟ୍) ମଧ୍ୟରେ ସୀମିତ ରଖାଯାଇପାରିଲେ ଅବଶିଷ୍ଟ ହିମବାହଗୁଡ଼ିକୁ ରକ୍ଷା କରାଯାଇପାରିବ। ଏହାସତ୍ତ୍ୱେ ୫୦% ୱାର୍ଲ୍ଡ ହେରିଟେଜ୍ ଗ୍ଲେସିୟର୍ସ ୨୧୦୦ ସୁଦ୍ଧା ତରଳିଯିବା ଆଶଙ୍କା ଉପୁଜିଥିବା ଉକ୍ତ ରିପୋର୍ଟରେ କୁହାଯାଇଛି। ଅଧ୍ୟୟନରୁ ଜଣାପଡ଼ିଛି ଯେ, ୨୦୦୦ ମସିହା ପରଠାରୁ ଅଙ୍ଗାରକାମ୍ଳ ଉତ୍ସର୍ଜନ ଯୋଗୁ ଏହି ହିମବାହଗୁଡ଼ିକର ତରଳିବା ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଅଧ୍ୟୟନର ନେତୃତ୍ୱ ନେଇଥିବା ଗବେଷକ ଟେଲ୍ସ କାର୍ଭାଲ୍‌ହୋ କହିଛନ୍ତି, ପ୍ରତିବର୍ଷ ବିଶ୍ୱ ଐତିହ୍ୟ ହିମବାହଗୁଡ଼ିକରୁ ୫୮ ବିଲିୟନ୍ ଟନ୍ ବରଫ ତରଳୁଛି। ଏହାର ପରିମାଣ ଫ୍ରାନ୍ସ ଓ ସ୍ପେନ୍‌ରେ ବ୍ୟବହୃତ ପାଣି ସହ ସମାନ, ଯାହାକି ସମୁଦ୍ର ପତ୍ତନ ବୃଦ୍ଧି ପାଇଁ ୫% ଦାୟୀ। ତେଣୁ କାର୍ବନ ଉତ୍ସର୍ଜନକୁ ରୋକିବା ଦିଗରେ ଆଖିଦୃଶିଆ ପଦକ୍ଷେପ ନେବାକୁ ପଡ଼ିବ ବୋଲି କୋପ୍୨୭ ସମ୍ମିଳନୀ ପୂର୍ବରୁ ସେ ସତର୍କ କରାଇଛନ୍ତି।



# କୋପ୍ ୨୭କୁ ଗ୍ରେଟାଙ୍କ ବର୍ଜନ

**ଷ୍ଟକ୍‌ହୋମ୍,୩।୧୧**

> ଜଳବାୟୁ ସଙ୍କଟକୁ କ୍ଷମତାସୀନ ଲୋକେ ଗୁରୁତ୍ୱ ଦେଉନାହାନ୍ତି

କ୍ଷମତାରେ ଥିବା ଲୋକେ ଜଳବାୟୁ ପରିବର୍ତ୍ତନଜନିତ ସଙ୍କଟର ସମାଧାନକୁ ପ୍ରାଥମିକତା ଦେଉନାହାନ୍ତି। ତେଣୁ ଇଜିପ୍ଟରେ ହେବାକୁ ଥିବା କୋପ୍ ୨୭ରେ ଯୋଗଦେବେ ନାହିଁ ବୋଲି ସୁଇଡେନ୍‌ର ପରିବେଶ କର୍ମୀ ଗ୍ରେଟା ଥନ୍‌ବର୍ଗ କହିଛନ୍ତି।

ଜାତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ୨୭ତମ ସମ୍ମିଳନୀ ନଭେମ୍ବର ୬ରେ ଆରମ୍ଭ ହେବ। ଇଜିପ୍ଟର ରେଡ୍ ସି ରିସର୍ଟ ଟାଉନ୍ ଶାର୍ମ ଏଲ୍-ଶେଖ୍‌ରେ ଆୟୋଜିତ ହେବାକୁ ଥିବା ଏହି ସମ୍ମିଳନୀରେ ପ୍ରାୟ ୨୦୦ ଦେଶର ପ୍ରତିନିଧି ଯୋଗଦେବେ। ଏନେଇ ଫ୍ରାଇଡେଜ୍ ଫର୍ ଫ୍ୟୁଚର ପ୍ରତିଷ୍ଠାତା ୧୯ ବର୍ଷୀୟ ଗ୍ରେଟା କହିଛନ୍ତି, ସେ କ୍ଲାଇମେଟ୍ ସମିଟ୍‌ରେ ସାମିଲ ହେବେ ନାହିଁ, ଯେଉଁଠି ବିଭିନ୍ନ ରାଷ୍ଟ୍ରର ସରକାରଙ୍କ ପ୍ରତିନିଧିମାନେ ବିଶ୍ୱର କ୍ରମବର୍ଦ୍ଧିଷ୍ଣୁ ତାପମାତ୍ରା ହ୍ରାସ ପାଇଁ ପଦକ୍ଷେପ ନେବା ନାମରେ ଯୋଗଦେବେ। ଏହା ସେମାନଙ୍କ ପାଇଁ କେବଳ ଦୃଷ୍ଟି ଆକର୍ଷଣର ଏକ ସୁଯୋଗ। କ୍ଷମତାସୀନ ଲୋକେ ବାସ୍ତବରେ ଜଳବାୟୁ ସଙ୍କଟକୁ ଗୁରୁତ୍ୱ ଦେଉନାହାନ୍ତି। ସେମାନଙ୍କ ପ୍ରାଥମିକତା ଅନ୍ୟ କୌଣସି ବିଷୟ ପ୍ରତି ରହିଥିବା ଏଥିରୁ ପ୍ରମାଣିତ ହୋଇଛି ବୋଲି ଗ୍ରେଟା କହିଛନ୍ତି। ଅନ୍ୟପକ୍ଷେ କିଏ ଯୋଗଦେବେ ଓ କିଏ ଅନୁପସ୍ଥିତ ରହିବେ ସେହି ନିଷ୍ପତ୍ତି ସମ୍ପୃକ୍ତ ବ୍ୟକ୍ତିଙ୍କ ଅଧିକାର ବୋଲି ଜାତିସଂଘରେ ଆମେରିକାର ଜଳବାୟୁ ପ୍ରତିନିଧି ଜନ୍ କେରି କହିଛନ୍ତି।

# ବାୟୁ ପ୍ରଦୂଷଣରୁ ହସ୍ପିଟାଲରେ ବଢ଼ୁଛି ରୋଗୀ ସଂଖ୍ୟା

**ଦିଲ୍ଲୀରେ ୩୮% ପ୍ରଦୂଷଣ ନଡ଼ା ପୋଡ଼ିରୁ ହେଉଛି**

**ନୂଆଦିଲ୍ଲୀ,୩।୧୧(ପି.ଟି.)**

ଶୀତଋତୁ ଆରମ୍ଭରୁ ଦିଲ୍ଲୀରେ ବାୟୁ ପ୍ରଦୂଷଣ ଉତ୍କଟ ରୂପ ଧାରଣ କଲାଣି। ଦୂଷିତ ବାୟୁ ଯୋଗୁ ରାଜଧାନୀରେ କାଶ, ଥଣ୍ଡା, ଆଜ୍‌ମା ଏବଂ ଶ୍ୱାସକ୍ରିୟାରେ ସମସ୍ୟା ବୃଦ୍ଧି ପାଇଛି। ଫଳରେ ଦିଲ୍ଲୀର ହସ୍ପିଟାଲଗୁଡ଼ିକରେ କିଛିଦିନ ହେଲା ରୋଗୀ ସଂଖ୍ୟା ଯଥେଷ୍ଟ ବଢ଼ିଥିବା ଦେଖାଯାଇଛି। ବାୟୁ ପ୍ରଦୂଷଣ ଅତ୍ୟନ୍ତ ଗମ୍ଭୀର ସ୍ଥିତିକୁ ଆସିଥିବାରୁ ଜନସାଧାରଣଙ୍କୁ ମାସ୍କ ପିନ୍ଧିବା ଲାଗି ଡାକ୍ତର ପରାମର୍ଶ ଦେଉଛନ୍ତି। ଗୁରୁବାର ପୂର୍ବାହ୍ନରେ ଦିଲ୍ଲୀର ମୋଟାମୋଟି ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ୪୨୬ ରହିଥିଲା। ଏକ୍ୟୁଆଇ ୪୦୦ରୁ ଅଧିକ ରହିଲେ ଏହାକୁ ଗମ୍ଭୀର ବୋଲି ଧରାଯାଉଛି, ଯେଉଁ ବାୟୁ ରୋଗୀମାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଗୁରୁତର କରିପାରେ।

ଓଖ୍‌ଲାସ୍ଥିତ ହୋଲି ଫାମିଲି ହସ୍ପିଟାଲରେ ଏଭଳି ରୋଗୀଙ୍କ ସଂଖ୍ୟା ୩୦ ପ୍ରତିଶତ ବୃଦ୍ଧି ପାଇଥିବା କ୍ରିଟିକାଲ କେୟାର ବିଭାଗ ମୁଖ୍ୟ ଡ. ସୁମିତ ରାୟ କହିଛନ୍ତି। ଦିୱାଲିଠାରୁ ଆସୁଥିବା ଅଧିକାଂଶ ରୋଗୀ କାଶ, ଥଣ୍ଡା ଓ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରୁଥିବା ଗୁରୁଗ୍ରାମର ମେଦାନ୍ତା ହସ୍ପିଟାଲର ଡାକ୍ତର ଆଶିଷ କୁମାର ପ୍ରକାଶ କହିଛନ୍ତି। ସେହିପରି ଇଏନ୍‌ଟି ରୋଗୀ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଥିବା ଇନ୍ଦ୍ରପ୍ରସ୍ଥ ଆପୋଲୋ ହସ୍ପିଟାଲର ବିଭାଗୀୟ ଡାକ୍ତର ସୁରେଶ ସିଂ ନରୁକା କହିଛନ୍ତି।

ଦିଲ୍ଲୀ ବାୟୁ ପ୍ରଦୂଷଣର ୩୮ ପ୍ରତିଶତ କେବଳ ନଡ଼ା ପୋଡ଼ି କାରଣରୁ ହେଉଥିବା ଜଣାପଡ଼ିଛି। ଜାତୀୟ ରାଜଧାନୀ ଉପରେ ଧୂମାଚ୍ଛନ୍ନ ସ୍ତରର ମୁଖ୍ୟ କାରଣ ନଡ଼ା ପୋଡ଼ି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଗତବର୍ଷ ପଞ୍ଜାବରେ ନଡ଼ା ପୋଡ଼ି ଯୋଗୁ ଦିଲ୍ଲୀ ବାୟୁ ପ୍ରଦୂଷଣ ୧୯ ପ୍ରତିଶତ ବଢ଼ିଥିଲା। ଏହାକୁ ନେଇ ରାଜନୀତି ଜୋର୍ ଧରିଥିଲା। ପଡୋଶୀ ରାଜ୍ୟଗୁଡ଼ିକରେ ନଡ଼ା ପୋଡ଼ି ଯୋଗୁ ନୋଏଡ଼ାରେ ବାୟୁ ସର୍ବାଧିକ ପ୍ରଦୂଷିତ ହେଉଥିବାବେଳେ ଗୁରୁଗ୍ରାମ ଏବଂ ଲୋଧିରୋଡ୍ ଅଞ୍ଚଳ ଅପେକ୍ଷାକୃତ କମ୍ ପ୍ରଦୂଷିତ ହୋଇଛି।



ପ୍ରଦୂଷଣ ରୋକିବା ପାଇଁ ନୂଆଦିଲ୍ଲୀର ଏକ ରାସ୍ତାରେ ଟ୍ରକ୍‌ରୁ ପାଣି ସିଞ୍ଚନ କରାଯାଉଛି।

# ଦିଲ୍ଲୀରେ ଡିଜେଲ ଗାଡ଼ି ବନ୍ଦ

ଦିଲ୍ଲୀରେ ବାୟୁ ଗୁଣବତ୍ତା ଅଧିକ ଖରାପ ଆଡ଼କୁ ଯାଉଥିବାରୁ ରାସ୍ତାରେ ୪ ଚକିଆ ହାଲୁକା ଡିଜେଲ ଯାନ ଚଳାଚଳ ବନ୍ଦ କରିବାକୁ କେନ୍ଦ୍ରୀୟ କମିଟି ସରକାରଙ୍କୁ ନିର୍ଦ୍ଦେଶ ଦେଇଛି। ରାଜଧାନୀରେ ଟ୍ରକ୍ ପ୍ରବେଶକୁ ନିଷିଦ୍ଧ କରାଯାଇଛି। ବାୟୁ ମାନ ପରିଚାଳନା କମିଶନ (ସିଏକ୍ୟୁଏମ୍) ପକ୍ଷରୁ ଜାରି କଟକଣାରୁ ବିଏସ୍-୬ ଯାନ ଏବଂ ଜରୁରୀ ତଥା ଅତ୍ୟାବଶ୍ୟକ ସେବାରେ ନିୟୋଜିତ ଗାଡ଼ିକୁ ବାଦ୍ ଦିଆଯାଇଛି। ଏହା ବ୍ୟତୀତ ଶିକ୍ଷାନୁଷ୍ଠାନ, ଅଣଅତ୍ୟାବଶ୍ୟକ ବ୍ୟବସାୟିକ କାର୍ଯ୍ୟ ବନ୍ଦ କରିବା ସମ୍ପର୍କରେ ରାଜ୍ୟ ସରକାର ନିଷ୍ପତ୍ତି ନେଇପାରିବେ। ସେହିପରି ଯୁଗ୍ମ-ଅଯୁଗ୍ମ ସୂତ୍ରରେ ଗାଡ଼ି ଚଳାଚଳ ପାଇଁ ମଧ ସରକାର ନିଷ୍ପତ୍ତି ନେଇପାରିବେ ବୋଲି କମିଶନ କହିଛନ୍ତି।

# ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ: ମୋଦି

**ନୂଆଦିଲ୍ଲୀ,୩।୧୧**

ଏକ ବିକଶିତ ରାଷ୍ଟ୍ର ପାଇଁ ଆସ୍ଥା ଓ ବିଶ୍ୱସନୀୟତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର କହିଛନ୍ତି। ଦୁର୍ନୀତି ରୋକିବା ଦିଗରେ ପ୍ରଯୁକ୍ତି, ସେବା ପରିପୂର୍ଣ୍ଣତା ଏବଂ ଆତ୍ମନିର୍ଭରତା ତିନୋଟି ମୁଖ୍ୟ ମାର୍ଗ ବୋଲି ସେ ମତ ଦେଇଛନ୍ତି। ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଅନୁଷ୍ଠିତ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି)ର ସତର୍କତା ସଚେତନତା ସପ୍ତାହ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ପୂର୍ବ ସରକାର ଲୋକଙ୍କ ଆସ୍ଥା ଜିତିବାରେ ବିଫଳ ହୋଇଥିଲେ। ଗତ ୮ ବର୍ଷ ହେଲା ତାଙ୍କ ସରକାର ଅଭାବ ଓ ଚାପଗ୍ରସ୍ତ ବ୍ୟବସ୍ଥା ବଦଳାଇବାକୁ ଉଦ୍ୟମ କରିଆସିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ସିଭିସିର ମ୍ୟାନେଜମେଣ୍ଟ ସିଷ୍ଟମ୍ ପୋର୍ଟାଲ ଶୁଭାରମ୍ଭ କରିଛନ୍ତି। ଏକ ବିକଶିତ ଭାରତ ଲାଗି ଦୁର୍ନୀତିକୁ ବରଦାସ୍ତ କରାଯାଉ ନ ଥିବା ପ୍ରଶାସନିକ ଇକୋସିଷ୍ଟମ୍ ବିକଶିତ କରିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଲେ ସାରା ଦେଶ ଆପଣମାନଙ୍କ ପଛରେ ଛିଡ଼ାହେବ ବୋଲି ପ୍ରଧାନମନ୍ତ୍ରୀ ସିଭିସିର ଅଧିକାରୀମାନଙ୍କୁ କହିଛନ୍ତି।

# ଗଣତନ୍ତ୍ରକୁ ସୁଦୃଢ଼ କରିବେ ମହିଳା

**ମେକ୍ସିକୋ ରାଷ୍ଟ୍ରପତି ଦୌଡ଼ରେ କ୍ଲାଉଡିଆ**



**ମେକ୍ସିକୋ ସିଟି,୩।୧୧**

ମେକ୍ସିକୋ ସିଟି ମେୟର କ୍ଲାଉଡିଆ ଶେଇବଉମ୍ ପେସାରେ ଜଣେ ଡାକ୍ତର। ଜଣେ ପରିବେଶବିତ୍ ଭାବେ ଜଣାଶୁଣା ଏହି ୬୦ ବର୍ଷୀୟା ମହିଳା ୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଛନ୍ତି। ମେକ୍ସିକୋ ସମ୍ବିଧାନ ଅନୁସାରେ ରାଷ୍ଟ୍ରପତି ଆଣ୍ଡ୍ରେସ୍ ମାନୁଏଲ ଲୋପେଜ୍ ଓବ୍ରାଡର ପୁନଃ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ। ତେଣୁ ତାଙ୍କ ନେତୃତ୍ୱାଧୀନ ନ୍ୟାଶନାଲ ରିଜେନେରେଶନ ମୁଭ୍‌ମେଣ୍ଟ ପକ୍ଷରୁ କ୍ଲାଉଡିଆଙ୍କୁ ପ୍ରାର୍ଥୀ କରାଯାଇଛି। କ୍ଲାଉଡିଆ ନିର୍ବାଚନରେ ବିଜୟୀ ହେଲେ ସେ ହେବେ ଦେଶର ପ୍ରଥମ ମହିଳା ରାଷ୍ଟ୍ରପତି। ଶାସକ ଦଳରୁ ପ୍ରାର୍ଥୀ ହେଉଥିବା କ୍ଲାଉଡିଆ କହିଛନ୍ତି, ରାଜନୀତିରେ ମହିଳାମାନଙ୍କ ଯୋଗଦାନ ବଢ଼ିଲେ ଗଣତନ୍ତ୍ର ସୁଦୃଢ଼ ହେବ।

# ଯାଆଁଳା ପ୍ରସବ ପରେ ମା’ ସମେତ ୩ ଜଣଙ୍କ ମୃତ୍ୟୁ

**ଆଧାର ନ ଥିବାରୁ ଫେରାଇଦେଲା ହସ୍ପିଟାଲ**

**ଟୁମାକୁରୁ,୩।୧୧(ଆଇଏଏନ୍‌ଏସ୍)**

ସନ୍ତାନ ପ୍ରସବ ଲାଗି ଯାଇଥିବା ଜଣେ ମହିଳାଙ୍କୁ ଜିଲା ହସ୍ପିଟାଲ କର୍ତ୍ତୃପକ୍ଷ ଫେରାଇ ଦେବା ପରେ ସେ ନିଜ ଘରେ ଯାଆଁଳା ସନ୍ତାନ ଜନ୍ମ ଦେଇଥିଲେ। ଏହାର କିଛି ସମୟରେ ଉଭୟ ନବଜାତକ ଓ ମାଆଙ୍କର ମୃତ୍ୟୁ ହୋଇଯାଇଛି। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ହସ୍ପିଟାଲରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସମ୍ପୃକ୍ତ ଡାକ୍ତର ଓ କର୍ମଚାରୀମାନଙ୍କ ନିଲମ୍ବନ ଦାବି କରିଛନ୍ତି। ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବା ପର୍ଯ୍ୟନ୍ତ ମୃତଦେହକୁ କବର ଦେବେନାହିଁ ବୋଲି ମହିଳାଙ୍କ ପରିବାର ଓ ସମ୍ପର୍କୀୟମାନେ ଜିଦ୍‌ରେ ଅଟଳ ରହିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ତାମିଲନାଡୁ ଟୁମକୁରୁ ସହରର ଭାରତୀନଗରରେ ରହୁଥିବା କସ୍ତୁରୀ(୩୦) ସନ୍ତାନ ପ୍ରସବ ଲାଗି ବୁଧବାର ସନ୍ଧ୍ୟାରେ ଜିଲା ହସ୍ପିଟାଲକୁ ଯାଇଥିଲେ। ତେବେ ଆଧାର ଏବଂ ମାତୃତ୍ୱ କାର୍ଡ ନ ଥିବାରୁ ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କୁ ଚିକିତ୍ସା କରିବାକୁ ମନା କରିଦେଇଥିଲେ। ତାଙ୍କୁ ବେଙ୍ଗାଲୁରୁର ଭିକ୍ଟୋରିଆ ହସ୍ପିଟାଲ ଯିବାକୁ କୁହାଯାଇଥିଲା। ଟଙ୍କା ନ ଥିବାରୁ ମହିଳା ଜଣକ ଘରକୁ ଫେରି ତା ପରିଦିନ ସକାଳେ ଯମଜ ପୁତ୍ରସନ୍ତାନ ଜନ୍ମଦେଇଥିଲେ। ତେବେ ପ୍ରବଳ ରକ୍ତସ୍ରାବ ଯୋଗୁ ମାଆ ଓ ପରେ ଦୁଇ ଶିଶୁଙ୍କର ମୃତ୍ୟୁ ଘଟିଥିଲା।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୬୬,୦୪,୪୩୫ | ୬୬,୦୦,୦୦୭ | ୬୧,୫୯,୯୬,୪୬୦ |
| ଭାରତ | ୪,୪୬,୫୭,୧୪୯ | ୫,୩୦,୪୬୧ | ୪,୪୧,୧୦,୫୯୦ |
| ଓଡ଼ିଶା | ୧୩,୩୬,୨୧୭ | ୯୨୦୩(+୫୩) | ୧୩,୨୬,୭୬୮ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ପୂର୍ବତନ ବ୍ଲକ୍ ଅଧ୍ୟକ୍ଷଙ୍କ ସମେତ ୪ ମୃତ

କେନ୍ଦୁଝର/ଡେଙ୍କିକୋଟ, ୩।୧୧(ସ୍ୱ.ପ୍ର./ଡି.ଏନ୍.ଏ.)

କେନ୍ଦୁଝର ଜିଲା ସଦର ଥାନା ଅଧୀନ ବଡ଼ପଶି ଗ୍ରାମ ନିକଟରେ ଗୁରୁବାର ଅପରାହ୍ଣ ୫ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ହାଇୱା ଓ କାର୍ ମୁହାଁମୁହିଁ ଧକ୍କା ହେବା ଫଳରେ କାର୍‌ରେ ବସିଥିବା ଦୁଇ ଭାଇଙ୍କ ସମେତ ୪ ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। କାର୍ ଓ ହାଇୱା ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମୃତକମାନେ ହେଲେ ଘଟଗାଁ ବ୍ଲକ୍ ପିପିଳିଆ ଗ୍ରାମର ନରୋତ୍ତମ ସିଂ (୬୫) ଓ ତାଙ୍କ ଭାଇ ହୃଷୀକେଶ ସିଂ (୫୮)। ଅନ୍ୟ ୨ଜଣ ଚିତ୍ତରଞ୍ଜନ ନାଏକ (୫୦) ଏବଂ ପାଖ ସରାଶପଶି ଗ୍ରାମର ପ୍ରକାଶ ନାଏକ (୪୫)। କାର୍ ଚାଳକ ବୃନ୍ଦାବନପୁରର ତପନ ନାଏକ ଗୁରୁତର ହୋଇ ଚିକିତ୍ସିତ ଥିବା ବେଳେ ହାଇୱା ଚାଳକଙ୍କ ପରିଚୟ ମିଳି ପାରିନାହିଁ। ପ୍ରକାଶ ନାଏକ ଘଟଗାଁ ବ୍ଲକ୍‌ର ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଥିବା ବେଳେ ନରୋତ୍ତମ ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକ ଓ ହୃଷୀକେଶ ଭିଏଲ୍‌ଡବ୍ଲ୍ୟୁ ଥିଲେ ବୋଲି ସୂଚନା ମିଳିଛି।



**ହାଇୱା-କାର୍ ମୁହାଁମୁହିଁ**

- ଅଧାରେ ରହିଲା ମେଳାଦେଖା
- ଅସମ୍ପୂର୍ଣ୍ଣ ରାସ୍ତା ନେଲା ଜୀବନ

ପୋଲିସ ସୂଚନା ଅନୁଯାୟୀ, ଅପରାହ୍ଣରେ ଘଟଗାଁ ବ୍ଲକ୍ ଅଞ୍ଚଳର ଡ୍ରାଇଭରଙ୍କୁ ମିଶାଇ ୫ଜଣ (ନଂ. ଓଡି-୦୨ବିପି-୨୭୮୬) କାର୍‌ରେ କେନ୍ଦୁଝରକୁ କାଳୀପୂଜା ଓ ମେଳା ଦେଖିବାକୁ ଯାଉଥିଲେ। ଏହି ସମୟରେ କେନ୍ଦୁଝର ଆଡୁ ଆସୁଥିବା ହାଇୱା ବଡ଼ପଶି ଗ୍ରାମ ନିକଟରେ କାର୍‌କୁ ସମ୍ମୁଖରୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଦୁଇଟିଯାକ ଗାଡ଼ି ରାସ୍ତା ତଳକୁ ଖସି ପଡ଼ିଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, କାର୍‌ରେ ଚାପି ହୋଇ ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାକୁ ଆମ୍ବୁଲାନ୍ସ ଯୋଗେ ପଠାଇଥିଲେ। ମେଡିକାଲରେ ଡାକ୍ତର ଅନ୍ୟ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସଦର ପୋଲିସ ପହଞ୍ଚି ଦୁଇ ଗାଡ଼ି ଜବତ କରିବା ସହ ଲୋକଙ୍କୁ ବୁଝାଶୁଝା କରୁଛି। ହାଇୱା ଡ୍ରାଇଭରଙ୍କୁ ଅଟକ ରଖାଯାଇଛି। ମୃତଦେହ ବ୍ୟବଚ୍ଛେଦ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏ ନେଇ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା କେନ୍ଦୁଝର ଏସ୍‌ଡିପିଓ ମହେନ୍ଦ୍ରନାଥ ମୁର୍ମୁ କହିଛନ୍ତି। ଅନ୍ୟପକ୍ଷେ ଉକ୍ତ ରାସ୍ତାର ମରାମତି କାମ ଏକ ସଂସ୍ଥା କରୁଥିବା ବେଳେ ନିର୍ଦ୍ଧାରିତ ସମୟରେ ସାରୁ ନାହିଁ। ଫଳରେ ଉକ୍ତ ସ୍ଥାନରେ ୱାନ୍ ୱେ ରାସ୍ତାରେ ଗାଡ଼ି ଯାତାୟାତ କରୁଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକ କହିଛନ୍ତି। ସେହିପରି ଏନ୍‌ଏଚ୍‌ଏଆଇ ସଂସ୍ଥା ମଧ୍ୟ ଏହାର ଉଚିତ ତଦାରଖ କରୁ ନ ଥିବାରୁ ଏନ୍‌ଏଚ୍-୨୦ର ଅନେକ ସ୍ଥାନ ମରଣଯନ୍ତା ପାଲଟିଛି।

## ସଂକ୍ଷେପରେ

### ୨୪ରୁ ବିଧାନସଭାର ଶୀତ ଅଧିବେଶନ

ଭୁବନେଶ୍ୱର,୩।୧୧(ବ୍ୟୁରୋ):ଆସନ୍ତା ୨୪ ତାରିଖରୁ ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହେବ। ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଏହି ଅଧିବେଶନ ଚାଲିବ । ଶୀତ ଅଧିବେଶନରେ ମୋଟ ୩୩ଟି କାର୍ଯ୍ୟ ଦିବସ ରହିଛି । ଅଧିବେଶନର ପ୍ରଥମ ଦିବସ ଅର୍ଥାତ୍ ନଭେମ୍ବର ୨୪ ତାରିଖରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭାରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବଜେଟ ଆଗତ କରିବେ । ଡିସେମ୍ବର ୨ ତାରିଖରେ ବ୍ୟୟ ମଞ୍ଜୁରୀ ବିଲ୍ ପାରିତ ହେବ ।

### ଝାରସୁଗୁଡ଼ା ଦେଇ ଏଲାୟନ୍ସ ଏୟାର ବିମାନର ପରୀକ୍ଷାମୂଳକ ଉଡାନ ଆଜି

ଝାରସୁଗୁଡ଼ା ଅଫିସ,୩।୧୧: ଝାରସୁଗୁଡ଼ା ଭିଏସ୍‌ଏସ୍ (ବୀର ସୁରେନ୍ଦ୍ର ସାଏ)ବିମାନ ବନ୍ଦର ଦେଇ ଚଳାଚଳ କରୁଥିବା ଏକମାତ୍ର ସ୍ପାଇସଜେଟ ବିମାନ ଯାତ୍ରୀଙ୍କ ଚାହିଦା ମେଣ୍ଟାଇ ପାରୁ ନ ଥିବାବେଳେ ଅତିରିକ୍ତ ବିମାନ ଚଳାଚଳ କରିବାର ଆବଶ୍ୟକତା ରହିଥିଲା। ଏହାକୁ ଦୃଷ୍ଟିରେ ରଖି ନଭେମ୍ବର ୪ରୁ ଏହି ବିମାନ ବନ୍ଦର ଦେଇ ଆଉ ଏକ ଏଲାୟନ୍ସ ଏୟାର ବିମାନ ପରୀକ୍ଷାମୂଳକ ଭାବେ ଉଡାନ କରିବାକୁ ଯାଉଛି। ଏହା ସଫଳ ହେଲେ ବିମାନ ଯାତ୍ରୀମାନେ ବିଶେଷ ଉପକୃତ ହୋଇପାରିବେ। ଏହା ଝାରସୁଗୁଡ଼ା ରୁଟ୍‌ରେ ଦ୍ୱିତୀୟ ବିମାନ ହେବ। ଭିଏସ୍‌ଏସ୍ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ ଏଲାୟନ୍ସ ଏୟାର ବିମାନ ନଂ ୯ ଆଇ ୮୪୭ ଦିଲ୍ଲୀରୁ ସକାଳ ୧୦ଟାରେ ବାହାରି ରାୟପୁରରେ ୧୨ଟା ୪୫ ମିନିଟରେ ପହଞ୍ଚିବ। ରାୟପୁରରୁ ଅପରାହ୍ଣ ୧ଟା ୧୨ମିନିଟରେ ବାହାରି ଝାରସୁଗୁଡ଼ାରେ ୨ଟା ୧୫ମିନିଟରେ ପହଞ୍ଚିବ। ପୁଣି ଝାରସୁଗୁଡ଼ାରୁ ଅପରାହ୍ଣ ୨ଟା ୪୫ମିନିଟରେ ବାହାରି ଦିଲ୍ଲୀରେ ୫ଟା ୧୫ମିନିଟରେ ପହଞ୍ଚିବ। ସମୟ ସାରଣୀ ଘୋଷଣା ପରେ ଝାରସୁଗୁଡ଼ା ଦେଇ ଚଳାଚଳ କରୁଥିବା ଏଲାୟନ୍ସ ଏୟାରର କେତେକ ରୁଟ୍‌ରେ ସମୟ ସାରଣୀରେ ପରିବର୍ତ୍ତନ କରାଯାଇଥିବା ବିମାନ ବନ୍ଦର ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଏଲାୟନ୍ସ ଏୟାରର ବିମାନ ନଂ ୯ ଆଇ ୭୪୫ କୋଲକାତାରୁ ମଧ୍ୟାହ୍ନ ୧୨ଟା ୩୦ ମିନିଟରେ ବାହାରି ଝାରସୁଗୁଡ଼ାରେ ୧ଟା ୫୦ ମିନିଟରେ ପହଞ୍ଚିବ। ପୁଣି ଏହି ବିମାନ ଝାରସୁଗୁଡ଼ାରୁ ଅପରାହ୍ଣ ୨ଟା ୪୦ ମିନିଟରେ ବାହାରି ଭୁବନେଶ୍ୱରରେ ୩ଟା ୪୫ ମିନିଟରେ ପହଞ୍ଚିବ। ସେହିପରି ଏଲାୟନ୍ସ ଏୟାରର ବିମାନ ନଂ ୯ ଆଇ ୭୪୬ ଭୁବନେଶ୍ୱରରୁ ଅପରାହ୍ଣ ୪ଟା ୩୫ମିନିଟରେ ବାହାରି ଝାରସୁଗୁଡ଼ାରେ ୫ଟା ୩୫ ମିନିଟରେ ପହଞ୍ଚିବ। ପୁନଶ୍ଚ ଏହି ବିମାନ ଝାରସୁଗୁଡ଼ାରୁ ସନ୍ଧ୍ୟା ୬ଟା ୦୫ ମିନିଟରେ ବାହାରି କୋଲକାତାରେ ୭ଟା ୨୫ ମିନିଟରେ ପହଞ୍ଚିବ।

## ପିଜି ବଳକା ସିଟ୍ ନାମଲେଖା ଆବେଦନ ସରିଲା

ଭୁବନେଶ୍ୱର, ୩।୧୧(ବ୍ୟୁରୋ): ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ କଲେଜଗୁଡ଼ିକରେ ଖାଲି ପଡ଼ିଥିବା ପିଜି ସିଟ୍‌ରେ ନାମଲେଖା ପାଇଁ ଗୁରୁବାର ଆବେଦନ ପ୍ରକ୍ରିୟା ଶେଷ ହୋଇଛି। ଶୁକ୍ରବାର ଅପରାହ୍ଣ ୨ଟାରେ ଆବେଦନ କରିଥିବା ଛାତ୍ରୀଛାତ୍ରଙ୍କ ପ୍ରବେଶିକା ପରୀକ୍ଷାଫଳ ସହିତ କ୍ୟାରିୟର ମାର୍କକୁ ମିଶାଇ ମୋଟ ମାର୍କର ତାଲିକା ପ୍ରକାଶ ପାଇବ। ସେହିପରି ୫ରୁ ୨୧ତାରିଖ ମଧ୍ୟରେ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ନାମଲେଖା ସମ୍ପର୍କିତ ସମସ୍ତ କାର୍ଯ୍ୟ ଶେଷ କରିବାକୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ରାଜ୍ୟରେ ଗତ ୧୭ ତାରିଖରୁ ପିଜି ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହୋଇସାରିଛି।




## ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ ଅଫିସ, ୩।୧୧

ଶ୍ରୀମନ୍ଦିରରେ ଗୁରୁବାର ମହାପ୍ରଭୁଙ୍କର ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ଭୋର ୫ଟା ୧୦ରେ ଦ୍ୱାରଫିଟା ପରେ ଭିତରଶୋଧ କରାଯାଇ ମଙ୍ଗଳ ଆଳତି, ମଇଲମ ଓ ତଡ଼ପଲାଗି ୬ଟା ୪୫ରେ ହୋଇ ଅବକାଶ ପୂଜା ଲାଗି ପ୍ରସ୍ତୁତି ଚାଲିଥିଲା। ଏହି ସମୟରେ ଶ୍ରୀମନ୍ଦିର ଭିତରେ ରକ୍ତଛିଟା ପଡ଼ିଥିବା ଦେଖିବାକୁ ମିଳିଥିଲା। ଫଳରେ ତୁରନ୍ତ ନୀତି ବନ୍ଦ କରାଯାଇଥିଲା। ଭକ୍ତଙ୍କ ଦର୍ଶନ ବନ୍ଦ ରଖାଯିବା ସହ କବାଟ ବନ୍ଦ କରାଯାଇଥିଲା। ପରେ ବଡ଼ ମହାସ୍ନାନ ପାଇଁ ନୀତି ଆରମ୍ଭ ହୋଇଥିଲା। ସକାଳ ୭ଟା ୨୫ରେ ଚୂନପାଣି ପଡ଼ି ୭ଟା ୩୦ରେ ମହାସ୍ନାନ ପୂଜା ଲାଗି ପ୍ରସ୍ତୁତି କରାଯାଇଥିଲା। ୭ଟା ୪୦ରୁ ୭ଟା ୪୫ ପର୍ଯ୍ୟନ୍ତ ମହାସ୍ନାନ ନୀତି ହୋଇଥିଲା। ପରେ ଅବକାଶ ନୀତି ସହ ଅନ୍ୟାନ୍ୟ ନୀତି ଆରମ୍ଭ କରାଯାଇଥିଲା। ବଡ଼ ମହାସ୍ନାନ ପାଇଁ ପ୍ରାୟ ୧ ଘଣ୍ଟା ନୀତି ବିଳମ୍ବ ହୋଇଥିଲା। ଫଳରେ ମହାପ୍ରଭୁଙ୍କର ଅନ୍ୟାନ୍ୟ ନୀତିରେ ବିଳମ୍ବ ଘଟିଥିଲା। ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ର ନାରାୟଣ ମହାନ୍ତିଙ୍କ ସୂଚନା ଅନୁଯାୟୀ, ଦର୍ଶନ ସମୟରେ ଠେଲାପେଲା ଯୋଗୁ କୌଣସି ଭକ୍ତଙ୍କ ଗୋଡ଼ରୁ ରକ୍ତ ପଡ଼ିଥିବା ଅନୁମାନ କରାଯାଉଛି। ଭିତର କାଠ ନିକଟରେ ରକ୍ତ ପଡ଼ିଥିବାରୁ ପରମ୍ପରା ଅନୁଯାୟୀ ମହାପ୍ରଭୁଙ୍କ ବଡ଼ମହାସ୍ନାନ କରାଯାଇଥିଲା। ମହାସ୍ନାନ ନୀତି ସମ୍ପନ୍ନ ପରେ ପୁଣି ଦୈନିକ ନୀତିକାନ୍ତି ଆଗେଇ ଥିଲା। ଅପରପକ୍ଷରେ ଗୁରୁବାର ସୁଦଶା ବ୍ରତରେ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଗହଳି ହୋଇଥିଲା। ତେବେ ନୀତି ବିଳମ୍ବ କାରଣରୁ ଭକ୍ତମାନେ ଡେରିରେ ମହାପ୍ରସାଦ ପାଇଥିଲେ।

**ଶ୍ରୀମନ୍ଦିରରେ ରକ୍ତଛିଟା**



# ମିଳିଲା ଆଉ ୫୦ କ୍ରିପ୍ଟୋ ୱାଲେଟ୍

ଭୁବନେଶ୍ୱର,୩।୧୧ବ୍ୟୁରୋ)

**୨ ଦିନିଆ ରିମାଣ୍ଡରେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ**

- କ୍ରିପ୍ଟୋ ୱାଲେଟ୍ ସଂଖ୍ୟା ୮୮କୁ ବୃଦ୍ଧି, ୨ କୋଟିରୁ ଊର୍ଦ୍ଧ୍ୱ ନିବେଶ
- ଭିଜିଲାନ୍ସକୁ ସହାୟତା କରୁଛି ମୁମ୍ବାଇର ସ୍ୱତନ୍ତ୍ର କ୍ରିପ୍ଟୋ ଏକ୍ସପର୍ଟ ଟିମ୍
- ଶୁକ୍ରବାର ୬ ସ୍ଥାନରେ ହୋଇଥିଲା ଚଢ଼ାଉ, ଶନିବାର ଯାଇଥିଲେ ଜେଲ

ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହୋଇ ଜେଲରେ ଥିବା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ (ଆରଡବ୍ଲ୍ୟୁଏସ୍‌ଏସ୍) ଭୁବନେଶ୍ୱର ସର୍କଲର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ନିହାର ରଞ୍ଜନ ଦାସଙ୍କୁ ଗୁରୁବାର ୩ ଦିନିଆ ରିମାଣ୍ଡରେ ଆଣିଛି ଭିଜିଲାନ୍ସ। ପଚରାଉଚରା ପରେ ନିହାରରଞ୍ଜନଙ୍କ କ୍ରିପ୍ଟୋ କାରବାର ସମ୍ପର୍କରେ ଭିଜିଲାନ୍ସକୁ ଅଧିକ ତଥ୍ୟ ମିଳିଛି। ଚଢ଼ାଉ ସମୟରେ ୩୮ଟି କ୍ରିପ୍ଟୋ ୱାଲେଟ୍ ଜବତ ହୋଇଥିବାବେଳେ ଏବେ ଆଉ ୫୦ ନୂଆ କ୍ରିପ୍ଟୋ ୱାଲେଟ୍ ମିଳିଛି। ଫଳରେ ନିହାର ରଞ୍ଜନଙ୍କ କ୍ରିପ୍ଟୋ ୱାଲେଟ ସଂଖ୍ୟା ୮୮କୁ ବୃଦ୍ଧି ପାଇଛି। ଅଭିଯୁକ୍ତ ନିହାର ରଞ୍ଜନ ଏସବୁରେ ମୋଟ ୨ କୋଟିରୁ ଅଧିକ ନିବେଶ କରିଥିବା ଜଣାପଡିଛି। ତାଙ୍କୁ ଫାଇନାନ୍‌ସିଆଲ୍ ଏକ୍ସପର୍ଟ୍ସ ଓ ଟେକ୍‌ନିକାଲ କର୍ମଚାରୀଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ପଚରାଉଚରା କରୁଛନ୍ତି। ଏପରିକି ମୁମ୍ବାଇରୁ ସ୍ୱତନ୍ତ୍ର କ୍ରିପ୍ଟୋ ଏକ୍ସପର୍ଟ ଟିମ୍ ଭୁବନେଶ୍ୱରରେ ପହଞ୍ଚି ତଦନ୍ତକାରୀ ଟିମ୍‌କୁ ସହାୟତା କରୁଛନ୍ତି। ନିହାର ରଞ୍ଜନ କ୍ରିପ୍ଟୋ କରେନ୍ସିରେ ଏପରି ଆଉ ଅଧିକ ଟଙ୍କା ନିବେଶ କରିଥିବା ଭିଜିଲାନ୍ସ ସନ୍ଦେହ କରୁଛି। ତେଣୁ ତଦନ୍ତକାରୀ ଟିମ୍ ତାଙ୍କ ବ୍ୟାଙ୍କ ନେଣଦେଣ ଯାଞ୍ଚ କରିବା ସହ କ୍ରିପ୍ଟୋ କାରବାର ଉପରେ ଅଧିକ ଅନୁସନ୍ଧାନ କରୁଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ରିମାଣ୍ଡର ଦ୍ୱିତୀୟ ଦିନରେ ଏହି ମାମଲାରେ ଭିଜିଲାନ୍ସକୁ ଅଧିକ ତଥ୍ୟ ମିଳିବ ବୋଲି ଆଶା କରାଯାଉଛି। ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ଭିଜିଲାନ୍ସ ଟିମ୍ ଶୁକ୍ରବାର ନିହାର ରଞ୍ଜନଙ୍କ ଘର ସମେତ ୩ ଜିଲାର ୬ ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା। ଏହି ଚଢ଼ାଉରେ ସୁନା ଅଳଙ୍କାର, ଫ୍ଲଟ, ଫ୍ଲାଟ, ଯାନ ବାହାନ ଏବଂ ଘରୋଇ ଉପକରଣ ସମେତ ମୋଟ ୩.୯୬ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଥିଲା, ଯାହାକି ତାଙ୍କ ପ୍ରକୃତ ଆୟଠାରୁ ୨୭୫ ପ୍ରତିଶତ ଅଧିକ। ଏନେଇ ଭିଜିଲାନ୍ସ ନିହାର ରଞ୍ଜନ ଓ ତାଙ୍କ ସ୍ତ୍ରୀଙ୍କ ନାମରେ ମାମଲା ରୁଜୁ କରିଛି। ଶନିବାର ନିହାର ରଞ୍ଜନଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା।



ନିହାର ରଞ୍ଜନ ଦାସ

ସମୟୋଚିତ ଭାବରେ ଆପଣ ପୈଠ କରିଥିବା ଆୟକର କରିଥାଏ ରାଷ୍ଟ୍ରକୁ ବିକାଶ ଅଭିମୁଖେ ଅଗ୍ରସର
Azadi Ka Amrit Mahotsav



ଏ.ୱାଇ. ୨୦୨୨-୨୩ ନିମନ୍ତେ
ଆପଣଙ୍କର ଆୟକର ରିଟର୍ନ (ଆଇଟିଆର୍)
୭ ନଭେମ୍ବର, ୨୦୨୨ ସୁଦ୍ଧା ଇ-ଫାଇଲ୍ କରନ୍ତୁ
(ଧାର୍ଯ୍ୟ ତାରିଖ ବର୍ଦ୍ଧିତ)

ଆୟକର ରିଟର୍ନ କିଏ ଫାଇଲ୍ କରିବା ଆବଶ୍ୟକ?
- ଏପରି ସମସ୍ତ କମ୍ପାନୀ ଓ ବ୍ୟକ୍ତିବିଶେଷ, ଯେଉଁମାନଙ୍କର ଖାତା ଅଡିଟ୍ ହେବାର ଆବଶ୍ୟକତା ରହିଥିବ ।
*(ଅନ୍ତର୍ଜାତୀୟ ନେଣଦେଣ କିମ୍ବା ବିନିର୍ଦ୍ଦିଷ୍ଟ ଘରୋଇ ନେଣଦେଣ କରିଥିବା ଏବଂ ଆୟକର ଅଧିନିୟମ, ୧୯୬୧ର ଧାରା ୯୨ଇରେ ଉଲ୍ଲିଖିତ ରିପୋର୍ଟ ଦାଖଲ କରିବା ଆବଶ୍ୟକ କରୁଥିବା ବ୍ୟକ୍ତିମାନଙ୍କୁ ଛାଡ଼ି)*

ଧାର୍ଯ୍ୟ ତାରିଖ ସୁଦ୍ଧା ଆଇଟିଆର୍ ଫାଇଲିଂ ନ କରିବାର ପରିଣତି:
- ସୁଧ କିମ୍ବା ଜୋରିମାନା ପାଇଁ ଉତ୍ତରଦାୟୀ ରହିବେ ।
- ଅଣ-ସମଯୋଜିତ ବ୍ୟବସାୟ କ୍ଷତି/ପୁଞ୍ଜିଗତ ହାନିକୁ କ୍ୟାରି ଫର୍‌ୱାର୍ଡ କରାଯିବ ନାହିଁ ।

ଅଧିକ ସୂଚନା ଏବଂ ନିଜର ଆୟକର ରିଟର୍ନ ଇ-ଫାଇଲିଂ ପାଇଁ, ଲଗ୍ ଅନ୍ କରନ୍ତୁ
www.incometax.gov.in

For e-Brochures, scan QR Code
INCOME TAX DEPARTMENT
ଆୟକର ବିଭାଗ
କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ପରିଷଦ
For more information, scan QR Code
@IncomeTaxIndia @IncomeTaxIndiaOfficial @IncomeTaxIndiaOfficial @Income Tax India @Income Tax India Official
cbc 15401/13/0008/2223

**ଆଜିର ମନ୍ତବ୍ୟ**
"ଏକ ବିକଶିତ ଭାରତ ଲାଗି ଦୁର୍ନୀତିକୁ ବରଦାସ୍ତ କରାଯାଉ ନ ଥିବା ପ୍ରଶାସନିକ ଇକୋସିଷ୍ଟମ୍ ବିକଶିତ କରିବାକୁ ହେବ।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ପ୍ରୀତମ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜଗନ୍ନାଥଙ୍କର ବଡ଼େଇ**
**କାହାକୁ ଦିଅନ୍ତି ପାଟ ପୀତାମ୍ବରି**
**କାହାକୁ ଦିଅନ୍ତି ଗଡ଼େଇ ।**

କୁହାଯାଏ ଭଗବାନ୍‌ଙ୍କ କୃପା ଦୃଷ୍ଟି ଥିଲେ ଦୁନିଆରେ କିଛି ବି ଅସମ୍ଭବ ନୁହେଁ। ତାଙ୍କ ଇଙ୍ଗିତରେ ହିଁ ସଂସାର ଆତଯାତ। ଭଗବାନ୍‌ଙ୍କ କୃପା ଥିଲେ ଘରେ ଧନଧାନ୍ୟ ପରିପୂର୍ଣ୍ଣ ହୁଏ ଓ ତାଙ୍କ କୃପା ବିନା କିଛି ମିଳି ନ ଥାଏ। ତାଙ୍କ ଲୀଳା ବୁଝିବା ମନୁଷ୍ୟଙ୍କ ପକ୍ଷେ କଷ୍ଟକର ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଜିଅନ୍ତେ ନ ଦେଲୁ ତୁଣ୍ଡେ**
**ମଲେ ଦେବୁ ବେଣା ମୁଣ୍ଡେ।**

ବଞ୍ଚିଥିବା ବେଳେ ନ ପଚାରି ମରିଗଲା ପରେ ସମ୍ମାନ କୁଢ଼େଇବାରେ ଲାଭ ବା କ'ଣ? ଦରକାର ସମୟରେ ଅନ୍ୟକୁ ଦେବା ବା ସାହାଯ୍ୟ କରିବା ସୁଗୁଣର ପରିଚୟ ହୋଇଥାଏ। ଆବଶ୍ୟକ ବେଳେ ନ ଦେଇ ଅନାବଶ୍ୟକ ବେଳେ ଦେବାର ନିରର୍ଥକତା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଧଳାସୁନାରେ କୀଟ...

ପ୍ରଥମ ପୃଷ୍ଠାରୁ...

ମଧ୍ୟ ଦଲାଲ ବା ମଧ୍ୟସ୍ଥଙ୍କଠାରୁ ଯେ କମ୍ ଲାଭବାନ ହେଉଛି ଏହା ସ୍ପଷ୍ଟ ଦେଖାଯାଉଛି। କପା ଏକ ଅର୍ଥକରୀ ଫସଲ ହୋଇଥିବାରୁ ଏହି ଚାଷ ଓ ବ୍ୟବସାୟରେ ଚାଷୀଙ୍କ ଅପେକ୍ଷା ଦଲାଲଙ୍କ ସକ୍ରିୟତା ବଢ଼ି ଚାଲିଛି। କପାକ୍ରୟ ଦିଗରେ ସରକାରୀ ନୀତି ଏବଂ ବ୍ୟବସ୍ଥା ଭିତର ଫାଙ୍କରେ ଦଲାଲମାନେ ସହଜରେ ଗଳିଯାଇ ଚାଷୀଙ୍କ ଲାଭରୁ ବାଟମାରଣା କରୁଛନ୍ତି। ଫଳରେ ରାଜ୍ୟ ବାହାର ବିଡର୍ସ, ସ୍ଥାନୀୟ ମିଲର୍ସ ଓ ଦଲାଲ ଅତ୍ୟଧିକ ଫାଇଦା ଉଠାଉଛନ୍ତି। ପ୍ରକୃତ ଚାଷୀ କୁଇଣ୍ଟାଲ ପିଛା ଗତବର୍ଷ ୭ ହଜାର ଟଙ୍କା ପାଇଥିବାବେଳେ ଚାଷୀଙ୍କଠାରୁ କପାକିଣି ଦଲାଲମାନେ କୁଇଣ୍ଟାଲ ପିଛା ୧୦ରୁ ୧୨ ହଜାର ଟଙ୍କା ପାଇଥିବା ଜଣାପଡ଼ିଛି। ବିଡର୍ସ ବ୍ୟବସ୍ଥା କରି କପା କ୍ରୟମୂଲ୍ୟ ବୃଦ୍ଧି କରିବାରେ ସଫଳ ହୋଇଥିଲେ ମଧ୍ୟ ପ୍ରଶାସନ ଦଲାଲଙ୍କ ସକ୍ରିୟତା ରୋକିବାରେ ଫେଲ ମାରିଛି। ବେଲପଡା ବ୍ଲକ ସିହିନୀ ଗାଁର ଚାଷୀ ରାଜେନ୍ଦ୍ର ବେହେରା କହିଛନ୍ତି ଯେ, ପୂର୍ବାପେକ୍ଷା ଗତବର୍ଷ କପା କୁଇଣ୍ଟାଲ ପିଛା ଅଧିକ ଟଙ୍କା ମିଳିଛି। ମାତ୍ର ମିଲର୍ସ ବଦଳରେ ସରକାର ନିଜେ ଚାଷୀଙ୍କଠାରୁ ମଣ୍ଡି ଜରିଆରେ ଅଧିକ ଟଙ୍କାରେ କିଣନ୍ତୁ। ଧାନ ପରି କପାର ମଣ୍ଡି ବ୍ୟବସ୍ଥା କରାଯାଉ।

ସରକାରଙ୍କ କପାକ୍ରୟ ନୀତିରେ ତ୍ରୁଟି ଏବଂ ଉଦାସୀନତା ଯୋଗୁ ଚାଷୀ ପ୍ରକୃତ ଲାଭରୁ ବଞ୍ଚିତ ହେଉଛନ୍ତି। ଚଳିତବର୍ଷ କଟନ କର୍ପୋରେଶନ୍ ଅଫ୍ ଇଣ୍ଡିଆ (ସିସିଆଇ) ପକ୍ଷରୁ ସର୍ବନିମ୍ନ କପା ମୂଲ୍ୟ କୁଇଣ୍ଟାଲ ପିଛା ୬,୩୮୦ ଟଙ୍କା ଧାର୍ଯ୍ୟ କରାଯାଇଛି। ନଭେମ୍ବର ପ୍ରଥମ ସପ୍ତାହରୁ ବଲାଙ୍ଗୀର ସମେତ ଅନ୍ୟ ଜିଲାରେ କପା ଅମଳ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ହେଲେ ଏଯାଏ ଜିଲାରେ କପା କ୍ରୟ କମିଟି (ଡିଏଲ୍‌ପିସି) ବୈଠକ ବସିନାହିଁ। କପା ଅମଳ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବାରୁ ଏବେ ଗାଁ ଗାଁରେ ଦଲାଲ ବା ମଧ୍ୟସ୍ଥ ସକ୍ରିୟ ହୋଇଗଲେଣି। ବିଭିନ୍ନ ସ୍ଥାନରୁ ରାଜ୍ୟ ବାହାରକୁ କପା ଚାଲାଣ ଆରମ୍ଭ ହୋଇଗଲାଣି। ଦାଦନ ଶ୍ରମିକଙ୍କ ଭଳି କପାଚାଷରେ ବି ବଇନା ବା ଅଗ୍ରିମ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥାଏ। ବ୍ୟବସାୟୀ ଓ ଦଲାଲମାନେ ଚାଷୀଙ୍କୁ ଅଗ୍ରିମ ଟଙ୍କା, ମଞ୍ଜି, ସାର ଓ କୀଟନାଶକ ଦେଇ ଚୁକ୍ତି ଅନୁସାରେ କପାଚାଷ କରାଇଥାନ୍ତି। ଚଳିତବର୍ଷ ମଧ୍ୟ ଦଲାଲମାନେ ସେହି ପନ୍ଥାରେ ଚାଷୀଙ୍କଠାରୁ କପା ନେବା ଆରମ୍ଭ କରିଛନ୍ତି।

ସରକାରୀସ୍ତରରେ କପାଚାଷୀଙ୍କୁ ପ୍ରୋତ୍ସାହନ କଥା କୁହାଯାଉଥିଲେ ମଧ୍ୟ ଦଲାଲଙ୍କ ଶୋଷଣ ରୋକିବା ଦିଗରେ ବାସ୍ତବ ନିୟମ ନାହିଁ। ଏଭଳି ସ୍ଥିତିରେ ଚାଷୀ ଅପେକ୍ଷା ଦଲାଲମାନେ ଲାଭବାନ୍ ହେବା ଦେଖାଯାଉଛି। ବଲାଙ୍ଗୀର ଜିଲାରେ ମାତ୍ର ତିନୋଟି ଆର୍‌ଏମ୍‌ସି ରହିଛି। ଆର୍‌ଏମ୍‌ସି ବ୍ୟତୀତ ଅନ୍ୟସ୍ଥାନରେ ମଣ୍ଡି ଖୋଲାଯାଉନାହିଁ। ଏମ୍‌ଏସ୍‌ପିଠାରୁ ଢେର ଅଧିକ ଦରରେ କପାକ୍ରୟ ହେଉଥିବାରୁ ସିସିଆଇ ହସ୍ତକ୍ଷେପର ଆବଶ୍ୟକତା ପଡୁନାହିଁ। ଦଲାଲମାନେ ଏମ୍‌ଏସ୍‌ପିଠାରୁ ସାମାନ୍ୟ ଅଧିକ ଟଙ୍କା ଦେଇ ସିଧାସଳଖ ଚାଷୀଙ୍କଠାରୁ କପା କିଣିନେଉଛନ୍ତି। ଧାନଚାଷ ଭଳି କପାଚାଷୀଙ୍କ ପଞ୍ଜୀକରଣ ବ୍ୟବସ୍ଥା ନ ଥିବାରୁ କିଏ ଚାଷୀ କିଏ ଦଲାଲ ଚିହ୍ନିବା ମୁସ୍କିଲ। ଏଭଳି କ୍ଷେତ୍ରରେ ପ୍ରକୃତ ଚାଷୀଙ୍କୁ କପାର ଉଚିତ ମୂଲ୍ୟ ଓ ଲାଭ ମିଳିବା କଷ୍ଟକର ହୋଇପଡ଼ିଛି। ଏବେ ଅନ୍ତର୍ଜାତୀୟ ବଜାରରେ କପାମୂଲ୍ୟ ବୃଦ୍ଧି ଯୋଗୁ ଏମ୍‌ଏସ୍‌ପିଠାରୁ ଅଧିକ ମୂଲ୍ୟରେ ବିକ୍ରି ହେଉଛି। ସରକାର ଏ ଦିଗରେ ଏବେଠୁ ସଜାଗ ନ ହେଲେ ରାଜ୍ୟର କପାଚାଷୀ ପ୍ରଭାବିତ ହେବା ଆଶଙ୍କା ଦେଖାଯାଇଛି। ଅପରପକ୍ଷରେ ରାଜ୍ୟ ବାହାରକୁ କପା ଚାଲିଯାଉଥିବାରୁ ରାଜ୍ୟର ଜିନିଂମିଲ୍ ମଧ୍ୟ ପ୍ରଭାବିତ ହେବା ଆଶଙ୍କା ଦେଖାଯାଇଛି। ଏନେଇ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣାଙ୍କୁ ପଚରାଯିବାରୁ କପାଚାଷୀଙ୍କୁ ଯେଭଳି ଅଧିକ ଆର୍ଥିକ ଲାଭ ମିଳିବ ସେ ଦିଗରେ ପ୍ରଶାସନ ବ୍ୟବସ୍ଥା କରୁଛି। ଚାଷୀ ଥରେ କପାର ମାର୍କେଟ ମୂଲ୍ୟ ସମ୍ପର୍କରେ ସଚେତନ ହୋଇଗଲେ ମଧ୍ୟସ୍ଥ ବା ବ୍ୟବସାୟୀ କେହି ତାଙ୍କୁ ଆଉ ଠକିପାରିବେ ନାହିଁ। ଏବେ କପା ଅଧିକ ମୂଲ୍ୟରେ ବିକ୍ରୟ ହେଉଛି। ଏହି ସମୟରେ ଚାଷୀ କିଭଳି ଅଧିକ ମୂଲ୍ୟ ପାଇବେ ସେ ଦିଗକୁ ପ୍ରାଥମିକତା ଦେଉଛୁ। ଏଦିଗରେ ଅନ୍ୟ କୌଣସି ସମସ୍ୟା ଉପୁଜିଲେ ତା'ର ସମାଧାନ ଦିଗରେ ଠୋସ୍ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

ପ୍ରକାଶଯୋଗ୍ୟ ଯେ, ୨୦୦୬-୦୭ ମସିହା ତଥ୍ୟ ଅନୁଯାୟୀ ଅବିଭକ୍ତ କଳାହାଣ୍ଡି ଜିଲାରେ ୨୨ ହଜାର ୧୨୦ ହେକ୍ଟର, ବଲାଙ୍ଗୀର ଜିଲାରେ ୨୦ ହଜାର ୬ ଶହ ହେକ୍ଟର ଏବଂ ଅବିଭକ୍ତ କୋରାପୁଟ ଜିଲାରେ ୧୫ ହଜାର ୬୨୦ ହେକ୍ଟର ଜମିରେ କପାଚାଷ ହୋଇଥିଲା। ଚଳିତ ୨୦୨୨-୨୩ ଖରିଫ ଋତୁରେ କଳାହାଣ୍ଡି ଜିଲାରେ ୭୦ ହଜାର ୭୮୦ ହେକ୍ଟର, ନୂଆପଡା ଜିଲାରେ ୧୫ ହଜାର ୬୨୯ ହେକ୍ଟର, ବଲାଙ୍ଗୀର ଜିଲାରେ ୬୨ ହଜାର ୪୩୩ ହେକ୍ଟର ଏବଂ ସୁବର୍ଣ୍ଣପୁର ଜିଲାରେ ୫ ହଜାର ୩୨୩ ହେକ୍ଟର, ବୌଦ୍ଧ ଜିଲାରେ ୫ ହଜାର ୩୪୧ ହେକ୍ଟର, ବରଗଡ ଜିଲାରେ ୨ ହଜାର ୭୯୫ ହେକ୍ଟର ଜମିରେ କପାଚାଷ କରାଯାଇଛି। ସେହିପରି ରାୟଗଡା ଜିଲାରେ ଚଳିତବର୍ଷ ୪୫ ହଜାର ୯୬୭ ହେକ୍ଟର, କୋରାପୁଟ ଜିଲାରେ ୧ ହଜାର ୬୩୫ ହେକ୍ଟର ଏବଂ ଗଜପତି ଜିଲାରେ ୨ ହଜାର ୩୭୮ ହେକ୍ଟର ଜମିରେ କପାଚାଷ କରାଯାଇଛି।

## ଏକମାତ୍ର ସୂତାକଳ ବନ୍ଦ: ଚାଷୀଙ୍କୁ ଭରସା ମହାରାଷ୍ଟ୍ର ବ୍ୟବସାୟୀ

**ସୋନପୁର, ୩।୧୧(ମୃତ୍ୟୁଞ୍ଜୟ ଶତପଥୀ):** ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର, ଉଲୁଣ୍ଡା, ତରଭା ଓ ସୋନପୁର ବ୍ଲକର ଚାଷୀମାନେ ଅଣଜଳସେଚିତ ଓ ଢିପ ଜମିରେ କପା ଚାଷ କରୁଛନ୍ତି। ମହାରାଷ୍ଟ୍ରର ବ୍ୟବସାୟୀମାନେ ଏମ୍‌ଏସ୍‌ପିଠାରୁ ଅଧିକ ଦାମ୍ ଦେଇ କପା କିଣି ନେଉଥିବାରୁ ସ୍ଥାନୀୟ ଚାଷୀମାନେ ସେମାନଙ୍କୁ ଅଧିକ ଭରସା କରୁଛନ୍ତି। ସେହିପରି ଆନ୍ଧ୍ରପ୍ରଦେଶରୁ ଆସି ସ୍ଥାୟୀ ବାସିନ୍ଦା ପାଲଟିଯାଇଥିବା ବହୁ ଚାଷୀ କପା ଉତ୍ପାଦନ କୌଶଳ ଶିଖିବା ପରେ ବୀରମହାରାଜପୁର ବ୍ଲକର ତେନ୍ତୁଳିମହଦା, ବଡଖମାର, ଆନନ୍ଦପୁର, ଜଟେସିଂହା, ବାଗବର, ମୁର୍ଷୁଣ୍ଡି, କେନ୍ଦ୍‌ଝିରିଆପାଲି, ବହଲପଦର, ଖଣ୍ଡହତା, ଦୁର୍ଜନତଏଲା, ଉଲୁଣ୍ଡା ବ୍ଲକର କଳାପଥର, ଯାଲୋଏ, ସୋନପୁର ଓ ତରଭା ବ୍ଲକରେ କପା ଚାଷ କରୁଛନ୍ତି। ଆନ୍ଧ୍ର ବ୍ୟବସାୟୀ ସ୍ଥାନୀୟ ଚାଷୀଙ୍କୁ କପା ମଞ୍ଜି ମଧ୍ୟ ଯୋଗାଉଛନ୍ତି।

ଚଳିତ ବର୍ଷ ଜିଲାର ୫, ୩୨୩ ହେକ୍ଟରରେ କପା ଚାଷ ହୋଇଥିଲା। ବୀରମହାରାଜପୁର ବ୍ଲକର ବଡ଼ଖମାରରେ ମାତ୍ର ଗୋଟିଏ କପା ମଣ୍ଡି ରହିଥିବାବେଳେ ଜିଲାର ଏକମାତ୍ର ସୂତାକଳ ବନ୍ଦ ହୋଇଯାଇଛି। ଏହାର ଫାଇଦା ନେଉଛନ୍ତି ବାହାର ବ୍ୟବସାୟୀ। ଗତବର୍ଷ ମହାରାଷ୍ଟ୍ରର ବ୍ୟବସାୟୀମାନେ କପା କୁଇଣ୍ଟାଲ ପିଛା ୯,୫୦୦ରୁ ୧୦ ହଜାର ଟଙ୍କା ଦେଇ କିଣିନେଇଥିଲେ। ଏ ବର୍ଷ ପ୍ରାୟ ୪୮ କୋଟି ୫୪ ଲକ୍ଷ ଟଙ୍କାର କପା ଉତ୍ପାଦନ ହେବ ବୋଲି ଆକଳନ କରାଯାଇଛି। ଆନନ୍ଦପୁର ଗ୍ରାମର କପା ଚାଷୀ ସହଦେବ ମହାକୁର କୁହନ୍ତି, ଚଳିତବର୍ଷ ହେକ୍ଟର ପ୍ରତି ୧୫ କୁଇଣ୍ଟାଲରୁ ଅଧିକ କପା ଉତ୍ପାଦନ ହୋଇଛି। ଦର ଅଧିକ ରହିବ ବୋଲି ସେ ଆଶା ରଖିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ଗୌରୀଶଙ୍କର ସିଂହ କୁହନ୍ତି, ବଡ଼ଖମାରରେ କପା ମଣ୍ଡି ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି। ତାମିଲନାଡୁ ଓ ମହାରାଷ୍ଟ୍ରରେ କପାଚାଷ କ୍ଷତିଗ୍ରସ୍ତ ହୋଇଥିବାରୁ ସେଠାକାର ସୂତାକଳ ମାଲିକମାନେ ଓଡ଼ିଶା ଉପରେ ନିର୍ଭର କରିବେ। ସୁବର୍ଣ୍ଣପୁର ଜିଲାର କପା ଚାଷୀ ଏମ୍‌ଏସ୍‌ପିଠାରୁ ଅଧିକ ଦରରେ ଘରୋଇ ବ୍ୟବସାୟୀଙ୍କୁ କପା ବିକ୍ରି କରି ଅଧିକ ଲାଭ ପାଇବେ ବୋଲି ସେ କହିଛନ୍ତି।

## ଓଡ଼ିଶାର ଜମି, ଆନ୍ଧ୍ରର ବେପାର

**କନ୍ଧମାଳ, ୩।୧୦(ଆଦିତ୍ୟେଶ୍ୱର ମିଶ୍ର):** ଆନ୍ଧ୍ର ବ୍ୟବସାୟୀଙ୍କ ଆଖିରେ ଲାଖିଯାଇଛି କପାଚାଷର ଲାଭ। ସେମାନେ ଏବେ ଓଡ଼ିଶାରେ ଏହି ଅର୍ଥକରୀ ଫସଲ କରି ବେପାର ଆରମ୍ଭ କରିସାରିଲେଣି। ଏଥିଲାଗି ସେମାନେ ବାର୍ଷିକ ଏକର ପିଛା ୨ରୁ ୩ ହଜାର ଟଙ୍କା ମଧ୍ୟ ଦେଉଛନ୍ତି। ଏପରି କି ୩ରୁ ୫ ବର୍ଷିଆ ଏଗ୍ରିମେଣ୍ଟ କରୁଛନ୍ତି। ବୌଦ୍ଧ ଜିଲାର କନ୍ଧମାଳ ଓ ବୌଦ୍ଧ ବ୍ଲକରେ ଆନ୍ଧ୍ର ବ୍ୟବସାୟୀଙ୍କ ଏଭଳି ଦଖଲ ଏବେ ଚିନ୍ତାର କାରଣ ସାଜିଛି।

ଅନ୍ୟପଟେ କପାଚାଷ ପାଇଁ ପାରମ୍ପରିକ ହରଡ, ମୁଗ, ବିରି ଆଦି ଡାଲି ଜାତୀୟ ଫସଲ, ବାଦାମ, ରାଶି, ସୋରିଷ ପରି ତୈଳବୀଜ ଚାଷ ସାଂଘାତିକ ଭାବେ ହ୍ରାସ ପାଇଛି। ଦଶନ୍ଧି ତଳେ କନ୍ଧମାଳର ହରଡ଼ ଓ ଶଗଡାର ମୁଗକୁ ନେଇ ଯେଉଁ ପ୍ରସିଦ୍ଧି ଥିଲା, ତାହା ଆଉ ନାହିଁ। ଏତେ ସତ୍ତ୍ୱେ ପାରମ୍ପରିକ ଚାଷରୁ ଓହରି କପାଚାଷ କରୁଥିବା ଚାଷୀଙ୍କ ପାଇଁ ଜିଲାରେ ମଣ୍ଡି ବ୍ୟବସ୍ଥା ନାହିଁ। ଗତ ଖରିଫ୍ ଋତୁରେ ସୋନପୁରଠାରେ ଏକ ବେସରକାରୀ ମଣ୍ଡି ଖୋଲିଥିଲେ ବି ଅତିରିକ୍ତ କଟନୀ ଛଟନୀ ଚାଷୀଙ୍କୁ ବ୍ୟତିବ୍ୟସ୍ତ କରୁଛି। ସେହିପରି କପାଚାଷରେ ସାର ଓ କୀଟନାଶକ ଖର୍ଚ୍ଚ ଅନ୍ୟ ଫସଲଠାରୁ ଢେର ଅଧିକ। ସାଧାରଣ ଚାଷୀ ନିଜସ୍ୱ ସମ୍ବଳ ଅଭାବରୁ ସାହୁକାରଙ୍କ ପାଖରୁ ଦେଢ଼ଗୁଣା ଲଗାଣିରେ ସାର ଓ କୀଟନାଶକ ଆଣୁଥିବା ଦେଖିବାକୁ ମିଳୁଛି। କୃଷି ବିଭାଗ କପାଚାଷ ପ୍ରତି ଉଦାସୀନ ଥିବାରୁ ଚାଷୀ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି।

## ୧୫ରୁ ଖୋଲିବ ମଣ୍ଡି

ଭବାନୀପାଟଣା,୩।୧୧(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲାରେ ଆସନ୍ତା ୧୫ରୁ ଖୋଲିବ କପା ମଣ୍ଡି। ଏ ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଚଳିତ ବର୍ଷ ଜିଲାର ୮ଟି ବ୍ଲକରେ ୭୦ ହଜାର ୭୮୦ହେକ୍ଟର ଚାଷ ଜମିରେ କପା ଚାଷ ହୋଇଛି। ଭବାନୀପାଟଣା ବ୍ଲକରେ ସର୍ବାଧିକ ୨୫ ହଜାର ୮ହେକ୍ଟରରେ ଚାଷ ହୋଇଛି। କେସିଙ୍ଗା ବ୍ଲକରେ ୧୫ହଜାର ୯୫୦, ନର୍ଲାରେ ୮୦୬୦, ଗୋଲାମୁଣ୍ଡାରେ ୧୫,୫୧୦, ଲାଞ୍ଜିଗଡରେ ୧୫୨୦, କର୍ଲାମୁଣ୍ଡାରେ ୬୧୦, ଏମ୍. ରାମପୁରରେ ୧୬୯୦, ଜୁନାଗଡ଼ରେ ୨୨୮୭ ଓ ଧର୍ମଗଡ଼ ବ୍ଲକରେ ୧୪୫ ହେକ୍ଟର ଚାଷଜମିରେ କପା ଚାଷ ହୋଇଛି। ଚଳିତ ବର୍ଷ କପାର ଏମ୍‌ଏସ୍‌ପି କୁଇଣ୍ଟାଲ ପିଛା ୬୩୮୦ ରହିଛି। ଭବାନୀପାଟଣା, କର୍ଲାପଡା, ଉଛଳା, କେସିଙ୍ଗା, ଉକ୍ରେଲା ଆଦି ସ୍ଥାନରେ କପା ମଣ୍ଡି ରହିଛି। ଜୁନାଗଡରେ ଖୁବ୍‌ଶୀଘ୍ର ମଣ୍ଡି ପାଇଁ ସ୍ଥାନ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି।

## ଇମ୍ରାନ୍ ଖାନ୍‌ଙ୍କୁ ହତ୍ୟା...

ପିଟିଆଇର ବରିଷ୍ଠ ନେତା ଅସାଦ ଓମାର କହିଛନ୍ତି, ଇମ୍ରାନ୍‌ଙ୍କ ଗୋଡ଼ରେ ଗୁଳି ବାଜିଛି। ଗୁଳିମାଡ଼ରେ ସିନେଟର ଫୈଜଲ ଜାଭେଦଙ୍କ ସମେତ ଅନ୍ୟ ୬ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଇମ୍ରାନ୍‌ଙ୍କୁ ଚିକିତ୍ସା ପାଇଁ ଲାହୋରକୁ ସ୍ଥାନାନ୍ତର କରାଯାଉଛି। ଇମ୍ରାନ୍‌ଙ୍କ ବିରୋଧୀମାନେ ପାକିସ୍ତାନର ଉନ୍ନତି ହେଉ ବୋଲି ଚାହୁଁ ନ ଥିବାରୁ ଏଭଳି କାଣ୍ଡ ଭିଆଇଛନ୍ତି। ଏହା ଏକ ହତ୍ୟା ଉଦ୍ୟମ ବୋଲି ସେ କହିଛନ୍ତି। ଇତିମଧ୍ୟରେ ଆକ୍ରମଣକାରୀଙ୍କୁ ଗିରଫ କରାଯାଇଛି। ପୋଲିସ ତାଙ୍କୁ ଏକ ଅଜ୍ଞାତ ସ୍ଥାନକୁ ନେଇ ପଚରାଉଚରା କରୁଛି। ୨୦ ବର୍ଷୀୟ ଅଭିଯୁକ୍ତ ହେଲେ ନାଭେଦ। ସେ ଇମ୍ରାନ୍‌ଙ୍କୁ ହତ୍ୟା କରିବାକୁ ଚାହୁଁଥିଲେ ବୋଲି ପୋଲିସ ଆଗରେ ମାନିଛନ୍ତି। ଇମ୍ରାନ୍ ଦେଶବାସୀଙ୍କୁ ବିଭ୍ରାନ୍ତ କରିବାକୁ ଉଦ୍ୟମ କରୁଥିବାରୁ ତାଙ୍କୁ ସମ୍ପୃକ୍ତ ବନ୍ଧୁକଧାରୀ ହତ୍ୟା କରିବାକୁ ଚାହୁଁଥିବା ନେଇ ପୋଲିସ ସୂଚନା ଦେଇଛି। ଏହି ଆକ୍ରମଣ ପାଇଁ କୌଣସି ଆତଙ୍କବାଦୀ ସଙ୍ଗଠନ ନିଜକୁ ଦାୟୀ କରିନାହିଁ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ପିଟିଆଇ ଅଧକ୍ଷ ଇମ୍ରାନ୍ ଓ ଅନ୍ୟ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଆମ ଦେଶର ରାଜନୀତିରେ ହିଂସାର କୌଣସି ସ୍ଥାନ ନାହିଁ ବୋଲି ଶେହବାଜ ଟୁଇଟ୍ କରିଛନ୍ତି। ବହିର୍ବ୍ୟାପାର ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରି ମଧ୍ୟ ଇମ୍ରାନ୍‌ଙ୍କ ଉପରେ ଆକ୍ରମଣକୁ ନିନ୍ଦା କରିଛନ୍ତି। ପ୍ରକାଶ ଯେ, ୨୦୦୭ରେ ବିଲାୱଲଙ୍କ ମା' ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ବେନଜିର ଭୁଟ୍ଟୋଙ୍କୁ ରାୱଲପିଣ୍ଡିରେ ନିର୍ବାଚନ ପ୍ରଚାର ବେଳେ ଗୁଳିକରି ହତ୍ୟା କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ରାହୁ ଓ ଚନ୍ଦ୍ର କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ସାମାଜିକ ସ୍ତରରେ ମନଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ବ୍ୟବସାୟରେ ମାନମନାନ୍ତର ଦେଖା ଦେଇପାରେ। ସାହିତ୍ୟ, ସଙ୍ଗୀତ କ୍ଷେତ୍ରରୁ ସୁଫଳ ମିଳିବ। ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହେବେ।

**ବୃଷ** ଆପଣ କଥାବାର୍ତ୍ତାର ମଙ୍ଗଳଜନିତ କଠୋରତା ହେତୁ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜିବୁଲିବେ। ଫାଇଲ୍ କାମ ବୃଦ୍ଧି କାରଣରୁ ଘରକଥା ବୁଝିବାକୁ ସମୟ ପାଇବେ ନାହିଁ। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇ ପାରେ । ନୂତନ ଭାବରେ ନିର୍ମାଣ ହୋଇଥିବା ଗୃହସଜ୍ଜାରେ ମନୋନିବେଶ କରି ଖୁସି ହେବେ।

**ମିଥୁନ** କର୍ମକ୍ଷେତ୍ରରେ ଆଶାନୁରୂପ ସଫଳତା ହାସଲ କରିପାରିବେ ନାହିଁ। ପୁନଶ୍ଚ ଷଷ୍ଠାଧିପତିଙ୍କ ପ୍ରଭାବରେ ଖଳପ୍ରକୃତି ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି। ସହକର୍ମୀଙ୍କ ପାଇଁ ନିଜେ ହଇରାଣ ହେବେ ଏବଂ ଟେନ୍‌ସନ କିଛି ମାତ୍ରାରେ ଲାଗିରହିବ। ପରିବାରରେ ଅବହେଳା ପ୍ରଦର୍ଶନ କରି ସମାଲୋଚିତ ହୋଇପାରନ୍ତି ।

**କର୍କଟ** କେନ୍ଦ୍ରସ୍ଥ ଶନି ଓ ରାହୁଙ୍କ ସୁପ୍ରଭାବରୁ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ । କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରି ସଫଳତା ପାଇବେ। ସନ୍ତାନ ହେତୁକ ପୀଡ଼ା ଅନୁଭବ କରିପାରନ୍ତି। ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ।

**ସିଂହ** ତୃତୀୟସ୍ଥ ଏକାଧିକ ଗ୍ରହଜନିତ ପାରିବାରିକ କ୍ଷେତ୍ରରେ କେତେକ ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ। ଆଜିର ଫେରିବା ବାଟରେ କୌଣସି ଅପରିଚିତଙ୍କ ସହ ମିତ୍ରତା ସୃଷ୍ଟି କରିପାରନ୍ତି । କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ।

**କନ୍ୟା** ଧନସ୍ଥାନରେ ଗ୍ରହଙ୍କ ସମାବେଶ ହେତୁ ଆର୍ଥିକ ଅନଟନ କର୍ମକ୍ଷେତ୍ରକୁ ପ୍ରଭାବିତ କରିବ। ଦୁର୍ଭାବନା ବଢ଼ିଚାଲିବା ଫଳରେ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେନାହିଁ। ନୂତନ କର୍ମାରମ୍ଭରେ ପରିବାରରୁ ପ୍ରତିରୋଧର ସମ୍ଭାବନା ରହିଛି। ସ୍ଥଗିତ କାମଟି ଜଣେ ବନ୍ଧୁଙ୍କ ସହଯୋଗରୁ ହାସଲ ହେବାର ଆଶା ରହିଛି।

**ତୁଳା** ସପ୍ତମ ସ୍ଥାନକୁ ଏକାଧିକ ଗ୍ରହ ଦୃଷ୍ଟି ହେତୁ ବନ୍ଧୁ ଲୋକଙ୍କ ଉପସ୍ଥିତିରେ ପାରିବାରିକ ସମସ୍ୟାର ସମାଧାନ ହୋଇପାରେ। ବନ୍ଧୁ ଗହଣରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। କ୍ରୀଡ଼ା, ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ସଫଳ ହେବେ।

**ବିଛା** ଅଷ୍ଟମସ୍ଥ ମଙ୍ଗଳଜନିତ ସମସ୍ୟା ଲାଗିରହିବ ଓ ପେଟ, ପିଠିରୋଗରେ କଷ୍ଟ ପାଇବେ। ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। କୌଣସି ଯୁବକଙ୍କଠାରୁ ଯଥେଷ୍ଟ ସହାୟତା ପାଇବେ। ପିଲାମାନଙ୍କ ପାଇଁ ଗର୍ବ ଅନୁଭବ କରିବେ।

**ଧନୁ** ଶନି ଦୃଷ୍ଟ ଗୁରୁଜନିତ ଯୋଜନାଗୁଡ଼ିକୁ ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ । ସାମାଜିକ ସ୍ତରରେ ବାଦବିବାଦ କ୍ରମେ ଜଟିଳ ହେବ ଓ ସଫଳତା ହାସଲ କରିବେ। କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ । ଗୁରୁପାକ ଦ୍ରବ୍ୟ ଭୋଜନରୁ ଅଜୀର୍ଣ୍ଣ ଓ ଆମାଶୟ ଦେଖା ଦେଇପାରେ।

**ମକର** କ୍ରନିକ ରୋଗଜନିତ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ତଥାପି ସ୍ଥଗିତ ରହିଯାଇଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ବନ୍ଧୁଙ୍କ ନିକଟରୁ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଆଲୋଚନା ସମୟରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**କୁମ୍ଭ** ଦୁଃସ୍ଥାନସ୍ଥ ଗ୍ରହଜନିତ ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବେ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ।

**ମୀନ** କେନ୍ଦ୍ରସ୍ଥ ମଙ୍ଗଳଜନିତ କାରଣରୁ ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିବେ। ଆଜି ଦିନ ମଧ୍ୟରେ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବେ। ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ।

ଆଜି ନଭେମ୍ବର ୪ ତାରିଖ ଶୁକ୍ରବାର, କାର୍ତ୍ତିକ ଶୁକ୍ଳପକ୍ଷର ସର୍ବସମ୍ମତ ଦେବୋତ୍ଥାପନୀ ବଡ଼ ଏକାଦଶୀ, ଶ୍ରୀମନ୍ଦିରରେ ଠିଆକିଆ ବେଶ, ଶରତ ରାସ ଆରମ୍ଭ, ଶରଣଂ, ଭୀଷ୍ମପଞ୍ଚକ ବା ବକପଞ୍ଚକ ଆରମ୍ଭ, ରାଶିନକ୍ଷତ୍ର-ପୂର୍ବଭାଦ୍ରପଦ-କୁମ୍ଭ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୫୨ ଗତେ ଘ.୦୬।୩୭ ମଧ୍ୟେ, ଘ.୦୭।୨୩ ଗତେ ଘ.୦୮।୪୧ ମଧ୍ୟେ ଶୁଦ୍ଧଶୁଭବେଳା। ଦିବା ଘ.୧୦।୦୫ ଗତେ ଘ.୧୧।୩୦ ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302



**SALE**

**CAR SALE: 2015 Excellent condition Audi Q3 top model for sale Rs.-12,80,000/- contact Owner- 9040026465 (BABU BHAI).** D-1809



**SALE**

ଭୁବନେଶ୍ୱର ଜଟଣୀଗେଟ୍‌ଠାରୁ 1K.M. ଦୂରତାରେ ବାସୋପଯୋଗୀ ପ୍ଲଟ୍ (sqft.-370/699)ରେ ମିଳୁଛି। 6371486390, 8114994259. D-1916

**Duplex sale at Bhubaneswar @45 lakhs only- 9777433701, 9439206202.** D-74144

**Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272.** D-73296

Ready to move studio flat for sale at Narendra Kona, Puri, Occupancy Certificate Obtained. Contact: 9861929740. D-73888

BDA approved Duplex project at Retang Medical, Station, Near CV Raman University, Tamando, Bhubaneswar @44,00,000/-,. 7008459987. D-74143

**ଭୁବନେଶ୍ୱର ଗ୍ୟାରେଜ ଛକରେ 30 ରୋଡ୍ ଥାଇ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। 9827119799.** D-1883

**ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200 mtr. ଦୂରତାରେ BDA yellow zone ପ୍ଲଟ୍ Boundary ସହ ମିଳୁଛି । 7848882166.** D-74142

**Simplex, Duplex and Triplex available for sale within gated community and facilities like Children's Play Area, community Centre, land scape Garden, Volleyball and Badminton Court etc. Near Haribhaina Chhak, Jatni Town. Contact: 9337333685.** D-1806

**Office space 2175sqft. fully furnished office alongwith at 5, Janpath, Unit-3, Kharabela nagar behind Kalsi Petrolpump, Bhubaneswar -751001. Facilities available 12 split AC, 36 workstations, toilet, pantry, server room, lift, parking for 2wheelers. Security deposite for 6months rent at 4th floor. Contact -9437001845.** D-73356

Luxurious 4BHK Duplex near Balianta Bazar. Land-1400, Construction- 2200- 85 Lakh. 9938219397, 9861022055. D-1885

**Residential gharabari plot at Brahmanjharilo Cuttack with boundarywall, Electripole, inside Temple on Bank Loan facilities near English Medium High school 6k.m. from Phulnakhara, 11k.m. from Bhubaneswar. 7809525452.** D-73990

**Developed Plot sale with 30ft. Road Demarcation, Boundarywall, Electricity infront of ASBM College, Chandaka, BBSR. Cost@ 1200/-per sqft. 9938867397.** D-1921

**Boundary made gharabari plot available at Padhansahi, Sundarpada, Backside Aryan Engineering College (Bank finance available). 9337958544, 6370834658.** D-74145

**Plot sale: 5000sqft. (50ft.x100ft.) Premium Semi commercial gharabari, yellowzone, Sthitiban single patta owner plot for sale, just 3RD plot from Dhauli-Uttara NH at Bhargavi Bihar. Price-2400/- per sqft.. Contact direct Owner- 9853926464. (BABU BABU).** D-1808



Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73994

Newly open full body massage ladies and gents. 8327740003, 8093860513. D-73992

**Relax, Refresh your body, Mind at Saikrupa Spa with best therapies. 8984068077.** D-1863



Practitioners Registration- BAMS, BHMS, BUMS, D.Pharma, GNM.9893869473. D-1915



ଘରେ ବାସ୍ତୁଦୋଷ ଯୋଗୁ ଅଶାନ୍ତି, ଧନହାନି ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ଲାଗି ରହୁଛି କି? 7978736177. D-74302

**LOST**

ମୁଁ ସୁବ୍ରତ ରଞ୍ଜନ ମେହେର, ବୟସ-୩୦ବର୍ଷ, ନିବାସୀ ଶିବନଗର, ଧନୁପାଲି ଘୋଷଣା କରୁଛି ଯେ, ମୋର ଖାତା ନଂ.-୬୧୫/୭୫୫, ମୌଜା- ସମ୍ବଲପୁର ଟାଉନ୍ ୟୁନିଟ୍ ନଂ.-୨ର ରେଜିଷ୍ଟ୍ରି ଦଲିଲ ନଂ.-୧୮୫୩/୧୯୯୬ ତା୨୦।୦୭।୨୦୨୨ରେ ଆମ୍ଭ ପାଖରୁ ହଜି ଯାଇଥିଲା। ଆମ୍ଭେ ତା୨୭।୦୭।୨୦୨୨ରେ ଧନୁପାଲି ଥାନାରେ ଏକ ଲିଖିତ ରିପୋର୍ଟ ଦାଖଲ କରିଥିଲୁ। ଏଣୁକରି ଯଦି କେହି ବି ସହୃଦୟ ବ୍ୟକ୍ତି ତାକୁ ପାଆନ୍ତି ତେବେ ନିମ୍ନ ଲିଖିତ ମୋବାଇଲ ନମ୍ବରରେ ସମ୍ପର୍କ କରିବେ। ଅଶ୍ୱିନୀ ଦେବତା (ଆଡ୍‌ଭୋକେଟ)। ମୋବାଇଲ ନଂ.- ୮୩୨୮୯୪୯୦୭୭. ଧ-୧୯୨୪

**AFFIDAVIT**

Affidavit before Notary, Berhampur I Runi Naik, D/o- Sudarsan Naik, At- Kendupadar, P.S.- Gangapur, Aska, Ganjam as per my HSC Certificate, all Education Certificate, Aadhaar Card also but I changed my name Runi Naik to Rupali Patra. Henceforth I shall be known as Rupali Patra for all purposes. D-1920

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ଆଜି ମହାପ୍ରଭୁଙ୍କ ଲକ୍ଷ୍ମୀନାରାୟଣ ବେଶ

ପୁରୀ ଅଫିସ, ୩।୧୧: କାର୍ତ୍ତିକ ମାସ ଶୁକ୍ଲପକ୍ଷ ଏକାଦଶୀ ତିଥିରେ ଶୁକ୍ରବାରଠାରୁ ଶ୍ରୀକ୍ଷେତ୍ର ସମେତ ଶ୍ରୀମନ୍ଦିରରେ ପଞ୍ଚକ ନୀତି ଆରମ୍ଭ ହେବ। ପଞ୍ଚକର ପ୍ରଥମ ଦିନ ଏକାଦଶୀ ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଲକ୍ଷ୍ମୀନାରାୟଣ ବେଶ ବା ଠିଆକିଆ ବେଶ ଅନୁଷ୍ଠିତ ହେବ। ଅବକାଶ ନୀତି ପରେ ଏହି ବେଶ ହେବ। ଶ୍ରୀବିଗ୍ରହମାନେ ବେଶରେ ଥାଇ ଗୋପାଳବଲ୍ଲଭ, ସକାଳଧୂପ, ବାଲଧୂପ, ଭୋଗମଣ୍ଡପ ଇତ୍ୟାଦି ନୀତି ହେବ। ସ୍ୱର୍ଣ୍ଣ ଅଳଙ୍କାର, ପୁଷ୍ପମାଲ୍ୟ, ପାଟବସ୍ତ୍ର ଇତ୍ୟାଦିରେ ପୁଷ୍ପାଳକ ସେବକମାନେ ତିନି ଠାକୁରଙ୍କୁ ଲକ୍ଷ୍ମୀନାରାୟଣ ବେଶରେ ଭୂଷିତ କରିବେ। ଲକ୍ଷ୍ମୀନାରାୟଣ ବେଶରେ ଶ୍ରୀଭୁଜ ଓ ଶଙ୍ଖ, ଚକ୍ର, ହଳ, ମୁଷଳ ଓ ଆଡ଼କାନି, ଶ୍ରୀପୟର, ସୂର୍ଯ୍ୟଚନ୍ଦ୍ର, ଚନ୍ଦ୍ରିକା, ତଡ଼କୀ, ଓଡ଼ିଆଣୀ ପରି ୩୦ରୁ ଅଧିକ ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିବେ। ଏହାବ୍ୟତୀତ ସୁନାବେଶ ଭଳି ଏହି ବେଶରେ ଠାକୁରମାନଙ୍କ ମସ୍ତକରେ ସ୍ୱର୍ଣ୍ଣ କିରୀଟ ଶୋଭାପାଇବ ଓ କିରୀଟ ପଛ ପାର୍ଶ୍ୱରେ ସୁବର୍ଣ୍ଣ କିଆ ଖଞ୍ଜା ହେବ। ଏହି ବେଶରେ ସୁବର୍ଣ୍ଣର କିଆ ଖଞ୍ଜାଯାଉଥିବାରୁ ଏହାକୁ ଠିଆବେଶ ବୋଲି ମଧ କୁହାଯାଏ।

# ଲଳିତ ଦାସ ରାଜ୍ୟ ପ୍ରିଣ୍ଟିଂ ପ୍ରେସ୍ ନିର୍ଦ୍ଦେଶକ

ଭୁବନେଶ୍ୱର,୩।୧୧(ବ୍ୟୁରୋ): ୧୯୯୨ ବ୍ୟାଚ୍ ଓଡ଼ିଆ ଆଇପିଏସ୍ ଅଫିସର ଲଳିତ ଦାସଙ୍କୁ କଟକସ୍ଥିତ ରାଜ୍ୟ ପ୍ରିଣ୍ଟିଂ, ଷ୍ଟେସନେରି ଓ ପବ୍ଲିକେଶନ୍ ନିର୍ଦ୍ଦେଶକ ଭାବେ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି। ଏ ନେଇ ଗୁରୁବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଦୀର୍ଘ ୭ ମାସ ପରେ ଲଳିତଙ୍କୁ ନୂଆ ନିଯୁକ୍ତି ମିଳିଛି। ଗତ ଏପ୍ରିଲରେ ରାଜ୍ୟ ସରକାର ତାଙ୍କୁ ଗୋଇନ୍ଦା ନିର୍ଦ୍ଦେଶକ ପଦରୁ ହଟାଇ ଗୃହ ବିଭାଗର ଓଏସ୍‌ଡି ଭାବେ ନିଯୁକ୍ତି ଦେଇଥିଲେ। ଆଇପିଏସ୍ ଅଫିସର ବି.କେ. ଶର୍ମା ଅକ୍ଟୋବର ୩୧ତାରିଖରେ ସରକାରୀ ଚାକିରିରୁ ଅବସର ନେବା ପରେ ଏହି ପଦବୀ ଖାଲି ପଡ଼ିଥିଲା। ସେହି ପଦବୀରେ ଲଳିତଙ୍କୁ ନିଯୁକ୍ତି ମିଳିଛି।

# ସ୍କୁଲ ପ୍ରଦର୍ଶନ ସୂଚକାଙ୍କ | ଲେବଲ୍ ୩ରେ ଓଡ଼ିଶା

ନୂଆଦିଲ୍ଲୀ,୩।୧୧

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ରାଜ୍ୟଗୁଡ଼ିକର ସ୍କୁଲ ପ୍ରଦର୍ଶନ ସୂଚକାଙ୍କ ପ୍ରକାଶ ପାଇଛି। ଏଥିରେ ଓଡ଼ିଶା ୮୫୧ରୁ ୯୦୦ ସ୍କୋର୍ ସହ ଲେବଲ୍-୩ରେ ରହିଥିବାବେଳେ କେରଳ ଓ ଆନ୍ଧ୍ରପ୍ରଦେଶ ସମେତ ୭ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଶ୍ରେଷ୍ଠ ପ୍ରଦର୍ଶନକାରୀର ମାନ୍ୟତା ପାଇଛନ୍ତି। ଶ୍ରେଷ୍ଠ ପ୍ରଦର୍ଶନକାରୀ ଅନ୍ୟ ରାଜ୍ୟଗୁଡ଼ିକ ହେଲେ ପଞ୍ଜାବ, ଚଣ୍ଡିଗଡ଼, ମହାରାଷ୍ଟ୍ର, ଗୁଜରାଟ ଏବଂ ରାଜସ୍ଥାନ। ପ୍ରଦର୍ଶନ ଗ୍ରେଡିଂ ସୂଚକାଙ୍କ (ପିଜିଆଇ) ୨୦୨୦-୨୧ରେ ଏହି ରାଜ୍ୟଗୁଡ଼ିକ ଲେବଲ୍ ୨ (ସ୍କୋର ୯୦୧ରୁ ୯୫୦)ରେ ରହିଛନ୍ତି। ଗୁଜରାଟ, ରାଜସ୍ଥାନ ଓ ଆନ୍ଧ୍ରପ୍ରଦେଶ ପ୍ରଥମ ଥର ପାଇଁ ଏହି ସ୍ତରକୁ ଛୁଇଁଥିବାବେଳେ ପୂର୍ବବର୍ଷ ଶୀର୍ଷ ପ୍ରଦର୍ଶନକାରୀ ମାନ୍ୟତା ପାଇଥିବା ତାମିଲନାଡୁ ଏଥର ଲେବଲ ୩କୁ ଖସିଛି।

ସ୍କୁଲ୍ ଶିକ୍ଷା ପ୍ରଦର୍ଶନକୁ ନେଇ ରାଜ୍ୟଗୁଡ଼ିକର ବର୍ଗୀକରଣ କରାଯାଇଛି। ତେବେ ଲେବଲ୍ ୧ (୯୫୦ରୁ ୧,୦୦୦ ସ୍କୋର) କରିବାରେ କୌଣସି ରାଜ୍ୟ କିମ୍ବା



କେନ୍ଦ୍ରଶାସିତ ଅଞ୍ଚଳ ସକ୍ଷମ ହୋଇନାହାନ୍ତି। ସେହିପରି ଲେବଲ୍ ୧୦ ବା ସର୍ବନିମ୍ନ ସ୍ତର (୦ରୁ ୫୦୦ ସ୍କୋର) ମଧ୍ୟରେ କୌଣସି ରାଜ୍ୟ ନାହାନ୍ତି। ରିପୋର୍ଟ ଅନୁଯାୟୀ ୨୦୧୯-୨୦ ତୁଳନାରେ ୨୦୨୦-୨୧ରେ ୨୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସେମାନଙ୍କ ମୋଟ ପିଜିଆଇ ସ୍କୋରରେ ଉନ୍ନତି କରିଛନ୍ତି। ଓଡ଼ିଶା ସମେତ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଲେବଲ୍ ୩ରେ ରହିଛନ୍ତି। ସେଗୁଡ଼ିକ ହେଲେ ଆଣ୍ଡାମାନ, ନିକୋବର ଦ୍ୱୀପପୁଞ୍ଜ, ପୁଡୁଚେରୀ, ଦାଦ୍ରା ଓ ନଗର ହାଭେଲି ଏବଂ ଡାମନ ଓ ଡିଉ, ହରିୟାଣା, ତାମିଲନାଡୁ, ହିମାଚଳପ୍ରଦେଶ, ଉତ୍ତରପ୍ରଦେଶ, କର୍ନାଟକ, ପଶ୍ଚିମବଙ୍ଗ, ଲାକ୍ଷାଦ୍ୱୀପ ଏବଂ ଦିଲ୍ଲୀ। ଅରୁଣାଚଳ ପ୍ରଦେଶ ଲେବଲ ୭(ସ୍କୋର ୬୫୧ରୁ ୭୦୦)ରେ ରହିଛି। ନବଗଠିତ କେନ୍ଦ୍ରଶାସିତ ଅଞ୍ଚଳ ଲାକ୍ଷାଦ୍ୱୀପ ୨୦୧୯-୨୦ରେ ଲେବଲ ୧୦ରେ ଥିବାବେଳେ ଏଥର ଲେବଲ୍ ୪କୁ ଉନ୍ନୀତ ହୋଇଛି।

ପିଜିଆଇ ପ୍ରସ୍ତୁତ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଲା ପ୍ରମାଣଭିତ୍ତିକ ନୀତି ନିର୍ଦ୍ଧାରଣକୁ ପ୍ରୋତ୍ସାହିତ କରିବା ଏବଂ ସମସ୍ତଙ୍କ ପାଇଁ ଉନ୍ନତ ମାନର ଶିକ୍ଷା ସୁନିଶ୍ଚିତ କରିବା ଲାଗି ପାଠ୍ୟକ୍ରମରେ ସୁଧାର ଆଣିବା। ଶିକ୍ଷାଦାନରେ ଉନ୍ନତି ଆଣିବା ଲାଗି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପ୍ରେରିତ କରିବା ପିଜିଆଇର ଅନ୍ୟତମ ଲକ୍ଷ୍ୟ। ପିଜିଆଇର ଦୁଇଟି ବର୍ଗ (ଫଳାଫଳ ଏବଂ ପରିଚାଳନା)ରେ ୭୦ଟି ସୂଚକାଙ୍କ ପାଇଁ ୧,୦୦୦ ପଏଣ୍ଟ ରଖାଯାଇଛି। ଉକ୍ତ ବର୍ଗକୁ ପୁନର୍ବାର ୫ ଭାଗରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଲା ଶିକ୍ଷା ଫଳାଫଳ (ଏଲ୍‌ଓ), ପହୁଞ୍ଚ, ଭିତ୍ତିଭୂମି ଓ ସୁବିଧା(ଆଇଏଫ୍), ଇକ୍ୟୁଇଟି ଏବଂ ପରିଚାଳନା ପ୍ରକ୍ରିୟା (ଜିପି)।

# ଡବଲ ମର୍ଡର ମାମଲା: ପୂର୍ବତନ ବିଧାୟକ ଅନୁପ ସାଏଙ୍କୁ ସର୍ତ୍ତମୂଳକ ଜାମିନ

ଝାରସୁଗୁଡ଼ା ଅଫିସ,୩।୧୧



ଅନୁପ କୁମାର ସାଏ

ବହୁଚର୍ଚ୍ଚିତ କଳ୍ପନା ଦାସ ଓ ତାଙ୍କ ଝିଅ ବବ୍‌ଲି ଦାସ ହତ୍ୟା ମାମଲାରେ ବ୍ରଜରାଜନଗରର ପୂର୍ବତନ ବିଧାୟକ ଅନୁପ ସାଏଙ୍କୁ ଛତିଶଗଡ ହାଇକୋର୍ଟ ଗୁରୁବାର ଜାମିନ ପ୍ରଦାନ କରିଛନ୍ତି। ଏ ନେଇ ତାଙ୍କ ଓକିଲ ସର୍ମତ ସିଂହ ମାରହାସ ସୂଚନା ଦେଇଛନ୍ତି। ଏହି ମାମଲାର ବିଚାର ପାଇଁ ହାଇକୋର୍ଟରେ ଜଷ୍ଟିସ୍ ସଞ୍ଜୟ କୁମାର ଅଗ୍ରୱାଲ ଓ ଦୀପକ କୁମାର ତିୱାରୀଙ୍କୁ ନେଇ ଗଠିତ ୨ଜଣିଆ ବେଞ୍ଚ ଶୁଣାଣି କରି ଜାମିନ ପ୍ରଦାନ କରିଥିବା ଜଣାପଡିଛି। ସୂଚନା ଅନୁସାରେ କଳ୍ପନା ଓ ତାଙ୍କ ଝିଅ ବବ୍‌ଲି ହତ୍ୟାକାଣ୍ଡକୁ ନେଇ ଛତିଶଗଡ ଚକ୍ରଧରନଗର ଥାନାରେ ହତ୍ୟା ମାମଲା (ନଂ.୧୫୮/୧୬) ରୁଜୁ ହୋଇଥିଲା। ଏହାର ତଦନ୍ତ କରି ଦୀର୍ଘ ୪ବର୍ଷ ପରେ ୨୦୨୦ ଫେବୃୟାରୀ ୧୩ତାରିଖରେ ପୂର୍ବତନ ବିଧାୟକ ସାଏ ଓ ତାଙ୍କ ଡ୍ରାଇଭର ବର୍ଦ୍ଧନ ଟପ୍ପୋଙ୍କୁ ଚକ୍ରଧରନଗର ପୋଲିସ୍ ଗିରଫ କରିଥିଲା। ଗିରଫପରେ ଉଭୟଙ୍କୁ ରାୟଗଡ ଜେଲ୍ ହାଜତକୁ ପଠାଇ ଦିଆଯାଇଥିଲା। ରାୟଗଡ ଜିଲା କୋର୍ଟରେ ଏହାର ବିଚାର ଚାଲିଥିଲା। ବିଚାର ପରେ ଉଭୟଙ୍କ ମଧ୍ୟରୁ ଡ୍ରାଇଭର ଟପ୍ପୋଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଦେଇଥିଲେ। କୋର୍ଟରେ ସାଏଙ୍କ ବିଚାର ଚାଲିଥିବାବେଳେ ଗତ ଏପ୍ରିଲ ୨ତାରିଖରେ ଜିଲା ଦୌରାଜଜ୍ ତାଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଏହାକୁ ନେଇ ସାଏ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ବିଳାସପୁର ହାଇକୋର୍ଟ ଏହାର ବିଚାରକରି ବିଧାୟକ ସାଏଙ୍କୁ ଜାମିନ ଦେଇଥିବା ଜଣାପଡିଛି।

# ସିଏମ୍‌ସି,ଓଏଚ୍‌ପିସି, ଜଗନ୍ନାଥ ବିଶ୍ୱବିଦ୍ୟାଳୟ ପାଇଁ ଆରମ୍ଭ ହେଲା ଇ-ଅଫିସ

- ଖୁବ୍‌ଶୀଘ୍ର ୧୦୦ କାର୍ଯ୍ୟାଳୟରେ ହେବ ପ୍ରଚଳନ
- ୮୩୬ ସରକାରୀ କାର୍ଯ୍ୟାଳୟରେ ହୋଇସାରିଛି

ଭୁବନେଶ୍ୱର, ୩।୧୧(ବ୍ୟୁରୋ)

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଗୁରୁବାର କଟକ ମହାନଗର ନିଗମ (ସିଏମ୍‌ସି), ଓଡ଼ିଶା ଜଳବିଦ୍ୟୁତ୍ ନିଗମ (ଓଏଚ୍‌ପିସି) ଏବଂ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ନିମନ୍ତେ ଇ-ଅଫିସ୍ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ରାଜ୍ୟ ଲୋକସେବା ଭବନ ସଭାଗୃହରୁ ଏହି ୩ଟି ଯାକ ସଂସ୍ଥାର କାର୍ଯ୍ୟଧାରା ଅନୁଯାୟୀ ପ୍ରସ୍ତୁତ ଭିନ୍ନ ଭିନ୍ନ ସଫ୍ଟୱେରର ଶୁଭାରମ୍ଭ କରି ମୁଖ୍ୟ ଶାସନ ସଚିବ କହିଛନ୍ତି, ଓସ୍‌ୱାସ୍ ଏବଂ ଇ-ଅଫିସ୍ ସରକାରୀ ପ୍ରଶାସନ ଓ ସେବା ଯୋଗାଣରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗର ୨ଟି ଜ୍ୱଳନ୍ତ ଉଦାହରଣ। ଏହା ଅଫିସ କାର୍ଯ୍ୟଧାରାକୁ ସରଳ ଓ ସ୍ୱୟଂକ୍ରିୟ କରିବା ସହ ନିଷ୍ପତ୍ତି ଗ୍ରହଣ ଏବଂ ସେବା ଯୋଗାଣରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି।

ମୁଖ୍ୟ ଶାସନ ସଚିବ ଆହୁରି କହିଛନ୍ତି, ଅଫିସ ବରଣ୍ଡାରେ ଗଦା ଗଦା ଫାଇଲ୍ ବୋହିବା, ମାସ ମାସ ଧରି ଫାଇଲ୍ ଗୋଟିଏ ଟେବୁଲରେ ପଡି ରହିବା, ଫାଇଲ୍ ଲୁଚାଇଦେବା, ଫାଇଲ୍ ହଜିବା ଏବଂ ଫାଇଲ୍‌ରେ ହେରଫେର କରିବା ଆଦି ଅତୀତର କଥା ହୋଇଯାଇଛି। ଇ-ଅଫିସ୍ ମଧ ଅନ୍‌ଲାଇନରେ ବିଭିନ୍ନ ପ୍ରକାର ସେବା, ପ୍ରମାଣପତ୍ର ଅନୁମତି, କ୍ଷମତାପତ୍ର ପ୍ରଦାନରେ ବଡ଼ ସହାୟକ ହୋଇଛି। ଇ-ଅଫିସ୍ ବ୍ୟବସ୍ଥା ସରକାରୀ କାର୍ଯ୍ୟାଳୟକୁ ବର୍ତ୍ତମାନ ଓ ଭବିଷ୍ୟତ ଆହ୍ୱାନ ପାଇଁ ଦକ୍ଷ କରିଛି। ଯେଉଁ କାର୍ଯ୍ୟାଳୟଗୁଡିକ ଓସ୍‌ୱାସ୍ ଦ୍ୱାରା ସଂଯୋଗ ହୋଇ ନ ପାରିଛି ସେସବୁରେ ଇ-ଅଫିସ୍ ଶୀଘ୍ର ଆରମ୍ଭ କରିବା ନିମନ୍ତେ ଏକ ସମୟାନୁବନ୍ଧିତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ସିଏମ୍‌ଜିଆଇ ଏବଂ ଏନ୍‌ଆଇସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଏହି ଅବସରରେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା କହିଛନ୍ତି, ଖୁବ୍ କମ୍ ସମୟରେ ୮୩୬ ସରକାରୀ କାର୍ଯ୍ୟାଳୟରେ ଇ-ଅଫିସ୍ ଆରମ୍ଭ କରିବା ଦିଗରେ ସିଏମ୍‌ଜିଆଇର କାର୍ଯ୍ୟ ପ୍ରଶଂସନୀୟ। ଏହି ବ୍ୟବସ୍ଥା ଫାଇଲ୍ ଆରମ୍ଭରୁ ନିଷ୍ପତ୍ତି ଗ୍ରହଣ ଏବଂ ସେବା ପ୍ରଦାନକୁ ତ୍ୱରାନ୍ୱିତ କରିବା ସହ ବିଭିନ୍ନ ସ୍ତରରେ ସରକାରୀ ବ୍ୟବସ୍ଥାକୁ ଅଧିକ ସକ୍ରିୟ ଓ ଉତ୍ତରଦାୟୀ କରିଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାର କହିଛନ୍ତି, ଓସ୍‌ୱାସ୍ ମାଧ୍ୟମରେ ଅଫିସ ସ୍ୱୟଂକ୍ରିୟ କରିବା ଦିଗରେ ଓଡ଼ିଶା ଜାତୀୟସ୍ତରରେ ଏକ ଅଗ୍ରଣୀ ରାଜ୍ୟ। ବିଭିନ୍ନ ସ୍ତରରେ ଥିବା କାର୍ଯ୍ୟାଳୟଗୁଡିକର ନଥିପତ୍ର ଡିଜିଟାଇଜଡ୍ କରିବା ସମୟ ସାପେକ୍ଷ ହୋଇଥିବାରୁ ଏନ୍‌ଆଇସି ଏବଂ ସିଏମ୍‌ଜିଆଇଙ୍କ ମିଳିତ ସହଯୋଗିତାରେ ଇ-ଅଫିସ୍ କାର୍ଯ୍ୟାନ୍ୱୟନ ଆରମ୍ଭ ହୋଇଛି। ସମସ୍ତ ନିଗମ, ସାଧାରଣ ଉଦ୍ୟୋଗ ଏବଂ ବିଶ୍ୱବିଦ୍ୟାଳୟରେ ଇ-ଅଫିସ୍ ଆରମ୍ଭ କରିବା ପାଇଁ ଲକ୍ଷ୍ୟ ରହିଛି। ସିଏମ୍‌ଜିଆଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସତ୍ୟପ୍ରିୟ ରଥ କହିଛନ୍ତି, ବିଭିନ୍ନ କାର୍ଯ୍ୟାଳୟରେ ଇ-ଅଫିସ୍‌ର ଗ୍ରହଣୀୟତା ଓ କାର୍ଯ୍ୟକାରିତା ବେଶ୍ ଉତ୍ସାହଜନକ ହୋଇଛି। ଖୁବ୍‌ଶୀଘ୍ର ୧୦୦ କାର୍ଯ୍ୟାଳୟ ଓ ନିଗମରେ ଏହି ବ୍ୟବସ୍ଥା ପ୍ରଚଳନ କରାଯିବ ବୋଲି ସେ କହିଛନ୍ତି।


**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସଂସାଧନ ପ୍ରବନ୍ଧ ବିଭାଗ
ପଣ୍ଡିତ ଜୱାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-751001, ଓଡ଼ିଶା

**ନିର୍ଦ୍ଦିଷ୍ଟ ପାରିଶ୍ରମିକ (ଘଣ୍ଟା ପ୍ରତି) ଆଧାରରେ ଠିକା 'ଫାର୍ମାସିଷ୍ଟ'ଙ୍କ ଏମ୍ପାନେଲମେଣ୍ଟ ନିମନ୍ତେ ୱାକ-ଇନ-ଇଣ୍ଟରଭ୍ୟୁ**

ଭାରତୀୟ ରିଜର୍ଭ ବ୍ୟାଙ୍କ ଏହାର ଭୁବନେଶ୍ୱର ସ୍ଥିତ ଔଷଧାଳୟଗୁଡ଼ିକ ପାଇଁ କେବଳ କାମଚଳା/ଅସ୍ଥାୟୀ/ ଆବଶ୍ୟକତା/ଚୁକ୍ତିଭିତ୍ତିକ ଭିତ୍ତିରେ 'ଫାର୍ମାସିଷ୍ଟ' ଭାବରେ ନିୟୋଜିତ ହେବା ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କ ଏମ୍ପାନେଲମେଣ୍ଟ ନିମନ୍ତେ **ନଭେମ୍ବର ୧୧, ୨୦୨୨ରେ ୧୧:୦୦ ପୂର୍ବାହ୍ଣରେ** ଏକ ୱାକ-ଇନ-ଇଣ୍ଟରଭ୍ୟୁର ଆୟୋଜନ କରୁଅଛି।
୨. ଇଚ୍ଛୁକ ଯୋଗ୍ୟ ପ୍ରାର୍ଥୀଙ୍କୁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର କାର୍ଯ୍ୟାଳୟ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-751001ରେ ଉପରୋକ୍ତ ତାରିଖ ଦିନ ୧୦:୦୦ରୁ ୧୧:୦୦ ମଧ୍ୟରେ ସେମାନଙ୍କ ବାୟୋଡାଟା ସହିତ ବୟସ, ଯୋଗ୍ୟତା ସମ୍ବନ୍ଧୀୟ ସମସ୍ତ ବିବରଣୀ ଇତ୍ୟାଦି, ମୂଳ ପ୍ରମାଣପତ୍ର ଏବଂ ଏହାର ପ୍ରମାଣିତ ଫଟୋକପି ସହିତ ରିପୋର୍ଟ କରିବାକୁ ପଡ଼ିବ।
୩. 'ସର୍ତ୍ତ ଓ ନିୟମାବଳୀ', 'ଆଚରଣ ସଂହିତା'ର ସବିଶେଷ ବିବରଣୀ ତଥା ଆବଶ୍ୟକୀୟ ଆବେଦନପତ୍ର ଇତ୍ୟାଦି ସହିତ ସମ୍ପୂର୍ଣ୍ଣ ବିଜ୍ଞପ୍ତି ବ୍ୟାଙ୍କର ୱେବସାଇଟ୍ (**www.rbi.org.in**)ରେ ଉପଲବ୍ଧ।
୪. ବ୍ୟାଙ୍କ ଏହାର କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ୱାକ-ଇନ-ଇଣ୍ଟରଭ୍ୟୁକୁ ବାତିଲ କରିବାର ଅଧିକାର ସଂରକ୍ଷିତ ରଖୁଅଛି। ପ୍ରାର୍ଥୀମାନେ ଧ୍ୟାନ ଦେଇପାରନ୍ତି ଯେ, ସାକ୍ଷାତକାରରେ ଯୋଗଦେବା ପାଇଁ ଯାତ୍ରା/ରହଣି କିମ୍ବା ଅନ୍ୟ କୌଣସି ଭତ୍ତା ପ୍ରଦାନ କରାଯିବ ନାହିଁ।
ବି.ଦ୍ର.: ଉପରୋକ୍ତ ବିଜ୍ଞାପନ ସମ୍ବନ୍ଧିତ ଯେ କୌଣସି ସଂଶୋଧିତ ସୂଚନା କେବଳ ବ୍ୟାଙ୍କର ୱେବସାଇଟ୍‌ରେ ପ୍ରକାଶିତ ହେବ।

**କ୍ଷେତ୍ରୀୟ ନିର୍ଦ୍ଦେଶକଙ୍କ ଆଦେଶାନୁସାରେ**



**ADMISSION NOTICE-2022**
**D.D.C.E., UTKAL UNIVERSITY**
**BHUBANESWAR-751007**
NAAC Accredited A+
nirf RANK 88

DIRECTORATE OF DISTANCE & CONTINUING EDUCATION

**Management Courses (AICTE APPROVED)**
- MBA with Dual Specialisation (HRM/MM/POM/FM/T&TM/BIM/DNM / ISM)
- BBA / IMBA

Contact for - 9437103110 in working days 10AM to 5 PM

**General Under Graduate and Post Graduate Courses in Distance Mode**
- BA (HONS.) (Odia, English, Hindi, Sanskrit, Education, Economics, Pol. Science, History & Sociology)
- B.COM. (HONS.)
- MA in Sanskrit
- MA in Public Administration
- MA in Hindi.
- MA in Pol.Science
- MA in English
- M.A. in Economics
- MA in Odia
- MA in Sociology
- MA in History
- MA in Education
- M.Com.
- MSW

(Contact for - 9437156110 in working day 10AM to 5 PM )

For eligibility, fees structure, selection process and important date lines visit our website :
**www.ddceutkal.ac.in**
**Revised Last Date of Admision 15.11.2022**
*DIRECTOR*


# ସ୍ୱାସ୍ଥ୍ୟକେନ୍ଦ୍ର ବାରଣ୍ଡାରେ ପ୍ରସବ



ପ୍ରସବ ପରେ ସ୍ୱାସ୍ଥ୍ୟକେନ୍ଦ୍ର ବାରଣ୍ଡାରେ ପ୍ରସୂତି ଓ ନବଜାତକ।

## ଡାକ୍ତର ଅନୁପସ୍ଥିତ

ଟିଙ୍କିରି,୩।୧୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିଙ୍କିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ଅଭାବନୀୟ ଘଟଣା ଘଟିଯାଇଛି। ଡାକ୍ତର ନ ଥିବାରୁ ଜଣେ ଗର୍ଭବତୀ ସ୍ୱାସ୍ଥ୍ୟକେନ୍ଦ୍ର ବାରଣ୍ଡାରେ ପ୍ରସବ କରିଛନ୍ତି। ସେ ହେଲେ ଟିଙ୍କିରି ପଞ୍ଚାୟତ ପହଣ୍ଡି ଗ୍ରାମର ବେଲାସନ ବାଘଙ୍କ ସ୍ତ୍ରୀ ମିନିତା। ସକାଳେ ପ୍ରସବ ଯନ୍ତ୍ରଣା ହେବାରୁ ମିନିତାଙ୍କୁ ପରିବାର ଲୋକେ ଟିଙ୍କିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ କେହି ଡାକ୍ତର ନ ଥିବାରୁ ପରିବାର ଲୋକଙ୍କ ସହ ସେ ବାରଣ୍ଡାରେ ଅପେକ୍ଷା କରିଥିଲେ। କିଛି ସମୟ ପରେ ସେଠାରେ ସେ ଏକ ପୁତ୍ରସନ୍ତାନ ଜନ୍ମ ଦେଇଥିଲେ। ଖବର ପାଇ ଡାକ୍ତର ଆସି ପହଞ୍ଚିଥିବାବେଳେ ନବଜାତକର ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବାରୁ ଉଭୟ ମା' ଏବଂ ଶିଶୁଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ସୂଚନାଯୋଗ୍ୟ, ଟିଙ୍କିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଅନେକ ସମୟରେ ଡାକ୍ତର ରହୁନାହାନ୍ତି। କିଛିଦିନ ତଳେ ଜଣେ ନୂଆ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିବାବେଳେ ସେ ତାଙ୍କ ହିସାବରେ ଡାକ୍ତରଖାନାକୁ ଆସୁଛନ୍ତି। ସକାଳ ୯ଟାରୁ ୧୨ଟା ଏବଂ ସନ୍ଧ୍ୟା ୪ ଟାରୁ ୬ଟା ପର୍ଯ୍ୟନ୍ତ ଡାକ୍ତର ରହିବେ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର କାନ୍ଥରେ ଉଲ୍ଲେଖ ରହିଛି। ଏ ନେଇ ଦାୟିତ୍ୱରେ ଥିବା ଡାକ୍ତରଙ୍କ ପ୍ରତିକ୍ରିୟା ନେବାରୁ ସେ କୌଣସି ଉତ୍ତର ଦେବାକୁ ମନା କରିଥିଲେ। ତେଣୁ ସିଡିଏମ୍‌ଓ ଏବଂ ଜିଲାପାଳ ଏଥିପ୍ରତି ଦୃଷ୍ଟିଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।


**P.G. CENTRAL OFFICE**
**FAKIR MOHAN UNIVERSITY**
**VYASA VIHAR, BALASORE - 89**

**ADMISSION NOTICE: 2022-2023**

**Letter No. FMU/PGC-I-01/2083/2022** **Date: 03.11.2022**

Fakir Mohan University, Balasore is inviting CPET - 2022 appeared students interested for admission in few vacant seats in the following **newly opened Post Graduate Programmes** for the session 2022-23, following the guidelines of Department of Higher Education, Govt. of Odisha vide its Letter No. 45064/HE Dated 29.10.2022.

| Sl. No. | Programmes | Contact No. |
|---|---|---|
| 01 | Applied Microbiology | 8018379885 |
| 02 | Anthropology | 7684819242 |
| 03 | Applied Psychology | 8018394420 |
| 04 | MSW | 9717166044 |
| 05 | PMIR | 9437206039 |
| 06 | Sanskrit | 7978903345 |

The CPET - 2022 appeared students are required to report for Admission on **05.11.2022 & 07.11.2022**, between **10.00 A.M. to 2.00 P.M.** to the Head/Coordinator of the concerned P.G. Department with required documents as per Admission Notice No. FMU/PGC/2051, dated 31.10.2022.

Further, applications are invited from students to take admission into **5 years Integrated BA-LLB & BBA-LLB** against its vacant seats by **15.11.2022,** Contact No. **9007228352**.

**By the Order of Vice Chancellor**
**Chairman, P.G. Council**
**F.M. University, Balasore**



**Shailabala Women's Autonomous College, Cuttack**
Accredited with "A Grade' by N.A.A.C. (2006, 2017)

**ADMISSION NOTICE 2022 - 23**

Offers Following Self-Financing Course in PPP mode for the Academic Session 2022-23

| Course | Duration | Eligibility |
|---|---|---|
| **B. Sc. ITM** (Bachelor of Science Information Technology & Management) | 3 Years | Minimum 40% in aggregate without extra optional, if any, at the Higher Secondary or equivalent examination in Science stream from a recognized Board/University |

Forms and Information Bulletins are available at College Counter on 5th Floor Science Block Annex for Rs. 300/- on all working days OR you maydownload the form from the college website **www.shailabalawomenscollege.ac.in.** Last date to apply 25.11.2022, E-mail: sfcshailabalawac2022@gmail.com

*Sd /- Principal*

**For Details, Call: 8249864218, 9439964289**



Summon for settlement of issues
(Order-5, Rule-20 CPC)
**In the court of Senior Civil Judge, Rourkela**
C.S. No.59 of 2014
**State Bank of India ........ Plaintiff**
**Versus**
**Sushanta Nayak & Other ........ Defendants**

To

1. **Sri Sushanta Nayak,** aged about 33 years, son of Late Bhalu Nayak, **Occupation:** Business
2. **Sri Umakanta Nayak**, aged about adult years, son of Late Bhalu Nayak, **Occupation:** Business

Both resident of Qr.No. D-735, Sector-8, Rourkela-9, PS-Sector-7, Dist- Sudargarh

Whereas, **State Bank of India**, SMECCC, At-Sector-17, Rourkela-3, has instituted a suit against you for **Rs. 59,355.00.** You are hereby summoned to appear in this Court in the person or by a pleader duly instructed and able to answer all material questions relating to the suit, or who shall be accompanied by some person able to answer all such questions on **15th day of December, 2022** at **10.30 AM** O'clock in the fore noon, to answer the claims and further you hereby directed to file on that day a written statement of your defense and to produce on the said day all documents in your possession or power upon which you base your defense or claim for set off or counter-claim, and where you rely on any other document whether in your possession or power or not, as evidence in support of your defence or claim for set off or counter-claim, you shall enter such documents in a list to be annexed to the written statement.

Take notice, that, in default of your appearance on the day before mentioned, the suit will be heard and determined in your absence.

Given under my hand and seal of the Court, this **15th day of October, 2022.**

**Civil Judge Senior Division**
**Rourkela**

ଧରିତ୍ରୀ
DHARITRI
ଶୁକ୍ରବାର, ୪ ନଭେମ୍ବର, ୨୦୨୨

ତୁମର କର୍ତ୍ତବ୍ୟ ହେଲା– ତୁମେ ସର୍ବଦା ସଚେତନ ରହିବ ଯେ, ତୁମର ସଚେତନ ଅନ୍ତରାତ୍ମା ହିଁ ତୁମକୁ ଶାସନ କରିବା ଉଚିତ। ତୁମର ନିମ୍ନପ୍ରକୃତିରୁ ଉଦ୍ଭୁତ କୌଣସି କୁତ୍ସିତ ପ୍ରବେଗ ହାତରେ ତୁମେ କ୍ରୀଡ଼ା ପୁତ୍ତଳିକା ହେବା ଉଚିତ ନୁହେଁ। **–ଶ୍ରୀମା**



# ବିଷ ବଳୟରେ ବିଶ୍ୱ



ସିଙ୍କେ ବୋଲମୋର
ପ୍ରତିଷ୍ଠାତା, ଇକୋ ଟ୍ରାକ୍ କନ୍‌ସଲ୍‌ଟିଂ



ଲୈଲା ଲିବେଟ୍ରାଓ
ପ୍ରତିଷ୍ଠାତା, ଥାର୍ଡ ସେକ୍ଟର

ବିଶ୍ୱରେ କୃଷିକ୍ଷେତ୍ରରେ କୀଟନାଶକ ବ୍ୟବହାର ବ୍ୟାପକ ହୋଇଛି। ଫସଲରୁ କୀଟ ନାଶ ହେଉଛି ସତ, କିନ୍ତୁ ଏହାର ଅବଶେଷ ସୂକ୍ଷ୍ମ କଣିକା ବାୟୁ, ଖାଦ୍ୟ ଏବଂ ପାନୀୟ ଜଳରେ ଦେଖିବାକୁ ମିଳୁଛି । ଏହା ଆମ ଶରୀର ମଧ୍ୟକୁ ପ୍ରବେଶ କରି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବା ସହ ମୃତ୍ୟୁର କାରଣ ପାଲଟୁଥିବା ପ୍ରମାଣିତ ହୋଇଛି। ତଥ୍ୟରୁ ଜଣାପଡ଼ିଛି ଯେ, ତୃଣନାଶକ, ପୋକନାଶକ ଏବଂ ଫିମ୍ପି ବା ରୋଗନାଶକ ବ୍ୟବହାର ଯୋଗୁ ବିଶ୍ୱରେ ପ୍ରତିବର୍ଷ ପ୍ରାୟ ୨୦,୦୦୦ ଲୋକଙ୍କ ମୃତ୍ୟୁ ଘଟିବା ସହ ୩୮ କୋଟି ୫୦ ଲକ୍ଷ ଲୋକ ପଏଜନିଂ ସମସ୍ୟାର ଶିକାର ହେଉଛନ୍ତି। କୀଟନାଶକ ପ୍ରଭାବ ଦଶନ୍ଧି ଦଶନ୍ଧି ଧରି ରହି ମାଟିର ଉର୍ବରତା କମାଉଛି ଓ ତୃଣନାଶକ ପ୍ରତିରୋଧୀ ଘାସ ଉଦ୍ଭବ ହୋଇ ଜୈବବିବିଧତା ପ୍ରତି ବିପଦ ସୃଷ୍ଟି କରୁଛି। କୀଟନାଶକର ଉକ୍ତ ନକାରାତ୍ମକ ପ୍ରଭାବ ସତ୍ତ୍ୱେ ଶିଳ୍ପଭିତ୍ତିକ କୃଷି ଏବେ ମଧ୍ୟ ଏହାର ବ୍ୟବହାର ଉପରେ ନିର୍ଭରଶୀଳ। ୨୦୧୭ରେ ବର୍ଷକରେ ବିଶ୍ୱସ୍ତରରେ କୀଟନାଶକ ପ୍ରୟୋଗ ୪ ମିଲିୟନ ଟନ୍‌କୁ ବୃଦ୍ଧିପାଇଥିଲା ଓ ୧୯୯୦ ତୁଳନାରେ ଏହି ବୃଦ୍ଧି ହାର ପାଖାପାଖି ୮୧%। କୀଟନାଶକ ଉତ୍ପାଦକମାନେ ବହୁ ସମୟରେ ଦାବି କରନ୍ତି ଯେ, ବୈଶ୍ୱିକ କ୍ଷୁଧା ଦୂର କରିବାରେ ସେମାନଙ୍କ ଉତ୍ପାଦର ଗୁରୁତ୍ୱ ରହିଛି। କିନ୍ତୁ ଏବେସୁଦ୍ଧା ବିଶ୍ୱ ଜନସଂଖ୍ୟାର ୧୦% ଅର୍ଥାତ୍ ପ୍ରାୟ ୮୨ କୋଟି ୮୦ ଲକ୍ଷ ଲୋକ ପ୍ରତିଦିନ ରାତିରେ ଭୋକରେ ଶୋଉଛନ୍ତି। ଅତ୍ୟଧିକ କୀଟନାଶକ ପ୍ରୟୋଗକୁ ନେଇ ସେମାନଙ୍କ ଦାବିର ଯଥାର୍ଥତା ପ୍ରତିପାଦିତ ହୋଇପାରିନାହିଁ।

କୋଭିଡ୍‌–୧୯ ମହାମାରୀ, ରୁଷିଆର ୟୁକ୍ରେନ୍ ଆକ୍ରମଣ ଯୋଗୁ ଉଭା ହୋଇଛି ବିଶ୍ୱ ଖାଦ୍ୟ ସଙ୍କଟ। ଏହା ସ୍ପଷ୍ଟ କରିଛି ଯେ, ଆଶଙ୍କାରେ ଥିବା ଖାଦ୍ୟ ବ୍ୟବସ୍ଥାଗୁଡ଼ିକର ଜରୁରୀ ପରିବର୍ତ୍ତନର ଆବଶ୍ୟକ। କୃଷିରେ ଟ୍ରାକ୍ଟର, ଅନ୍ୟ କୃଷି ସରଞ୍ଜାମ, କୃତ୍ରିମ ସାର ଓ କୀଟନାଶକ ବ୍ୟବହାର ବିଶ୍ୱରେ ପାରମ୍ପରିକ କୃଷିକୁ ବ୍ୟୟବହୁଳ କରିଛି। ଅତୀତରେ ନିମ୍ନ ଓ ମଧ୍ୟମ ଆୟ ବର୍ଗର ଦେଶଗୁଡ଼ିକ ଏହା ଉପରେ ସବ୍‌ସିଡି ପ୍ରଦାନ କରିଥିଲେ। କିନ୍ତୁ ମୁଦ୍ରାସ୍ଫୀତି ବୃଦ୍ଧି ସବ୍‌ସିଡିଗୁଡ଼ିକୁ ଅଧିକ ମହଙ୍ଗା କରିଦେଇଛି ଓ ଖାଦ୍ୟ ସାମଗ୍ରୀର ମୂଲ୍ୟରେ ଶୀଘ୍ର ବୃଦ୍ଧି ଘଟାଇଛି। ଏଣୁ ପରିବେଶ ସହନୀୟ ଖାଦ୍ୟ ଉତ୍ପାଦନ ପାଇଁ ବିଷାକ୍ତ କୀଟନାଶକ ବ୍ୟବହାର କମ୍ କରିବା ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରଥମ ପଦକ୍ଷେପ। ୟୁରୋପୀୟ ସଂଘ( ଇୟୁ) ତା'ର ନୂତନ ସବୁଜ ଚୁକ୍ତିର ଅଂଶ ଭାବେ 'ଫାର୍ମ ଟୁ ଫର୍କ୍ ଷ୍ଟ୍ରାଟେଜି' ଗ୍ରହଣ କରିଛି। ଏହାଦ୍ୱାରା ୨୦୩୦ ସୁଦ୍ଧା କୀଟନାଶକ ବ୍ୟବହାର ଓ ତତ୍‌ଜନିତ ବିପଦ ୫୦% ହ୍ରାସ କରିବାକୁ ଲକ୍ଷ୍ୟ ରଖିଛି। କିଛି ବର୍ଷ ତଳେ ଇୟୁ ଦୀର୍ଘସ୍ଥାୟୀ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଜୈବବିବିଧତାକୁ ନଷ୍ଟ କରୁଥିବା ବହୁ ବିପଜ୍ଜନକ କୀଟନାଶକକୁ ବନ୍ଦ କରିଥିଲା।



ଏହିସବୁ ଘାତକ କୀଟନାଶକର ପରିବେଶ ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟ ଉପରେ କି ବିପଦ ରହିଛି ସେ ସମ୍ପର୍କରେ ହିନ୍‌ରିଚ ବୋଲ୍ ଫାଉଣ୍ଡେଶନ ଦ୍ୱାରା ପ୍ରସ୍ତୁତ ପେଷ୍ଟିସାଇଡ୍ ଆଟ୍‌ଲାସ ପ୍ରକାଶ କରିଛି। ବିଶେଷକରି, ସୋୟାବିନ୍, ମକା, ଆଖୁ ଏବଂ ଅଙ୍ଗୁର ଚାଷରେ ଗ୍ଲାଇଫସ୍‌ଫେଟ, ଇମିଡାକ୍ଲୋପ୍ରିଡ ଏବଂ କାର୍ବେଣ୍ଡାଜିମ ଭଳି ବିଷାକ୍ତ ତୃଣନାଶକ ଓ ପୋକନାଶକର ବ୍ୟାପକ ପ୍ରୟୋଗ ହେଉଥିବା କହିଛି। ଏହିସବୁ ବିପଜ୍ଜନକ କୀଟନାଶକ ମଧ୍ୟରୁ ଅନେକର ବ୍ୟବହାରକୁ ୟୁରୋପରେ ବନ୍ଦ କରାଯାଇଛି। କିନ୍ତୁ ବିଶ୍ୱର ପାଞ୍ଚଟି ବୃହତ୍ କୀଟନାଶକ ଉତ୍ପାଦକମାନଙ୍କର ବିକ୍ରି ହେଉଥିବା କୀଟନାଶକଗୁଡ଼ିକରେ ଏଗୁଡ଼ିକର ଭାଗ ଏକ ତୃତୀୟାଂଶରୁ ଅଧିକ। ଏପରିକି ବିଏଏସ୍‌ଏଫ୍, ବେୟର ଏବଂ ସିଙ୍ଗେଣ୍ଟା ଭଳି ୟୁରୋପୀୟ କମ୍ପାନୀଗୁଡ଼ିକ ନିମ୍ନ ଓ ମଧ୍ୟମ ଆୟ ବର୍ଗର ଦେଶଗୁଡ଼ିକୁ ବିକ୍ରି କରିଆସୁଛନ୍ତି।

ବହୁ ପୂର୍ବରୁ ଜାତିସଂଘ ଅତ୍ୟଧିକ ବିପଜ୍ଜନକ କୀଟନାଶକ ବ୍ୟବହାରକୁ ଏକ ବୈଶ୍ୱିକ ମାନବ ଅଧିକାର ସମସ୍ୟା ବୋଲି କହିଛି। ଜାତିସଂଘ ବିଶେଷଜ୍ଞଙ୍କ ଅନୁଯାୟୀ, ଏହି ବିଷାକ୍ତ ଦ୍ରବ୍ୟ ବିଶେଷକରି ବିକାଶଶୀଳ ଦେଶଗୁଡ଼ିକରେ ଲୋକଙ୍କର ଖାଦ୍ୟ ଓ ସ୍ୱାସ୍ଥ୍ୟ ଅଧିକାର ଏବଂ ଏକ ସ୍ୱଚ୍ଛ ପରିବେଶ ପ୍ରତି ବିପଦ। ପୁରୁଷଙ୍କ ତୁଳନାରେ ମହିଳାମାନେ ଅଧିକ ବିଷାକ୍ତ କୀଟନାଶକଜନିତ ଅସୁସ୍ଥତାର ଶିକାର ହେଉଛନ୍ତି। ଦୁର୍ବଳ ପରିବେଶ ଓ ସୁରକ୍ଷାଗତ ନିୟମ ଥିବା ବିକାଶଶୀଳ ଦେଶଗୁଡ଼ିକରେ ବିପଜ୍ଜନକ କୀଟନାଶକ ମୁଖ୍ୟତଃ କୃଷକମାନଙ୍କର ଅଧିକ କ୍ଷତିକରୁଛି। କାରଣ କ୍ଷୁଦ୍ର ନାମମାତ୍ର ଚାଷୀମାନେ କେମିକାଲ କୀଟନାଶକର ବିପଦ ସମ୍ପର୍କରେ ସଚେତନ ନୁହନ୍ତି। ଏଣୁ କୀଟନାଶକ ବ୍ୟବହାରଜନିତ ବିପଦ କିଭଳି ହ୍ରାସ କରିବାକୁ ହେବ ସେ ସମ୍ପର୍କରେ ସୂଚନା ଯୋଗାଇଦେବା ଜରୁରୀ। ଏହାସହ ସୁରକ୍ଷାର ବିକଳ୍ପ ଗ୍ରହଣ କରିବାରେ କୃଷକମାନଙ୍କୁ ସକ୍ଷମ କରାଯିବା ଦରକାର। କିନ୍ତୁ ସଚେତନତା ଅଭିଯାନ ବିପଜ୍ଜନକ କୀଟନାଶକର ପ୍ରଭାବ ଦୂର କରିବାରେ ସମ୍ଭାବନା କମ୍। ଉଦାହରଣ ସ୍ୱରୂପ, କେନିଆରେ ଅତ୍ୟଧିକ ବିପଜ୍ଜନକ ଭାବେ ବର୍ଗୀକୃତ ସକ୍ରିୟ ଉପାଦାନ ବିଶିଷ୍ଟ କୀଟନାଶକର ୭୬% ବ୍ୟବହାର ହେଉଛି ଏବଂ ୟୁରୋପରେ ଏହାକୁ ବନ୍ଦ କରାଯାଇଥିବାବେଳେ ଏହାର ପ୍ରାୟ ଅଧା ପ୍ରୟୋଗ କରାଯାଉଛି। ଅଧିକାଂଶ କୃଷକମାନଙ୍କର ଜମି ଦୁଇଏକରରୁ କମ୍ ଏବଂ ପାଖାପାଖି ଲାଗି ରହିଥିବାରୁ ସୁରକ୍ଷା ପଦ୍ଧତି କାର୍ଯ୍ୟକାରୀ କରିବା ଅସମ୍ଭବ ହୋଇଥାଏ। ସେହିଭଳି ବ୍ୟକ୍ତିଗତ ସୁରକ୍ଷା ଉପକରଣ ଦାମ ବହୁତ ବେଶି ଓ ବହୁ ସମୟରେ ଏହା ମିଳେ ନାହିଁ କିମ୍ବା ଉଷ୍ଣ ପରିବେଶ ପାଇଁ ଉପଯୋଗୀ ହୋଇ ନ ଥାଏ।

କୀଟନାଶକକୁ ନେଇ ରହିଥିବା ଡବଲ ଷ୍ଟାଣ୍ଡାର୍ଡ ବା ବିଭିନ୍ନ ଦେଶରେ ଭୁଲ୍ ବାଟରେ ପ୍ରଚଳିତ ନିୟମକୁ ଦୂର କରିବା ଲାଗି ବହୁଦିନ ହେଲା ସିଭିଲ ସୋସାଇଟି ସଂଗଠନଗୁଡ଼ିକ ଦାବି କରିଆସୁଛନ୍ତି। ସୌଭାଗ୍ୟବଶତଃ,ୟୁରୋପୀୟ ନିୟାମକମାନେ ଏହାକୁ ବନ୍ଦ କରିବା ଲାଗି ଦୃଢ଼ ପଦକ୍ଷେପ ନେଇଛନ୍ତି। ଦୁଇବର୍ଷ ପୂର୍ବେ ସୁଇଜରଲାଣ୍ଡ ୫ଟି ଅତ୍ୟଧିକ ବିଷାକ୍ତ କୀଟନାଶକର ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଇଥିଲା। ଫ୍ରାନ୍ସରେ ଏସବୁର ଉତ୍ପାଦନ ,ଗଚ୍ଛିତ ଏବଂ ଇୟୁ ଦ୍ୱାରା ପ୍ରତିବନ୍ଧିତ କୀଟନାଶକଗୁଡ଼ିକର ରପ୍ତାନି ବନ୍ଦକରିବା ଲାଗି ଏକ ନିୟମ ଜାନୁୟାରୀରେ ଲାଗୁ କରାଯାଇଥିଲା। ନିକଟରେ ଜର୍ମାନୀ ମଧ୍ୟ ବିପଜ୍ଜନକ କୀଟନାଶକଗୁଡ଼ିକର ରପ୍ତାନି ବନ୍ଦ କରିବା ଲାଗି ଆଇନ ପାସ୍ କରିବା ଲାଗି ତା'ର ପ୍ରତିବଦ୍ଧତାକୁ ପୁନର୍ବାର ସୁନିଶ୍ଚିତ କରିଛି। ଆମଦାନିକାରୀ ଦେଶସବୁ ମଧ୍ୟ ଉଚିତ୍ ପଦକ୍ଷେପ ଗ୍ରହଣ କରିଛନ୍ତି। ଟ୍ୟୁନିସିଆ, ମେକ୍ସିକୋ ଏବଂ ପାଲେଷ୍ଟାଇନ ସରକାର ରପ୍ତାନିକାରୀ କିମ୍ବା ଉତ୍ପାଦନକାରୀ ଦେଶରେ ନିଷେଧ କରାଯାଇଥିବା କୀଟନାଶକ ଆମଦାନୀ ବନ୍ଦ କରିଛନ୍ତି। ତେବେ ସେପ୍ଟେମ୍ବରରେ ଦକ୍ଷିଣ ଆଫ୍ରିକା ପର୍ଯ୍ୟାୟକ୍ରମରେ ୨୦୧୪ ସୁଦ୍ଧା ଅତ୍ୟଧିକ ବିପଜ୍ଜନକ କୀଟନାଶକ ହଟାଇ ଦେବା ଲାଗି ଘୋଷଣା କରିଛି।

କୀଟନାଶକ ବ୍ୟବହାର ହ୍ରାସ କରିବା ପାଇଁ ଏଭଳି ସବୁ କଟକଣା ମହତ୍ତ୍ୱପୂର୍ଣ୍ଣ ହୋଇଥିବାବେଳେ ବିଭିନ୍ନ ଦେଶର ସରକାର ମଧ୍ୟ ସୁରକ୍ଷିତ ବିକଳ୍ପଗୁଡ଼ିକୁ ପ୍ରୋତ୍ସାହିତ କରିବା ଉଚିତ। ଆଗ୍ରୋଇକୋଲୋଜି ଅର୍ଥାତ୍ କୃଷି ଉତ୍ପାଦନ ପ୍ରଣାଳୀ ସହ ସମ୍ବନ୍ଧିତ ପରିବେଶୀୟ ବ୍ୟବସ୍ଥାର ଅଧ୍ୟୟନ କେବଳ ଜୀବଜଗତର କ୍ଷତି କରୁଥିବା କୀଟନାଶକର ବିଷ ବଳୟକୁ ଦୂର କରିବ ନାହିଁ ବରଂ ବ୍ୟାପକ ଭାବେ ଏହା କୃଷିକୁ ବହୁମୁଖୀ କରିବ। ଏହା ମଧ୍ୟ କୃଷିର ପ୍ରକୃତି ଆଧାରିତ କାର୍ଯ୍ୟକଳାପଗୁଡ଼ିକୁ ବୃଦ୍ଧି କରିବା ଏବଂ ଏହାର ସାମର୍ଥ୍ୟକୁ ଦୃଢ଼ କରିବା ସହ ଖାଦ୍ୟ ଉତ୍ପାଦନକାରୀମାନଙ୍କୁ ଆର୍ଥିକ ଓ ରାଜନୈତିକ ଦୃଷ୍ଟିକୋଣରୁ ସଶକ୍ତ କରିପାରିବ। ବିଶ୍ୱରେ ଦେଖାଦେଇଥିବା କ୍ଷୁଧା ସମସ୍ୟା ଆମ ଖାଦ୍ୟ ଯୋଗାଣର ଦୁର୍ବଳତାକୁ ସାମ୍ନାକୁ ଆଣିଛି। ଏହା ବ୍ୟତୀତ ନିରପେକ୍ଷ ଓ ପ୍ରକୃତି ଆଧାରିତ ଖାଦ୍ୟ ବ୍ୟବସ୍ଥାର ଜରୁରୀ ଆବଶ୍ୟକତା ରହିଥିବା ପ୍ରକାଶ କରିଛି।

# ବିପଦରେ ବନ୍ୟଜନ୍ତୁ



ବିକାଶ ଚନ୍ଦ୍ର ବେହେରା

ସାରା ବିଶ୍ୱରେ ଏବେ ବିଭିନ୍ନ କଥାକୁ ନେଇ ଚର୍ଚ୍ଚା ଜୋର ଧରିଛି। କିନ୍ତୁ ସବୁଠାରୁ ଚୁପକିନା ଆମ ଆଖି ଆଢୁଆଳରେ ଯାହା ଘଟୁଛି କିନ୍ତୁ ଆମର ସେଥିପ୍ରତି ନିଘା ନାହିଁ। ତାହା ହେଉଛି ନିରୀହ ବନ୍ୟଜନ୍ତୁଙ୍କ ସଂଖ୍ୟା କମିଯିବା। ଏ କଥାଟା ଆମେ କହିଲେ ବା ଲେଖିଦେଲେ ଯେତିକି ସହଜ ତାହା ପ୍ରକୃତରେ ସେତିକି ସହଜ ନୁହେଁ। କାହିଁକି ନା ପ୍ରଖ୍ୟାତ ଦାର୍ଶନିକ ସକ୍ରେଟିସ କହିଥିଲେ, 'ଯେଉଁ ଦିନ ପୃଥିବୀ ପୃଷ୍ଠରୁ ମହୁମାଛି ସମ୍ପୂର୍ଣ୍ଣ ଲୋପ ପାଇଯିବେ ସେହି ଦିନଠାରୁ ଅଳ୍ପ କିଛିକାଳ ଭିତରେ ପୃଥିବୀରେ ପ୍ରଳୟ ଆସିଯିବ।' ହଁ, ଆଜ୍ଞା ଏକଥା ସତ ଯେ ଆମ ପୃଥିବୀର ସମସ୍ତ ବ୍ୟବସ୍ଥା ସର୍ବଦା ପରସ୍ପର ଉପରେ ନିର୍ଭରଶୀଳ। ପରିବେଶୀୟ ପରିସଂସ୍ଥାନ ତଥା ପରିବେଶ ଅନ୍ତର୍ଗତ ଜୀବଜନ୍ତୁ ସମସ୍ତେ ପରସ୍ପର ନିର୍ଭରଶୀଳ। ପ୍ରତ୍ୟେକ ଜୀବଜନ୍ତୁଙ୍କର କିଛି ନା କିଛି ଅବଦାନ ରହିଛି ଏହି ପରିବେଶ ଉପରେ। ଆପଣ ଜାଣିଛନ୍ତି କି ମାଛି କେବଳ ରୋଗଜୀବାଣୁ ସୃଷ୍ଟି କରେ ନାହିଁ, ସେ କଫି ଗଛ ଫୁଲର ପରାଗ ସଙ୍ଗମରେ ସହାୟତା କରିଥାଏ।

ଏବେ କୀଟଠାରୁ ପତଙ୍ଗ, ପଶୁପକ୍ଷୀ ସମସ୍ତେ ବିପଦରେ। ମଣିଷ ନିଜର ଆତ୍ମଚରିତାର୍ଥ ନିମନ୍ତେ ଯେଉଁ କାର୍ଯ୍ୟ କରୁଛି ତାହା ବନ୍ୟଜନ୍ତୁଙ୍କ ଜୀବନ ଉପରେ ବିପଦ ନେଇ ଆସୁଛି। ସେଥିମଧ୍ୟରୁ ଜଙ୍ଗଲ କ୍ଷୟ ଅନ୍ୟତମ। ମାନବଙ୍କ ଆଧୁନିକ ଜୀବନଶୈଳୀ, ଅନିୟନ୍ତ୍ରିତ ଜନସଂଖ୍ୟା ବୃଦ୍ଧି, ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ ଏବଂ ଶିଳ୍ପାୟନ ଦିନକୁ ଦିନ ବନ୍ୟଜନ୍ତୁଙ୍କ ପାଇଁ ବିପଦ ନେଇଆସୁଛି। ଯାହା ଫଳରେ ଜୀବଜନ୍ତୁଙ୍କ ବାସୋପଯୋଗୀ ଘଞ୍ଚ ଜଙ୍ଗଲ କ୍ଷୟ ହେଉଛି। ଖାଦ୍ୟ ତଥା ପାନୀୟ ଅଭାବ ମଧ୍ୟ ବନ୍ୟଜନ୍ତୁଙ୍କ ପାଇଁ ବିପଦ ସୃଷ୍ଟିକାରୀ କାରକ। ଏସବୁ ହିଁ ବନ୍ୟଜନ୍ତୁଙ୍କ ସଂଖ୍ୟା କମିଯିବା ପଛର ବଡ଼ କାରଣ। ସବୁଠାରୁ ବଡ଼ କାରଣ ହେଲା ବନ୍ୟଜନ୍ତୁ ଶିକାର। ନିଜର ଅତ୍ୟାଧୁନିକ ଜୀବନଶୈଳୀର ଉନ୍ନତି ପାଇଁ ମଣିଷ ଯେଉଁଭଳି ଉପାୟ ଆପଣେଇ ବନ୍ୟଜନ୍ତୁଙ୍କ ଶିକାର କରୁଛି, ଦିନ ଆସିବ ଏ ପୃଥିବୀ ବନ୍ୟଜନ୍ତୁ ଶୂନ୍ୟ ହୋଇଯିବ। ୱାର୍ଲ୍ଡ ୱାଇଲ୍ଡ ଲାଇଫ ଫଣ୍ଡ ସଂସ୍ଥା ପକ୍ଷରୁ ସଦ୍ୟ ପ୍ରକାଶିତ ଲିଭିଙ୍ଗ ପ୍ଲାନେଟ ରିପୋର୍ଟ ନାମକ ଏକ ତଥ୍ୟ ଅନୁଯାୟୀ ଗତ ୪୮ ବର୍ଷ ଭିତରେ ବନ୍ୟଜନ୍ତୁଙ୍କ ସଂଖ୍ୟା ୬୯ ପ୍ରତିଶତ ହ୍ରାସ ପାଇଲାଣି। ପ୍ରାୟ ୫୨୩୦ ପ୍ରଜାତିର ପ୍ରାୟ ୩୨୦୦୦ ବନ୍ୟଜନ୍ତୁଙ୍କୁ ନେଇ ହୋଇଥିବା ଏହି ସର୍ଭେ, ଲିଭିଙ୍ଗ ପ୍ଲାନେଟ ଇଣ୍ଡେକ୍ସ ରିପୋର୍ଟରେ ଦର୍ଶାଇଛି ଯେ ଏହା ଉଷ୍ଣ ମଣ୍ଡଳୀୟ ଅଞ୍ଚଳରେ ବସବାସ କରୁଥିବା ମେରୁଦଣ୍ଡୀ ବନ୍ୟଜନ୍ତୁ ସଂଖ୍ୟା ବିପୁଳ ହାରରେ ହ୍ରାସ ପାଉଛି। ଆଫ୍ରିକା ଏବଂ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ୬୬ ପ୍ରତିଶତ, ସେହି ମଧୁରଜଳ ଅଞ୍ଚଳରେ ବାସକରୁଥିବା ବନ୍ୟଜନ୍ତୁଙ୍କ ସଂଖ୍ୟା ୮୩ ପ୍ରତିଶତ କମିଛି। ତେବେ ଏହି ରିପୋର୍ଟ ଅନୁଯାୟୀ ବନ୍ୟଜନ୍ତୁଙ୍କ ସଂଖ୍ୟା ହ୍ରାସ ପାଇବାର ମୁଖ୍ୟ କାରଣଗୁଡ଼ିକ ହେଉଛି ବାସସ୍ଥଳୀ ନଷ୍ଟ ହେବା, ଶିକାର, କ୍ଷତିକାରକ ପ୍ରଜାତି, ଖାଦ୍ୟାଭାବ, ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଏବଂ ରୋଗ।

ଅନ୍ତର୍ଜାତୀୟ ସଂସ୍ଥା ଡବ୍ଲ୍ୟୁଡବ୍ଲ୍ୟୁଏଫ୍‌ର ନିର୍ଦ୍ଦେଶକ ମାର୍କୋ ଲାମ୍ବର୍ଟିନିଙ୍କ ମତରେ ଆମେ ଏବେ ଦୁଇଗୁଣା ଜରୁରିକାଳୀନ ସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଯାହା ଫଳରେ ମନୁଷ୍ୟକୃତ ଜଳବାୟୁ ପରିବର୍ତ୍ତନ ଓ ଜୈବ ବିବିଧତା କ୍ଷୟ ବର୍ତ୍ତମାନ ଏବଂ ଉତ୍ତରପିଢ଼ିଙ୍କ ପାଇଁ ଏହା ବିନାଶକାରୀ ସାବ୍ୟସ୍ତ ହେବ। ହିମାଳୟ ଅଞ୍ଚଳ ଏବଂ ପାଶ୍ଚାତ୍ୟ ଘାଟଗୁଡ଼ିକ ସବୁଠାରୁ ଅସୁରକ୍ଷିତ ରେଜିଓ ମଧ୍ୟରେ ଅଛନ୍ତି ।

ଜୈବ ବିବିଧତା ହ୍ରାସ ପାଇଁ ଭାରତରେ ତାପମାତ୍ରା ବୃଦ୍ଧି ହିଁ ମୁଖ୍ୟ କାରଣ। ୧୯୭୦ରୁ ୨୦୧୮ ମଧ୍ୟରେ ମହୁମାଛି ଏବଂ ପ୍ରାୟ ୧୭ ପ୍ରଜାତିର ମଧୁର ଜଳ କଇଁଛ ଆଦିଙ୍କ ସଂଖ୍ୟା ହ୍ରାସ ପାଉଛି। ଖାଲି ସେତିକି ନୁହେଁ ହାତୀ, ବାଘ ଏବଂ ଅନ୍ୟାନ୍ୟ ବିରଳ ପ୍ରଜାତିର ବନ୍ୟପ୍ରାଣୀଙ୍କ ଶିକାର ମଧ୍ୟ ଭାରତରେ ଏବେ ଗଭୀର ଚିନ୍ତାର କାରଣ ପାଲଟିଛି। ସେହିପରି ଓଡ଼ିଶାରେ ମଧ୍ୟ ସମାନ ପରିସ୍ଥିତି। ବନ୍ୟଜନ୍ତୁ ସଂରକ୍ଷଣ ଏବେ କେବଳ କାଗଜ କଲମରେ ସୀମିତ ରହିଛି। କିନ୍ତୁ ଜଙ୍ଗଲ ଅଧିକାରୀ ଏବଂ ସୁରକ୍ଷା ବଳୟ ଭେଦକରି ଶିକାରୀ ନିଜର ଶିକାର ଅଚିରେ କରିପାରୁଛି। ଏଥିପାଇଁ ଅସାଧୁ ବ୍ୟକ୍ତି ଏବଂ ଅଧିକାରୀମାନେ ମୁଖ୍ୟତଃ ଦାୟୀ। ବର୍ତ୍ତମାନ କୃଷିଜମିର ବ୍ୟବହାର ୪୧ ପ୍ରତିଶତ ଏବଂ ବନ୍ୟଜନ୍ତୁ ୪୬ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଛନ୍ତି। ଜୈବ ବିବିଧତା ହ୍ରାସ ଏବଂ ଜଳବାୟୁ ସଙ୍କଟକୁ ଦ୍ୱିପାକ୍ଷିକ ପ୍ରସଙ୍ଗ ଭାବେ ବିବେଚନା କରିବା ପରିବର୍ତ୍ତେ ଐକିକ ଭାବରେ ସମାଧାନ କରାଯିବା ଉଚିତ। ପ୍ରକୃତିର ସକାରାତ୍ମକ ଭବିଷ୍ୟତ ପାଇଁ ଏହା ନିତାନ୍ତ ଜରୁରୀ। ଆମେ କିପରି ଉତ୍ପାଦନ କରୁ, କିପରି ବ୍ୟବହାର କରୁ, କିପରି ଆମେ ସମ୍ପାଦନା କରୁ, କିପରି ଅର୍ଥନୈତିକ ବିକାଶ ଚାହୁଁ ସେଥିପ୍ରତି ଧ୍ୟାନ ଦେବା ମଧ୍ୟ ଆବଶ୍ୟକ।

**କଟକ, ମୋ– ୮୯୧୭୪୨୬୧୩୭**

## ଏଇ ଭାରତରେ

ଜୀବନରେ ବହୁ ସଂଘର୍ଷକୁ ସାମ୍ନା କରି ଅନେକଙ୍କ ଜୀବନରେଖା ପାଲଟିଛନ୍ତି ପ୍ରସେନ୍‌ଜିତ ମଣ୍ଡଳ। ସେ 'ସୁନ୍ଦରବନ ଫାଉଣ୍ଡେଶନ' ଗଢ଼ି ସୁନ୍ଦରବନର ବାଲି ଦ୍ୱୀପରେ ଲୋକମାନଙ୍କ ଜୀବନର ଆଶାବାଡ଼ି ପାଲଟିଛନ୍ତି। ସୁନ୍ଦରବନରେ ରହି ତାଙ୍କ ପରିବାର ଜୀବିକା ପାଇଁ ବହୁ କଷ୍ଟ ସହିଛନ୍ତି ଓ ତାଙ୍କ ଜୀବନ ମଧ୍ୟ ଅଭାବରେ କଟିଥିଲା। ପ୍ରସେନ୍‌ଜିତ୍ ସ୍କୁଲ ଶିକ୍ଷା ଶେଷ କରି ଉଚ୍ଚଶିକ୍ଷା ଲାଭ କରିବାକୁ କୋଲକାତାକୁ ଯାଇଥିଲେ। ଏହି ସମୟରେ ସେ ବିଭିନ୍ନ ଜାଗାରେ କାମ କରି ପଢ଼ା ଖର୍ଚ୍ଚ ପୂରଣ କରିବା ସହ ଘର ଚଳିବା ଲାଗି ଟଙ୍କା ପଠାଉଥିଲେ। ପରେ ସେ ସ୍ନାତକୋତ୍ତର ଡିଗ୍ରୀ ଓ କମ୍ପ୍ୟୁଟର ଶିକ୍ଷା ଶେଷ କରି ବାଲି ଦ୍ୱୀପରେ ଲୋକଙ୍କ ଜୀବନରେ ଉନ୍ନତି ଆଣିବା ଲାଗି ଘରକୁ ଫେରି ଆସିଥିଲେ ୨୦୧୬ରେ। ପରେ ସୁନ୍ଦରବନ ଫାଉଣ୍ଡେଶନ ଗଠନ କରି ଲୋକମାନଙ୍କୁ ଜୀବିକା ଯୋଗାଇବା ସହ ମାଗଣାରେ ସ୍ୱାସ୍ଥ୍ୟ ସେବା ଯୋଗାଉଛନ୍ତି। ବର୍ଷକୁ ପାଖାପାଖି ୬୦୦ ଲୋକ ସ୍ୱାସ୍ଥ୍ୟସେବା ପାଇପାରୁଛନ୍ତି। ଏକ ପ୍ରି ପ୍ରାଇମେରୀ ସ୍କୁଲ ଖୋଲିଛନ୍ତି; ଯେଉଁଥିରେ ୬୦ ପିଲା ପଢୁଛନ୍ତି। ସେ ୧ ଲକ୍ଷରୁ ଊର୍ଦ୍ଧ୍ୱ ମାନ୍‌ଗ୍ରୋଭ୍ ଗଛ ରୋପଣ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

**୪ ନଭେମ୍ବର ୧୯୯୭**

- ଭିଏତ୍‌ନାମର ଦକ୍ଷିଣାଞ୍ଚଳରେ ପ୍ରବଳ ଘୂର୍ଣ୍ଣିବାତ୍ୟା ପ୍ରବାହିତ ହେବା ଫଳରେ ସମୁଦ୍ର ମଧ୍ୟକୁ ମାଛ ଧରିବାକୁ ଯାଇଥିବା ୨୦୦ ମତ୍ସ୍ୟଜୀବୀ ନିଖୋଜ।
- ସୁପ୍ରିମ୍‌କୋର୍ଟର ପୂର୍ବତନ ବିଚାରପତି ତଥା ଓଡ଼ିଶା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ବନୱାରୀଲାଲ୍ ହଂସାରିଆଙ୍କ ୬୬ ବର୍ଷ ବୟସରେ ପରଲୋକ।
- ଗିରଫ ଭୟରେ ଆତ୍ମଗୋପନ କରିଥିବା ଏବଂ ଆତ୍ମସମର୍ପଣ କରିବାକୁ ମନାକରୁଥିବା ଜଙ୍ଗଲ ଦସ୍ୟୁ ବୀରାପ୍ପାନଙ୍କୁ ଧରିବା ଲାଗି ତାମିଲନାଡୁ ଓ କର୍ଣ୍ଣାଟକ ସରକାରଙ୍କ ପକ୍ଷରୁ ମିଳିତ କମାଣ୍ଡ ଗଠନ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 7 | | 6 | |
| | 5 | | | | 8 | 4 | | |
| | | 4 | 6 | | 1 | 8 | | 5 |
| | 2 | | | | | | 5 | |
| | | | | | 9 | | | 8 |
| | 4 | 8 | | 6 | | | 9 | |
| | 9 | 2 | | | | | | |
| | 8 | | 7 | | | 3 | | |
| | | 3 | 5 | | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 8 | 7 | 6 | 2 | 9 | 5 | 3 |
| 9 | 7 | 6 | 4 | 3 | 5 | 1 | 2 | 8 |
| 2 | 3 | 5 | 9 | 8 | 1 | 7 | 6 | 4 |
| 5 | 9 | 7 | 8 | 4 | 6 | 2 | 3 | 1 |
| 3 | 6 | 2 | 5 | 1 | 7 | 4 | 8 | 9 |
| 8 | 4 | 1 | 3 | 2 | 9 | 6 | 7 | 5 |
| 1 | 5 | 4 | 2 | 7 | 3 | 8 | 9 | 6 |
| 7 | 8 | 3 | 6 | 9 | 4 | 5 | 1 | 2 |
| 6 | 2 | 9 | 1 | 5 | 8 | 3 | 4 | 7 |

ଗତକାଲିର ଉତ୍ତର

# ସାମାଜିକ ଅବ୍ୟବସ୍ଥା



ଡ.ମୌସୁମୀ ପରିଡ଼ା

ଦେଶର ସାର୍ବଭୌମତା, ଅଖଣ୍ଡତା, ଗଣତାନ୍ତ୍ରିକ ମୂଲ୍ୟବୋଧ ବିପଦଶଂକୁଳ ହୋଇପଡ଼ିଛି। ମୂଳ ସମସ୍ୟା ଗୁରୁତ୍ୱହୀନ ଓ ଉପେକ୍ଷିତ। ମୂଲ୍ୟହୀନ କଥାକୁ ରୋଚକ କରି ମୁଖ୍ୟ ଓ ଜରୁରୀ ସମସ୍ୟାକୁ ନିଷ୍କ୍ରିୟ କରିଦିଆଯାଉଛି। କିଛି ଅପ୍ରାସଙ୍ଗିକ କଥା ଯାହା ସମାଜକୁ କଳୁଷିତ କରିବାକୁ ଯଥେଷ୍ଟ ସେସବୁ ଆଜିକାଲି ବୈଦ୍ୟୁତିକ ଗଣମାଧ୍ୟମର ମୁଖ୍ୟ ପ୍ରସଙ୍ଗ, ଯାହା ଯୁବପିଢ଼ିକୁ ଅବାଟକୁ ନେଉଛି। ଏଭଳି ଖବର ପରିବେଷଣ ଦ୍ୱାରା ସମାଜ ଏବେ ଧ୍ୱଂସମୁଖୀ।

ପରିବେଶ ପ୍ରଦୂଷଣ ପରି ସାମାଜିକ ପ୍ରଦୂଷଣ ଓ ନୀତିଆଦର୍ଶ ବିହୀନ ମାନସିକତା ବର୍ତ୍ତମାନର ପ୍ରମୁଖ ସମସ୍ୟା। ଏହାର ପ୍ରଭାବରୁ କିପରି ସମାଜକୁ ରୋକାଯାଇପାରିବ, ତାହା ଚିନ୍ତାର ବିଷୟ। ଆଗପରି ଲୋକମାନେ ନୀତିନିଷ୍ଠତାରେ ଅନୁପ୍ରାଣିତ ହୋଇ ସମାଜକୁ ଦିଗ୍‌ଦର୍ଶନ ଦେବା ଜରୁରୀ ଭାବନ୍ତି ନାହିଁ। ପାଠପଢ଼ା ପରେ ଭଲ ଚାକିରି ମିଳିଗଲେ ସୀମିତ ରହିଯାଉଛି ବ୍ୟକ୍ତିଚେତନା। ଚେତନାର ସ୍ଫୁରଣରେ ଆତ୍ମିକ ବିକାଶ ହୁଏ ସିନା ଆର୍ଥିକ ବିକାଶ ହୁଏନାହିଁ। ଏଥିପାଇଁ ଆଗ୍ରହ ସୃଷ୍ଟି ହୁଅନ୍ତା ଯଦି ବ୍ୟକ୍ତିଗତ ସ୍ତରରେ ମେଧାକୁ ଅଗ୍ରାଧିକାର ମିଳନ୍ତା। ସେଥିରେ ବି ବୈଷମ୍ୟ! ଫଳରେ ବ୍ୟକ୍ତିର ଦୃଷ୍ଟି ଓ ପରିସର ସୀମିତ ହୋଇଯାଉଛି।

ଏକାନ୍ନବର୍ତ୍ତୀ ପରିବାରର ସ୍ୱାମୀ ସ୍ତ୍ରୀ ଉଭୟ ଚାକିରିଆ ହେଲେ ସେମାନେ ମାନସିକ ସ୍ତରରେ ଦୁଇ ପ୍ରକାରର ଜୀବନ ବଞ୍ଚନ୍ତି। ଯେହେତୁ ମଣିଷ ସାମାଜିକ ଓ ପାରିବାରିକ ପ୍ରାଣୀ ସେଥିପାଇଁ ସେ ଏକାକୀତ୍ୱକୁ ଗ୍ରହଣ କରିପାରେନାହିଁ। ଅଳ୍ପ ସମୟ ଭିତରେ ମାନସିକ ଅବସାଦ ସୃଷ୍ଟି ହୁଏ। ସେହି ଚିରାଚରିତ ଜୀବନ ଭିତରେ ବଞ୍ଚିବାର ସତେଜତା, ସମ୍ପର୍କର ନିଗୂଢ଼ତା ଫିକା ପଡ଼ିଆସେ। ଯେଉଁଠି ଦାମ୍ପତ୍ୟ ସମ୍ପର୍କରେ ଦୂରତା ସୃଷ୍ଟି ହୁଏ ସେଠାରେ ତୃତୀୟ ଲୋକର ଅଭ୍ୟୁଦୟ ହେବା ଆଶ୍ଚର୍ଯ୍ୟଜନକ ନୁହେଁ। ଫଳରେ ପରିବାର ଭାଙ୍ଗିଯାଏ।

ନିଜେ ଗଢିଥିବା ଅତ୍ୟାଧୁନିକ ଓ ଉଦାରଭିତ୍ତିକ ଜୀବନଶୈଳୀ ଅସଂଖ୍ୟ ଦୁଃସ୍ଥିତିକୁ ନିମନ୍ତ୍ରଣ କରିଛି। ପ୍ରଚଳିତ ବିଧିବ୍ୟବସ୍ଥା ସମାଜ ସହିତ ପାରିବାରିକ ସମ୍ପର୍କକୁ ମଧ୍ୟ କ୍ଷୀଣ କରୁଛି। ଆର୍ଥିକ ଅଭିବୃଦ୍ଧି ପାଇଁ ଯେକୌଣସି ସାଲିସ୍ କରିବାକୁ ପ୍ରସ୍ତୁତ ଥିବା ଲୋକେ ଭୌତିକ ସୁଖ ପାଇଁ ଆତ୍ମିକ ସୁଖକୁ ପାଦରେ ଆଡ଼େଇଦିଅନ୍ତି। ପାଶ୍ଚାତ୍ୟଧର୍ମିତା ଲୋକଙ୍କୁ ଏଭଳି ଆଚ୍ଛନ୍ନ କରିରଖିଛି ଯେ ସେଠୁ ମୁକୁଳିବା ପରିବର୍ତ୍ତେ ଫସିବାକୁ ପ୍ରତିଦ୍ୱନ୍ଦ୍ୱିତା। ଫଳରେ ବିଶ୍ୱାସ ବଦଳରେ ପ୍ରତାରଣା। ଏଭଳି ବ୍ୟବସ୍ଥା ମଣିଷର ନୈତିକତା ଓ ଆବେଗପ୍ରବଣତାକୁ ମାରିଦେବାକୁ ପ୍ରୋତ୍ସାହିତ କରୁଛି।

ବିଚ୍ଛିନ୍ନତାବାଦୀ ଆନ୍ଦୋଳନ, ଆର୍ଥିକ ବ୍ୟବସ୍ଥା, ଆତ୍ମହତ୍ୟାପ୍ରବଣତା ସାମାଜିକ ପ୍ରଦୂଷଣର ଗୋଟେ ଲେଖା ଉଦାହରଣ। ସମାଜରେ ବୈଷମ୍ୟବାଦ ଆଗରୁ ଯେପରି ଥିଲା ଏବେ ମଧ୍ୟ ସେହିପରି ବଳବତ୍ତର, କେବଳ ପାତ୍ର ବଦଳିଛନ୍ତି। ଧନୀଲୋକେ ଧନୀ ହେବାରେ ବ୍ୟସ୍ତ, ନିମ୍ନ ମଧ୍ୟବିତ୍ତ ଓ ଦରିଦ୍ରମାନେ ଅଳସୁଆମିରେ ପୀଡ଼ିତ, ଟିକସଦେଉଥିବା ଲୋକେ ବାସ୍ତବରେ ପ୍ରତାରିତ। ଗୋଟେ ପ୍ରକାରର ଚାକିରିରେ ଦରମାର ତାରତମ୍ୟ, ନିର୍ଦ୍ଦିଷ୍ଟ ବର୍ଗର ଲୋକଙ୍କ ଉପରେ ମହଙ୍ଗା ମାଡ଼ ସମାଜର ମେରୁଦଣ୍ଡକୁ ଭାଙ୍ଗିସାରିଲାଣି।



ସମସ୍ତେ ସମାଜର ଅଂଶ। ମଣିଷ ସମାଜ ଦ୍ୱାରା ପ୍ରଭାବିତ ହୋଇ ସମାଜକୁ ଅନୁକରଣ କରେ। ଲୋକମାନଙ୍କୁ ଭଲ ଘଟଣା ଅପେକ୍ଷା ମନ୍ଦ ଘଟଣା ବେଶି ଆକୃଷ୍ଟ କରେ। ଦରବୃଦ୍ଧି, ଖାଦ୍ୟପେୟର ମାନ ହ୍ରାସ, ଟିକସ ବ୍ୟବସ୍ଥା, ଅହେତୁକ ବିଜୁଳି ଦରବୃଦ୍ଧି, ଆଞ୍ଚଳିକ ବିଭେଦ, ବେକାରି ସମସ୍ୟା, ତ୍ରୁଟିଯୁକ୍ତ ଶିକ୍ଷା ବ୍ୟବସ୍ଥା ଏସବୁ ପାଇଁ ପିଲାମାନେ ଅନ୍ୟ ରାଜ୍ୟମୁହାଁ। ଅଖଣ୍ଡତା ଏବେ ବିପଜ୍ଜନକ ସ୍ଥିତିରେ ଏସବୁ ଗୁରୁତର ପ୍ରସଙ୍ଗ ଲୋକମାନଙ୍କ ପାଇଁ ଗୌଣ ହୋଇପଡିବା ପରିତାପର ବିଷୟ। ସେଥିପାଇଁ ପ୍ରତିବାଦ ନାହିଁ, କ୍ଷୋଭ ନାହିଁ।

ଫିଲ୍ମହିରୋଙ୍କ ବ୍ୟକ୍ତିଗତ ଜୀବନ, ମଟନ ଦୋକାନ ଭଙ୍ଗା ଘଟଣା, ଅଟୋବାଲାର ଅର୍ନୈତିକ ସମ୍ପର୍କ, ଶାଶୁଘର ଆଗରେ ମାସ ମାସ ଧରି ବସିରହିବା, ଆଜେବାଜେ ରିଲ୍ ବନେଇ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚିତ ହେବାର ଶସ୍ତା ମାନସିକତା ଆଜିକାଲିର ଜନସାଧାରଣଙ୍କ ପାଇଁ ରୋଚକ ବିଷୟ। ସେପଟେ ନିଜ ପିଲା ଅବାଟକୁ ଗଲାଣି ସେସବୁର ହେଜ ନାହିଁ। ଆଶ୍ଚର୍ଯ୍ୟର କଥା ଅନାବଶ୍ୟକ ରିଲ୍ ବନେଇ 'ଅ' ଅକ୍ଷର ବିବର୍ଜିତ ଲୋକେ ଭଲ ରୋଜଗାର କରୁଛନ୍ତି ୟୁ ଟ୍ୟୁବ୍ ପରି ସାମାଜିକ ଗଣମାଧ୍ୟମରୁ। ଅର୍ଥ ଉପାର୍ଜନର ସହଜ ସ୍ରୋତକୁ କୋଟିକୋଟି ଲୋକ ଅନୁକରଣ କରୁଛନ୍ତି; ଯାହା ବାସ୍ତବରେ ଯୁବବର୍ଗଙ୍କୁ ବିପଥଗାମୀ କରାଉଛି। ଫଳରେ ପିଲା ନା ପଢ଼ିବାକୁ ଚାହୁଁଛି ନା ଦେଶର ଅଭିବୃଦ୍ଧିରେ ସାମିଲ୍ ରହିବାକୁ କର୍ତ୍ତବ୍ୟ ମନେକରୁଛି। କୋଡ଼ିଆ ବନିବାର ସରଳ ସୂତ୍ରଟି ଏବେ ତା' ହାତରେ। ଦେଶ ଗଢ଼ିବାକୁ ସେ କାଇଁ ଚାହିଁବ?

ସମାଜର ବିକଳ ଚିତ୍ର ଆଖିସାମ୍ନାରେ ଅଥଚ ସମାଧାନର ବାଟ ନାହିଁ। ଚନ୍ଦ୍ରରେ ଜାଗା କରିବାକୁ ବସିଲେଣି ପୃଥିବୀବାସୀ। ଦ୍ରୁତଗତିରେ ଆଧୁନିକତା ଗ୍ରାସିଗଲାଣି ଦେଶକୁ। ଅଥଚ କିଛି ଗାଁକୁ ବିଜୁଳି ବତି ଯାଇନାହିଁ। କିଛି ପାହାଡ଼ଘେରା ଗାଁ ପାଇଁ ସଡ଼କ ନିର୍ମାଣ ହୋଇନାହିଁ। ପାଣି ପାଇଁ ଯିବାକୁ ପଡୁଛି କୋଶଦୂର। ଏତେସବୁ ଅବ୍ୟବସ୍ଥା କାହା ମନରେ ଭାବାନ୍ତର ସୃଷ୍ଟି କରୁନାହିଁ, ବିଚିତ୍ର! ଅସଂଖ୍ୟ ସମସ୍ୟା ସମାଜର ଅବ୍ୟବସ୍ଥାକୁ ପ୍ରମାଣିତ କରେ।

ଏସବୁ ଅବ୍ୟବସ୍ଥାରେ ଦିନକୁଦିନ ମାନବୀୟ ଅଧୋଗତି ହୋଇଚାଲିଛି। ପିଲାମାନେ ଅବାଟରେ ଅଥଚ ବାପାମାଆଙ୍କ ପାଖେ ଖବର ନାହିଁ। ଘରେ ପହଞ୍ଚୁଛି ପିଲାର ହାତଲେଖା ଶେଷ ଚିଠି। ପିଲା ପଢ଼ିବାକୁ ଯାଇ ଆତ୍ମହତ୍ୟା କରୁଛି; ଯାହାର କାରଣ ମିଳିପାରୁନି। ନ୍ୟାୟ ପାଇବାକୁ ବୋହୂ ଶାଶୁଘର ପିଣ୍ଡାରେ ମାସମାସ ଧରି ବସିରହୁଛି। ନ୍ୟାୟ ପାଇବାର ବାଟ ଏଭଳି ହେଲେ ନ୍ୟାୟାଳୟର ଆବଶ୍ୟକତା କ'ଣ!

ତାଳି ଗୋଟିଏ ହାତରେ ବାଜେନାହିଁ। କୌଣସି ବ୍ୟକ୍ତିର ସତ୍‌କର୍ମ ବା ଦୁଷ୍କର୍ମର ପ୍ରତିଫଳନ ସମାଜ ଉପରେ ପଡ଼େ। ଅବଶ୍ୟ ଆଜିକାଲି ନୀତି ଆଦର୍ଶର କଥା ଗୁରୁତ୍ୱହୀନ। ବହିକଥା ବହିରେ ରହିଯାଉଛି, ଆଚରଣରେ ପରିଲକ୍ଷିତ ହେଉନାହିଁ। ସମାଜ ଧୀରେଧୀରେ ଅସୁସ୍ଥ ହେବାରେ ଲାଗିଛି। ଏଥିପାଇଁ ଲୋକେ ସଚେତନ ହୁଅନ୍ତୁ। ଅରାଜକତାରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ଆଇନ୍‌କାନୁନ୍ ବଦଳିବା ଦରକାର। ସାମାଜିକ ବିଧିବ୍ୟବସ୍ଥା ଭୁଶୁଡ଼ିପଡ଼ିବା ପୂର୍ବରୁ ଆଚରଣରେ ଲଗାମ୍ କଷାହେଉ; ଯାହାଫଳରେ ସାମାଜିକ ପ୍ରଦୂଷଣକୁ କିଛିମାତ୍ରାରେ ରୋକିହେବ।

**ମୋ:୯୪୩୭୩୧୭୦୨୬**

## ପାଠକ ଶ୍ରେଷ୍ଠ ବିଚାରକ

### ରେଡ୍ ଜୋନ୍‌ରେ ଘର

ମହାଶୟ,

ନିୟମ ମୁତାବକ ୟେଲୋ ବା ହଳଦିଆ ଚିହ୍ନିତ ଜାଗାରେ ଘର ପାଇଁ ଅନୁମତି ଥିବାବେଳେ ରେଡ୍ ଜୋନ୍ ଚିହ୍ନିତ ଅଞ୍ଚଳରେ ଘର ବା କୌଣସି ନିର୍ମାଣ ପାଇଁ ଅନୁମତି ନ ଥାଏ। ମାତ୍ର କଟକ ସହରରେ ଏବେ ସମସ୍ତ ରେଡ୍ ଜୋନ୍‌କୁ ଅବରୋଧ କରାଯାଇ ଘର ନିର୍ମାଣ କରାଯାଇଛି। ନଦୀକୂଳ, ପଠା, ପ୍ରାକୃତିକ ଜଳାଧାର, ଜଳାଶୟ ସବୁ କିଛି ପୋତି ଦିଆଯାଇଛି। ରେଡ୍ ଜୋନ୍ ଅବରୋଧ ଯୋଗୁ କଟକରେ ଏବେ ବର୍ଷାଜଳ ନିଷ୍କାସନ ସମସ୍ୟା ବଢ଼ିବାରେ ଲାଗିଛି। ଏଥିସହିତ ସିଡିଏ ମ୍ୟାପ ବାହାରେ ସହର ଉପକଣ୍ଠରେ ଥିବା ଚାଷଜମି ବା ଚକଜମିର କିସମ ପରିବର୍ତ୍ତନ କରାଯାଇ ସେଠାରେ ବି ଘର ଗଢ଼ିଉଠୁଛି। ୪୨ ମୌଜା, କନ୍ଦରପୁର, ପାଗା ପର୍ଯ୍ୟନ୍ତ ଥିବା ଚାଷଜମି ଏବେ ବିଲ୍‌ଡରଙ୍କ ହାତକୁ ଚାଲିଯାଇଛି। ଫଳରେ କଟକ ମହାନଗର ଅଞ୍ଚଳରେ ଓଡିଏ (ଓଡ଼ିଶା ଡେଭଲପମେଣ୍ଟ ଆକ୍ଟ ୧୯୮୨)ର ପରିପାଳନ କରାଯାଉ ନ ଥିବା ସ୍ପଷ୍ଟ ହୋଇଛି। ଏହାର ଖୋଲାଖୋଲି ଉଲ୍ଲଂଘନ ମଧ୍ୟ କରାଯାଉଛି। ସିଡିଏ (କଟକ ଉନ୍ନୟନ କର୍ତ୍ତୃପକ୍ଷ) ଏହି ନିୟମର କାର୍ଯ୍ୟକାରିତାକୁ ଆଦୌ ଗୁରୁତ୍ୱ ଦେଉନାହାନ୍ତି। ସିଡିଏର ଟାଉନ ପ୍ଲାନିଂ ବିଭାଗ ଏ କ୍ଷେତ୍ରରେ ତା'ର ଦାୟିତ୍ୱ ଭୁଲିଯାଇଛି। ଏହାର ତଦାରଖ କରିବାକୁ କେହି ପଦକ୍ଷେପ ନେଉନାହାନ୍ତି। ମହାନଦୀ ବିହାର, ବିଡ଼ାନାସୀ, ସିଡିଏ ଅଞ୍ଚଳରେ ସମାନ ସ୍ଥିତି ଉପୁଜିଛି। ୪୨ମୌଜା, ଖାନନଗର, ନେତାଜୀ ନଗର, ପୋପରଡ଼ା, ସାର୍ଦ୍ଦୋଳ, ବିଦ୍ୟାଧରପୁର, ଜଗତପୁର, ଖଇରା, ନରାଜ, ମୁଣ୍ଡଳୀ ଅଞ୍ଚଳରେ ନଦୀପଠା, ଯୋର ନାଳକୁ ଅବରୋଧ କରି ଘର ନିର୍ମାଣ କରାଯାଉଛି। ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଆଗକୁ କଟକରେ ଗୁରୁତର ସ୍ଥିତି ସୃଷ୍ଟି ହେବ।

**–ଡ. ରାଜକିଶୋର ମିଶ୍ର, କଳାବିକାଶ କେନ୍ଦ୍ର ମାର୍ଗ, କଟକ**

## ଚିରନ୍ତନୀ

ପଥେ ଘାଟେ ଯେତେ ଦେଖିଲି ମଧର ଚାହାଣୀ
ମନେ ନାହିଁ
କଣ୍ଠେ ଜାଗିଲା କୁଣ୍ଠିତ ଯେତେ କାହାଣୀ
ଦୂରେ ଚାହିଁ।

–(ମନେ ନାହିଁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଧାମନଗର ବ୍ଲକ ପାଳସାହିର ୨୪୩ ନଂ. ବୁଥ୍‌ରେ ଭୋଟ ଦେବାକୁ ଧାଡ଼ିରେ ଛିଡ଼ା ହୋଇଛନ୍ତି ମହିଳା ଭୋଟର।

# ମିଥ୍ୟା ଏକ୍‌ଜିଟ୍ ପୋଲ୍ କରି ଭ୍ରମିତ କରୁଛି ବିଜେଡି

**ସିଇଓଙ୍କୁ ଅଭିଯୋଗ କଲା ଭାଜପା**

ଭୁବନେଶ୍ୱର,୩।୧୧(ବ୍ୟୁରୋ)

ଧାମନଗର ଉପନିର୍ବାଚନ ଜିତିବା ଲାଗି ବିଜେଡି ଏବେ ସାମାଜିକ ଗଣମାଧ୍ୟମ ଜରିଆରେ ଭୋଟରଙ୍କୁ ଭ୍ରମିତ କରୁଛି। ପୂର୍ବରୁ ବିଜେଡି ପ୍ରଶାସନିକ ଅଧିକାରୀ, ଏସ୍‌ଏଚ୍‌ଜି, ଏମ୍‌ବିକେ, ସିଆର୍‌ପି ମାଧ୍ୟମରେ ଟଙ୍କା ବଣ୍ଟନକରି ଭୋଟରଙ୍କୁ ବିଚଳିତ କରିବାର ସମସ୍ତ ଅପଚେଷ୍ଟା କରିଥିଲା। ଏନେଇ ଭାଜପା ସମସ୍ତ ତଥ୍ୟ ଓ ପ୍ରମାଣ ସହ ସିଇଓଙ୍କ ପାଖରେ ଫେରାଦ ହୋଇଥିଲା। ସିଇଓ ମଧ୍ୟ ଘଟଣାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। କିନ୍ତୁ ଶାସକ ଦଳ ନ ସୁଧୁରି ପୁଣି ବିଜେଡି ନେତ୍ରୀ ସ୍ୱର୍ଣ୍ଣଲତା ନାୟକ ଏକ ମିଥ୍ୟା ଏକଜିଟ୍ ପୋଲର 'ବିଜେଡି ଜିତୁଛି ଧାମନଗର' ଡିଜାଇନ ବନାଇ ତାକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ କରାଉଥିବା ଭାଜପା ଅଭିଯୋଗ କରିଛି। ଏନେଇ ଭାଜପାର ଏକ ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଭେଟି ଅଭିଯୋଗପତ୍ର ଦେଇଛି। ନିର୍ବାଚନ ପ୍ରଚାର ଗତ ୧ ତାରିଖ ସନ୍ଧ୍ୟାରୁ ସରିବା ପରେ କୌଣସି ପ୍ରକାର ଏକ୍‌ଜିଟ୍ ପୋଲ୍ ହେଇପାରିବନାହିଁ ବୋଲି ସ୍ପଷ୍ଟ ନିୟମ ଥିବା ମଧ୍ୟରେ ବିଜେଡି ତା'ର ପୁରୁଣା କାରନାମା ଜାରି ରଖିଛି। ମିଥ୍ୟା ଅଡିଓ, ଭିଡିଓ ପ୍ରସ୍ତୁତ କରି ମତଦାତାଙ୍କୁ ଭ୍ରମିତ କରୁଛନ୍ତି ଯେଉଁଥିରେ ଶାସକ ଦଳ ସଫଳ ହେବ ନାହିଁ। ଧାମନଗର ନିର୍ବାଚନମଣ୍ଡଳୀର ନିର୍ବାଚନ ନିୟମକୁ ବିଜେଡି ଖୋଲାଖୋଲି ଉଲ୍ଲଂଘନ କରୁଛି। ଏହି ଅଞ୍ଚଳରେ ମୁକ୍ତ, ନିରପେକ୍ଷ ଉପନିର୍ବାଚନ କରିବାକୁ ଭାଜପା ସିଇଓଙ୍କୁ ଦାବି କରିଛି। ଏନେଇ ତୁରନ୍ତ ସାଇବର କ୍ରାଇମ୍ ବିଭାଗ ଓ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଏହାର ଦାୟିତ୍ୱ ନେଇ ତଦନ୍ତକରି ଏ ପ୍ରସଙ୍ଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଭାଜପା ଦାବି କରିଛି।

# ସଂଘବଦ୍ଧ ଆକ୍ରମଣରେ ଯୁବକଙ୍କ ମୁଣ୍ଡ ଫାଟିଲା



ଆକ୍ରମଣର ଶିକାର ହୋଇଥିବା ସୁଶାନ୍ତ କୁମାର ଦାସ।

**ଧାମନଗର ଉପନିର୍ବାଚନ**

■ ବିଜେଡିକୁ ଭୋଟ୍ ଦେବା ଲାଗି ଚାପ ପକାଇଥିଲେ



ଧାମନଗର କଟସାହିର ୨୧ ନଂ. ବୁଥ୍‌ରେ ଦୁଇଗୋଷ୍ଠୀ ମଧ୍ୟରେ ଧସ୍ତାଧସ୍ତି।

ଭଦ୍ରକ ଅଫିସ, ୩।୧୧

ଧାମନବର ଉପନିର୍ବାଚନ ଲାଗି ଗୁରୁବାର ଅନୁଷ୍ଠିତ ମତଦାନ ସମୟରେ ତିହିଡ଼ି ବ୍ଲକର ୩୯ ନଂ. ବୁଥ୍ ଗୁଆମାଳ ଉଚ୍ଚ ବିଦ୍ୟାଳୟରେ ନିର୍ବାଚନୀ ହିଂସା ଘଟିଛି। ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକଙ୍କ ମୁଣ୍ଡ ଫାଟିଛି। ଆକ୍ରମଣର ଶିକାର ହୋଇଥିବା ଯୁବକ ହେଲେ ତିହିଡ଼ି ଥାନା ଅଧୀନ ଗୁଆମାଳ ପଞ୍ଚାୟତ ଗଣ୍ଡପଦା ବେହେରାସାହି ଗ୍ରାମର ସୁଶାନ୍ତ କୁମାର ଦାସ। ସେ ତାଙ୍କ ମା'ଙ୍କୁ ନେଇ ଭୋଟ୍ ଦେବାକୁ ମତଦାନ କେନ୍ଦ୍ରକୁ ଯାଇଥିଲେ। ବୁଥ୍ ପରିସରରେ ଭୋଟ୍ ଦେବାକୁ ଧାଡ଼ିରେ ଠିଆ ହୋଇଥିବା ବେଳେ ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ତାଙ୍କୁ ଡାକି ନିକଟସ୍ଥ କେନାଲ ବନ୍ଧକୁ ନେଇଯାଇଥିଲେ। ସେଠାରେ ୩ ଜଣ ମିଶି ତାଙ୍କୁ ଆକ୍ରମଣ କରିଥିଲେ। ବିଜେଡିକୁ ଭୋଟ୍ ଦେବା ପାଇଁ ସେମାନେ ତାଙ୍କୁ ଚାପ ପକାଇବା ସହ ଆକ୍ରମଣ କରିଥିବା ସୁଶାନ୍ତ କହିଛନ୍ତି। ତିହିଡ଼ି ଥାନା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି। ଏନେଇ ସୁଶାନ୍ତ ତିହିଡ଼ି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

# ଦଳୀୟ ପୋଷ୍ଟର ଲାଗିଥିବା ଗାଡ଼ିରେ ଭୋଟ ଦେବାକୁ ଆସିଲେ ଅବନ୍ତୀ

ଭଦ୍ରକ ଅଫିସ,୩।୧୧

ବିଜେଡି ପ୍ରାର୍ଥିନୀ ଅବନ୍ତୀ ଦାସ ଉପନିର୍ବାଚନ ପାଇଁ ଗୁରୁବାର ଭୋଟ ଦେବାକୁ କାଁପଡ଼ା ମତଦାନ କେନ୍ଦ୍ରକୁ ଯାଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ସହ ବିଜେଡିର ଶଙ୍ଖ ଚିହ୍ନ ପୋଷ୍ଟର ଲାଗିଥିବା ଗାଡ଼ିରେ ସେ ବୁଥ୍‌କୁ ଆସିଥିବାରୁ ବିବାଦ ଦେଖାଦେଇଛି। ଅବନ୍ତୀ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବା ବିରୋଧୀମାନେ ଅଭିଯୋଗ ଆଣିଥିଲେ। ବୁଥ୍‌ରେ ଉପସ୍ଥିତ ପୋଲିସ ଉକ୍ତ ଗାଡ଼ିକୁ ବାହାରକୁ ନେବାକୁ କହିଥିଲେ। ପରେ ଡ୍ରାଇଭର ଗାଡ଼ିକୁ ୧୦୦ ମିଟର ଦୂରକୁ ନେଇଯାଇଥିଲେ। ଅନ୍ୟପଟେ ଅବନ୍ତୀ କହିଛନ୍ତି, ଗାଡ଼ିରେ ପୂର୍ବରୁ ପୋଷ୍ଟର ଲାଗିଥିଲା। ସେ ସେହି ଗାଡ଼ିରେ ଭୋଟ୍ ଦେବାକୁ ପଳାଇ ଆସିଛନ୍ତି। ତେବେ ଆଚରଣ ବିଧି ଉଲ୍ଲଂଘନ ନେଇ ତାଙ୍କର କୌଣସି ଉଦ୍ଦେଶ୍ୟ ନ ଥିଲା।





ବୁଥ୍ ପରିସରରେ ବିଜେଡି ପୋଷ୍ଟର ଲାଗିଥିବା ଗାଡ଼ି।

# ଫୁଲନଖରାରୁ କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା

## ଭ୍ରଷ୍ଟାଚାରୀ କେନ୍ଦ୍ର, ରାଜ୍ୟ ସରକାରଙ୍କୁ ହଟାଇବା ଏହି ଯାତ୍ରାର ମୂଳ ଲକ୍ଷ୍ୟ: ପିସିସି ସଭାପତି

ଭୁବନେଶ୍ୱର,୩।୧୧(ବ୍ୟୁରୋ)

ଫୁଲନଖରାସ୍ଥିତ ଲକ୍ଷେଶ୍ୱର ମନ୍ଦିରଠାରୁ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଗୁରୁବାର ରାଜ୍ୟ କଂଗ୍ରେସର ଭାରତ ଯୋଡ଼ୋ-ଓଡ଼ିଶା ପରିବର୍ତ୍ତନ ଯାତ୍ରାର ଦ୍ୱିତୀୟ ଦିବସ ଆରମ୍ଭ ହୋଇଥିଲା। କଟକ ଜିଲା ସୀମାରେ ନଖରାଛକ ପୂର୍ବରୁ କଟକ ଜିଲା କଂଗ୍ରେସ ସଭାପତି ମାନସ ଚୌଧୁରୀ ଏବଂ କଟକ ନଗର ଜିଲା କଂଗ୍ରେସ ସଭାପତି ସୁରେଶ କୁମାର ମହାପାତ୍ର ପିସିସି ସଭାପତିଙ୍କୁ ସ୍ୱାଗତ କରିବା ସହ ପଦଯାତ୍ରୀଙ୍କ ସହିତ ସାମିଲ ହୋଇଥିଲେ। ବହୁ ସଂଖ୍ୟାରେ କଂଗ୍ରେସ ନେତୃବର୍ଗ, କର୍ମୀ ଓ ସାଧାରଣ ଜନତା ଏହି ଭାରତ ଯୋଡ଼ୋ ପରିବର୍ତ୍ତନ ଯାତ୍ରାରେ ସାମିଲ ହୋଇଥିଲେ। ପୀରବଜାରସ୍ଥିତ ଦରଘାରେ ଚାଦର ଚଢ଼ାଇ ଏବଂ ନିକଟସ୍ଥ ହନୁମାନ ମନ୍ଦିରରେ ପଟ୍ଟନାୟକ ଓ ଅନ୍ୟ ବରିଷ୍ଠ ନେତୃବର୍ଗ ପୂଜାର୍ଚ୍ଚନା ଓ ପ୍ରାର୍ଥନାକରି ଆଶୀର୍ବାଦ ଭିକ୍ଷା କରିଥିଲେ। ତେଲଙ୍ଗାପେଣ୍ଠ ଓ ପ୍ରତାପନଗରୀଠାରେ ପଟ୍ଟନାୟକଙ୍କୁ ସାଧାରଣ ଜନତା ତଥା କଟକ ଜିଲା କଂଗ୍ରେସ ନେତୃବୃନ୍ଦ ସ୍ୱାଗତ କରିବା ସହିତ ପଦଯାତ୍ରାରେ ଯୋଗଦେଇଥିଲେ। ପ୍ରଥମାର୍ଦ୍ଧରେ ଏହି ପଦଯାତ୍ରା ୧୨ କି.ମି. ଅତିକ୍ରମ କରି କଟକ ଗୋପାଳପୁରଠାରେ ମଧ୍ୟାହ୍ନଭୋଜନ ପାଇଁ ବିରତି ନେଇଥିଲେ। ଅପରାହ୍ନରେ ପଦଯାତ୍ରା ଆରମ୍ଭ ହୋଇ ଏହା ଜଗତପୁର ଛକଠାରେ ପହଞ୍ଚିବା ପରେ ଦ୍ୱିତୀୟ ଦିନର ଯାତ୍ରା ଶେଷ ହୋଇଥିଲା। ରାସ୍ତାରେ ସଂଖ୍ୟାଲଘୁ ସମ୍ପ୍ରଦାୟର ବହୁ ନେତୃବର୍ଗ, ଆଇନଜୀବୀ, କୃଷକ, ଶ୍ରମିକ ଓ ସାମାଜିକ କର୍ମୀମାନଙ୍କୁ ଭେଟି ପିସିସି ସଭାପତି ଆଲୋଚନା କରିଥିଲେ। ଖବରଦାତାମାନଙ୍କ ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ ଯେ ଭାରତ ଯୋଡ଼ୋ ପରିବର୍ତ୍ତନ ଯାତ୍ରାର ମୂଳ ଉଦ୍ଦେଶ୍ୟ ଓଡ଼ିଶାରେ ଦୀର୍ଘ ୨୨ ବର୍ଷ ଓ କେନ୍ଦ୍ରର ୮ବର୍ଷର ଏକ ଭ୍ରଷ୍ଟାଚାରୀ, ଗଣତନ୍ତ୍ର ଓ ସମ୍ବିଧାନ ବିରୋଧୀ ସରକାର ବିରୋଧରେ ଜନସଚେତନତା କରିବା। ଏ ରାଜ୍ୟର ଯୁବକ ଆଜି ଦିଶାହୀନ। କୃଷକ,ଶ୍ରମିକ, ସ୍ୱଳ୍ପଆୟକାରୀ ବର୍ଗ, ମଧ୍ୟବିତ୍ତ ଆୟକାରୀ ବର୍ଗ ଉପେକ୍ଷିତ ଓ ଅତ୍ୟାଚାରିତ। ମହିଳାମାନେ ଅସୁରକ୍ଷିତ। ହଜାର ହଜାର ଲୋକ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଉଛନ୍ତି। ୨୨ ବର୍ଷରେ ଗୋଟିଏ ବି କୃଷିଭିତ୍ତିକ ଶିଳ୍ପ ହୋଇପାରିଲା ନାହିଁ। ଭାରତୀୟ ଟଙ୍କାର ବିନିମୟ ମୂଲ୍ୟ ଆମେରିକୀୟ ଡଲାର ତୁଳନାରେ ୮୨.୭୯ ପଇସାରେ ପହଞ୍ଚିଲାଣି। ତଥାପି ନରେନ୍ଦ୍ର ମୋଦି ନିଜକୁ ବିଶ୍ୱଗୁରୁ ବୋଲି ବୋଲାଉଛନ୍ତି। ଦୀର୍ଘ ୮ବର୍ଷ ଧରି ଆତ୍ମପ୍ରଚାର ଓ ହିଂସା, ଦ୍ୱେଷ, ଘୃଣା, ସାମ୍ପ୍ରଦାୟିକତା ସୃଷ୍ଟି କରି ଭାରତକୁ ଭାଗ ଭାଗକରିବା ଛଡ଼ା ଅନ୍ୟ କିଛି କରାଯାଇ ନାହିଁ ବୋଲି ପିସିସି ସଭାପତି କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ସନ୍ତୋଷ ସିଂ ସାଲୁଜା, ଭୁଜବଳ ମାଝି, ରବି ମଲ୍ଲିକ, ବିଜୟଲକ୍ଷ୍ମୀ ସାହୁ, ଦେବାଶିଷ ପଟ୍ଟନାୟକ, ବନ୍ଦିତା ପରିଡ଼ା, ସ୍ମୃତିରଞ୍ଜନ ଲେଙ୍କା, ୟାସିର ନୱାଜ, ନକୁଳ ନାୟକ, ବିଭୂତି ମିଶ୍ର, ବିଶ୍ୱଜିତ ଦାଶ, ରଜନୀ ମହାନ୍ତି, ଆକ୍ୟୁବ ଖାନ, ମଧୁମିତା ଆଚାର୍ଯ୍ୟ, ସୁବ୍ରତ ମହାପାତ୍ର, ସୁଶାନ୍ତ ତ୍ରିପାଠୀଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ।



କଟକ ଗୋପାଳପୁରଠାରୁ ଜଗତପୁର ଶିଖରପୁର ଦେଇ ଯାଉଥିବା ଭାରତ ଯୋଡ଼ୋ ପଦଯାତ୍ରାରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସହ ଦଳୀୟ ନେତୃବୃନ୍ଦ ଓ କର୍ମୀମାନେ।

# ପୋଲିଂ ଅଧିକାରୀଙ୍କ ମୃତ୍ୟୁ

■ ମୃତକଙ୍କ ପରିବାରକୁ ମିଳିବ ୧୫ ଲକ୍ଷ ଟଙ୍କା

■ ଘୋଷଣା କଲେ ମୁଖ୍ୟ ନିର୍ବାଚନ ଅଧିକାରୀ

ଧାମନଗର/ଭଦ୍ରକ ଅଫିସ,୩।୧୧(ଡି.ଏନ୍.ଏ.)

ଧାମନଗର ଉପନିର୍ବାଚନ ପାଇଁ ନିୟୋଜିତ ପ୍ରଥମ ପୋଲିଂ ଅଧିକାରୀ ନଟବର ମୁଣ୍ଡା(୪୦)ଙ୍କ ଗୁରୁବାର ସକାଳେ ମୃତ୍ୟୁ ଘଟିଛି। କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ସେ ଆଖି ବୁଜିଛନ୍ତି। ମୃତ ନଟବରଙ୍କ ଘର ଭଦ୍ରକ ବ୍ଲକର ବାଗୁରାଇ ଅଞ୍ଚଳରେ। ଓଲଙ୍ଗ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ନଟବରଙ୍କୁ ଧାମନଗର ଦୋବଲ ଜୋନ୍ ଅଧୀନ ଆନନ୍ଦପୁର ପଞ୍ଚାୟତ ୧୩୯ ନଂ. ବୁଥ୍‌ର ପ୍ରଥମ ପୋଲିଂ ଅଫିସର ଭାବେ ନିଯୁକ୍ତି ଦିଆଯାଇଥିଲା। ଗତ ୧ ତାରିଖରେ ପୋଲିଂ ପାର୍ଟି ସହ ସେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ବୁଥ୍‌ରେ ପହଞ୍ଚିଥିଲେ। ପୋଲିଂ ବୁଥ୍‌କୁ ଯିବା ସମୟରୁ ସେ ଅସୁସ୍ଥ ଅନୁଭବ କରିଥିଲେ। ବୁଧବାର ଝାଡ଼ାବାନ୍ତି ହୋଇ ଗୁରୁତର ହେବାରୁ ଚିକିତ୍ସା ପାଇଁ ତାଙ୍କୁ ସକାଳେ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ଏନେଇ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି, ବୁଥ୍‌ରେ ପହଞ୍ଚିବା ପରେ ନଟବର ଅସୁସ୍ଥ ଥିବା ଜାଣିବାରୁ ତାଙ୍କୁ କାର୍ଯ୍ୟରୁ ଅବ୍ୟାହତି ଦିଆଯିବା ସହ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଯାଇଥିଲା। ତେବେ ମୃତ ନଟବରଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରାଯିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଘୋଷଣା କରିଛନ୍ତି।

# ତେଲଙ୍ଗାନାର ମୁନୁଗୋଡେରେ ସର୍ବାଧିକ ୭୭% ଭୋଟିଂ

**୭ ଆସନରେ ଉପନିର୍ବାଚନ**

■ ଅନ୍ଧେରୀ(ଇଷ୍ଟ)ରେ ସର୍ବନିମ୍ନ ୩୧% ମତଦାନ



ନୂଆଦିଲ୍ଲୀ,୩।୧୧

ଓଡ଼ିଶାର ଧାମନଗର ସମେତ ୬ ରାଜ୍ୟର ୭ ଆସନରେ ଗୁରୁବାର ଉପନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ମହାରାଷ୍ଟ୍ରର ଅନ୍ଧେରୀ(ଇଷ୍ଟ)ରେ ସର୍ବନିମ୍ନ ୩୧.୭୪ ପ୍ରତିଶତ ମତଦାନ ହୋଇଥିବାବେଳେ ତେଲଙ୍ଗାନାର ମୁନୁଗୋଡେ ଆସନରେ ସର୍ବାଧିକ ୭୭.୫୫ ପ୍ରତିଶତ ଭୋଟି ହୋଇଛି। ବିହାରର ମୋକମାରେ ୫୩.୪୫ ପ୍ରତିଶତ ଭୋଟିଂ ହୋଇଥିବା ଗୋପାଳଗଞ୍ଜରେ ୫୧.୪୮%, ହରିୟାଣାର ଆଦାମପୁରରେ ୭୫.୨୫%, ଉତ୍ତରପ୍ରଦେଶର ଗୋଲା ଗୋକରନାଥରେ ୫୫.୬୮% ଏବଂ ଓଡ଼ିଶାର ଧାମନଗରରେ ୬୬.୬୩ ପ୍ରତିଶତ ମତଦାନ ହୋଇଛି। ଉପରୋକ୍ତ ୭ ଆସନ ମଧ୍ୟରୁ ୩ଟି ଭାଜପା ହାତରେ ଥିବାବେଳେ ୨ଟିରେ କଂଗ୍ରେସ ବିଧାୟକ ଓ ଶିବସେନା ଏବଂ ଆର୍‌ଜେଡି ହାତରେ ଗୋଟିଏ ଲେଖାଏ ଆସନ ରହିଥିଲା।

ବିହାରର ଦୁଇ ଆସନରେ ଏଥର ଭାଜପା ଏବଂ ଆର୍‌ଜେଡି ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବାବେଳେ ହରିୟାଣାରେ ଭାଜପାର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ, ଆଇଏନ୍‌ଏଲ୍‌ଡି ଏବଂ ଏଏପି ରହିଛନ୍ତି। ତେଲଙ୍ଗାନାରେ ଭାଜପା ସହ ଟିଆର୍‌ଏସ୍ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ଉତ୍ତରପ୍ରଦେଶରେ ଭାଜପା-ଏସ୍‌ପି ଲଢ଼େଇ ହେଉଛି। ସେହିପରି ଓଡ଼ିଶାରେ ଶାସକ ବିଜେଡି ସହିତ ଭାଜପାର ଜୋର୍‌ଦାର ଲଢ଼େଇ ହୋଇଛି। ଆସନ୍ତା ୬ ତାରିଖରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ।

ଉତ୍ତରପ୍ରଦେଶରେ ଶାସକ ଭାଜପା କର୍ମୀମାନେ କେତେକ ପୋଲିଂ ବୁଥ୍‌କୁ ଦଖଲ କରିଥିବା ସମାଜବାଦୀ ପାର୍ଟି ପକ୍ଷରୁ ଅଭିଯୋଗ ହୋଇଥିବାବେଳେ ଜିଲାପାଳ ମହେନ୍ଦ୍ର ବାହାଦୁର ସିଂ ଏହାକୁ ଖଣ୍ଡନ କରିଛନ୍ତି। କେତେକ ଭୋଟ କେନ୍ଦ୍ରରେ ପୋଲିସ ଅନାବଶ୍ୟକ ଭାବେ ଲାଠିଚାଳନା କରିବାରୁ ଭୋଟିଂ ବାଧାପ୍ରାପ୍ତ ହୋଇଥିଲା ବୋଲି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଅଭିଯୋଗ କରିଛନ୍ତି। ଭାଜପାର ଜଣେ ବିଧାୟକ ଟଙ୍କା ଧରି ବୁଲିବା ଘଟଣାର ତଦନ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି। ବିହାରରେ ନୀତୀଶ କୁମାର ଭାଜପା ସହ ସମ୍ପର୍କ ଛିନ୍ନ କରି ମହାଗଠବନ୍ଧନ ସରକାରର ନେତୃତ୍ୱ ନେବା ପରେ ପ୍ରଥମ ଥର ପାଇଁ ରାଜ୍ୟ ନିର୍ବାଚନୀ ପରୀକ୍ଷାର ସମ୍ମୁଖୀନ ହୋଇଛି। ଅନ୍ଧେରୀ (ଇଷ୍ଟ) ଆସନରୁ ଭାଜପା ଓହରିଯିବା ପରେ ଶିବସେନା ପ୍ରାର୍ଥୀ ରୁତୁଜା ଲାଟ୍‌କେ ଜିତିବା ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଥିବା ବେଳେ ସେଠାରେ ସର୍ବନିମ୍ନ ଭୋଟିଂ ହୋଇଛି।

## ସଂକ୍ଷେପରେ

### ବାଲି ଟ୍ରାକ୍ଟର ଜବତ, ଜରିମାନା ଆଦାୟ

**କୁଚିଣ୍ଡା,୩।୧୧(ଡି.ଏନ.ଏ.):** ସଇଡା ନଦୀରୁ ଗୁରୁବାର ବେଆଇନ ବାଲି ଚୋରା ଚାଲାଣ କରୁଥିବା ସମୟରେ କୁଚିଣ୍ଡା ତହସିଲଦାର ୩ ଟ୍ରାକ୍ଟର ଜବତ କରିବା ସହ ଜରିମାନା ବାବଦକୁ ୬୦ ହଜାର ଟଙ୍କା ଆଦାୟ କରିଛନ୍ତି। ଫଳରେ ବାଲି ଚୋରା ଚାଲାଣକାରୀଙ୍କ ମଧରେ କୋକୁଆ ଭୟ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ସଇଡା ବାଲି ଘାଟରୁ ଟ୍ରାକ୍ଟର ଯୋଗେ ବାଲି ଚୋରା ଚାଲାଣ ହେଉଥିବା ଖବର ପାଇ ତହସିଲଦାର ପ୍ରସନ୍ନ ଟେଟେ ତହସିଲ କର୍ମଚାରୀଙ୍କ ସହ ଚଢ଼ାଉ କରିଥିଲେ।ଏଠାରେ ଟ୍ରାକ୍ଟର ପିଛା ୨୦ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଥିଲା। ମାଲିକମାନେ ଟଙ୍କା ଜମା କରିବା ପରେ ଟ୍ରାକ୍ଟରଗୁଡ଼ିକୁ ଛଡ଼ା ଯାଇଥିଲା।

### ଏମ୍‌ସିଏଲ୍‌ରେ କୋଲ ଇଣ୍ଡିଆ ଦିବସ

**ସମ୍ବଲପୁର,୩।୧୧(ବ୍ୟୁରୋ):** ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଜାଗୃତିବିହାର ମୁଖ୍ୟାଳୟଠାରେ ୪୮ତମ କୋଲ ଇଣ୍ଡିଆ ଦିବସ ପାଳିତ ହୋଇଯାଇଛି। ଏମ୍‌ସିଏଲ୍ କାର୍ମିକ ନିର୍ଦ୍ଦେଶକ କେଶବ ରାଓ ଯୋଗଦେଇ ସିଭିସି ପତାକା ଉତ୍ତୋଳନ କରିଥିଲେ। ମୁଖ୍ୟ ସତର୍କତା ଅଧିକାରୀ ପି.କେ. ପଟେଲ ଓ ବିତ୍ତ ନିର୍ଦ୍ଦେଶକ ଏ.କେ. ବେହୁରା ଉପସ୍ଥିତ ଥିଲେ। ସକାଳେ ଦୌଡ଼ ପ୍ରତିଯୋଗିତାରେ କମ୍ପାନୀର ଅଧିକାରୀ, କର୍ମଚାରୀ ଓ ପରିବାର ବର୍ଗ ସାମିଲ ହୋଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ୧୬ତମ ଜେକେ କୁମାର ମଙ୍ଗଳମ ସ୍ମାରକୀ ବକ୍ତୃତାମାଳା ହୋଇଥିଲା। ଏଥିରେ ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ ମୁଖ୍ୟଅତିଥି ଓ କର୍ପୋରେଟ ଟ୍ରେନର ଡ. ଉଜ୍ଜ୍ୱଳ ପାଟନୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ।

### ବ୍ରୁକ୍ସହିଲ ବିଦ୍ୟାଳୟରେ ଶିଶୁ ମହୋତ୍ସବ

**ସମ୍ବଲପୁର,୩।୧୧(ବ୍ୟୁରୋ):** ଧନକଉଡ଼ା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୨ ଗୁରୁବାର ସାକ୍ଷୀପଡ଼ାସ୍ଥିତ ବ୍ରୁକ୍ସହିଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ମିନାରାଣୀ ମଙ୍ଗଲ ମୁଖ୍ୟଅତିଥି, ମହାନଗର ନିଗମ ଡେପୁଟି କମିଶନର ଶଙ୍କର ସାହୁ, ଧନକଉଡ଼ା ବିଡିଓ ସଞ୍ଜୀବ ପଟେଲ, ବିଇଓ ସୁରେନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ବ୍ଲକ ଓ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୨୨ କେନ୍ଦ୍ରର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏବିଇଓ ରମେଶ କୁମାର ମିଶ୍ର, ସସ୍ମିତା ପାଢୀଯୋଶୀ, ସଂଯୁକ୍ତା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ରେଙ୍ଗାଲିରେ ଶିଶୁ ମହୋତ୍ସବ

**ରେଙ୍ଗାଲି,୩।୧୧(ଡିଏନଏ):** ସମ୍ବଲପୁର ଜିଲା ରେଙ୍ଗାଲି ସାଧନା କେନ୍ଦ୍ରରେ ଗୁରୁବାର ଗୋଷ୍ଠୀସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ରେଙ୍ଗାଲି ବିଡ଼ିଓ କୃଷ୍ଣ ଚନ୍ଦ୍ର ଦଳପତି ମୁଖ୍ୟଅତିଥି, ରେଙ୍ଗାଲି ସରପଞ୍ଚ ଚିତ୍ତରଞ୍ଜନ ବାଗ ମୁଖ୍ୟବକ୍ତା ଓ ରେଙ୍ଗାଲି ଏବିଇଓ ରୁକ୍ମଣ ପଧାନ, ଶୁକଲାଲ ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଇଓ ଜୀବନ କିଶୋର ବରୱାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ୧୨ କ୍ଲଷ୍ଟର୍‌ରୁ ୩୦୦ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ।

# ୨୫ରୁ ଜିଲାରେ ଧାନ ସଂଗ୍ରହ

**ସମ୍ବଲପୁର,୩।୧୧(ବ୍ୟୁରୋ)**



ବୈଠକରେ ପ୍ରଶାସନିକ ଅଧିକାରୀ ଓ ଲୋକପ୍ରତିନିଧି।

ସମ୍ବଲପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଜିଲାସ୍ତରୀୟ ରବି ଧାନ ସଂଗ୍ରହ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନନ୍ୟା ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲାର କୁଚିଣ୍ଡା ଓ ରେଢାଖୋଲ ଉପଖଣ୍ଡରେ ଡିସେମ୍ବର ମାସରେ ପର୍ଯ୍ୟାୟକ୍ରମେ କ୍ରୟକେନ୍ଦ୍ର ଖୋଲାଯିବାକୁ ପ୍ରଶାସନ ନିଷ୍ପତ୍ତି ନେଇଥିଲା। ପ୍ରଶାସନ ପକ୍ଷରୁ ପ୍ରଥମେ ଡିସେମ୍ବର ମାସରେ ମଣ୍ଡି ଖୋଲିବାକୁ ନିଷ୍ପତ୍ତି ନିଆଯାଇଥିଲା। ମିଲର୍ସମାନେ ମଧ୍ୟ ନିଜଆଡୁ ଡିସେମ୍ବର ୫ ତାରିଖରେ ମଣ୍ଡି ଖୋଲିବାକୁ ଦାବି କରିଥିଲେ। ହେଲେ ଏହାକୁ ନେଇ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେମାନେ ଦର୍ଶାଇଥିଲେ, ବିଗତ ବର୍ଷଗୁଡିକରେ ନଭେମ୍ବର ପ୍ରଥମ ସପ୍ତାହରୁ ମଣ୍ଡି ଖୋଲାଯାଉଥିଲା। ହେଲେ ଚଳିତବର୍ଷ ଜାଣିଶୁଣି ଏଭଳି କରାଯାଉଛି। ଚାଷୀମାନେ ପଞ୍ଜୀକରଣ ସମୟରେ ନଭେମ୍ବର ୧ରୁ ୧୫ ଓ ୧୫ରୁ ୩୦ ତାରିଖ ଭିତରେ ବିକ୍ରି କରିବାକୁ ଦିନ ଧାର୍ଯ୍ୟ କରିଥିଲେ। ହେଲେ ସରକାର ମଣ୍ଡି ଖୋଲିବାରେ ବିଫଳ ହୋଇଛନ୍ତି। ଏଥିରେ ମିଲର୍ସମାନଙ୍କ ଲାଭ ହେବ। କୁଚିଣ୍ଡା ଓ ରେଢାଖୋଲ ଅଞ୍ଚଳରେ ପ୍ରାୟ ଧାନ ଅମଳ ହୋଇଯାଇଥିବା ବେଳେ ଜଳସେଚିତ ଅଞ୍ଚଳରେ ମଧ୍ୟ ଅମଳ ଆରମ୍ଭ ହୋଇଯାଇଛି। ଆଉ ପ୍ରାୟ ଏକମାସ ପରେ ମଣ୍ଡି ଖୋଲିବ। ଏତେଦିନ ଅମଳ ଧାନ ଗଚ୍ଛିତ ରଖିବା କଷ୍ଟକର ହେବ ବୋଲି କହିଥିଲେ। ବହୁ ବାଦ ବିବାଦ ପରେ ଶେଷରେ ନଭେମ୍ବର ୨୫ ତାରିଖରେ ସଦର ଉପଖଣ୍ଡରୁ ଧାନ ସଂଗ୍ରହ ଆରମ୍ଭ ହେବ ବୋଲି ସ୍ଥିର ହୋଇଥିଲା।

ବୈଠକରେ ପ୍ରଥମଥର ମିଲର୍ସମାନେ ତାଙ୍କ ସମସ୍ୟା ନ ଜଣାଇ ଚାଷୀଙ୍କ ଧାନ କେବେ ସଂଗ୍ରହ ହେବ ସେ ନେଇ ପ୍ରସ୍ତାବ ଦେଇଥିଲେ, ଯାହା ନିନ୍ଦନୀୟ ବୋଲି ପଶ୍ଚିମ ଓଡିଶା କୃଷକ ସଂଗଠନ ଆବାହକ ଆଶୋକ ପ୍ରଧାନ କହିଥିଲେ। ସେ ଆହୁରି କହିଥିଲେ, ରାଜ୍ୟରେ ମିଲର୍ସ ଇସାରାରେ ଧାନ ସଂଗ୍ରହ ହେଉଥିବା ଆଜି ସ୍ପଷ୍ଟ ହୋଇଗଲା। ଯେପର୍ଯ୍ୟନ୍ତ ଧାନ ସଂଗ୍ରହ ପ୍ରକ୍ରିୟା ବିକେନ୍ଦ୍ରୀକରଣ କରା ନ ଯିବ ବା ଭୁବନେଶ୍ୱରରୁ ନିୟନ୍ତ୍ରଣ କରାଯାଉଥିବ ସେ ପର୍ଯ୍ୟନ୍ତ ଧାନ ସଂଗ୍ରହରେ ଅବ୍ୟବସ୍ଥା ଦେଖାଯିବ। ନଭେମ୍ବର ୬ରେ ଚାଷୀମାନେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣ ଦେବାର କାର୍ଯ୍ୟକ୍ରମ ରହିଛି। ଆନ୍ଦୋଳନ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିରୋଧୀଦଳ ନେତା ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାଏକ, କୁଚିଣ୍ଡା ବିଧାୟକ କିଶୋର ନାଏକ, ଜିଲା ପରିଷଦ ସଭାପତି କୁମୁଦିନି ନାଏକ, ମୁଖ୍ୟ ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ, ଡିଆର୍‌ସିଏସ ଲିଙ୍ଗରାଜ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଚଳିତବର୍ଷ ଜିଲାରେ ୫୬ ହଜାର ୬୭୯ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ୪୫ ଗୋଟି ସମବାୟ ସମିତି, ୧୫ ଗୋଟି ଏସ୍‌ଏଚ୍‌ଜି ମହିଳା ଧାନ ସଂଗ୍ରହ କରିବେ।

### ରେଙ୍ଗାଲି ଆଦର୍ଶ ବିଦ୍ୟାଳୟକୁ ବସ୍ ଯୋଗାଇବ ଏନ୍‌ଏଲ୍‌ସି

**ରେଙ୍ଗାଲି,୩।୧୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକରେ ଥିବା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ଏନ୍‌ଏଲ୍‌ସି କମ୍ପାନୀ ବସ୍ କିମ୍ବା ଅନ୍ୟ ଯାନବାହନ ଯୋଗାଇବ। ବ୍ଲକ ପ୍ରଶାସନ ପକ୍ଷରୁ ବସ୍ ଚଳାଚଳ ପାଇଁ ରୁଟ୍ ପ୍ରସ୍ତୁତ କରାଯିବ। ଏ ନେଇ ଜିଲାପାଳ ଅନନ୍ୟା ଦାସ କମ୍ପାନୀକୁ ଚିଠି କରିଛନ୍ତି। ସୂଚନାଯୋଗ୍ୟ, ରେଙ୍ଗାଲି ଜୋନ ୨ର ୭ ପଞ୍ଚାୟତର ଛାତ୍ରୀଛାତ୍ର ବହୁ ଅସୁବିଧାରେ ଆଦର୍ଶ ସ୍କୁଲକୁ ଆସୁଛନ୍ତି। ଗରିବ ଶ୍ରେଣୀର ଅଭିଭାବକ ଖର୍ଚ୍ଚାନ୍ତ ହୋଇ ପିଲାଙ୍କୁ ସ୍କୁଲ ପଠାଉଛନ୍ତି। ଏ ନେଇ ଗତ ଅଗଷ୍ଟ ୨୩ରେ ଜିଲାପରିଷଦ ସଭ୍ୟ ଦେନାରାୟଣ ତିୱାରୀ ୨ଟି ବସ୍ ଚଳାଇବା ପାଇଁ ଜିଲାପାଳ ଦାସଙ୍କୁ ଲିଖିତ ଦାବି କରିଥିଲେ।

### ଅନ୍ତର୍ନିହିତ ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର

**ରେଢାଖୋଲ,୩।୧୧(ଡି.ଏନ.ଏ.)**

ରେଢାଖୋଲ ଶୁଣ୍ଡିମୁଣ୍ଡାସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ବ୍ଲକସ୍ତରୀୟ ଶିଶୁ ମହୋତ୍ସବରେ ଭାଗନେଇ ଛାତ୍ରୀଛାତ୍ର ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନ କରିଥିଲେ। ରେଢାଖୋଲ ଏନ୍‌ଏସି ଅଧ୍ୟକ୍ଷ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ଲକର ୧୪ କ୍ଲଷ୍ଟରରୁ ୧୩୧ ପ୍ରାଥମିକ ଓ ୨୧ ଉଚ୍ଚବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ନୃତ୍ୟ, ଗୀତ, ବକ୍ତୃତା, ଚିତ୍ରାଙ୍କନ ଆଦି ୧୬ ବିଭାଗରେ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ବାଘ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଏବିଇଓ ନରୋତ୍ତମ ପୁରୋହିତ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

# ଓଏଏସ୍‌ରେ ସଫଳତା ପାଇଁ ଭିସୁଟ୍ ଗର୍ବିତ: କୁଳପତି

**ସମ୍ବଲପୁର,୩।୧୧(ବ୍ୟୁରୋ)**

## ୧୨ ପୁରାତନ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ


ଓଏଏସ୍ ପାଇଥିବା ପୁରାତନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

୨୦୨୦ ବର୍ଷର ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ପରୀକ୍ଷାରେ ଭିସୁଟ୍‌ର ୧୨ ପୁରାତନ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। କିଛିଦିନ ପୂର୍ବରୁ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଭିସୁଟ୍‌ରେ ଖୁସିର ଲହରି ଖେଳିଯାଇଥିଲା। ଏହି ଛାତ୍ରୀଛାତ୍ରଙ୍କୁ ନେଇ ଭିସୁଟ୍ ଆଜି ଗର୍ବିତ। ଜଣେ ଇଞ୍ଜିନିୟର ମଧ୍ୟ ଭଲ ପ୍ରଶାସକ ଭାବେ କାର୍ଯ୍ୟ କରିବାର ଅନେକ ଉଦାହରଣ ରହିଛି ବୋଲି ଗୁରୁବାର ଭିସୁଟ୍ ସମ୍ମିଳନୀ କକ୍ଷରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ କୁଳପତି ପ୍ରଫେସର ବଂଶୀଧର ମାଝି କହିଥିଲେ।

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଅସୀତ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦଇ କହିଥିଲେ, ଭିସୁଟ୍ ରାଜ୍ୟ ତଥା ଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏକାଥରକେ ୧୨ ଛାତ୍ରୀଛାତ୍ର ଓଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହେବା ପ୍ରଥମ ଶିକ୍ଷାନୁଷ୍ଠାନ। ପଶ୍ଚିମ ଓଡ଼ିଶାର ଏହି ଶିକ୍ଷାନୁଷ୍ଠାନ ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର ଦୃଷ୍ଟି ରହିଛି। ଭିତ୍ତିଭୂମି ବିକାଶ ପାଇଁ ୨ହଜାର କୋଟି ଅନୁଦାନ ମଞ୍ଜୁର କରିଛନ୍ତି। ପର୍ଯ୍ୟାୟକ୍ରମେ ତାହା ସୁବିନିଯୋଗ କରାଯାଇ ବିକଶିତ କରାଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳେଇ, ଜିଲାପାଳ ଅନନ୍ୟା ଦାସ, ଜିଲା ପରିଷଦ ସଭାପତି କୁମୁଦିନୀ ନାଏକ ଅତିଥି ଭାବେ ଯୋଗଦେଇଥିଲେ। ଭିସୁଟର ସମସ୍ତ ବିଭାଗର ମୁଖ୍ୟ ଓ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ। ତାରାକାନ୍ତ ବାରିକ, ସୌମ୍ୟକାନ୍ତ ବେଙ୍ଗୋଲା, ଗୋପୀନାଥ ଖାକା, ଆଲୋକ ସେଠୀ, ଅନନ୍ୟା ଶତପଥୀ, ତମିତ କୌର, ଫାଲ୍‌ଗୁନୀ କୁମାର, ଧନମାଳି ମହାନନ୍ଦ, ସ୍ୱସ୍ତି ଷଡ଼ଙ୍ଗୀ, ଚିନ୍ମୟୀ ଭୋଇ, ଆକାଂକ୍ଷା ଦାଶ ଓ ଅଂଶୁମାନ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ

**ଜମନକିରା,୩।୧୧(ଡି.ଏନ.ଏ.)**

ଜମନକିରା ବ୍ଲକ ଷଣ୍ଢପଥର ଏସ୍‌ଏସ୍‌ଡି ଉଚ୍ଚବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବିଡ଼ିଓ ଗୁନୁ ମେହେର ମୁଖ୍ୟଅତିଥି ଓ ବିଇଓ ଗୁଣମଣୀ ପଟେଲ, ଏବିଇଓ ସୁଦୀପ୍ତ ନାୟକ, ଏବିଇଓ ଦେବକୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ହାଇସ୍କୁଲ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଜଗତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଆଶ୍ରିତା ଭୋଇ ମୁଖ୍ୟଅତିଥି ଓ ଜିଲା ପରିଷଦ ଜୋନ ୧ ସଭ୍ୟା ସୁଜାତା ଖୁଣ୍ଟିଆ, ଜୋନ ୨ ସଭ୍ୟା ତନୟା ଧରୁଆ, ବଡରମା ସରପଞ୍ଚ ବିଜୟ କୁମାର ନାୟକ, ସମିତିସଭ୍ୟ ଆଶୋକ କୁମାର ବାଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ସତ୍ୟନାରାୟଣ ସାହୁ ଓ ସ୍ୱରୂପା ମାଝି ପରିଚାଳନା କରିଥିଲେ। ଏଥିରେ ୨୧ ପଞ୍ଚାୟତର ୧୯ କ୍ଲଷ୍ଟରରୁ ୮ଶହ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ମୋଟ ୧୩ ଛାତ୍ରୀଛାତ୍ର ଜିଲାସ୍ତରରେ ହେବାକୁ ଥିବା ସୁରଭି କାର୍ଯ୍ୟକ୍ରମରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ୧୩ ସ୍କୁଲର ଛାତ୍ରୀଛାତ୍ରଙ୍କ ଦାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ବଡରମା ସିଆର୍‌ସିସି ପ୍ରତାପ ମହାପାତ୍ର ଧନ୍ୟବାଦ ଦେଇଥିଲେ।



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀମାନେ।

### ମାନେଶ୍ୱର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ସମ୍ବଲପୁର,୩।୧୧(ବ୍ୟୁରୋ)**

ସମ୍ବଲପୁର ମାନେଶ୍ୱର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଛି। ମାନେଶ୍ୱର ବିଇଓ ସିନି ବାଡ଼ା ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ଲକର ୧୪ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଗୀତ, ନାଚ ଭଳି ୧୭ଟି ବିଭାଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମାନେଶ୍ୱର ବିଡିଓ ସ୍ମରଣିକା ଟୁଲୋ ମୁଖ୍ୟଅତିଥି ଓ ଏବିଇଓ ତନୁଜା ମହାପାତ୍ର, ତୃଷ୍ଣାମୟୀ ନାଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଦୀପାଳି ଚୌଧୁରୀ ସଂଯୋଜନା କରିଥିବା ବେଳେ ସମସ୍ତ ସିଆର୍‌ସିସି ଓ କର୍ମଚାରୀ ସହଯୋଗ କରିଥିଲେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ଅନିୟମିତତା


ଜିଲାପରିଷଦ ଅଫିସ ସମ୍ମୁଖରେ ପଞ୍ଚାୟତ ସମିତି ସଦସ୍ୟମାନେ ।

**ସମ୍ବଲପୁର,୩।୧୧(ବ୍ୟୁରୋ)**

ସମ୍ବଲପୁର ଜିଲା ଧନକଉଡା ବ୍ଲକ କିଲାସମା ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ବ୍ୟାପକ ଅନିୟମିତତା ହୋଇଛି। ଏ ନେଇ ଗୁରୁବାର ପଞ୍ଚାୟତ ସମିତି ସଦସ୍ୟମାନେ ଜିଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପାଖରେ ଅଭିଯୋଗ କରିଛନ୍ତି। ଏଥିରେ ଦର୍ଶାଯାଇଛି, ବଡ ପ୍ରଧାନପାଲି ଗ୍ରାମଠାରୁ ଆର୍‌ଡି ରାସ୍ତାକୁ ସଂଯୋଗ କରୁଥିବା

## କିଲାସମା ପଞ୍ଚାୟତ

ରାସ୍ତା କାମରେ ଶ୍ରମିକଙ୍କ ନାମରେ ୨୯,୭୮୧ଟଙ୍କା ଓ ମୋରମ ବିଛାଇବା ନାମରେ ୬୯,୯୯୮ଟଙ୍କା ମୋଟ ୯୯,୭୭୯ ଟଙ୍କା ହଡ଼ପ କରାଯାଇଛି। ସେହିପରି ପ୍ରଧାନପାଲି ଗ୍ରାମରୁ ତଲିପଡା ରାସ୍ତା ଉନ୍ନତୀକରଣ ନାମରେ ୯୧,୯୦୮ ଟଙ୍କା ବିଲ୍ କରି ଉଠାଇ ନେଇଛନ୍ତି। ସାଲେଟିକ୍ରା ଗ୍ରାମରେ ଟ୍ରେଞ୍ଚ ଖୋଳା କାମରେ ମଧ୍ୟ ଅନିୟମିତତା ହୋଇଛି। ବଲବସପୁର ଗ୍ରାମ ବିଜଲାପଡା ରାସ୍ତା ଉନ୍ନତୀକରଣ ପାଇଁ ୧ଲକ୍ଷ ୬ହଜାର ଓ ମୋରମ ବିଛାଇବା ବାବଦକୁ ୬୦ହଜାର ୫୮୦ଟଙ୍କା ବାଟମରଣା କରାଯାଇଛି। ପଞ୍ଚାୟତରେ ହୋଇଥିବା ଏହି ଦୁର୍ନୀତି ବିଷୟରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଥିଲେ।

# ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା

**ଝାରସୁଗୁଡ଼ା ଅଫିସ,୩।୧୧**

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଜିଲା ସ୍ତରରେ ବକ୍ତୃତା ପ୍ରତିଯୋଗିତା ଓ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲା କାର୍ଯ୍ୟାଳୟଠାରେ ଏକ ବିକଶିତ ରାଷ୍ଟ୍ର ପାଇଁ ଦୁର୍ନୀତିମୁକ୍ତ ଭାରତ ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ହାଇସ୍କୁଲ ଓ କଲେଜର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅକ୍ଷୟ ମିଶ୍ର, ପ୍ରତିଭା ବେହେରା, ସତ୍ୟଜିତ ସାହୁ ଓ ନିରଞ୍ଜନ ମାଳି ବିଚାରକ ଭାବେ ଯୋଗଦାନ କରିଥିଲେ। ବେହେରାମାଲ ଛକଠାରୁ ବାହାରିଥିବା ଶୋଭାଯାତ୍ରାରେ ଶତାଧିକ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା ଅଂଶ ଗ୍ରହଣ କରିଥିଲେ। ଦୁର୍ନୀତି ନିବାରଣ ବିଭାଗ ଡିଏସ୍‌ପି ପି. ଆଇନ୍ଦ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତପିରାମ ମାଝି ଦୁର୍ନୀତିମୁକ୍ତ ରାଷ୍ଟ୍ର ଗଠନରେ ସବୁ ଶ୍ରେଣୀର ଲୋକଙ୍କ ସହଯୋଗ କାମନା କରିଛନ୍ତି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ କୁମାର ଜେନା, ମିଶନ ଶକ୍ତି ଡିପିଏମ୍ ନିଳିମା କୁଜୁର, ଡିପିସି ସୀମା ଟିଗା, ଚନ୍ଦନ ଖର୍ସେଲ, ଗୋକୁଳ ନାଏକ ଓ ବିଶ୍ୱଜିତ କାରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଝୁଲନ୍ତା ମୃତଦେହ ଜବତ

**ବୋଡେନ,୩।୧୧(ଡି.ଏନ.ଏ.)**

ନୂଆପଡ଼ା ଜିଲା ବୋଡେନ ଥାନା ପୋଲିସ ସୁନାପୁର ପଞ୍ଚାୟତ ମହୁଲପଦର ଗ୍ରାମ ଗୁରୁଡଙ୍ଗର ଜଙ୍ଗଲ ଏକ ମହୁଲ ଗଛରୁ ଗୁରୁବାର ଏକ ଝୁଲନ୍ତା ମୃତଦେହ ଜବତ କରିଛି। ସକାଳେ ଗ୍ରାମର କିଛି ଲୋକ ମୃତଦେହ ଝୁଲୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ମୃତକ ପରିଚୟ ଜଣାପଡ଼ି ନାହିଁ।

# ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଭାଜପାର ବିକ୍ଷୋଭ

**ଝାରସୁଗୁଡ଼ା ଅଫିସ,୩।୧୧**



ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଉଛି।

ବହୁଚର୍ଚ୍ଚିତ ଅର୍ଚ୍ଚନା ନାଗ ମାମଲା ଓ ଜିଲା ପରିଷଦ ଧର୍ମେନ୍ଦ୍ର ସାହୁଙ୍କ ହତ୍ୟା ମାମଲାର ସିବିଆଇ ତଦନ୍ତ ଦାବି କରିଛି ଝାରସୁଗୁଡା ଜିଲା ଭାଜପା। ଜିଲା ସଭାପତି ମଙ୍ଗଳ ସାହୁଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ଶୋଭାଯାତ୍ରାରେ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ୍ ସେମାନଙ୍କୁ ଅଟକାଇଥିଲା। ପରେ ଉପଜିଲାପାଳ ଦୟାମୟ ପାଢୀ ସେଠାକୁ ଆସି ଆନ୍ଦୋଳକାରୀଙ୍କ ନିକଟରୁ ସ୍ମାରକପତ୍ର ଗ୍ରହଣ କରିଥିଲେ। ରାଜ୍ୟପଳଙ୍କ ଉଦ୍ଦେଶ୍ୟରେ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି, ଅର୍ଚ୍ଚନା ନାଗ ମାମଲାରେ ବିଜେଡିର ବହୁ ନେତା ସାମିଲ ରହିଛନ୍ତି। ଏହାକୁ ଚାପିଦେବା

## ଅର୍ଚ୍ଚନା ନାଗ ଘଟଣାର ସିବିଆଇ ତଦନ୍ତ ଦାବି

ପାଇଁ ସରକାର ଉଦ୍ୟମ କରୁଛନ୍ତି। ସେହିପରି ଜିଲାପରିଷଦ ସାହୁଙ୍କ ମୃତ୍ୟୁ ମାମଲାରେ ଶିକ୍ଷାମନ୍ତ୍ରୀଙ୍କ ସମ୍ପୃକ୍ତି ରହିଛି। ଏହାର ନିରପେକ୍ଷ ତଦନ୍ତ କରାଯାଇ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣପାଇଁ ଦାବି ରହିଛି। ଏହି ଆନ୍ଦୋଳନରେରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ଜିଲା ସାଧାରଣ ସମ୍ପାଦକ ବିମଳେନ୍ଦୁ ଭୋଳ, ପ୍ରେମସେନ ରାୟ, ଜିଲା ଏସ୍‌ସି ମୋର୍ଚ୍ଚା ସଭାପତି ତ୍ରିନାଥ ଗୁଆଲ, ରକ୍ମଣ ଧୁରୁଆ, ଆଲୋକ ସାହୁ, ଉତ୍ତମ ନେଗୀ ପ୍ରମୁଖ ଉପସ୍ଥିତଥିଲେ ।

# ଅଣଧାନ ଚାଷ କରିବାକୁ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷଙ୍କ ପରାମର୍ଶ

**ସମ୍ବଲପୁର,୩।୧୧(ବ୍ୟୁରୋ)**


ଛତୁଚାଷ ବୁଲି ଦେଖୁଛନ୍ତି ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମୁଖ୍ୟ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ଗୁରୁବାର ସମ୍ବଲପୁର ଜିଲା ଗସ୍ତରେ ଆସି ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ ବୁଲିବା ସହ ସମୀକ୍ଷା କରିଥିଲେ। ଭିସୁଟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହା ପୂର୍ବରୁ ସେ ମାନେଶ୍ୱର ବ୍ଲକ ନକ୍ସାପାଲିଠାରେ ଅତ୍ୟାଧୁନିକ ପ୍ରଣାଳୀରେ ହୋଇଥିବା ଛତୁ ଚାଷ ବୁଲି ଦେଖିଥିଲେ। ପ୍ରାୟ ୧.୬୦କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ଛତୁଚାଷ କରାଯାଉଛି। ମାନେଶ୍ୱର ବ୍ଲକ ଜୟଘଣ୍ଟରେ କୁକୁଡ଼ା ଚାଷ ହେଉଥିବା ଫାର୍ମ ବୁଲିଦେଖିଥିଲେ। ପରେ ଏସ୍‌ଏଚ୍‌ଜି ଦ୍ୱାରା ପରିଚାଳିତ ପଞ୍ଜୁରୀ ମାଛ ଚାଷ ପ୍ରକଳ୍ପ ଦେଖି ମହିଳାମାନଙ୍କୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ଧାନ ଚାଷ ବ୍ୟତୀତ କିଭଳି ଅନ୍ୟ ଚାଷ କରି ଆର୍ଥିକ କ୍ଷେତ୍ରରେ ଅଧିକ ସୁଦୃଢ ହୋଇପାରିବେ ସେ ନେଇ ପରାମର୍ଶ ଦେଇଥିଲେ। ସରକାରଙ୍କ ତରଫରୁ ରିହାତିରେ ଋଣ ପ୍ରଦାନ କରାଯାଉଛି। ଏହାର ଲାଭ ଚାଷୀମାନେ ନେବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନ କମିଶନର ଡ଼. ସୁରେଶ ଚନ୍ଦ୍ର ଦଳେଇ, ଜିଲା ପରିଷଦ ସଭାପତି କୁମୁଦିନୀ ନାୟକ, ଜିଲାପାଳ ଅନନ୍ୟା ଦାସ, ଏସ୍‌ପି ବାତୁଳା ଗଙ୍ଗାଧର, ଜିଲା ପରିଷଦ ନିର୍ବାହୀ ଅଧିକାରୀ ଦିଲୀପ କୁମାର ବଳଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜିଲା କଂଗ୍ରେସର ମହମବତି ଶୋଭାଯାତ୍ରା

ସମ୍ବଲପୁର (ବ୍ୟୁରୋ): ମୋର୍ବି ଝୁଲା ପୋଲ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଗୁରୁବାର ଜିଲା କଂଗ୍ରେସ ଗଭୀର ଶୋକ ପ୍ରକାଶ କରିଛି। ସନ୍ଧ୍ୟାରେ ଜିଲା କଂଗ୍ରେସ କାର୍ଯ୍ୟାଳୟରୁ ମହମବତୀ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଜିଲା କଂଗ୍ରେସ ସଭାପତି ତଥା ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁ ନେତୃତ୍ୱ ନେଇଥିଲେ। ନିରଞ୍ଜନ ତ୍ରିପାଠୀ, ସୁତପା ମିତ୍ର, ବିଜୟଲକ୍ଷ୍ମୀ ବେହେରା, ଗୋପାଳ ପଣ୍ଡା, ମହମ୍ମଦ ମୁକ୍ତାର, ହରି ପାଢ଼ୀ, ଅମିତ ଗୁରୁ, ଜିତେନ୍ଦ୍ର ପ୍ରଧାନ, ସଞ୍ଜୀବ ଗର୍ଡିଆ, ଶିବବ୍ରତ ପ୍ରଧାନ ଶୋଭାଯାତ୍ରାରେ ସାମିଲ ଥିଲେ।

### ସଂକ୍ଷେପରେ

## ସତର୍କତା ସଚେତନତା ସପ୍ତାହ ପାଳିତ

**କୁଆଁରମୁଣ୍ଡା,୩।୧୧(ଡି.ଏନ.ଏ.):** ଭ୍ରଷ୍ଟାଚାର ମୁକ୍ତ ଭାରତ-ବିକଶିତ ଭାରତ ଗଠନ ନିମନ୍ତେ ଜନସାଧାରଣ ସତର୍କ ଓ ସଜାଗ ରହିଲେ ହିଁ ସମ୍ଭବ ହୋଇପାରିବ ପାରିବ ବୋଲି ଗୁରୁବାର କୁଆଁରମୁଣ୍ଡା ବ୍ଲକ ଡୁମେରଯୋର ହାଇସ୍କୁଲରେ ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର। କାର୍ଯ୍ୟକ୍ରମ ରାଉରକେଲା ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଆୟୋଜିତ ହୋଇଥିଲା ବେଳେ ଡୁମେରଯୋର ହାଇସ୍କୁଲର ପ୍ରଧାନଶିକ୍ଷକ ଉମେଶ ନାଏକ ଓ ଅନ୍ୟ ଶିକ୍ଷକମାନେ ଉପସ୍ଥିତ ରହି ସହାୟତା ଯୋଗାଇଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ହେଲେ ଭିଜିଲାନ୍ସ ଜିଏମ ସୌମିତ କୁମାର,ଏଜିଏମ ସନ୍ଦୀପ ବଂଶଲ, ଡିଜିଏମ ସଞ୍ଜୟ କୁମାର,ଏଜିଏମ ଅବନୀ କୁମାର ବିଶ୍ୱାଳ, ଶରତ କୁମାର ସେନାପତି, ମୁକେଶ କୁମାର ସିଂଙ୍କ ସମେତ ଡୁମେରଯୋର ସରପଞ୍ଚ ଯଶୋଦା ମହାଲି,ପଞ୍ଚାୟତ ସମିତି ଉପାଧକ୍ଷା ସୁନିତା ଅହିର,ଏବିଇଓ ଡରୋଥିଆ ଟପ୍ପୋ ପ୍ରମୁଖ ମଞ୍ଚାସୀନ ରହି ନିଜ ବକ୍ତବ୍ୟ ରଖିଥିଲେ।

## ତୁମକଳା ବ୍ରାହ୍ମଣୀ ସେତୁ କାର୍ଯ୍ୟ ଆରମ୍ଭ

**ଲହୁଣୀପଡ଼ା, ୩।୧୧(ଡି.ଏନ.ଏ):** ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ତୁମକଳା ଗ୍ରାମର ବ୍ରହ୍ମଣୀ ନଦୀ ଉପରେ ହେବାକୁ ଥିବା ବହୁ ପ୍ରତୀକ୍ଷିତ ତୁମକଳା ବ୍ରହ୍ମଣୀ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ସେତୁ ସମ୍ପୂର୍ଣ୍ଣ ହେବା ପରେ ବଣେଇ ଉପଖଣ୍ଡ ସଦର ମହକୁମାକୁ ସିଧାସଳଖ ଯୋଗାଯୋଗ କରିବାର ସୁବିଧା ପାଇବେ। କାରଣ ଏବେ ଲହୁଣୀପଡ଼ା ରାଜାମୁଣ୍ଡା ଓ ଆଖପାଖ ଅଞ୍ଚଳର ଲୋକମାନେ ନରେନ୍ଦ୍ର ଦେଇ ପ୍ରାୟ ୧୫ କିଲୋମିଟର ବୁଲି ବଣେଇକୁ ଯାତାୟାତ କରୁଛନ୍ତି। ତୁମକଳା ବ୍ରହ୍ମଣୀ ସେତୁ ହୋଇଗଲା ପରେ କେ ବଲାଙ୍ଗ ଥାନା ଅଞ୍ଚଳ ଓ ଲହୁଣୀପଡ଼ା ,ରାଜାମୁଣ୍ଡା ଅଞ୍ଚଳର ଲୋକମାନେ ଖୁବ ସହଜରେ ସଦର ମହକୁମାକୁ ପହଞ୍ଚି ପାରିବେ। ଦୀର୍ଘ ଦିନ ହେବ ତୁମକଳା ବ୍ରହ୍ମଣୀ ସେତୁ ନିର୍ମାଣ ପାଇଁ ଦାବି ହୋଇ ଆସୁଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜୁ ସେତୁ ଯୋଜନାରେ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ତଦାରଖରେ ପ୍ରାୟ ୫୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ଜଣାପଡିଛି।

# ଅଧିକୃତ ଜମି ଚାଷୀଙ୍କୁ ଫେରାଇବାକୁ ଦାବି

**ସମ୍ବଲପୁର,୩।୧୧(ବ୍ୟୁରୋ)**



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଚାଷୀମାନେ ।

ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗୁରୁବାର ଚିପିଲିମା ଅଞ୍ଚଳର ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ। ଚାଷୀମାନଙ୍କୁ ସମର୍ଥନ କରି ବିରୋଧୀଦଳ ନେତା ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାଏକ ଧାରଣାରେ ସାମିଲ ହୋଇଥିଲେ। ପରେ ଏଡିଏମ୍ ଉମାକାନ୍ତ ରାଜଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶରେ ଦାବିପତ୍ର ଦିଆଯାଇଥିଲା। ଚାଷୀଙ୍କ ଅଭିଯୋଗ କ୍ରମେ ଜଳବିଦ୍ୟୁତ୍ ପ୍ରକଳ୍ପ ପାଇଁ ୧୯୫୨ ମସିହା ବେଳକୁ ଚାଷୀମାନଙ୍କ ଜମି ଅଧିଗ୍ରହଣ କରାଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ କେତେକ ଜମି ସରକାର ବ୍ୟବହାର କରିନାହାନ୍ତି। ଜମି ପଡିଆ ପଡିଥିବା ବେଳେ ଚାଷୀମାନେ ମଧ ଚାଷ କରିଆସୁଛନ୍ତି। ଚାଷୀମାନଙ୍କୁ ଧାନ ବିକ୍ରି କରିବାରେ ସମସ୍ୟା ହେଉଛି। ସରକାର ବ୍ୟବହାର ନ କଲେ ଉକ୍ତ ଜମିକୁ ଚାଷୀମାନଙ୍କୁ ଫେରାଇ ତାଙ୍କ ନାମରେ ରେକର୍ଡ କରିବାକୁ ଦାବି କରିଥିଲେ। ପୁରୁଷୋତ୍ତମ ମହାକୁଡ, ରାମଜି ଭୁଏ, ଗୋବିନ୍ଦ ପାଣ୍ଡେ, ବିଶ୍ୱ ବିହାରୀ ପଣ୍ଡା, ମଙ୍ଗଲୁ ମେହେର, ଗେଥଲ ଛନ୍ଦ, ପ୍ରକାଶ ପଣ୍ଡା, ପରମାନନ୍ଦ ସେଠ ପ୍ରମୁଖ ଶତାଧିକ ଚାଷୀ ଉପସ୍ଥିତ ରହିଥିଲେ।

# ଜିଏମ୍ୟୁରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

**ସମ୍ବଲପୁର,୩।୧୧(ବ୍ୟୁରୋ)**




ଜିଏମ୍ୟୁରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି ।

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍ୟୁ)ର ଅଧାପନା ପ୍ରକୋଷ୍ଠ-୧ରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୨ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍ ନାଗାରାଜୁ ଅଧ୍ୟକ୍ଷତା କରିଥିଲେ। ଭିଜିଲାନ୍ସ ଡିଏସ୍‌ପି ସୁଜାତା ପଣ୍ଡା ଓ ଡିଏସ୍‌ପି କବିତା ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଭ୍ରଷ୍ଟାଚାର ମୁକ୍ତ ଭାରତ, ବିକଶିତ ଭାରତ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ ଯୁଗଳେଶ୍ୱରୀ ଦାଶ, ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ସୁଶାନ୍ତ କୁମାର ଦାସ, କାର୍ଯ୍ୟକ୍ରମର ସଂଯୋଜକ ଡ. ସନ୍ତୋଷ କୁମାର ସେଠୀ ମଞ୍ଚାସୀନ ଥିଲେ। ଦୁର୍ନୀତିମୁକ୍ତ ସମାଜ ଗଠନରେ ନିଜର ଭୂମିକା ଓ ସମାଜରୁ ଦୁର୍ନୀତି କିପରି ମୂଳୋତ୍ପାଟନ ହେବ ସେ ସମ୍ପର୍କରେ କୁଳସଚିବ ଦାଶ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଆସନ୍ତା ୬ ତାରିଖରେ ଉଦ୍‌ଯାପିତ ହେବ।

# ଆରଏସ୍‌ପି ପରିଦର୍ଶନ କଲେ ସେଲ୍ ବୋର୍ଡ ସଦସ୍ୟ ମଣ୍ଡଳୀ



ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆର୍‌ଏସ୍‌ପି ପରିଦର୍ଶନ କରୁଛନ୍ତି।

**ରାଉରକେଲା ଅଫିସ,୩।୧୧**

ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ (ସେଲ୍) ବୋର୍ଡର ସଦସ୍ୟମାନେ ଦୁଇଦିନିଆ ରାଉରକେଲା ଇସ୍ପାତ କାରଖାନା ଗସ୍ତରେ ଆସିଛନ୍ତି। ଏହି ଉଚ୍ଚସ୍ତରୀୟ ଦଳରେ ସ୍ୱାଧୀନ ନିର୍ଦ୍ଦେଶକ ଏନ୍. ଶଙ୍କରାପ୍ପା,ଅଶୋକ କୁମାର ତ୍ରିପାଠୀ, କନ୍ହେୟା ସାରଦା, ନୀଲମ ସୋଙ୍କର, ଏସ୍. କେ. ଭି. ରାଜୁ, ବିତ୍ତ ନିର୍ଦ୍ଦେଶକ ଏ. କେ. ତୁଲସିଆନି, ବୈଷୟିକ ପ୍ରକଳ୍ପ ଓ କଞ୍ଚାମାଲ ବିଭାଗ ନିର୍ଦ୍ଦେଶକ ଏ. କେ. ସିଂହ, ଏସ୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ବି. ପି. ସିଂହ ଉପସ୍ଥିତ ଥିଲେ। ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକଙ୍କ ଉପସ୍ଥିତିରେ ଏହି ଉଚ୍ଚସ୍ତରୀୟ ଦଳ ଗୁରୁବାର ଏଚ୍‌ଆର୍‌ଡି କେନ୍ଦ୍ରରେ ମଡେଲ ରୁମ୍ ପରିଦର୍ଶନ କରିଥିଲେ। ଏହି ଅବସରରେ ଏକ ସୁରକ୍ଷା ଚଳଚ୍ଚିତ୍ର ଓ ଆରଏସ୍‌ପିର ବିଭିନ୍ନ ପ୍ରୟାସ ସହ ସଫଳତାକୁ ନେଇ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଏହାପରେ ସଦସ୍ୟମାନେ କଞ୍ଚାମାଲ ହ୍ୟାଣ୍ଡଲିଂ, ବ୍ଲାଷ୍ଟ ଫର୍ଣ୍ଣେସ-୫, ଷ୍ଟିଲ ମେଲଟିଂ ସପ୍-୨, ହଟ୍‌ଷ୍ଟ୍ରିପ୍ ମିଲ-୨ ଓ ନୂତନ ପ୍ଲେଟ ମିଲ ପରିଦର୍ଶନ କରିଥିଲେ। ସମ୍ପୃକ୍ତ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ବ୍ୟକ୍ତିମାନଙ୍କୁ ବିଭିନ୍ନ ୟୁନିଟ୍‌ର ଉତ୍ପାଦନ ପ୍ରକ୍ରିୟା ଓ କାର୍ଯ୍ୟଦକ୍ଷତା ବିଷୟରେ ସୂଚନା ପ୍ରଦାନ କରିଥିଲେ। ଏହାପରେ ସେମାନେ ମନ୍ଥନ ସମ୍ମିଳନୀ ହଲ୍‌ରେ କାରଖାନାର ବରିଷ୍ଠ ଅଧିକାରୀଙ୍କ ସହିତ ଉଚ୍ଚସ୍ତରୀୟ ବୈଠକ କରିଥିଲେ। ବୈଠକରେ ଡିଆଇସି, ସମସ୍ତ ନିର୍ବାହୀ ନିର୍ଦ୍ଦେଶକ, ସିଜିଏମ, ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ

**କୁଚିଣ୍ଡା,୩।୧୧(ଡି.ଏନ.ଏ.)**

କୁଚିଣ୍ଡାସ୍ଥିତ ସରକାରୀ ହାଇସ୍କୁଲରେ ଗୁରୁବାର କୁଚିଣ୍ଡା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶର କିଷାନ ଏହାକୁ ଉଦ୍‌ଘାଟନ କରିଥିଲେ। ଏବିଇଓ ଗୌରାଙ୍ଗ କୁସୁମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟ ଅତିଥି, ଜିଲାପରିଷଦ ସଭ୍ୟ ଅଜିତ ମହାପାତ୍ର ଓ ଦିବ୍ୟରାଜ କିଷାନ, କୁଚିଣ୍ଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ରଣଜିତ ବରିହା, ଚନ୍ଦନିମାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ କମଳ ଲୋଚନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁରଭି କାର୍ଯ୍ୟକ୍ରମ ଶିଶୁମାନଙ୍କ ଅନ୍ତର୍ନିହିତ ଗୁଣାବଳୀକୁ ବିକଶିତ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅତିଥିଗଣ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାରେ ୧୩ଗୋଟି କ୍ଲଷ୍ଟର ୧୧୫ଗୋଟି ସ୍କୁଲର ୫୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସିନିୟରରୁ ୧୦ଜଣ ଓ ଜୁନିୟରରୁ ୭ଜଣ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରକୁ ମନୋନୀତ ହୋଇଛନ୍ତ। ଉଦ୍‌ଯାପନୀ ସଭାକୁ ଶିକ୍ଷକ ଶରତ କୁମାର ପଶାୟତ ପରିଚାଳନା କରିଥିବା ବେଳେ ଶିକ୍ଷକ ସଂଘ ବ୍ଲକ ସଭାପତି ପ୍ରଶାନ୍ତ କୁମାର ଦାଶ ଧନ୍ୟବାଦ ଦେଇଥିଲେ।

# ପାଇଥିବା ଟଙ୍କା ଓ ପର୍ସ ଫେରାଇଲେ

**ଦେବଗଡ଼,୩।୧୧(ଡି.ଏନ୍.ଏ.)**

### ଗୃହରକ୍ଷୀଙ୍କ ମହାନତା



ଗୃହରକ୍ଷୀ ଟଙ୍କଧର ମହିଳାଙ୍କୁ ମନିପର୍ସ ଫେରାଉଛନ୍ତି।

ଦେବଗଡ଼ ଜିଲା ବାରକୋଟ ବ୍ଲକ ମୁଖ୍ୟାଳୟରେ ଚାଲିଥିବା କାଳୀପୂଜା ମେଳା ବୁଲିବାକୁ ଆସିଥିବା ଜଣେ ଗରିବ ମହିଳାଙ୍କ ହଜିଥିବା ଟଙ୍କାଥିବା ମନିପର୍ସକୁ ସେଠାରେ କାର୍ଯ୍ୟରତ ଜଣେ ଗୃହରକ୍ଷୀ ପାଇ ସେହି ମହିଳାଙ୍କୁ ହସ୍ତାନ୍ତର କରି ନିଜ ମହାନତାର ପରିଚୟ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାଇ ଜନଗହଳିପୂର୍ଣ୍ଣ ବାରକୋଟ କାଳୀପୂଜା ମେଳାକୁ ଆସିଥିବା ଦଂରା ଗ୍ରାମର ସନ୍ତୋଷିନୀ ବେହେରାଙ୍କ ପର୍ସ ହଜିଥିଲା। ପୂଜା ମଣ୍ଡପରେ ମା'କାଳୀଙ୍କ ଦର୍ଶନ କରି ମେଳାପଡିଆ ଅଭିମୁଖେ ଯାଉଥିବାବେଳେ ଅସାବଧାନତା ବଶତଃ ଟଙ୍କା ଥିବା ମନିପର୍ସଟି ତାଙ୍କ ହାତରୁ ଖସି ପଡିଥିଲା। ତେବେ ପୂଜା ମଣ୍ଡପ ନିକଟରେ ଶାନ୍ତିଶୃଙ୍ଖଳା ଦାୟିତ୍ୱରେ ନିୟୋଜିତ ଥିବା ବାରକୋଟ ଥାନା ଅଧୀନରେ କାର୍ଯ୍ୟରତ ଗୃହରକ୍ଷୀ ଟଙ୍କଧର ନାଏକ ଉକ୍ତ ମନିପର୍ସକୁ ପାଇଥିଲେ। ପର୍ସ ମଧ୍ୟରେ ପରିଚୟ ପାଇଁ କୌଣସି ଚିହ୍ନ ନ ଥିଲା। ଫଳରେ ଗୃହରକ୍ଷୀ ଟଙ୍କଧର ପୂଜା ମଣ୍ଡପରେ ଥିବା ଡାକବାଜି ଯନ୍ତ୍ରରେ ପାଇଥିବା ପର୍ସ ସମ୍ବନ୍ଧରେ ପ୍ରଚାର କରିବା ସହ ପ୍ରମାଣ ଦେଇ ନେଇଯିବାକୁ ଘୋଷଣା କରିଥିଲେ। କିଛି ସମୟ ପରେ ପ୍ରାୟ ୨/୩ ଜଣ ମହିଳା ଆସି ସେମାନଙ୍କ ପର୍ସ ହଜିଥିବା କହି ଫେରାଇ ଦେବାକୁ କହିଥିଲେ ମଧ ପର୍ସ ମଧରେ ଥିବା ଟଙ୍କା ସମ୍ପର୍କରେ ଠିକ୍ କହି ପାରି ନ ଥିଲେ। ହଜିଥିବା ପର୍ସର ରଙ୍ଗ ମଧ କହି ପାରି ନ ଥିଲେ। କିଛି ଘଣ୍ଟା ପରେ ଶେଷରେ ପର୍ସ ହଜାଇଥିବା ପ୍ରକୃତ ଗରିବ ମହିଳା ଜଣକ ସେଠାରେ ପହଞ୍ଚି ପର୍ସରେ ଥିବା ଟଙ୍କା ସମ୍ପର୍କରେ ଠିକ୍ କହିବା, ରଙ୍ଗ ଠିକ୍ କହିବାରୁ ଗୃହରକ୍ଷୀ ଟଙ୍କଧର ଉକ୍ତ ମହିଳାଙ୍କୁ ତାଙ୍କ ପର୍ସ ହସ୍ତାନ୍ତର କରିଥିଲେ। ପ୍ରବଳ ଜନଗହଳିରେ ହଜିଥିବା ପର୍ସ ଫେରି ପାଇବାର ଆଶା ଛାଡି ଦେଇଥିବା ମହିଳା ଜଣକ ନିଜ ପର୍ସ ଫେରିପାଇ ଗୃହରକ୍ଷୀଙ୍କ ନିକଟରେ କୃତଜ୍ଞତା ଜଣାଇଥିଲେ। ଫେରି ପାଇଥିବା ଟଙ୍କାରୁ ମା'ଙ୍କ ହୁଣ୍ଡିରେ କିଛି ଟଙ୍କା ଦେଇ ଖୁସିରେ ପୁଣିଥରେ ମେଳା ପଡିଆକୁ ବାହାରିଥିଲେ।

# ନୀଳଶୈଳ କଲେଜରେ ରକ୍ତଦାନ ଶିବିର

**ରାଉରକେଲା ଅଫିସ,୩।୧୧**

ରାଉରକେଲା ଜଗଦା ସ୍ଥିତ ନୀଳଶୈଳ କଲେଜ ପରିସରରେ ଏନ୍‌ଏସ୍‌ଏସ୍ ଓ ୱାଇଆର୍‌ସିର ମିଳିତ ଆନୁକୂଲ୍ୟରେ ଗୁରୁବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସହଭାଗିତାରେ ଆୟୋଜିତ ଏହି ଶିବିରକୁ ପାନପୋଷ ଉପଜିଲାପାଳ ଅଭିମନ୍ୟୁ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁରେନ୍ଦ୍ର ନାଥ ଶର୍ମା ରକ୍ତାଦାତାଙ୍କୁ ଉତ୍ସାହିତ କରିଥିଲେ। ଏନ୍‌ଏସ୍‌ଏସ୍‌ର କାର୍ଯ୍ୟକ୍ରମ ଅଧିକାରୀ ତୃପ୍ତିରେଖା ପାତ୍ର, ୱାଇଆରସି କାର୍ଯ୍ୟକ୍ରମ ଅଧିକାରୀ ନୀତୁ ମାରାଣ୍ଡି ଅଧ୍ୟାପିକା ଶୀତଲ କିରଣ ମିଞ୍ଜ ସ୍ୱେଚ୍ଛାସେବୀମାନଙ୍କର ନାମ ପଞ୍ଜୀକରଣ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଲେଜର ୫୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଓ କର୍ମଚାରୀ ରକ୍ତଦାନ କରିଥିଲେ। ଏହି ଶିବିରକୁ ରାଉରକେଲା ସରକାରୀ ଡାକ୍ତରଖାନାର ବ୍ଲଡବ୍ୟାଙ୍କର ଟେକ୍ନିସିଆନମାନେ ରକ୍ତ ସଂଗ୍ରହ କରିଥିଲେ। ଇଂରାଜୀ ବିଭାଗ ଅଧ୍ୟାପକ ସଞ୍ଜିତ ଭୂୟାଁ, ପ୍ରଦୀପ ପାଣିଗ୍ରାହୀ, ଅନୁପମା ପ୍ରଧାନ, ପ୍ରିୟଙ୍କା ପୂର୍ତ୍ତି, ପ୍ରଭାତ ରାଉତ ପ୍ରମୁଖ ସହଯୋଗ କରିଥିଲେ।




ଜଣେ ରକ୍ତଦାତା ରକ୍ତଦାନ କରୁଛନ୍ତି।

# ଫୁଟବଲ ଟୁର୍ନାମେଣ୍ଟ: କୋଇଡା ଚାମ୍ପିୟନ




ପେରିଫେରାଲ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।

**ଟେନ୍‌ସା, ୩।୧୧(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଟେନସାରେ ଥିବା ସେଲ ଅଧୀନସ୍ଥ ବରସୁଆଁ ଲୌହ ଖଣି ସାମାଜିକ ଦାୟିତ୍ୱବୋଧ ବିଭାଗ ତଥା ସିଏସଆର ଅଧିକାରୀ ଅମୀୟ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପେରିଫେରାଲ ଫୁଟବଲ ଟୁର୍ନାମେଣ୍ଟ ୨୦୨୨ ଟେନସା ଇସ୍ପାତ ଷ୍ଟାଡିୟମ ଓ ବରସୁଆଁ ଖେଳ ପଡିଆ ଠାରେ ଉଦଯାପିତ ହୋଇଯାଇଛି। ବଣାଇଁ ଉପଖଣ୍ଡରୁ ୩୨ଟି ଦଳ ଭାଗ ନେଇଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ମୁକାବିଲା ମର୍ନିଂ ଷ୍ଟାର ବଣାଇଁ ବନାମ କୋଇଡ଼ା କାଦୋଡିହା ଫୁଟବଲ ଆସୋସିଏସନ ମଧ୍ୟରେ ଖେଳା ଯାଇଥିଲା । କାଦୋଡିହା ଦଳ ୧-୦ରେ ବିଜୟୀ ହୋଇ ଚଳିତବର୍ଷ ଚାମ୍ପିୟନ ହୋଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରସୁଆଁ ଲୌହ ଖଣି ମହାପ୍ରବନ୍ଧକ ଭାରପ୍ରାପ୍ତ ଅଧିକାରୀ ତିଳକ ପଟ୍ଟନାୟକ ତଥା ଅନ୍ୟ ଅତିଥି ଗହଣରେ ଟେନସା ସରପଞ୍ଚ ଅନିତା ପୂର୍ତ୍ତୀ, ସମିତି ସଭ୍ୟା ପ୍ରିୟା ଗୋଲରିଆ ତିର୍କୀ, ରବି ନାରାୟଣ ମିଶ୍ର, ଜୀବନ ମୁକୁଟ ଟପ୍ପୋ,ଏସ. ଉ ଲସ୍କର, ଏଚ.କେ ଦେବ, ବି. ଦତ୍ତ, ସି.ଏସ ଆର ବିଭାଗର ମ୍ୟାନେଜର ଅମୀୟ ରଞ୍ଜନ ରାଉତଙ୍କ ସମେତ ସେଲ ବରିଷ୍ଠ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ବିଜୟ କୋଦୋଡିହା ଫୁଟବଲ ଆସୋସିଏସନ ଚାମ୍ପିୟନ ଦଳକୁ ୧୦ ହଜାର ନଗଦ ସହ ଟ୍ରଫି, ଉପ ବିଜେତା ଦଳ ମର୍ନିଂ ଷ୍ଟାର କୁ ୮ ହଜାର ନଗଦ ସହ ଟ୍ରଫି, ତୃତୀୟ ସ୍ଥାନ ଅଧିକାର ଦଳ ବାଗୁନ ବିସ୍ରା କ୍ଲବ ଦଳକୁ ୬ ହଜାର ନଗଦ ସହ ଟ୍ରଫି ତଥା ଚତୁର୍ଥ ସ୍ଥାନ ଅଧିକାର ଦଳ ମାଆ ସମଲେଇ କ୍ଲବ ଦଳକୁ ୪ ହଜାର ନଗଦ ସହ ଟ୍ରଫି ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟକୁ ନରେଶ ନାୟକ, ରାଜେଶ ବେହେରା, ଇଗ୍ନେଶ ମାଝୀ ପରିଚାଳନା କରିଥିବା ବେଳେ ଅତିଥି ଗଣ ପରିଚାଳନା ସମସ୍ତ ସଦସ୍ୟମାନଙ୍କୁ ସମ୍ମାନିତ କରିଥିଲେ ।


## OFFICE OF THE MUNICIPAL COUNCIL, SUNDARGARH

No. 8750 Date: 31.10.2022

### QUOTATION CALL NOTICE

No. C-1493: Sealed quotations are invited from the Intending Quotationers for **"Supply and Installation of MS Door, Window, MS Grill & Rolling Shutter in different areas of Sundargarh Municipality"**. The detail quotation documents will be available in the district website of Sundargarh i.e. **www.sundargarh.nic.in** from Dt.02.11.2022 to Dt.11.11.2022. The quotation document must be submitted to the Office of the Executive Officer, Sundargarh Municipality, Sundargarh through Regd. Post/Speed Post/By Hand only. The bidder should subscribe **"Supply and Installation of MS Door, Window, MS Grill Rolling Shutter & Collapsible Shutter in different areas of Sundargarh Municipality"** on the top of the envelope.
Last date of receipt of Quotation: 11.11.2022 upto 04.00 P.M.
Date of Opening of Quotation: 14.11.2022 at 11.30 A.M.
The authority reserves the right to accept or reject any proposals without assigning any reason thereof.

Sd./- Executive Officer
Sundargarh Municipality
OIPR-13130/11/0020/2223

## HOUSING AND URBAN DEVELOPMENT DEPARTMENT
## OFFICE OF THE MUNICIPAL COUNCIL:BARGARH

AT/PO/DIST.: BARGARH,PIN-768028
Ph.:06646:234347,Fax:06646:234347, Website:www.bargarhmunicipality.in, e-mail:bargarhmunicipality.eo@gmail.com
Letter No.2712/BMC Date:08.06.2022

No.C-1491: **INVITATION FOR BIDS**
**BID IDENTIFICATION No. 3/BGH-MUN/2022-23**

| | | |
|---|---|---|
| 1 | Nature of Work | Electrical Work |
| 2 | No. of Work | 4 Nos. |
| 3 | Amount put to tender (in lakh) | As per DTCN |
| 4 | Bid Cost | As per DTCN |
| 5 | Class of Contractor | HT & LT |
| 6 | Availability of Bids documents in website | From 11.00 Hrs. Dt.09.06.2022 to 17.30 Hrs. Dt.18.06.2022 |
| 7 | Date of Opening of Bid | Dt.20.06.2022 11.00 Hrs. |

The bidder have to participate in ONLINE bidding only. Further details can be seen from the website i.e., http://tenderodisha.gov.in and Bargarh Municipality Website i.e., http://www.bargarhmunicipality.in. Any addendum/corrigendum/cancellation of tender can also be seen only in the said website.
OIPR-13103/11/0017/2223 Sd./-Executive Officer, Bargarh Municipality

## OFFICE OF THE EXECUTIVE ENGINEER MINOR IRRIGATION DIVISION, JASHIPUR

GOVERNMENT OF ODISHA
No.A-678: **"e"-PROCUREMENT NOTICE**
**BID IDENTIFICATION No: 06 MID (JSP/2022-23)**

1. Name of the Inviting Officer :- Executive Engineer, Minor Irrigation Division, Jashipur
2. Name of the Work :- Construction of Check Dams in different Blocks of Mayurbhanj District.
3. No. of Works :- 2 (Two) Nos.
4. Tender Amount Varies From :- 37.73 lakh to 49.53 lakh
5. Date and Time of Availability of BID Document in the Portal for online Bidding from :- 10.00 Hrs. Dt.04.11.2022 to 17.00 hrs Dt.14.11.2022
6. Last Date and Time of receipt of Bids in the Portal :- 17.00hrs Dt.14.11.2022
7. Last Date and Time for clarification up to :- 17.00 hrs Dt.10.11.2022
8. Date of opening of Bid :- 11.00 hrs onwards Dt.15.11.2022

**The detail tender call notice can also be seen in the DOWR website: http://dowrorissa.gov.in**
Name & Address of the OIT : Executive Engineer, M.I. Division, Jashipur, At/PO-Khairi /Dist: Mayurbhanj, PIN-757091, E-Mail:- eemijashipur@yahoo.com
Further details can be seen from the : **http://tenderorissa.gov.in** e-Procurement market place.
- Subsequent corrigendum/addendum if required shall be available in the above portal.
- The tender inviting authority reserves the right to reject/cancel any or all tenders without assigning any reason thereof.

Sd./- 28.10.2022
Executive Engineer, M.I Division, Jashipur
OIPR-32282/11/0004/2223

## ODISHA PVTG EMPOWERMENT & LIVELIHOODS IMPROVEMENT PROGRAMME
## ST & SC DEVELOPMENT DEPARTMENT

2nd Floor, TDCCOL Building, Rupali Square, Bhubaneswar- 751022
Notice No.3590/Date:02.11.2022

### ENGAGEMENT OF PROGRAMME OFFICER (LIVELIHOODS & CONVERGENCE)

**No.CAD-2400:**Programme Director, OPELIP invites applications from eligible candidates for engagement of "Programme Officer- Livelihoods & Convergence" in PMU, OPELIP on short term basis to be positioned at PMU, OPELIP, 2nd floor, TDCCOL Building, Rupali Square, Bhubaneswar - 751022. Application form along with the detailed ToR can be downloaded from our official website i.e. www.opelip.org. Last date of receipt of applications by post/courier only **14th November, 2022 at 05.00 PM.** Application beyond the dateline will not be considered.
Only shortlisted candidates will be called for Interview for empanelment Programme Director, OPELIP reserves the right of accepting or rejecting the applications without assigning any reason thereof.

OIPR-26024/11/0008/2223 Sd/-Programme Director

## ସଂକ୍ଷେପରେ

### ପରିତ୍ୟକ୍ତ ଘରୁ ବୃଦ୍ଧଙ୍କ ମୃତଦେହ ଜବତ

**ଲେଫ୍ରିପଡା,୩।୧୧(ଡ଼ି.ଏନ.ଏ):** ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ସାଲେଟିକ୍ରା ଗ୍ରାମରେ ଏକ ପରିତ୍ୟକ୍ତ ଘରୁ ଜଣେ ବୃଦ୍ଧଙ୍କ ମୃତଦେହ ଗୁରୁବାର ପୋଲିସ ଜବତ କରିଛି। ମୃତ ବ୍ୟକ୍ତି ଜଣକ ସରପଗଡ଼ ଡ୍ୟାମ ତଳେ ଥିବା ସିଙ୍ଗାରଗୁଡାର ଧନୁର୍ଯ୍ୟ ମାଝୀ (୬୪)। ମୃତ ବ୍ୟକ୍ତି ଜଣକ ବହୁ ଦିନରୁ ନିଜ ପରିବାର ଠାରୁ ସାଲେଟିକ୍ରା ଗ୍ରାମର ଏକ ପରିତ୍ୟକ୍ତ ଘରେ ଅଲଗା ରହୁଥିଲେ। ଗୁରୁବାର ସକାଳୁ ସାଲେଟିକ୍ରା ଗ୍ରାମର କିଛି ବ୍ୟକ୍ତି ବିଶେଷ ନିକଟରେ ଥିବା ନଈକୁ ଶୌଚ ଯାଇଥିବା ସମୟରେ ବୃଦ୍ଧ ବ୍ୟକ୍ତି ଜଣକ କିପରି ଆଜି ସକାଳୁ ଉଠି ନାହିଁ ବୋଲି ସେହି ଘରକୁ ଯାଇ ଦେଖିଥିବା ସମୟରେ ବୃଦ୍ଧ ଜଣଙ୍କର ମୃତ୍ୟୁ ହୋଇଥିବା ଦେଖିଥିଲେ। କପାଳ ଭିତରକୁ ପଶି ଯାଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତ ଦେହ ପଡିରହିଥିଲା। ପରେ ଖବରପାଇ ପୋଲିସ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ କରିଥିଲା। ପାରିପାର୍ଶିକ ସ୍ଥିତିରୁ ଗ୍ରାମବାସୀଙ୍କ ଦାବି ଅନୁଯାୟୀ ହତ୍ୟା ଘଟଣା ବୋଲି ସନ୍ଦେହ ହୋଇଥିଲା । ପରେ ପୋଲିସ ସୁନ୍ଦରଗଡ଼ ସାଇଣ୍ଟିଫିକ ଦଳକୁ ଖବର ଦେଇଥିଲେ। ସାଇଣ୍ଟିଫିକ ଦଳ ଦ୍ୱାରା ବିଭିନ୍ନ ନମୁନା ସଂଗ୍ରହ କରି ତଦନ୍ତ କରିଥିଲେ। ସନ୍ଧ୍ୟାରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପୋଲିସ ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନାକୁ ପଠାଇଛି। ଏ ନେଇ ଲେଫ୍ରିପଡା ଥାନାରେ ଏକ ମାମଲା (ନଂ. ୧୯୮/୨୦୨୨) ରୁଜୁ ହୋଇଛି।

### ପ୍ରତିଭା ଚୟନ ନାମରେ ମେଧାବୀ ଛାତ୍ରୀଛାତ୍ରଙ୍କ ସହ ଖେଳ

**କୁତ୍ରା, ୩।୧୧(ଡି.ଏନ.ଏ):** କୁତ୍ରା ବ୍ଲକ କଟଙ୍ଗ ଆଶ୍ରମ ବିଦ୍ୟାଳୟରେ ଗୁରୁବାର କୁତ୍ରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ହୋଇଯାଇଛି। ଏଥିରେ ଅନିୟମିତତା ଦେଖିବାକୁ ମିଳିଛି। ପ୍ରତିଭା ଚୟନ ନାମରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ ଖେଳାଯାଇଥିବା ନେଇ ଅଭିଯୋଗ ହୋଇଛି। ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଯଥା ନାଚ ,ଗୀତ,ପ୍ରବନ୍ଧ, ଚିତ୍ରାଙ୍କନ,ବକ୍ତୃତା,ହସ୍ତାକ୍ଷର ପ୍ରଭୃତି। ତେବେ ପ୍ରତିଯୋଗିତାରେ ଅନଭିଜ୍ଞ ଶିକ୍ଷକଙ୍କୁ ନେଇ ପ୍ରତିଭା ଚୟନ କରାଯାଇଥିଲା। ଯେଉଁଥିରେ କି ବହୁ ମେଧାବୀ ଛାତ୍ରୀଛାତ୍ର ବଳିପଡିଛନ୍ତି। ନିଜ ଇଚ୍ଛା ମୁତାବକ ସେମାନେ ମନ ଇଛା ପାତର ଅନ୍ତର କରି ପ୍ରତିଭା ଚୟନ କରିଥିବା କୋମଳମତି ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ କୁତ୍ରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୁରୁଚରଣ ସାହୁଙ୍କୁ ପଚାରିବାରୁ ସେ କହିଲେ ଜଜ୍‌ମାନେ ଯେଉଁ ହିସାବରେ ପ୍ରତିଭା ଚୟନ କରିବା କଥା ସେ ହିସାବରେ ଚୟନ କରିନାହାନ୍ତି ସେଥିପାଇଁ ମୁଁ ମଧ୍ୟ ଦୁଃଖିତ। ସେମାନଙ୍କୁ ଡକାଇ ତାଗିଦ କରିବି ବୋଲି କହିଛନ୍ତି।କିନ୍ତୁ ସବୁଠାରୁ ବଡ଼ କଥା ହେଉଛି ଏହି କାର୍ଯ୍ୟକ୍ରମର ସଭାପତି ହେଉଛନ୍ତି ନିଜେ ଶିକ୍ଷା ଅଧିକାରୀ ଏବଂ ଅନଭିଜ୍ଞ ଶିକ୍ଷକ ମାନଙ୍କୁ ନିଜେ ଦାୟିତ୍ୱ ଦେଇଛନ୍ତି। ତାଙ୍କ ଉପସ୍ଥିତିରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ତଥାପି ଏପରି ଭୁଲ କେମିତି ହେଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୁତ୍ରା ବିଡିଓ ରବିନ୍ଦ୍ର କୁମାର ସେଠୀ, ସମ୍ମାନିତ ଅତିଥି ଭାବେ କୁତ୍ରା ବ୍ଲକ ଉପାଧକ୍ଷ କୌସ୍ତୁଭ ଭୁଷଣ ହୋତା, ଜିଲାପରିଷଦ ସଭ୍ୟ ଗଙ୍ଗାରାମ ମିଞ୍ଜ, ପିଙ୍କି ସୁନ୍ୟାନୀ,କଟଙ୍ଗ ସରପଞ୍ଚ ପୁଷ୍ପା କେର୍କେଟା,ସମିତି ସଭ୍ୟା ସୁମତୀ ଧନୁୱାର ଉପସ୍ଥିତ ଥିଲେ।

# ୫ଦିନ ଧରି ପାଳିତ ହେବ ଉତ୍ସବ ପ୍ରଧାନପାଟ


ଉତ୍ସବ ପ୍ରଧାନପାଟ-୨୦୨୩ ଆୟୋଜନ ନିମନ୍ତେ ବୈଠକରେ ଉପସ୍ଥିତ ଜିଲାପାଳ, ଅଧିକାରୀ, କର୍ମକର୍ତ୍ତା।

**ଉତ୍ସବ ପ୍ରଧାନପାଟ-୨୦୨୩ ନିମନ୍ତେ ପ୍ରସ୍ତୁତି ବୈଠକ**

**ଦେବଗଡ଼,୩।୧୧(ଡି.ଏନ.ଏ)**

ଦେବଗଡ଼ ଜିଲାର ଜିଲା ମହୋତ୍ସବ 'ଉତ୍ସବ ପ୍ରଧାନପାଟ-୨୦୨୩' ଆୟୋଜନ ନିମନ୍ତେ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା। ଏହି ପ୍ରସ୍ତୁତି ବୈଠକରେ ଦେବଗଡ଼ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଙ୍କୁର ମଲ୍ଲିକ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଲୁକାଶ ପ୍ରଧାନ ଓ ଉପ ଜିଲାପାଳ ବ୍ରଜବନ୍ଧୁ ଭୋଇ ମଞ୍ଚାସୀନ ରହିଥିଲେ। ଆଗାମୀ ୨୦୨୩ରେ ଜିଲା ମହୋତ୍ସବ 'ଉତ୍ସବ ପ୍ରଧାନପାଟ'କୁ କିଭଳି ଅଧିକ ଯାକଯମକରେ ପାଳନ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିବା ସହ ଉପସ୍ଥିତ ଜିଲା ସଂସ୍କୃତି ପରିଷଦର ସଦସ୍ୟ, ଉତ୍ସବ ସବ୍‌କମିଟିର ସଦସ୍ୟ, କଳାପ୍ରେମୀ ଜନସାଧାରଣ, ବୁଦ୍ଧିଜୀବୀ ଏବଂ ଖବରଦାତାମାନଙ୍କ ଠାରୁ ପ୍ରସ୍ତାବ ଆହ୍ୱାନ କରିଥିଲେ। ସେହିପରି ସେମାନେ ମଧ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ବିଶ୍ୱକପ ହକିକୁ ଦୃଷ୍ଟିରେ ରଖି ଆଗାମୀ ୨୦୨୩ ମସିହା ଜାନୁୟାରୀରେ ଜିଲାର ତିଲେଇବଣି, ବାରକୋଟ ଓ ରିଆମାଳ ଆଦି ତିନୋଟି ଯାକ ବ୍ଲକରେ 'ମିନି ଉତ୍ସବ ପ୍ରଧାନପାଟ' ପାଳନ କରାଯିବା ସହ ଜିଲା ସଦର ମହକୁମାରେ ଦୀର୍ଘ ୫ଦିନ ଧରି 'ଉତ୍ସବ ପ୍ରଧାନପାଟ-୨୦୨୩' ପାଳନ ପାଇଁ ଏହି ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସେହିପରି 'ପଲ୍ଲିଶ୍ରୀ ମେଳା' ମଧ ଆୟୋଜନ ପାଇଁ ବିଧିବଦ୍ଧ ଭାବେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ତେବେ ଜାନୁୟାରୀ ମାସରେ ଅନ୍ୟାନ୍ୟ ଜିଲାରେ ମଧ ଲୋକ ମହୋତ୍ସବ ଆୟୋଜିତ ହେବାକୁ ଥିବାରୁ ସାଂସ୍କୃତିକ ଦଳ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କର ସମ୍ଭାବ୍ୟ ଆଗମନକୁ ଦୃଷ୍ଟିରେ ରଖି ଏଥିପାଇଁ ନିର୍ଦ୍ଦିଷ୍ଟ (ଚୂଡାନ୍ତ) ତାରିଖ ଧାର୍ଯ୍ୟ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ଜିଲାର ଜରୁରୀକାଳୀନ ଅଧିକାରୀ ସୁଶାନ୍ତ କୁମାର ନାୟକ 'ଉତ୍ସବ ପ୍ରଧାନପାଟ-୨୦୨୨'ର ଆୟବ୍ୟୟର ହିସାବ ଉପସ୍ଥାପନ କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଦେବଗଡ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ପାତ୍ର, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ଜିଲା ସଂସ୍କୃତି ପରିଷଦର ସଂଯୋଜକ ଦିଲ୍ଲୀପ କୁମାର ଗୁରୁ, ସଂସ୍କୃତି ପରିଷଦର ସଦସ୍ୟ ହେମନ୍ତ କୁମାର ମହାପାତ୍ର, ମନୋଜ କୁମାର ପାଢୀ, ସୁଜିତ କୁମାର ପାତ୍ର, ପ୍ରଫୁଲ୍ଲ କୁମାର ମହାପାତ୍ର, ନିରଞ୍ଜନ ଦ୍ୱିବେଦୀ, ସମୀର ରଞ୍ଜନ ପ୍ରଧାନ, ଅଶୋକ କୁମାର ନନ୍ଦ ଓ ଓରମାସ୍‌ର ଜିଲା ସଂଯୋଜକ ସୁବଳ ଜେନାମଣି ପ୍ରମୁଖ ନିଜର ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଶେଷରେ ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ବିକ୍ଷୋଭ

**ଦେବଗଡ଼,୩।୧୧(ଡି.ଏନ.ଏ)**



ଗ୍ରାମବାସୀ ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି।

- ଫାଟକରୁ ତାଲା ଖୋଲିବାକୁ ଦେଲେ ନାହିଁ
- ବିଜ୍ଞାନ ଶିକ୍ଷକଙ୍କ ବଦଳିର ପ୍ରତିବାଦ

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ସୁଗୁଡା ଗ୍ରାମ ପଞ୍ଚାୟତର ଗୁଣ୍ଡୁରିପୋଶି ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକଙ୍କ ବଦଳି ପ୍ରତିବାଦରେ ଗୁରୁବାର ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି, ଗ୍ରାମବାସୀ ଏବଂ ଅଭିଭାବକ ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଫାଟକରେ ପଡିଥିବା ତାଲା ଖୋଲିବାକୁ ଦେଇ ନ ଥିଲେ। ଫଳରେ ବିଦ୍ୟାଳୟ ମଧ୍ୟକୁ ଛାତ୍ରୀଛାତ୍ର କିମ୍ବା ଶିକ୍ଷୟିତ୍ରୀ ଶିକ୍ଷକ କେହି ହେଲେ ପ୍ରବେଶ କରିପାରି ନ ଥିଲେ। ଫଳରେ ଗୁରୁବାର ଶିକ୍ଷାଦାନ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। ଅପରାହ୍ନରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ ସେଠାରେ ପହଞ୍ଚି ବିଜ୍ଞାନ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢିବାର ବ୍ୟବସ୍ଥା ଥିବା ଗୁଣ୍ଡୁରିପୋଶି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶତାଧିକ ଛାତ୍ରୀଛାତ୍ର ପାଠ ପଢୁଥିଲେ ହେଁ ମାତ୍ର ୭ ଜଣ ଶିକ୍ଷୟିତ୍ରୀଶିକ୍ଷକ ରହିଥିବାରୁ ସୂଚାରୁ ରୂପେ ପାଠପଢା ହୋଇପାରୁନାହିଁ । ଏଭଳି ସ୍ଥଳେ ଶିକ୍ଷା ବିଭାଗ କର୍ତ୍ତୃପକ୍ଷ ବିଦ୍ୟାଳୟରେ ଥିବା ଜଣେ ମାତ୍ର ବିଜ୍ଞାନ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରିଛନ୍ତି। ଫଳରେ ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି ହେବାର ଆଶଙ୍କା ରହିଥିବାରୁ ସମ୍ପୃକ୍ତ ବିଜ୍ଞାନ ଶିକ୍ଷକଙ୍କର ବଦଳି ବାତିଲ ପାଇଁ ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ ଓ ଗ୍ରାମବାସୀ ବ୍ଲକ ଶିକ୍ଷା ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲା ଶିକ୍ଷା ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ଦାବି କରିଛନ୍ତି। ଏହାସତ୍ତ୍ୱେ ବିଜ୍ଞାନ ଶିକ୍ଷକଙ୍କ ବଦଳି ବାତିଲ କରିବାକୁ ଶିକ୍ଷା ବିଭାଗ କର୍ତ୍ତୃପକ୍ଷ ଉଚିତ ମଣିନାହାନ୍ତି। ଫଳରେ ସେମାନେ ବିଦ୍ୟାଳୟର ତାଲା ଖୋଲାଯିବା ପୂର୍ବରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାସହ ସରପଞ୍ଚ କୁନୁ ବେହେରା, ନାଏବ ସରପଞ୍ଚ ରଞ୍ଜିତା ଶବର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶୋକ କୁମାର ସାହୁ, ସଦସ୍ୟ କୁଶ ସାମଲ, କ୍ଷୀରସିନ୍ଧୁ ସ୍ୱାଇଁ, ବୁଦ୍ଧଦେବ ସ୍ୱାଇଁ, ଟିକେଶ୍ୱର ସାହୁ, ଲୁଲୁ ସ୍ୱାଇଁ ଓ ଜିତ ସ୍ୱାଇଁଙ୍କ ନେତୃତ୍ୱରେ ଫାଟକ ସମ୍ମୁଖରେ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ତାଲା ଖୋଲିବାକୁ ଦେଇ ନ ଥିଲେ।

# ହତ୍ୟା ମାମଲା: ୨ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍

**ସୁନ୍ଦରଗଡ଼,୩।୧୧(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଦୌରାଜଜ୍ ଶୁଭଦର୍ଶୀ ପଟ୍ଟନାୟକ ଗୁରୁବାର ଏକ ହତ୍ୟା ମାମଲାର ଶୁଣାଣି କରି ସମ୍ପୃକ୍ତ ଦୁଇ ଅଭିଯୁକ୍ତ ଦିଲ୍ଲୀପ ବାଗ, ରାମଜୀ ବାଗଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦୦୦ଟଙ୍କା ଲେଖାଏଁ ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୧ ମାସ କାରାଦଣ୍ଡାଦେଶ ଆଦେଶ ଦେଇଛନ୍ତି। ମାମଲା ରାୟର ବିବରଣୀରୁ ପ୍ରକାଶ ଯେ, ରାଜଗାଙ୍ଗପୁର ଥାନା ଅନ୍ତର୍ଗତ କର୍ଲାକାନୀ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗତ ୨୦୧୪ ଅପ୍ରେଲ ୨୪ରେ ଅଭିଯୁକ୍ତମାନେ ଦଳବଦ୍ଧ ଭାବେ ଘର ଅଗଣାରେ ଶୋଇଥିବା ବିଶ୍ରାମ ନାଗ ନାମକ ଜଣେ ବ୍ୟକ୍ତିଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଏଥିରେ ବିଶ୍ରାମଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ରାଜଗାଙ୍ଗପୁର ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ରାଜଗାଙ୍ଗପୁର ଥାନାରେ ପରିବାର ଲୋକଙ୍କ ରିପୋର୍ଟ ଉପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୧୩ଜଣ ସାକ୍ଷୀଙ୍କ ବୟାନ ଓ ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀ ଏବଂ ବଳିଷ୍ଠ ଯୁକ୍ତିକୁ ଭିତ୍ତିକରି ବିଚାରପତି ରାୟ ପ୍ରକାଶ କରିଛନ୍ତି। ଏହି ମାମଲାକୁ ସରକାରଙ୍କ ତରଫରୁ ସୁନ୍ଦରଗଡ ଜିଲାର ମୁଖ୍ୟ ସରକାରୀ ଓକିଲ ଅବଦୁଲ ସମିମ ଅଖତାର ପରିଚାଳନା କରିଥିଲେ।

# ରେଳ ଧାରଣାରୁ ଅଚିହ୍ନା ମହିଳାଙ୍କ ମୃତଦେହ ଜବତ

**ରାଉରକେଲା ଅଫିସ, ୩।୧୧**

ରାଉରକେଲା ଡାଉନ୍‌ଲାଇନ ପାନପୋଷ ରେଳ ଧାରଣା ଉପରୁ ଗୁରୁବାର ଏକ ଅଚିହ୍ନା ମହିଳାଙ୍କ ମୃତଦେହକୁ ରାଉରକେଲା ଜିଆର୍‌ପି ପୋଲିସ ଗୁରୁବାର ଜବତ କରିଛି। ମୃତ ମହିଳାଙ୍କ ବୟସ ପାଖାପାଖି ୪୫ ବର୍ଷ ଭିତରେ ହେବ ବୋଲି ଅନୁମାନ କରାଯାଉଛି। ତାଙ୍କର କୌଣସି ପରିଚୟ ମିଳିନାହିଁ। ଗୁରୁବାର ସକାଳେ ସ୍ଥାନୀୟ ଲୋକେ ହେଟେଲ ମେ' ଫେୟାର ପଛପଟ ରେଳ ଲାଇନ ଉପରେ ଜଣେ ମହିଳାଙ୍କ ମୃତଦେହ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ । ପରେ ପୋଲିସ ଘଟଣାସ୍ଥଳକୁ ଯାଇ ମହିଳାଙ୍କ ମୃତଦେହକୁ ଉଦ୍ଧାର କରି ଆରଜିଏଚ୍ ମର୍ଗ ହାଉସ୍‌ରେ ରଖି ତଦନ୍ତ ଜାରି ରଖିଛି।



**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

**smbselfie@gmail.com**


@ ତମ୍ରା


@ ଖଗେଶ୍ୱର


@ ମିଳନ


@ ଶ୍ରୀତମ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭିନ୍ନକ୍ଷମ ପିଲାଙ୍କ ଅଭିଭାବକମାନଙ୍କ ପରାମର୍ଶ ଶିବିର




**ସୁନ୍ଦରଗଡ଼,୩।୧୧(ଡି.ଏନ୍.ଏ.)**

ସମଗ୍ର ଶିକ୍ଷା ସୁନ୍ଦରଗଡ଼ ତରଫରୁ ସ୍ଥାନୀୟ ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟଠାରେ ସାତ ଗୋଟି ବ୍ଲକର ୨୧୦ ଜଣ ଭିନ୍ନକ୍ଷମ ପିଲାଙ୍କ ମାତାପିତା,ଅଭିଭାବକମାନଙ୍କ ପାଇଁ ଜିଲାସ୍ତରୀୟ ଏକ ଦିବସୀୟ ପରାମର୍ଶ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟତଃ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଭିନ୍ନକ୍ଷମମାନଙ୍କ ପାଇଁ ଦିଆଯାଉଥିବା ସୁବିଧା, ସୁଯୋଗ ଓ ରିହାତି ସମ୍ପର୍କରେ ତାଲିମ ଦିଆଯାଇଥିଲା। ଭିନ୍ନକ୍ଷମ ଅଧିକାର ଅଧିନିୟମ ୨୦୧୬ ଅନ୍ତର୍ଗତ ୨୧ ପ୍ରକାର ଭିନ୍ନକ୍ଷମ ଚିହ୍ନଟ କରଣ, ଶିକ୍ଷା ଅଧିକାର -୨୦୦୯ ଅନୁଯାୟୀ ଭିନ୍ନକ୍ଷମ ପିଲାଙ୍କ ସକାଶେ ଥିବା ବିଧି, ବ୍ୟବସ୍ଥା ତଥା ଦଶମ ଓ ଦ୍ୱାଦଶ ବୋର୍ଡ ଦ୍ୱାରା ପିଲାଙ୍କ ପାଇଁ ଦିଆଯାଉଥିବା ବିଭିନ୍ନ ରିହାତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବା ସହିତ ବିଭିନ୍ନ ସଫଳ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସଫଳତାର କାହାଣୀ ଭିଡ଼ିଓ ପ୍ରଦର୍ଶିତ କରାଯାଇଥିଲା। ଭିନ୍ନକ୍ଷମ ପିଲାଙ୍କ ପାଇଁ ବିଭିନ୍ନ ଶିକ୍ଷା ଉପକରଣ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ସାଧନ କର୍ମୀ ଭାବେ ସ୍ୱାସ୍ଥ୍ୟ ବିଭାଗରୁ ଡ଼.ବିଦ୍ୟାଧର ରଣା, ସାମାଜିକ ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗରୁ ଚୀରସ୍ମିତା ପାତ୍ର ଓ ଶିକ୍ଷା ବିଭାଗ ତରଫରୁ ଅମାତ୍ୟ ପ୍ରଧାନ ଯୋଗଦେଇ ଭିନ୍ନକ୍ଷମଙ୍କ ପାଇଁ ଥିବା ସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ।

# 'ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ କଠିନ ପରିଶ୍ରମ ଆବଶ୍ୟକ'

**ଲେଫ୍ରିପଡ଼ା, ୩।୧୧(ଡି.ଏନ୍.ଏ.)**




**ଲେଫ୍ରିପଡ଼ା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୨ କାର୍ଯ୍ୟକ୍ରମ**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ସରକାରୀ ବାସୁଦେବ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କିଶୋର କୁମାର ଅର୍କ ସଭାପତିତ୍ୱ କରିଥିଲେ। ତଲସରା ବିଧାୟକ ଭବାନୀ ଶଙ୍କର ଭୋଇ, ସୁନ୍ଦରଗଡ଼ ସଦର ବିଧାୟିକା କୁସୁମ ଟେଟେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଛାତ୍ରୀଛାତ୍ର ଭବିଷ୍ୟତ ଗଠନ ଦିଗରେ ସବୁବେଳେ ସ୍ୱପ୍ନ ଦେଖି ସ୍ୱପ୍ନକୁ ପୂରଣ କରିବା ପାଇଁ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପର୍ଯ୍ୟନ୍ତ କଠିନ ପରିଶ୍ରମ କରିବାକୁ ପଡିଥାଏ ବୋଲି ମତାମତ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଲେଫ୍ରିପଡ଼ା ବ୍ଲକ ଉପାଧକ୍ଷ ଅମୀର କୁମାର ନାଏକ, ଅତିରିକ୍ତ ବ୍ଲକଶିକ୍ଷା ଅଧିକାରୀ ବିନୋଦ ବିହାରୀ ସା, ବାସୁଦେବ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସୁଜାତା ସାହାଣୀ, ସଦର ବିଧାୟିକାଙ୍କ ପ୍ରତିନିଧି ରୁବିରାଣୀ ନାଏକ ଯୋଗଦାନ କରି ମଞ୍ଚାସୀନ ହୋଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପରେ ଲେଫ୍ରିପଡ଼ା ବ୍ଲକର ବିଭିନ୍ନ କ୍ଲଷ୍ଟରରୁ ଯୋଗଦେଇଥିବା ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗୀଙ୍କ ମଧ୍ୟରେ ପ୍ରତିଭା ଅନ୍ୱେଷଣ କରି ଜିଲାସ୍ତରକୁ ଯିବା ପାଇଁ ମନୋନୀତ କରାଯାଇଥିଲା। ଅପରାହ୍ନରେ ଏହାର ଉଦ୍‌ଯାପନୀ ଉତ୍ସବରେ ଲେଫ୍ରିପଡ଼ା ବ୍ଲକର ଜିଲାପରିଷଦ ସଭ୍ୟ ବୈଷ୍ଣବ ମାଝି ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଲେଫ୍ରିପଡ଼ା ତହସିଲର ଅତିରିକ୍ତ ତହସିଲଦାର କବିତା କିରଣ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା କ୍ଷେତ୍ରରେ ବିଭିନ୍ନ ଦିଗରେ ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗ୍ରାମପଞ୍ଚାୟତର ସମିତିସଭ୍ୟ ହର୍ଷବର୍ଦ୍ଧନ ସା, ରାଜବାହାଲ ସମିତିସଭ୍ୟ ଧ୍ରୁବ ଅଡା, ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ପୂର୍ବତନ ମୁଖ୍ୟ କିରାଣୀ ପ୍ରଫୁଲ୍ଲ କୁମାର ପଟେଲ ଯୋଗଦାନ କରି ମଞ୍ଚାସୀନ ହୋଇଥିଲେ। କାର୍ଯ୍ୟକ୍ରମ ପରେ କୃତୀ ଛାତ୍ରୀ ଛାତ୍ରମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କ୍ଲଷ୍ଟର ସିଆରସିସି ସୁଶୀଲ କୁମାର ପୃଷେଠ, ବୀରକିଶୋର ଆଚାର୍ଯ୍ୟ, ହିମାଂଶୁ ନାଏକ, ରମାଶଙ୍କର ପଟେଲ, ସଲିଲ କୁମାର ପଟେଲ, ପୂର୍ବତନ ସିଆରସିସି ଅଭୟ ନାଏକ ପ୍ରମୁଖଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗିରିଙ୍ଗକେଲା କେସିପି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଅନିଲ ପାଣିଗ୍ରାହୀ ମଞ୍ଚ ପରିଚାଳନା ଓ ସିଆରସିସି ସଞ୍ଜୀବ କୁମାର ପଟେଲ ଧନ୍ୟବାଦ ଦେଇଥିଲେ।

**୧୫୬ କୋଟିରେ ଏୟାର ଏସିଆ ବିକ୍ରି**

**ନୂଆଦିଲ୍ଲୀ:** ମାଲେସିଆ ବିମାନ ସେବା ପ୍ରଦାନକାରୀ କମ୍ପାନୀ ଏୟାର ଏସିଆ ନିକଟରେ ତା'ର ବଳକା ଅଂଶଧନ ୧୬.୬୭%କୁ ୧୫୬ କୋଟି ଟଙ୍କାରେ ଟାଟା ଗ୍ରୁପ୍‌କୁ ବିକ୍ରି କରିଦେଇଛି। ଫଳରେ ଟାଟା ଗ୍ରୁପ୍ ବର୍ତ୍ତମାନ ଏୟାର ଏସିଆର ୧୦୦% ମାଲିକାନା ହାସଲ କରିଛି। ଉଲ୍ଲେଖଯୋଗ୍ୟ, ୮ ବର୍ଷ ତଳେ ଟାଟା ଗ୍ରୁପ୍ ସହ ମିଶି ଏୟାର ଏସିଆ ଭାରତରେ ବିମାନ ସେବା ଆରମ୍ଭ କରିଥିଲା। ଏପରିକି ଉଭୟ କମ୍ପାନୀ ମିଳିତ ଭାବେ ଏୟାର ଏସିଆ ଇଣ୍ଡିଆର ପରିଚାଳନା ଦାୟିତ୍ୱରେ ଥିଲେ।

# ୫୦୦୦ କୋଟି ନିବେଶ କରିବ ଇଏସ୍ଆର୍ ଗ୍ରୁପ୍

**ଲଜିଷ୍ଟିକ୍ସ ଶିଳ୍ପର ବିକାଶ ପାଇଁ ଜିଆଇସି-ଇଏସ୍ଆର୍ ପ୍ରତିଷ୍ଠାକଲେ ୬୦ କୋଟି ଡାଲରର ପାଣ୍ଠି**



ନୂଆଦିଲ୍ଲୀ,୩।୧୧

ବର୍ତ୍ତମାନ ସମୟରେ ଭାରତରେ ଦ୍ରୁତ ଅଭିବୃଦ୍ଧି କରୁଥିବା ଲଜିଷ୍ଟିକ୍ସ ଶିଳ୍ପରେ କାରବାର କରିବା ପାଇଁ ଉଭୟ ସ୍ୱଦେଶୀ ଓ ବିଦେଶୀ କମ୍ପାନୀଗୁଡ଼ିକ ଆଗ୍ରହ ପ୍ରକାଶ କରିଛନ୍ତି। ଏପରିକି ସିଙ୍ଗାପୁରର ସୋଭେରାନ ୱେଲ୍ଥ ଫଣ୍ଡ ଜିଆଇସି ଏବଂ ଇଏସ୍ଆର୍ ଗ୍ରୁପ୍ ଭାରତରେ ଲଜିଷ୍ଟିକ୍ସ ଏବଂ ଶିଳ୍ପ ସମ୍ପଦର ଅଧିଗ୍ରହଣ ପାଇଁ ୬୦୦ ମିଲିୟନ ଆମେରିକୀୟ ଡଲାର ବା ପ୍ରାୟ ୫ହଜାର କୋଟି ଟଙ୍କାର ପାଣ୍ଠି ପ୍ରତିଷ୍ଠା ନେଇ ଉଭୟ କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ବିଶେଷକରି ଜିଆଇସି ଏବଂ ଇଏସ୍ଆର୍ ୮୦:୨୦ ଅନୁପାତରେ ଉକ୍ତ ରଣନୈତିକ ବୁଝାମଣା ନେଇ ଗୁରୁବାର ଘୋଷଣା କରିଛନ୍ତି। ସେହିଭଳି ଉଭୟ କମ୍ପାନୀ ଏହା ଜରିଆରେ ୬୦ କୋଟି ଡଲାରର ପାଣ୍ଠି ପ୍ରତିଷ୍ଠା କରାଯିବ ଏବଂ ଭବିଷ୍ୟତରେ ସମ୍ପତ୍ତି ଅଧିଗ୍ରହଣ କରାଯିବ ନେଇ ଆଶା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଇଏସ୍ଆର୍ ସହ ପ୍ରତିଷ୍ଠାତା ଏବଂ ସହ-ସିଇଓ ଷ୍ଟୁଆର୍ଟ ଗିବ୍‌ସନ ଏବଂ ଫଜେଫରୀ ସେନ କହିଛନ୍ତି, ଇଏସ୍ଆର୍‌ର ନୂଆ ଆର୍ଥିକ ରିୟଲ ଇଷ୍ଟେଟ୍ ମଞ୍ଚର ବିସ୍ତାର ପାଇଁ ପୁଞ୍ଜିଗତ ସହଭାଗିତାର ସମର୍ଥନ ଗୁରୁତ୍ୱପୂର୍ଣ୍ଣ । ଏପରିକି ଭାରତରେ ଲଜିଷ୍ଟିକ୍ସ କ୍ଷେତ୍ରରେ ବୃଦ୍ଧିର ଲାଭ ନେବା ପାଇଁ ଜିଆଇସି ସହ କାମ କରିବାକୁ ଆମେ ବେଶ୍ ଉତ୍ସାହିତ ।

## ଖସିଲା ଶେୟାର ବଜାର କାରବାର

ନୂଆଦିଲ୍ଲୀ,୩।୧୧

କ୍ରମାଗତ ୨ଦିନ ଲାଗି ଷ୍ଟକ୍ ବଜାରର କାରବାର ହ୍ରାସ ପାଇଛି। ଫଳରେ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୭୦ (୬୯.୬୮) ପଏଣ୍ଟ ଖସି ୬୦,୮୩୬ (୬୦,୮୩୬.୪୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୩୦ (୩୦.୧୫) ପଏଣ୍ଟ ହ୍ରାସ ଘଟି ୧୮,୦୫୩ (୧୮,୦୫୨.୭୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

## ନଭେମ୍ବର ୨୫ରୁ ୪ଦିନିଆ ଇଣ୍ଡୋପ୍ଲାସ୍-୨୨




ଭୁବନେଶ୍ୱର,୩।୧୧

ଇଣ୍ଡିଆନ୍ ପ୍ଲାଷ୍ଟିକ୍ସ ଫେଡେରେଶନ (ଆଇପିଏଫ୍) ପକ୍ଷରୁ ନଭେମ୍ବର ୨୫ରୁ ଏକ ୪ ଦିନିଆ ଅନ୍ତର୍ଜାତୀୟ ପ୍ଲାଷ୍ଟିକ୍ ପ୍ରଦର୍ଶନୀ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଆଇପିଏଫ୍‌ର ତ୍ରୈବାର୍ଷିକ ପ୍ରଦର୍ଶନୀ ଅବସରରେ 'ଇଣ୍ଡୋପ୍ଲାସ୍-୨୦୨୨'ର ଆୟୋଜନ କୋଲକାତାଠାରେ କରାଯାଉଛି। ଉକ୍ତ ପ୍ରଦର୍ଶନୀ ନୂଆ କରି ନିର୍ମାଣ ହୋଇଥିବା ବିଶ୍ୱ ବାଙ୍ଗ୍‌ଲା ମେଳା ପ୍ରାଙ୍ଗଣଠାରେ ୨୦୨୨ ନଭେମ୍ବର ୨୫ରୁ ୨୮ ପର୍ଯ୍ୟନ୍ତ ଆୟୋଜନ ହେବ। ଉଲ୍ଲେଖଯୋଗ୍ୟ, ଅନ୍ତର୍ଜାତୀୟ ପ୍ରଦର୍ଶନୀର ୯ମ ସଂସ୍କରଣ ଯାହା ସମଗ୍ର ପ୍ଲାଷ୍ଟିକ୍ ଶିଳ୍ପକୁ ଗୋଟିଏ ଛାତ ତଳେ ଏକାଠି କରିବ।

ଏ ସମ୍ପର୍କରେ ଇଣ୍ଡୋପ୍ଲାସ୍-୨୦୨୨ର ଅଧ୍ୟକ୍ଷ ପ୍ରଦୀପ ନାୟାର କହିଛନ୍ତି, ଉକ୍ତ ପ୍ରଦର୍ଶନୀଗୁଡିକ ଅର୍ଥନୀତିକୁ ତ୍ୱରାନ୍ୱିତ କରିଥାନ୍ତି। ଭାରତ ହେଉଛି ପ୍ଲାଷ୍ଟିକ୍ ପାଇଁ ୩ୟ ସର୍ବବୃହତ୍ ଅନ୍ତର୍ଜାତୀୟ ବଜାର। ବର୍ଦ୍ଧିତ ଅର୍ଥନୀତି ଓ ସହାୟକ ସରକାରୀ ନୀତିଗୁଡିକ ଭାରତକୁ ଏକ ପଲିମର୍ ସୁପର ପାୱାରରେ ପରିଣତ କରିଛି, କିନ୍ତୁ ସର୍ବୋତ୍ତମତା ଆସିବା ବାକି ରହିଛି। ଆମେ ଏଠାକୁ ସୁଯୋଗଗୁଡିକୁ ଉନ୍ମୋଚନ କରିବା ଓ ତାହା ଉପରେ ପୁଞ୍ଜି ହାସଲ କରିବା ପାଇଁ ଆସିଛୁ। ସେହିଭଳି ଇଣ୍ଡିଆନ ପ୍ଲାଷ୍ଟିକ ଫେଡେରେଶନର ଅଧ୍ୟକ୍ଷ ଶିଶିର ଜଲାନ କହିଛନ୍ତି, ଏକ ବଜାର ଭାବେ ପୂର୍ବାଞ୍ଚଳ ଭାରତ ପଲିମର ଶିଳ୍ପର ଅଭିବୃଦ୍ଧି ଦୃଷ୍ଟିରୁ ଦେଶର ଅବଶିଷ୍ଟ ଭାଗକୁ ପଛରେ ପକାଇଛି। ଅନ୍ୟମାନଙ୍କ ମଧ୍ୟରେ ପ୍ରଦର୍ଶନୀ ଆୟୋଜନକାରୀ କମିଟିର ସଦସ୍ୟ ଅନିଲ କୁମାର ଏବଂ ସ୍ୱସ୍ତିକ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ଜେଏସ୍ଏଲ୍‌ର ୨ୟ ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର,୩।୧୧

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍ଏଲ୍)ର ପରିଚାଳନା ବୋର୍ଡର ସୁପାରିସକ୍ରମେ ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୨୨ ସେପ୍ଟେମ୍ବର ୩୦ରେ ଶେଷ ହୋଇଥିବା ପରିଚାଳନା ବୈଠକରେ ଗତ ୩ ମାସର ଅଣ ସମୀକ୍ଷିତ ଆର୍ଥିକ ଫଳାଫଳ ବିଷୟରେ ମଧ୍ୟ ବିସ୍ତୃତ ସୂଚନା ଦିଆଯାଇଛି। ବିଶେଷକରି ୨୦୨୨-୨୩ କ୍ୟୁ୨ରେ କମ୍ପାନୀର ଷ୍ଟାଣ୍ଡାଲୋନ ରାଜସ୍ୱ, ଇବିଆଇଟିଡିଏ ଓ ପିଏଟି ଯଥାକ୍ରମରେ ୫,୪୪୨ କୋଟି, ୪୧୧ କୋଟି ଓ ୧୮୯ କୋଟି ଟଙ୍କା ରହିଥିଲା ବେଳେ କମ୍ପାନୀ ୨,୭୦,୩୬୦ ମେଟ୍ରିକ ଟନ ବିକ୍ରୟ ପରିମାଣକୁ ମଧ୍ୟ ରେକର୍ଡ କରିଛି। ଫଳରେ କନ୍‌ସୋଲିଡେଟେଡ୍ ଭିତ୍ତିରେ ୨୦୨୨-୨୩ କ୍ୟୁ୨ ରେ ମଧ୍ୟ ଜେଏସ୍ଏଲ୍‌ର ରାଜସ୍ୱ ୫,୬୦୫ କୋଟି ରହିଥିଲା ବେଳେ ଇବିଆଇଟିଡିଏ ୩୫୮ କୋଟି ଓ ପିଏଟି ୧୫୨ କୋଟି ରେକର୍ଡ କରିଛି। ସେହିଭଳି ଘରୋଇ ଦୃଷ୍ଟିକୋଣରୁ ଶେଷ ଉପଭୋକ୍ତାଗୁଡ଼ିକର ଚାହିଦା ଅଧିକ ରହିଥିଲା। ବିଶେଷକରି ବିକ୍ରୟ ଯୋଜନାରେ ଜେଏସ୍ଏଲ୍ ଚମତ୍କାରିତା ସହ କମ୍ପାନୀ ତା'ର ଘରୋଇ ବିକ୍ରୟ ଉପରେ ମଧ୍ୟ ଅଧିକ ଧ୍ୟାନ ଦେଇଥିଲା। ଫଳସ୍ୱରୂପ ୨୦୨୨-୨୩ କ୍ୟୁ୨ ରେ ମୋଟ ବିକ୍ରୟ ପରିମାଣ ୯୫% ଘରୋଇ ଗ୍ରାହକଙ୍କୁ ଯୋଗାଇଥିଲା। ସେହିପରି ୨୦୨୨-୨୩ କ୍ୟୁ୨ ରେ ଅଟୋମୋବାଇଲ କ୍ଷେତ୍ରରେ ଚାହିଦା ସ୍ଥିର ରହିଥିବାରୁ କ୍ୟୁଓକ୍ୟୁ ଆଧାରରେ ପ୍ରାୟ ୨୮% ଅଭିବୃଦ୍ଧି ପଞ୍ଜୀକରଣ କରିଛି। କମ୍ପାନୀ ନୂଆ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଗ୍ରେଡ୍ ଯୋଗେ ୪୩୨ଟି ଉତ୍ପାଦକୁ ବିଦ୍ୟମାନ ଗ୍ରେଡ୍ ସହ ୪୩୬ ଏଲ୍ ଓ ୪୩୯ ଅଟୋମେଜରକୁ ଯୋଗାଇଛି। ସେହିପରି ମାଲ ପରିବହନରେ ଏହାର ବ୍ୟବସାୟର ଅଂଶ ବୃଦ୍ଧି ପାଇଁ ଭାରତୀୟ ରେଳପଥ ନିଜର ଅଗ୍ରଗତି ଜାରି ରଖିଛି। ୨୦୨୨-୨୩ କ୍ୟୁ୨ ରେ ଜେଏସ୍ଏଲ୍ ରେଳ ୱାଗନ ସେଗ୍‌ମେଣ୍ଟରେ ମଧ୍ୟ ୨୫% ଅଭିବୃଦ୍ଧି କରିଛି। ଆଗକୁ ବନ୍ଦେ ଭାରତ ଟ୍ରେନ୍‌ସେଟ ରେଳପଥ ପାଇଁ ଏକ ପ୍ରମୁଖ ଧ୍ୟାନକେନ୍ଦ୍ର ହୋଇ ରହିବ। ଏହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯେ ମେଟ୍ରୋ ପ୍ରକଳ୍ପ ପାଇଁ ଆଗାମୀ ୫ବର୍ଷ ମଧ୍ୟରେ ୮୦,୦୦୦ କୋଟି ଟଙ୍କାର ବିନିଯୋଗ ହେବ।

## ମାରୁତି ସୁଜୁକିର ନୂଆ ଗ୍ରାଣ୍ଡ ଭିଟାରାର ଅନାବରଣ ଉତ୍ସବ




ଭୁବନେଶ୍ୱର,୩।୧୧

ଦେଶର ପ୍ରମୁଖ ଚାରିଚକିଆ ଯାନ ନିର୍ମାତା ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ (ଏମ୍ଏସ୍ଆଇଏଲ୍)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ନ୍ୟୁ ଗ୍ରାଣ୍ଡ ଭିଟାରା'ର ସର୍ବଭାରତୀୟ ବଜାର ପ୍ରବେଶ ନିକଟରେ ହୋଇଯାଇଛି। ଏପରିକି ଗୁରୁବାର ଭୁବନେଶ୍ୱରସ୍ଥିତ ଗଜପତିନଗରଠାରେ ଏମ୍ଏସ୍ଆଇଏଲ୍‌ର ସ୍ୱୀକୃତିପ୍ରାପ୍ତ ଡିଲର ତୁସି ମୋଟର୍ସ ନେକ୍ସା ଶୋ'ରୁମ୍ ପକ୍ଷରୁ ଉକ୍ତ ଯାନର ଅନାବରଣ ସାଙ୍ଗକୁ ଗ୍ରାହକ ଡେଲିଭର ମଧ୍ୟ କରାଯାଇଛି। ଏହି ଅବସରରେ ବଲିଉଡ୍ ଅଭିନେତ୍ରୀ ନୀଲମ୍ କୋଠାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ ସହ ବଜାର ପ୍ରବେଶ କରାଇଛନ୍ତି। ସେହିଭଳି ଏହାର ପ୍ରଥମ ୧୫ ଗ୍ରାହକଙ୍କୁ ମଧ୍ୟ ସେ ଚାବି ହସ୍ତାନ୍ତର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍ଏସ୍ଆଇଏଲ୍‌ର ବହୁ ବରିଷ୍ଠ ଅଧିକାରୀ ଏବଂ ତୁସି ମୋଟର୍ସର ନିର୍ଦ୍ଦେଶକ ଅଂଶୁମାନ ପଟ୍ଟନାୟକ ଓ ପରିଚାଳନା ନିର୍ଦ୍ଦେଶିକା ପ୍ରୀତିପଲ୍ଲବୀ ପଟ୍ଟନାୟକଙ୍କ ସମେତ ଶୋ'ରୁମ୍‌ର ବହୁ ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ତୁସି ମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ନୂଆ କାର୍, ସର୍ଭିସ୍ ଏବଂ ସ୍ପେୟାର କ୍ରୟ କ୍ଷେତ୍ରରେ ମଧ୍ୟ ଏକ କାର୍ଡର ଶୁଭାରମ୍ଭ କରାଯାଇଛି। ଅପରପକ୍ଷରେ ଉକ୍ତ ଯାନରେ ଗ୍ରାହକ ନେକ୍ସାର ସିଗ୍ନେଚର୍ ଡିଜାଇନ ସହ ଆକର୍ଷଣୀୟ ପାୱାର ଟ୍ରେନ୍ ବିକଳ୍ପ ରହିଛି। ଏହାର ବଜାର ମୂଲ୍ୟ ୧୦.୪୫ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇ ୧୭.୫ ଲକ୍ଷ ଟଙ୍କାରେ ରହିଛି।

## ଜିଓ ୫ଜି କୁ 'କ୍ଲାଉଡ୍ ନେଟିଭ୍ ଆୱାର୍ଡ'




ମୁମ୍ବାଇ,୩।୧୧

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ଜିଓକୁ ଆଉ ଏକ ସମ୍ମାନ ମିଳିଛି। ଏପରିକି ଲଣ୍ଡନଠାରେ ଆୟୋଜିତ ୱାର୍ଲଡ୍ କମ୍ୟୁନିକେଶନ ଆୱାର୍ଡର ୨୪ତମ ସଂସ୍କରଣରେ ଜିଓ ୫ ଜି ପ୍ଲାଟ୍‌ଫର୍ମସକୁ 'କ୍ଲାଉଡ୍ ନେଟିଭ୍ ଆୱାର୍ଡ' ପ୍ରଦାନ କରାଯାଇଛି। ବିଶେଷକରି ଟେଲିକମ୍ ଶିଳ୍ପରେ କାର୍ଯ୍ୟ କରୁଥିବା ଦେଶ ବିଦେଶର ବହୁ ପ୍ରତିଷ୍ଠିତ କମ୍ପାନୀର ଅଧିକାରୀମାନେ ମଧ୍ୟ ଉକ୍ତ ପୁରସ୍କାର ବିତରଣ ସମାରୋହରେ ସାମିଲ ଥିଲେ। ସେହିଭଳି ଜିଓ ପ୍ଲାଟ୍‌ଫର୍ମସର କମ୍ବୋ ୫ଜି-୪ଜି କୋର୍ ନେଟ୍‌ୱର୍କ ସଲ୍ୟୁସନ୍ସ ପାଇଁ କ୍ଲାଉଡ୍ ନେଟିଭ୍ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର ବିଜୟୀ ସମାଧାନକୁ ବ୍ୟବହାର କରି ରିଲାଏନ୍ସ ଜିଓ ଭାରତରେ ୫ଜି ସେବାର ଶୁଭାରମ୍ଭ କରୁଛି। ଜିଓ ପକ୍ଷରୁ ବିଭିନ୍ନ ସହରରେ ବ୍ୟବହାରକାରୀମାନଙ୍କୁ ନେଇ ୫ଜିର ବିଟା ପରୀକ୍ଷଣ ଆରମ୍ଭ କରାଯାଉଛି। ଗ୍ରାହକମାନଙ୍କ ଚାହିଦାକୁ ଦ୍ରୁତଗତିରେ ପୂରଣକରିବା ଲାଗି ଟେଲିକମ୍ କମ୍ପାନୀଗୁଡ଼ିକ ନିମନ୍ତେ ଏଭଳି ଏକ ସମାଧାନର ଆବଶ୍ୟକତା ରହିଛି, ଯାହାକୁ ଅତ୍ୟଧିକ ବ୍ୟାପକ କରାଯାଇପାରିବ ଏବଂ ତାହା ଆକର୍ଷଣୀୟ ହେବା ସହ ଶୀଘ୍ର ଅପ୍‌ଡେଟ୍ କରାଯାଇପାରୁଛି।

**ଫୁର୍‌ସତ**

## ଅକ୍ଷୟଙ୍କ ମରାଠୀ ଡେବ୍ୟୁ



**ମୁମ୍ବାଇ:** ବି-ଟାଉନର ପ୍ରସିଦ୍ଧ କଳାକାର ଅକ୍ଷୟ କୁମାର ମରାଠୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ଡେବ୍ୟୁ କରିବାକୁ ଯାଉଛନ୍ତି। ନିର୍ଦ୍ଦେଶକ ମହେଶ ମଞ୍ଜରେକରଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ଭେଦାତ୍ ମରାଠେ ବୀର ଦୌଡଲେ ସାତ' ସିନେମାରେ ଅକ୍ଷୟ ଛତ୍ରପତି ଶିବାଜୀ ମହାରାଜଙ୍କ ଭୂମିକାରେ ନଜରକୁ ଆସିବେ। ଫିଲ୍ମ ନିର୍ମାତା ବସିମ୍ କ୍ୟୁରେଶିଙ୍କ ଏହି ସିନେମା ଶିବାଜୀ ମହାରାଜଙ୍କ ଅସାଧାରଣ ବାହାଦୁରି ଉପରେ ଆଧାରିତ। ବୁଧବାର ଏକ କାର୍ଯ୍ୟକ୍ରମରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ, ମହାରାଷ୍ଟ୍ର ନବନିର୍ମାଣ ସେନାର ମୁଖ୍ୟ ରାଜ୍ ଠାକରେ ଏବଂ ବଲିଉଡ୍ ଷ୍ଟାର ସଲମାନ୍ ଖାଁଙ୍କ ଉପସ୍ଥିତିରେ ଏହି ଫିଲ୍ମର ଘୋଷଣା କରାଯାଇଛି। ଏନେଇ ଅକ୍ଷୟ କହିଛନ୍ତି, ଶିବାଜୀଙ୍କ ଏହି ଭୂମିକା ପାଇଁ ତାଙ୍କ ସ୍ୱପ୍ନ ସତ ହେବାକୁ ଯାଉଛି। ଶିବାଜୀ ମହାରାଜଙ୍କ ଚରିତ୍ରକୁ ବଡ଼ ପରଦାରେ ଦର୍ଶାଇବା ତାଙ୍କ ପାଇଁ ବଡ ଦାୟିତ୍ୱ ରହିବ। ଏହି ଗୁରୁ ଦାୟିତ୍ୱକୁ ସମ୍ଭାଳିବା ପାଇଁ ସେ ତାଙ୍କର ସମ୍ପୂର୍ଣ୍ଣ ଏଫର୍ଟ ଦେବା ସହ ସେ ଏଥିରେ ଖୁସି ଥିବା କହିଛନ୍ତି। ମୁଭିରେ ଜୟ ଦୁଧାନେ, ଉତ୍କର୍ଷ ସିନ୍ଦେ, ବିଶାଲ ନିକମ, ବିରାଟ ମଡ୍‌କେ, ହାର୍ଦ୍ଦିକ ଯୋଶୀ, ସତ୍ୟା, ନବାବ ଖାଁ, ପ୍ରବୀଣ ତାର୍‌ଡେଙ୍କ ଭଳି କଳାକାରଙ୍କୁ ଦେଖିବାକୁ ମିଳିବ। ଆସନ୍ତା ବର୍ଷ ଦୀପାବଳିରେ ଏହି ସିନେମା ମରାଠୀ, ହିନ୍ଦୀ, ତାମିଲ, ତେଲୁଗୁ ୪ଟି ଭାଷାରେ ସିନେମା ହଲ୍‌ରେ ମୁକ୍ତିଲାଭ କରିବ।

## 'ଭାରତକୁ ହରାଇଲେ ଜିମ୍ବାୱେ ଖେଳାଳିଙ୍କୁ ବାହାହେବି'

**ଟୁଇଟ୍ କରି ଟ୍ରୋଲ୍ ପାକ୍ ଅଭିନେତ୍ରୀ**



**ନୂଆଦିଲ୍ଲୀ:** ଏବେ ଟି-୨୦ ବିଶ୍ୱ କପ୍ ଚାଲୁଥିବାବେଳେ ଜଣେ ପାକିସ୍ତାନୀ ଅଭିନେତ୍ରୀଙ୍କ ବିବାଦୀୟ ଟୁଇଟ୍ ସାମ୍ନାକୁ ଆସିଛି। ଅଭିନେତ୍ରୀ ଶେହର ସିନୱାରୀ ତାଙ୍କ ଟୁଇଟ୍‌ରେ ଭାରତ ଏବଂ ଜିମ୍ବାୱେ ମଧ୍ୟରେ ହେବାକୁ ଥିବା ମ୍ୟାଚ୍ ବାବଦରେ ଟିପ୍ପଣୀ ଦେଇଛନ୍ତି। ସେ ଲେଖିଛନ୍ତି, ଭାରତ ଏବଂ ଜିମ୍ବାୱେ ମଧ୍ୟରେ ହେବାକୁ ଥିବା ମ୍ୟାଚରେ ଯଦି ଭାରତ ହାରିଯାଏ, ତେବେ ସେ ଜିମ୍ବାୱେର ଜଣେ କ୍ରିକେଟରଙ୍କୁ ବିବାହ କରିବେ। ତାଙ୍କ ଏହି ଟୁଇଟ୍ ନେଇ ସେ ଟ୍ରୋଲ ହୋଇଛନ୍ତି। ତେବେ ତୁମର ବିବାହ ହୋଇ ପାରିବନି ବୋଲି ଜଣେ ୟୁଜର ତାଙ୍କ ଟୁଇଟ୍‌ରେ କମେଣ୍ଟ କରିଛନ୍ତି। ଭାରତ ବାଂଲାଦେଶକୁ ହରାଇଲେ ସେ ତାଙ୍କ ଟୁଇଟର ଆକାଉଣ୍ଟ ଡିଲିଟ୍ କରିଦେବେ ବୋଲି ସିନୱାରୀଙ୍କ ପୂର୍ବରୁ ଏକ ଟୁଇଟ୍ କରିଥିବା ନେଇ ଆଉ ଜଣେ ୟୁଜର ତାଙ୍କୁ ଟ୍ରୋଲ କରିଛନ୍ତି। ଏପରି ଅନେକ ୟୁଜର ତାଙ୍କୁ ବିଭିନ୍ନ ପ୍ରକାରର ଟ୍ରୋଲ କରିଥିବା ଦେଖିବାକୁ ମିଳିଛି। ତେବେ ରବିବାର ଭାରତ ଏବଂ ଜିମ୍ବାୱେ ମଧ୍ୟରେ କଡା ଟକ୍କର ହେବାକୁ ଯାଉଛି। ଏଥିପାଇଁ ଅନେକେ ଉତ୍ସାହିତ ଅଛନ୍ତି।

## ପ୍ରେମିକା ଗାଲରେ ପ୍ରେମିକ



**ନୂଆଦିଲ୍ଲୀ:** ବର୍ତ୍ତମାନ ସମୟରେ ଲୋକଙ୍କ ମଧ୍ୟରେ ଟାଟୁ କରିବା ଏକ ଫ୍ୟାଶନ ପାଲଟିଗଲାଣି। ତେବେ ଅନେକେ ନିଜ ଦେହରେ ବିଭିନ୍ନ ପ୍ରକାରର ଟାଟୁ କରୁଥିବା ଦେଖିବାକୁ ମିଳୁଛି। ପ୍ରେମୀ ଯୁଗଳ ମଧ୍ୟ ପରସ୍ପରଙ୍କ ନାମ ଲେଖୁଛନ୍ତି। ତେବେ ଏଠାରେ ଏକ ଅଜବ ଟାଟୁ ଦେଖିବାକୁ ମିଳିଛି। ମହିଳା ଜଣଙ୍କ ଗାଲରେ ତାଙ୍କ ପୁରୁଷ ବନ୍ଧୁଙ୍କ ଚେହେରାର ଟାଟୁ କରିଛନ୍ତି। ମିରର୍‌ର ରିପୋର୍ଟ ଅନୁସାରେ, ନାରାଲି ନଜ୍‌ମ ନାମ୍ନୀ ମହିଳା ତାଙ୍କ ପୁରୁଷ ସାଥୀଙ୍କ ଚେହେରା ନିଜ ଗାଲରେ ଆଙ୍କିଥିଲେ। ସେ ଟିକ୍‌ଟକ୍‌ରେ ସବୁବେଳେ ସେମାନଙ୍କ ସମ୍ପର୍କ ବାବଦରେ ଅପ୍‌ଡେଟ୍ ଦେଇଆସୁଥିଲେ। ଏଥିସହ ତାଙ୍କର ପିଲା ହେବା ଖବର ମଧ୍ୟ ସେ ଜଣାଇଥିଲେ। ପିଲା ଜନ୍ମ ହେବା ପୂର୍ବରୁ ସେମାନେ ଏକ ନୂଆ ଘର ନେଇଥିଲେ। ସେତେବେଳେ ସବୁକିଛି ଠିକ୍ ଥିଲା। କିନ୍ତୁ ଏବେ ତାଙ୍କ ସାଥୀ ତାଙ୍କୁ ଛାଡି ପଳାଇଥିବା ଜଣାପଡିଛି। ଏପରି ଘଟଣାରେ ପୁରୁଷ ସାଥୀ ଅନ୍‌ଲାଇନ ଜରିଆରେ ସେ ନାରାଲିଙ୍କୁ ଧୋକା ଦେଇ ପଳାଇଯାଇଥିବା ଜଣାଇଥିଲେ। କିନ୍ତୁ ସେ ନାରାଲିଙ୍କ ସହିତ ରହିବାକୁ ଚାହୁଁ ନ ଥିବା କହିଥିଲେ। ଏହାପରେ ମଧ୍ୟ ନାରାଲି ତାଙ୍କ ପୁରୁଷ ସାଥୀଙ୍କୁ ଅପେକ୍ଷା କରିଥିବା କହିଛନ୍ତି।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
0674-2580385, 8637280816, 7894447167, 9338226625

ମୁଦ୍ରା ଯୋଜନା
ଅଧୀନରେ ଘରେ ବସି
50000ରୁ 5000000
ପର୍ଯ୍ୟନ୍ତ ଋଣ ପାଆନ୍ତୁ
ସୁଧ 2% ଛାଡ଼ 40%
ସମ୍ପର୍କ କରନ୍ତୁ
ଠିକଣା: ମ.ନଂ. 675, ଗ୍ରାମ ଲୋହାରି ଜାଟୁ
ତହସିଲ- ବୱାନି ଖେଡ଼ା, ଜିଲ୍ଲା- ଭିୱାନି
8950329763

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ

୰ସାବିତ୍ରୀ ଦେବୀ
ମାର୍କଣ୍ଡପୁର, ଯାଜପୁର
ଆବିର୍ଭାବ: ୨୫।୦୭।୧୯୩୯
ତିରୋଧାନ: ୨୫।୧୦।୨୦୨୨
ବୋଉଲୋ, ତୋର ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା ଆମ୍ଭମାନଙ୍କ ପଥ ପ୍ରଦର୍ଶକ ହୋଇ ରହିବା ତୋର ଅନୁପସ୍ଥିତିର ଶୂନ୍ୟତା ଆମ ପାଇଁ ଅସହ୍ୟ ଓ ହୃଦୟ ବିଦାରକ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ୱାମୀ: କୃଷ୍ଣମୋହନ ମହାପାତ୍ର, ପୁତ୍ର: ମାନସ, ବାବୁଲି, କନ୍ୟା: ମାମିନ, ମାଡନ, ମାଧୁ, ବୋହୂ: ନିରୁ, ଡଲି, ଜ୍ୱାଇଁ: ଅଶୋକ, ପ୍ରଦୀପ, ସନାତନ, ନାତି, ନାତୁଣୀ ଓ ବନ୍ଧୁ ପରିବାରବର୍ଗ ।
ଧ-୧୯୦୮

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ବବିତା ସେଠୀ
ପ୍ଲଟ୍ ନଂ.-୮୫, ଗୌତମ ନଗର, ଭୁବନେଶ୍ୱର
ତିରୋଧାନ- ତା୨୬।୧୧।୨୦୨୦
ସପନ ହଜିଲା, ଦୁଃଖ ସାଗରରେ
ସୁଖ ଶାନ୍ତି ଗଲା ସରି
ଦୁଇଟି ବରଷ ସରିଗଲା ଏବେ
ଦିନେ ନ ଆସିଲୁ ଫେରି
ସବୁବେଳେ ତୁହି ମନେ ପଡୁଥିବୁ
ହୃଦୟେ ମୋହର ରହି
ଆକାଶର ତାରା ତୁହି ତ ହେଲେ ବି
ତଥାପି ଭୁଲିବି ନାହିଁ।
ତୋର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି କାମନା ପାଇଁ ପ୍ରଭୁ ଶ୍ରୀଜଗନ୍ନାଥ ଓ ସାଇ ବାବାଙ୍କ ନିକଟରେ ମୋର ପ୍ରାର୍ଥନା।
ଶୋକସନ୍ତପ୍ତ ଭାଇ: ବୁଢ଼ା ଓ ସେଠୀ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୭୧୩୫୮

୩୧ତମ ଶ୍ରାଦ୍ଧବାର୍ଷିକ

ସ୍ୱର୍ଗତ ନଟବର ଦେବତା
ଆବିର୍ଭାବ: ୩୦।୧୨।୧୯୧୮
ତିରୋଧାନ: ୩୦।୧୦।୧୯୯୦
ଚାହୁଁ ଚାହୁଁ ୩୧ବର୍ଷ ବିତିଗଲା । ତୁମର ଅନାବିଳ ସ୍ନେହ, ପରୋପକାର ଓ ଶ୍ରଦ୍ଧା ଆମ୍ଭମାନଙ୍କର ମାନସପଟରୁ ଲିଭିନି । ଅଦ୍ୟାବଧି ତାହା ଆମ୍ଭର ମାର୍ଗ ଦର୍ଶନ କରୁଅଛି। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା।
ଆପଣଙ୍କର ପରିବାରବର୍ଗ, ମେସର୍ସ ନଟବର ଦେବତା, ବଳରାମ ଫେବ୍ରିକ୍ସ, ଓମ ଟେକ୍ସଟାଇଲ, ମାଳତୀ ନିବାସ
ଧ-୭୪୦୨୨

# ଫିଫା ଟୁର୍ନାମେଣ୍ଟର ସ୍ମରଣୀୟ ସ୍ମୃତି

ଭାରତରେ ପ୍ରଥମଥର ପାଇଁ ଆୟୋଜିତ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ସଫଳତାର ସହ ସମ୍ପନ୍ନ ହୋଇଛି। ଚାମ୍ପିୟନ ସ୍ପେନ୍‌ଠାରୁ ଆରମ୍ଭ କରି ଫାଇନାଲିଷ୍ଟ କଲମ୍ବିଆ, ବ୍ରୋଞ୍ଜ ମେଡାଲିଷ୍ଟ ନାଇଜେରିଆ ଏବଂ ପଦାର୍ପଣକାରୀ ମରକ୍କୋ ଓ ତାଞ୍ଜାନିଆ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ସ୍ମରଣୀୟ ସ୍ମୃତି ଛାଡ଼ିଛି ଏହି ପ୍ରତିଯୋଗିତା। ପ୍ରଥମଥର ପାଇଁ ଖେଳିଥିବା ଭାରତ ମଧ୍ୟ ଏଥିରୁ ଅନେକ ଶିକ୍ଷା ଲାଭ କରିଛି...



କଳିଙ୍ଗ ଷ୍ଟାଡିୟମରେ ଭାରତ ଓ ଆମେରିକା ମଧ୍ୟରେ ଅନୁଷ୍ଠିତ ମ୍ୟାଚ

୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍‌ର ୭ମ ସଂସ୍କରଣ ଭାରତରେ ସଫଳତାର ସହ ସମ୍ପନ୍ନ ହୋଇଛି। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରୁ ଆରମ୍ଭ ହୋଇଥିବା ଯାତ୍ରା ଗୋଆର ମାର୍ଗାଓ ମଧ୍ୟଦେଇ ନଭି ମୁମ୍ବାଇର ଡିଓ୍ୱାଇ ପାଟିଲ ଷ୍ଟାଡିୟମରେ ଶେଷ ହୋଇଥିଲା। ୧୬ ଦଳବିଶିଷ୍ଟ ପ୍ରତିଯୋଗିତାରେ ଗତଥରର ଚାମ୍ପିୟନ ସ୍ପେନ୍ ପୁଣିଥରେ ଟାଇଟଲ ହାସଲ କରିଥିଲା। ସଂଘର୍ଷପୂର୍ଣ୍ଣ ଫାଇନାଲରେ କଡ଼ା ଟକ୍କର ଦେଇଥିଲା କଲମ୍ବିଆ। ପ୍ରଥମଥରପାଇଁ ଫାଇନାଲ ଖେଳିଥିଲେ ହେଁ କଲମ୍ବିଆର ଚ୍ୟାଲେଞ୍ଜରେ ନାକେଦମ୍ ହୋଇଥିଲା ସ୍ପେନ୍। ମାତ୍ର ଆନା ମାରିଆ ଗୁଜମାନ ଜାପଟାଙ୍କ ଆତ୍ମଘାତୀ ଗୋଲ କଲମ୍ବିଆ ପାଇଁ ଦୁର୍ଭାଗ୍ୟ ଡାକି ଆଣିଥିଲା ଏବଂ ଦ୍ୱିତୀୟ ଥରପାଇଁ ବିଜୟ ମୁକୁଟ ପିନ୍ଧିଥିଲା ସ୍ପେନ୍। ଟୁର୍ନାମେଣ୍ଟ ଇତିହାସରେ ପ୍ରଥମ ଦଳଭାବେ ସ୍ପେନ୍ ଟାଇଟଲ ବଜାୟ ରଖିବାରେ ସକ୍ଷମ ହୋଇଥିଲା।

**କଳିଙ୍ଗରୁ ଆରମ୍ଭ**

ବିଶ୍ୱର ରାଇଜିଂ ଷ୍ଟାର୍‌ଙ୍କୁ ନେଇ ଫିଫାର ଏହି ସମ୍ମାନଜନକ ପ୍ରତିଯୋଗିତା କଳିଙ୍ଗ ଷ୍ଟାଡିୟମରୁ ଆରମ୍ଭ ହୋଇଥିଲା। ଅକ୍ଟୋବର ୧୧ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। କଳିଙ୍ଗରେ ମୋଟ ୬ଟି ଗ୍ରୁପ୍ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଠାରେ ଆୟୋଜକ ଭାରତ ସମେତ ଆମେରିକା, ମରକ୍କୋ, ବ୍ରାଜିଲ, ଚିଲି ଓ ନାଇଜେରିଆ ଖେଳିଥିଲେ। ମାର୍ଗାଓସ୍ଥିତ ପଣ୍ଡିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଗ୍ରୁପ୍ ମ୍ୟାଚ ସହିତ ୨ଟି କ୍ୱାର୍ଟର ଫାଇନାଲ ଏବଂ ସେମିଫାଇନାଲ ଅନୁଷ୍ଠିତ ହୋଇଥିଲା। ନଭି ମୁମ୍ବାଇରେ ଗ୍ରୁପ୍ ପର୍ଯ୍ୟାୟ, ୨ଟି କ୍ୱାର୍ଟର ଫାଇନାଲ ସମେତ ଅକ୍ଟୋବର ୩୦ରେ ମେଗା ଫାଇନାଲ ଖେଳାଯାଇଥିଲା। ଏଥିରେ ବିଜୟୀ ହୋଇ ସ୍ପେନ୍ ଇତିହାସ ରଚିଥିଲା। ସେହିପରି ନାଇଜେରିଆ ପ୍ରଥମଥରପାଇଁ ତୃତୀୟ ସ୍ଥାନ ହାସଲ କରି ବ୍ରୋଞ୍ଜ ପଦକ ପାଇଥିଲା। ଟୁର୍ନାମେଣ୍ଟରେ ମୋଟ ୩୨ଟି ମ୍ୟାଚ ଖେଳାଯାଇଥିବାବେଳେ ୯୫ଟି ଗୋଲ ସ୍କୋର ହୋଇଥିଲା। ଭାରତ ବ୍ୟତୀତ ଦୁଇ ଆଫ୍ରିକୀୟ ଦେଶ ମରକ୍କୋ ଓ ତାଞ୍ଜାନିଆ ବିଶ୍ୱକପ ପଦାର୍ପଣ କରିଥିଲେ।

**ଭାରତ ପାଇଁ ସ୍ମରଣୀୟ**

ପୂର୍ବରୁ କେବେହେଲେ ଯୋଗ୍ୟତା ମାନଦଣ୍ଡ ସ୍ପର୍ଶ କରିପାରି ନ ଥିବା ଭାରତ ଏଥର ଆୟୋଜକ ଦଳଭାବେ ପ୍ରଥମ ଥରପାଇଁ ଖେଳିବା ସୁଯୋଗ ପାଇଥିଲା। ଫୁଟବଲର ପାୱାର ହାଉସ ବ୍ରାଜିଲ ଓ ଆମେରିକା ପରି ଦଳ ବିପକ୍ଷରେ ଦଳ ଯଦିଓ ସମକକ୍ଷ ପ୍ରଦର୍ଶନ କରିପାରି ନ ଥିଲା ତେବେ ଖେଳାଳିମାନେ ଅନେକ ଅଭିଜ୍ଞତା ହାସଲ କରିଥିଲେ। ଏହା ବ୍ୟତୀତ ଭାରତୀୟ ଦଳ ଏହାର ଶକ୍ତି ଓ ସାମର୍ଥ୍ୟ ସମ୍ପର୍କରେ ମଧ୍ୟ ଅବଗତ ହୋଇଥିଲା। ପ୍ରଥମ ମ୍ୟାଚରେ ଆମେରିକାଠାରୁ ୦-୮, ଦ୍ୱିତୀୟରେ ମରକ୍କୋଠାରୁ ୦-୩ ଓ ତୃତୀୟ ମ୍ୟାଚରେ ବ୍ରାଜିଲ ନିକଟରୁ ୦-୫ ଗୋଲରେ ପରାଜୟ ଅବସରରେ ଅନେକ କିଛି ଶିକ୍ଷା ପାଇଥିଲା ଘରୋଇ ଦଳ।

### ପୁରସ୍କାର

**ସ୍ୱର୍ଣ୍ଣ ପଦକ: ସ୍ପେନ୍**
**ରୌପ୍ୟ ପଦକ: କଲମ୍ବିଆ**
**ବ୍ରୋଞ୍ଜ ପଦକ: ନାଇଜେରିଆ**
* ଗୋଲ୍ଡେନ ବୁଟ୍: ଲୋରେନ ବେଣ୍ଡେର (ଜର୍ମାନୀ)
* ସିଲଭର ବୁଟ୍: ମୋମୋକା ତାନିକାୱା (ଜାପାନ)
* ବ୍ରୋଞ୍ଜ ବୁଟ୍: ଲିଣ୍ଡା କାଇସେଡୋ (କଲମ୍ବିଆ)
* ଗୋଲ୍ଡେନ ବଲ୍: ଭିକି ଲୋପେଜ (ସ୍ପେନ୍)
* ସିଲଭର ବଲ୍: ଲିଣ୍ଡା କାଇସେଡୋ (କଲମ୍ବିଆ)
* ବ୍ରୋଞ୍ଜ୍ ବଲ୍: ମାରା ଆଲବର (ଜର୍ମାନୀ)
* ଗୋଲ୍ଡେନ ଗ୍ଲୋଭ୍ସ: ସୋଫିଆ ଫୁଏଣ୍ଟେ (ସ୍ପେନ)
* ଫେୟାର ପ୍ଲେ ଟ୍ରଫି: ଜାପାନ

### ଷ୍ଟାଣ୍ଡିଂ

୧: ସ୍ପେନ୍
୨: କଲମ୍ବିଆ
୩: ନାଇଜେରିଆ
୪: ଜର୍ମାନୀ
୫: ଜାପାନ
୬: ଆମେରିକା
୭: ବ୍ରାଜିଲ
୮: ତାଞ୍ଜାନିଆ
୯: ମେକ୍ସିକୋ
୧୦: ମରକ୍କୋ
୧୧: ଚାଇନା
୧୨: ଚିଲି
୧୩: କାନାଡ଼ା
୧୪: ଫ୍ରାନ୍ସ
୧୫: ନ୍ୟୁଜିଲାଣ୍ଡ
୧୬: ଭାରତ


ଚାମ୍ପିୟନ ସ୍ପେନ୍ ଦଳ

### ଗୋଲ୍ଡେନ ଆୱାର୍ଡ

ସଦ୍ୟ ସମାପ୍ତ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପରେ ଗୋଲ୍ଡେନ ଆୱାର୍ଡ ପାଇଛନ୍ତି ସ୍ପେନ୍‌ର ଭିକି ଲୋପେଜ ଓ ଜର୍ମାନୀର ଲୋରେନ ବେଣ୍ଡେର। ବେଣ୍ଡେର ଟପ୍ ଗୋଲ ସ୍କୋରର ଭାବେ ଗୋଲ୍ଡେନ ବଲ୍ ପାଇଥିବାବେଳେ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ ଲୋପେଜ। ଫିଫାର ଟେକ୍ନିକାଲ ଷ୍ଟଡି ଗ୍ରୁପ୍‌ର ନିଷ୍ପତ୍ତି କ୍ରମେ ତାଙ୍କୁ ଗୋଲ୍ଡେନ ବଲ୍ ପ୍ରଦାନ କରାଯାଇଥିଲା। ପୂରା ଟୁର୍ନାମେଣ୍ଟରେ ଜାପାନର କୌଣସି ଖେଳାଳି କାର୍ଡ ପାଇ ନ ଥିଲେ। ତେଣୁ ଏହି ଦଳକୁ ଫେୟାର ପ୍ଲେ ପୁରସ୍କାର ପ୍ରଦାନ କରାଯାଇଥିଲା।

ନିଜ ଦକ୍ଷତା ବଳରେ ଲୋପେଜ ଟୁର୍ନାମେଣ୍ଟ ଆରମ୍ଭରୁ ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ତାଙ୍କ ଟେକ୍ନିକାଲ କ୍ୱାଲିଟି, ଡ୍ରିବ୍‌ଲିଂ ଓ ବିଜୟ ମାନସିକତା ଚମତ୍କାର ଥିଲା। ସେ ବ୍ୟକ୍ତିଗତଭାବେ ଜଣେ ବିଚକ୍ଷଣ ଖେଳାଳି ନ ଥିଲେ ଦଳଗତଭାବେ ମଧ୍ୟ ଲଢୁଆ ପ୍ରଦର୍ଶନ କରିଥିଲେ। ଏହି ଦୌଡ଼ରେ ଥିବା ଲିଣ୍ଡା କାଇସେଡୋ ସିଲଭର ବଲ୍‌ରେ ସନ୍ତୁଷ୍ଟ ହୋଇଥିଲେ। କାଇସେଡୋ ଜଣେ ଓଭରନାଇଟ ସେନ୍‌ସେସନ ନ ଥିଲେ। କୋଷ୍ଟାରିକାରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ଏବଂ କୋପା ଆମେରିକା ଫେମେନିନାରେ ପ୍ରଭାବୀ ରହିବା ପରେ ସେ ୧୭ ବର୍ଷରୁ କମ୍ ଚାମ୍ପିୟନଶିପ୍‌ରେ ମଧ୍ୟ ଚମକ ଦେଖାଇଥିଲେ। ବ୍ରୋଞ୍ଜ୍ ବଲ୍ ପାଇଥିଲେ ଜର୍ମାନୀର ମାରା ଆଲବର। ଷ୍ଟ୍ରାଇକର ଆଲବର ଜର୍ମାନୀର ଆକ୍ରମଣାତ୍ମକ ରଣନୀତିର ପ୍ରମୁଖ ଅଙ୍ଗ ଥିଲେ। ଟୁର୍ନାମେଣ୍ଟରେ ଜର୍ମାନୀ ମୋଟ ୧୬ଟି ଗୋଲ ଦେଇଥିବାବେଳେ ଆଲବର ପ୍ରତ୍ୟକ୍ଷଭାବେ ୭ଟି ଗୋଲରେ ସମ୍ପୃକ୍ତ ଥିଲେ।

ଟୁର୍ନାମେଣ୍ଟରେ ୩ ଖେଳାଳି ୪ଟି ଲେଖାଏ ଗୋଲ ଦେଇ ଗୋଲ୍ଡେନ, ସିଲଭର ଓ ବ୍ରୋଞ୍ଜ୍ ବୁଟ୍ ପାଇଥିଲେ। ଜର୍ମାନୀର ଲୋରେନ ବେଣ୍ଡେର ୨୫୦ ମିନିଟ ପଡ଼ିଆରେ ରହି ୪ଟି ଗୋଲ ଦେଇଥିବାରୁ ଗୋଲ୍ଡେନ, ଜାପାନର ମୋମୋକୋ ତାନିକାୱା ୨୮୫ ମିନିଟ ବିତାଇ ଥିବାରୁ ସିଲଭର ଏବଂ କଲମ୍ବିଆର ଲିଣ୍ଡା କାଇସେଡୋ ୫୦୪ ମିନିଟ ରହିଥିବାରୁ ବ୍ରୋଞ୍ଜ ବୁଟ୍ ହାସଲ କରିଥିଲେ। ଚାମ୍ପିୟନ ସ୍ପେନ୍ ଗୋଲକିପର ସୋଫିଆ ଫୁଏଣ୍ଟେ ସ୍ୱାଭାବିକଭାବେ ଗୋଲ୍ଡେନ ଗ୍ଲୋଭ୍ସ ପାଇଥିଲେ। ସ୍ପେନ୍ ଟାଇଟଲ ବଜାୟ ରଖିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ସବୁଠାରୁ ଶୃଙ୍ଖଳିତ ପ୍ରଦର୍ଶନ କରିଥିଲା ଜାପାନ। ଏହାର ଖେଳାଳିମାନେ ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରେ ଥରେ ହେଲେ ବୁକ୍ ହୋଇ ନ ଥିଲେ। କୋଷ୍ଟାରିକାରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପରେ ମଧ୍ୟ ଦଳ ଏହି ପୁରସ୍କାର ପାଇଥିଲା।

## ନାଇଜେରିଆର ନା, ସ୍ପେନ୍‌କୁ ଟ୍ରଫି ଜିତାଇଲେ ଲୋପେଜ


ଗୋଲ୍ଡେନ ବଲ୍ ସହ ଭିକି ଲୋପେଜ

**ନାଇଜେରିଆ ପାଇଁ ଖେଳିବା ଇଚ୍ଛାଥିଲା, କିନ୍ତୁ ସ୍ପେନ୍ ଦେଲା ସୁଯୋଗ । ଏହାର ଭରପୂର ସଦୁପଯୋଗ କରି ସ୍ପେନ୍‌କୁ ଚାମ୍ପିୟନ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ଭିକି ଲୋପେଜ୍ ଏବେ ଫୁଟବଲ ଜଗତରେ ବେଶ୍ ଚର୍ଚ୍ଚିତ।**

ନାଇଜେରିଆ ପାଇଁ ଖେଳିଥାନ୍ତେ କିନ୍ତୁ ସ୍ପେନ୍ ପକ୍ଷରୁ ମିଳିଲା ସୁଯୋଗ। ସୁଯୋଗର ଭରପୂର ସଦ୍‌ବ୍ୟବହାର କଲେ। କେବଳ ସେତିକି ନୁହେଁ ୧୭ ବର୍ଷରୁ କମ୍ ମହିଳା ଫୁଟବଲ ବିଶ୍ୱକପ୍ ଜିତି ଇତିହାସ ରଚିଲେ ଉଦୀୟମାନ ଖେଳାଳି ଭିକି ଲୋପେଜ୍। ନାଇଜେରୀୟ ମା'ଓ ସ୍ପାନିଶ ପିତାଙ୍କ ଔରସରୁ ଜନ୍ମିତ ଭିକି ବର୍ତ୍ତମାନ ବାର୍ସେଲୋନା ମହିଳା ଦଳର ପ୍ରମୁଖ ସଦସ୍ୟା। ସ୍ପେନ୍ ପ୍ରଥମ ଦଳ ଭାବେ ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ ଟାଇଟଲ ଡିଫେଣ୍ଡ କରିବାରେ ସଫଳ ହୋଇଛି। ୨୦୧୮ରେ କ୍ଲାଉଡିଆ ପିନା ସ୍ପେନ୍ ପକ୍ଷରୁ ସର୍ବାଧିକ ୭ ଗୋଲ ସ୍କୋର କରିଥିବା ବେଳେ ଚଳିତ ସିଜନରେ ପୂରା ଦଳ ସ୍କୋର କରଛି ସମୁଦାୟ ୭ ଗୋଲ। ସ୍ପେନର ଏହି ବିଜୟରେ ମୁଖ୍ୟ ବିନ୍ଧାଣି ରହିଥିଲେ ୧୬ ବର୍ଷୀୟା ଲୋପେଜ୍। ବିଶ୍ୱକପ୍ ବିଜୟୀ ହେବା ତାଙ୍କର ସ୍ୱପ୍ନ ଥିଲା, ତାହା ଏବେ ସାକାର ହୋଇଛି।

ଭିକିଙ୍କ ନିକଟରେ ନାଇଜେରିଆ ପାଇଁ ଖେଳିବାର ସୁଯୋଗ ରହିଥିଲା। ତେବେ ନାଇଜେରିଆ ଫେଡେରେଶନ ପକ୍ଷରୁ କେହିବି ତାଙ୍କୁ ସମ୍ପର୍କ କରି ନ ଥିବା କହିଥିଲେ ପିତା ଜେସସ୍ ଲୋପେଜ୍ ସେରାନୋ ପେରେଜ୍। ନାଇଜେରିଆ ଜାତୀୟ ଦଳ ଡାକରା ଅପେକ୍ଷାରେ ଭିକି ଉତ୍ସାହିତ ଥିଲେ, ମାତ୍ର ବିଧି ନିର୍ଦ୍ଦେଶ ଭିନ୍ନ କିଛି ଥିଲା। ୧୭ ବର୍ଷରୁ କମ୍ ୟୁରୋ ଯୋଗ୍ୟତା ପର୍ଯ୍ୟାୟ ପାଇଁ ତାଙ୍କୁ ଡାକରା ମିଳିଲା। ୟୁରୋପିଆନ୍ ଚାମ୍ପିୟନଶିପରେ ଭିକି ସ୍ପେନ୍ ପକ୍ଷରୁ ଖେଳିଲେ। ଏହି ଟୁର୍ନାମେଣ୍ଟ ପଦାର୍ପଣରେ ଗୋଲ ସ୍କୋର କରିବା ସହିତ ସ୍ପେନ୍ ଆକ୍ରମଣରେ ପ୍ରମୁଖ ଅଂଶ ପାଲଟିଗଲେ। ୧୭ ବର୍ଷରୁ କମ୍ ୟୁରୋପିଆନ୍ ଚାମ୍ପିୟନଶିପରେ ସ୍ପେନ୍ ରନର୍ସ ଅପ୍ ହୋଇଥିଲା। ନଭି ମୁମ୍ବାଇରେ ଯେଉଁଦିନ ସ୍ପେନ ପାଇଁ ଲୋପେଜ୍ ବିଶ୍ୱକପ ଟେକି ଧରିବାର ସୁଯୋଗ ପାଇଥିଲେ ସେହି ଦିନ ତାଙ୍କର ଦ୍ୱିତୀୟ ଘର ନାଇଜେରିଆ ମଧ୍ୟ ବିଜୟୀ ହୋଇଥିଲା। ବ୍ରୋଞ୍ଜ ପଦକ ପ୍ଲେ ଅଫ୍‌ରେ ଦଳ ଜର୍ମାନୀକୁ ପରାସ୍ତ କରିଥିଲା। ନାଇଜେରିଆ ମ୍ୟାଚକୁ ପେନାଲ୍ଟି ଶୁଟ ଆଉଟରେ ଜିତିଥିବା ଖବର ଆସିବାର ମୁହୂର୍ତ୍ତ ତାଙ୍କ ପାଇଁ ଅତ୍ୟନ୍ତ ଉତ୍ସାହପ୍ରଦ ଥିଲା ବୋଲି ଲୋପେଜ୍ କହିଥିଲେ।

ସ୍ପେନ୍‌ରେ ଲୋପେଜଙ୍କ କ୍ୟାରିୟର ଆରମ୍ଭ ଥିଲା ବେଶ୍ ରୋଚକ। ବେନିଡର୍ମ ସମୁଦ୍ର ତଟରେ ଫୁଟବଲ ଅଭ୍ୟାସ କରୁଥିବା ସମୟରେ ମାଡ୍ରିଡ୍ ସିଏଫ୍‌ଏଫ୍‌ର ଆଲଫ୍ରେଡୋ ଉଲ୍ଲୋଆଙ୍କ ଧ୍ୟାନ ଆକର୍ଷଣ କରିଥିଲେ ଲୋପେଜ। ଆଲଫ୍ରେଡୋ ୨୦୧୮ରେ ୟୁଥ୍ ଟିମ୍ ପାଇଁ ତାଙ୍କୁ ଚୁକ୍ତିବଦ୍ଧ କଲେ। ଏହା ପରଠାରୁ ଆଉ ପଛକୁ ଫେରି ଚାହିଁ ନାହାନ୍ତି ଲୋପେଜ୍। ୨୦୧୯ରେ ମାଡ୍ରିଡ୍ ସିଏଫ୍‌ଏଫ୍‌କୁ ଲା ଲିଗା ପ୍ରମିଜେସ୍ ଫେମେନିନା ଟାଇଟଲ ବିଜୟୀ କରିଥିଲେ। ଫାଇନାଲରେ ହ୍ୟାଟ୍ରିକ୍ ସହିତ ସେ ଗୋଲ୍ଡେନ୍ ବୁଟ୍ ବିଜୟୀ ହୋଇଥିଲେ। ୨୦୨୦-୨୧ ସିଜନରେ ୧୭ ଲିଗ୍ ମ୍ୟାଚରୁ ୬୦ ଗୋଲ କରିବା ଦ୍ୱାରା ୧୭ ବର୍ଷରୁ କମ୍ ଜାତୀୟ ଦଳକୁ ଡାକରା ପାଇଥିଲେ। ଏହାପରେ ସେ ବାର୍ସେଲୋନା ପକ୍ଷରୁ ଖେଳିବା ସହିତ ୮ ମ୍ୟାଚରେ ସିନିୟର୍ ଟିମ୍ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଗତ ବିଶ୍ୱକପରେ ସେ ଦୁଇଟି ଗୋଲ ସ୍କୋର କରିଥିବା ବେଳେ ଗୋଟିଏ ଲେଖାଏ ଗୋଲରେ ସହାୟତା ଓ ଗୋଟିଏ ମୁଖ୍ୟ ପାଶ୍‌ରେ ସଂଶ୍ଳିଷ୍ଟ ଥିଲେ। ଜାପାନ ବିପକ୍ଷ କ୍ୱାର୍ଟର ଫାଇନାଲରେ ସେ ଡବଲ୍ ଗୋଲ ସ୍କୋର କରିଥିଲେ। ଭିକିଙ୍କ ନିକଟରେ ଏକାଧିକ ପୋଜିଶନରେ ଖେଳିବାର ଦକ୍ଷତା ରହିଛି। ତେଣୁ କୋଚ୍ କେନିଓ ଗୋଞ୍ଜେଲୋ ଫାଇନାଲରେ ତାଙ୍କୁ ଚିରାଚରିତ ଫରୱାର୍ଡ ପୋଜିଶନ୍ ପରିବର୍ତ୍ତେ ମିଡଫିଲ୍ଡରେ ଖେଳାଇଥିଲେ।

୨୦୧୮ରେ କ୍ଲାଉଡିଆ ପିନା ଗୋଲ୍ଡେନ୍ ବଲ୍ ହାସଲ କରିବା ସହିତ ସ୍ପେନକୁ ଚାମ୍ପିୟନ୍ କରାଇଥିଲେ। ୪ ବର୍ଷ ପରେ ସ୍ପେନ୍ ପାଇଁ ସମାନ ସଫଳତା ଦୋହରାଇଛନ୍ତି ଭିକି। ପିନାଙ୍କ ନିକଟରୁ ବାଟନ ହସ୍ତାନ୍ତର କ୍ଷେତ୍ରରେ କେବଳ ଜାତୀୟ ଦଳ ନୁହେଁ ବରଂ କ୍ଲବ ସ୍ତରରେ ମଧ୍ୟ ଆଗୁଆ ଅଛନ୍ତି ଭିକି। ସେ ସର୍ବକନିଷ୍ଠ ଖେଳାଳି ଭାବରେ ମାତ୍ର ୧୬ ବର୍ଷ ୧ ମାସ ୧୯ ଦିନର ହୋଇଥିବାବେଳେ ବାର୍ସେଲୋନା ସିନିୟର ଦଳ ପକ୍ଷରୁ ଖେଳି ପିନାଙ୍କ ରେକର୍ଡ ଭାଙ୍ଗିଥିଲେ। ଗତ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପର ସ୍ଲୋଗାନ ଥିଲା 'କିକ୍ ଅଫ୍ ଡ୍ରିମ୍'। ଦେଶରୁ ଦୂରରେ ରହି ନିଜର ସ୍ୱପ୍ନ ପୂରଣ କରିବାର ସୁଯୋଗ ପାଇଥିବା ଭିକି ଏହି ସ୍ଲୋଗାନକୁ ସତ ପ୍ରମାଣ କରିଛନ୍ତି।


ଗୋଲ୍ଡେନ ବୁଟ୍ ସହ ଲୋରେନ ବେଣ୍ଡେର


ସିଲଭର ବୁଟ୍ ବିଜୟୀ ମୋମୋକା ତାନିକାୱା


ଗୋଲ୍ଡେନ ଗ୍ଲୋଭ୍ସ ସହ ସୋଫିଆ ଫୁଏଣ୍ଟେ


ବ୍ରୋଞ୍ଜ୍ ବଲ୍ ପ୍ରଦର୍ଶନ କରୁଛନ୍ତି ମାରା ଆଲବର


ସିଲଭର ବଲ୍ ସହ ଲିଣ୍ଡା କାଇସେଡୋ

### ଲକ୍

ନୱାଜ ହାତରେ ବୋଲିଂ ଧରାଇ
ବାବର ଦେଖିଲା ଜହ୍ନ
ସସ୍‌ପେନ୍‌ସ କ୍ରିଜ୍‌ରେ ବିରାଟ ହାର୍ଦ୍ଦିକ
ଉଭା ଚୁପ୍ କରି ମନ
ସାଇଲେଣ୍ଟ ମେଲବୋର୍ନ
ଇମ୍ପସିବଲ୍‌କୁ ପସିବଲ୍ କଲା
ଏ ବିରାଟ ହନୁମାନ।

ଡିପ୍ ମିଡ୍ ଉଇକେଟ
ବାଉଣ୍ଡାରିରେ ଥାଇ
ଧନୁ ପରି ବଲ୍ ଫିଙ୍ଗି
କେ.ଏଲ୍. ରାହୁଲ ଦେଲା
ବାଂଲାଦେଶର
ଲିଟନର ଅଣ୍ଟା ଭାଙ୍ଗି
ଶକିବ ଜାଣିଲା ଶୁଙ୍ଘି
ମ୍ୟାଚ ନେଇଗଲା ଛଡ଼ାଇ ହାତରୁ
ଇନ୍ଦ୍ରଦେବ ବର୍ଷା ଲଘିଂ।

ଗ୍ରହ ମନ୍ଦହେଲେ ଭଲ ମଣିଷଠିଁ
ପଡ଼ିଯିବା ପରି ପୋକ
ଭାରତଠୁ ପାକିସ୍ତାନ ବାଂଲାଦେଶ
ମ୍ୟାଚ ହାରିଗଲେ ଦେଖ
ଲକ୍ ଟାଣଥିବା ଲୋକ
ଗଗନେ ଉଡ଼ଇ ଲକ୍ ମନ୍ଦକହି
ଅଳସୁଆ ପାଏ ଦୁଃଖ।

–ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ନଭେମ୍ବର ୪/୨୦୨୨ Sambalpur, Friday, November 4/ 2022

# ଦକ୍ଷିଣ ଆଫ୍ରିକାକୁ ହରାଇଲା ପାକିସ୍ତାନ

## ଶଦାବ ଖାନ୍‌ଙ୍କ ଅଲ୍‌ରାଉଣ୍ଡ ସଫଳତା


ଶଦାବ ଖାନ୍

**ସିଡ୍‌ନୀ,୩।୧୧**

ଶଦାବ ଖାନ୍‌ଙ୍କ ଅଲରାଉଣ୍ଡ ସଫଳତା ବଳରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ସେମିଫାଇନାଲ ଆଶା ଉଜ୍ଜିବିତ ରଖିଛି ପାକିସ୍ତାନ। ବର୍ଷା ବାଧାପ୍ରାପ୍ତ ମ୍ୟାଚକୁ ଡର୍କୱର୍ଥ ଲୁଇସ ମେଥଡରେ ୩୩ ରନରେ ଦଳ ଜିତି ନେଇଥିଲା। ଶଦାବ ୫୨ ରନ କରିଥିବା ବେଳେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୯ ଉଇକେଟରେ ୧୮୫ ରନ କରିଥିଲା। ବର୍ଷା କାରଣରୁ ସାଉଥ୍ ଆଫ୍ରିକାକୁ ୧୪ ଓଭରରେ ୧୪୨ ରନର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ୯ ଉଇକେଟରେ ୧୦୮ ରନ୍ କରିବା ସହିତ ୩୩ ରନରେ ମ୍ୟାଚ ହାରି ଯାଇଥିଲା ଦକ୍ଷିଣ ଆଫ୍ରିକା। ଏହା ସହିତ ଗ୍ରୁପ୍ ବି'ର ସେମିଫାଇନାଲ ସମୀକରଣ ମଧ୍ୟ ଅନିଶ୍ଚିତତାରେ ଭରି ଯାଇଛି। ଭାରତ ଗ୍ରୁପ୍ ବି'ର ଟେବଲ ଟପ୍‌ରେ ରହିଥିବା ବେଳେ ଅନ୍ତିମ ମ୍ୟାଚ ଜିମ୍ବାୱେ ସହିତ ଖେଳିବ। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଅନ୍ତିମ ମ୍ୟାଚ ନେଦରଲାଣ୍ଡ୍ସ ସହିତ, ପାକିସ୍ତାନ ବାଂଲାଦେଶ ସହିତ ଖେଳିବ। ଯଦି ଦକ୍ଷିଣ ଆଫ୍ରିକା ପରାଜିତ ହୁଏ ତେବେ ବାଂଲାଦେଶ- ପାକିସ୍ତାନ ମ୍ୟାଚର ବିଜେତା ସେମିକୁ ଯିବ। ମାତ୍ର ଏହି ମ୍ୟାଚ ଯଦି ବର୍ଷା କାରଣରୁ ବାତିଲ ହୁଏ ତେବେ ରନ୍‌ରେଟ୍ ହିଁ ବିଚାରକୁ ନିଆଯିବ।

ଟସ୍ ଜିତି ପାକିସ୍ତାନ ବ୍ୟାଟିଂ କରିଥିବା ବେଳେ ବିପର୍ଯ୍ୟୟ ସାମ୍ନା କରିଥିଲା। ମାତ୍ର ୪୩ ରନରେ ୪ ଉଇକେଟ ହରାଇଥିଲା ପାକିସ୍ତାନ। ତେବେ ଫାଖର ଜମାନଙ୍କ ବଦଳ ଖେଳାଳି ମହମ୍ମଦ ହାରିସ୍(୨୮) ଓ ଇଫତିଖାର ଅହମ୍ମଦ(୫୧) ଇନିଂସ ସମ୍ଭାଳିଥିଲେ। ଶେଷ ଆଡକୁ ମହମ୍ମଦ ନୱାଜ(୨୮) ଓ ଶଦାବ ଖାନ୍‌ଙ୍କ ୫୨ ରନ ବଳରେ ପାକିସ୍ତାନ ୧୮୫ ରନ୍ ସଂଗ୍ରହ କରିଥିଲା। ୨୨ ବଲ ଖେଳିଥିବା ଶଦାବ ୩ ଚୌକା ଓ ୪ ଛକା ମାରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଆନରିଚ୍ ନର୍ଜେ ୪ ଉଇକେଟ ନେଇଥିବା ବେଳେ ଅନ୍ୟ ସବୁ ବୋଲର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଦକ୍ଷିଣ ଆଫ୍ରିକାର ଆରମ୍ଭ ମଧ୍ୟ ଖରାପ ରହିଥିଲା। ୧୬ ରନରେ ଦୁଇ ଉଇକେଟର ପତନ ଘଟିବା ପରେ ବାଭୁମା(୩୬) ଓ ଏଡେନ୍ ମାରକ୍ରାମ(୨୦) ପାୱାର ପ୍ଲେରେ ସଂଗ୍ରହ କରିଥିଲେ ୪୮ ରନ୍। ହରିଶ ରୌଫ ବୋଲିଂ କରିଥିବା ସପ୍ତମ ଓଭରରେ ୧୪ ରନ୍ ସଂଗୃହୀତ ହୋଇଥିବା ବେଳେ ପରବର୍ତ୍ତୀ ଓଭରରେ ହିଁ ମ୍ୟାଚର ମୋଡ ପରିବର୍ତ୍ତନ କରି ଦେଇଥିଲେ ଶଦାବ ଖାନ୍। ଦୁଇ ସେଟ୍ ବ୍ୟାଟରଙ୍କୁ ପ୍ୟାଭିଲିୟନ୍ ପଠାଇବା ସହିତ ସେ ପାକିସ୍ତାନ ହାତକୁ ମ୍ୟାଚ ନେଇ ଆସିଥିଲେ। ୯ମ ଓଭରରେ ବର୍ଷା ବେଳକୁ ଦକ୍ଷିଣ ଆଫ୍ରିକା ୬୯ ରନରେ ୪ ଉଇକେଟ ହରାଇଥିଲା। ଡର୍କୱର୍ଥ ଲୁଇସ ମେଥଡ ଅନୁସାରେ ପାକିସ୍ତାନ ୧୬ ରନ୍ ଆଗୁଆ ଥିଲା। ତେବେ ବର୍ଷା ଛାଡିବା ପରେ ୧୪ ଓଭରରେ ୧୪୨ ରନର ସଂଶୋଧିତ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ପାକିସ୍ତାନ ପକ୍ଷରୁ ଶାହିନ୍ ଆଫ୍ରିଦି ୩ ଓ ଶଦାବ ଦୁଇ ଉଇକେଟ ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଶଦାବଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୨୦ ଓଭରରେ ୧୮୫/୯ (ଶଦାବ ଖାନ୍-୫୨, ଇଫତିଖାର ଅହମ୍ମଦ-୫୧, ମହମ୍ମଦ ହାରିସ୍-୨୮, ଆନରିଚ୍ ନର୍ଜେ- ୪/୪୧, ୱେନ୍ ପାର୍ନେଲ- ୧/୩୧, ଲୁନ୍‌ଗି ଏନ୍‌ଗିଡି- ୧/୩୨)। ଦକ୍ଷିଣ ଆଫ୍ରିକା: ୧୪ ଓଭରରେ ୧୦୮/୯(ଡି/ଏଲ୍) (ଟେମ୍ବା ବାଭୁମା-୩୬, ଏଡେନ୍ ମାରକ୍ରାମ-୨୦, ତ୍ରିଷ୍ଟାନ ଷ୍ଟବ୍ସ- ୧୮, ଶାହିନ୍ ଆଫ୍ରିଦି-୩/୧୪, ଶଦାବ ଖାନ୍- ୨/୧୬, ମହମ୍ମଦ ୱାସିମ୍ ଜୁନିୟର-୧/୧୩)।



ଅଫିସିଆଲ୍‌ଙ୍କ ସହ ପଦକ ବିଜେତା ଓଡ଼ିଶା ଉସୁ ଦଳ।

# ଓଡ଼ିଶା ଉସୁ ଦଳକୁ ୧ ରୌପ୍ୟ, ୪ ବ୍ରୋଞ୍ଜ

**ଭୁବନେଶ୍ୱର, ୩।୧୧ (କ୍ରୀଡ଼ା ପ୍ରତିନିଧି)**

ଶ୍ରୀନଗରର ଶେର-ଇ-କଶ୍ମୀର ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ୩୧ତମ ଜାତୀୟ ସିନିୟର ଉସୁ ଚାମ୍ପିୟନଶିପ୍‌ରେ ଓଡ଼ିଶା ଉସୁ ଦଳ ଗୋଟିଏ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ହାସଲ କରିଛି। ପ୍ରତିଯୋଗିତା ଅକ୍ଟୋବର ୨୮ରୁ ଆରମ୍ଭ ହୋଇ ନଭେମ୍ବର ୨ରେ ଶେଷ ହୋଇଥିଲା। ଏହାର ପୁରୁଷ- ଜିଙ୍ଗୟିକ୍ୱାନ ତାଓଲୁ ଇଭେଣ୍ଟରେ ଓଡ଼ିଶାର ଦିବ୍ୟମୋହନ ପ୍ରଧାନ ରୌପ୍ୟ ପଦକ ପାଇଛନ୍ତି। ପଲ୍ଲବୀ ସାମଲ ତାଓଲୁର ମହିଳା ଚାଙ୍ଗକ୍ୱାନ ଓ ଦାଓଶୁ ବିଭାଗରେ ୨ଟି ବ୍ରୋଞ୍ଜ ପଦକ ପାଇଥିବାବେଳେ ତାଓଲୁର ମହିଳା କ୍ୱାଙ୍ଗଶୁରେ ତମନ୍ନା ମିଶ୍ର ଓ ମହିଳା ୪୫ କେଜି ସାଣ୍ଡାରେ ମଞ୍ଜୁ ମୁଣ୍ଡା ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ଅର୍ଜନ କରିଛନ୍ତି। ଦଳଗତ ସାଣ୍ଡା ଇଭେଣ୍ଟରେ ଏସ୍ଏସ୍‌ସିବି (ସର୍ଭିସେସ), ଜମ୍ମୁ-କଶ୍ମୀର ଓ ଅଲ୍ ଇଣ୍ଡିଆ ପୋଲିସ ପ୍ରଥମ ୩ ସ୍ଥାନ ଅକ୍ତିଆର କରିଥିଲେ। ସେହିପରି ତାଓଲୁରେ ଏସ୍ଏସ୍‌ସିବି (ସର୍ଭିସେସ), ମଣିପୁର ଓ ଅରୁଣାଚଳ ପ୍ରଦେଶ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଥିଲେ। ଏସ୍ଏସ୍‌ସିବି ଓଭରଅଲ୍ ଦଳଗତ ଚାମ୍ପିୟନ ହୋଇଥିଲା। ଓଡ଼ିଶାରୁ ୨୪ ଖେଳାଳି ଓ ୭ ଅଫିସିଆଲଙ୍କୁ ମିଶାଇ ମୋଟ ୩୧ ସଦସ୍ୟ ଉକ୍ତ ପ୍ରତିଯୋଗିତାରେ ଯୋଗ ଦେଇଥିଲେ। ସୁଧାଂଶୁ ଶେଖର ହରିଚନ୍ଦନ ମୁଖ୍ୟ ଜୁରୀ, ପ୍ରଦ୍ୟୁମ୍ନ ବେହେରା ମୁଖ୍ୟ ଜଜ୍ ଏବଂ ଅନୁରାଧା ଦୋରା ଜଜ୍‌ଭାବେ ଦାୟିତ୍ୱ ତୁଲାଇଥିଲେ। ପଙ୍କଜ ମହନ୍ତ ଓ ସୁଜନ ରଥ କୋଚ୍ ଏବଂ ନଟବର ସେଠୀ ଦଳର ମ୍ୟାନେଜର ଥିଲେ। ଉସୁ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି ଏସ୍.ଏସ୍. ହରିଚନ୍ଦନ, ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା, ଉପସଭାପତି ଶିବାନନ୍ଦ ରାୟ ଓ ବିକାଶ ପଟ୍ଟନାୟକ ପ୍ରମୁଖ ଓଡ଼ିଶା ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଓଡ଼ିଶା ଦଳ ଆସନ୍ତା ୬ ତାରିଖରେ ଭୁବନେଶ୍ୱରରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି।

## ଟି୨୦ କ୍ରିକେଟ ବିଶ୍ୱକପ୍ ପଏଣ୍ଟ ତାଲିକା (ସୁପର-୧୨)

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବିନା ଫଳାଫଳ | ପଏଣ୍ଟ | ରନହାର |
|---|---|---|---|---|---|---|
| ଗ୍ରୁପ୍ 'ଏ' | | | | | | |
| ନ୍ୟୁଜିଲାଣ୍ଡ | ୪ | ୨ | ୧ | ୧ | ୫ | +୨.୨୩୩ |
| ଇଂଲଣ୍ଡ | ୪ | ୨ | ୧ | ୧ | ୫ | +୦.୫୪୭ |
| ଅଷ୍ଟ୍ରେଲିଆ | ୪ | ୨ | ୧ | ୧ | ୫ | -୦.୩୦୪ |
| ଶ୍ରୀଲଙ୍କା | ୪ | ୨ | ୨ | ୦ | ୪ | -୦.୪୫୭ |
| ଆୟର୍ଲାଣ୍ଡ | ୪ | ୧ | ୨ | ୧ | ୩ | -୧.୫୪୪ |
| ଆଫଗାନିସ୍ତାନ | ୪ | ୦ | ୨ | ୨ | ୨ | -୦.୭୧୮ |
| ଗ୍ରୁପ୍ 'ବି' | | | | | | |
| ଭାରତ | ୪ | ୩ | ୧ | ୦ | ୬ | +୦.୭୩୦ |
| ଦ. ଆଫ୍ରିକା | ୪ | ୨ | ୧ | ୧ | ୫ | +୧.୪୪୧ |
| ପାକିସ୍ତାନ | ୪ | ୨ | ୨ | ୦ | ୪ | +୧.୧୧୭ |
| ବାଂଲାଦେଶ | ୪ | ୨ | ୨ | ୦ | ୪ | -୧.୨୭୬ |
| ଜିମ୍ବାୱେ | ୪ | ୧ | ୨ | ୧ | ୩ | -୦.୩୧୩ |
| ନେଦରଲାଣ୍ଡ୍ସ | ୪ | ୧ | ୩ | ୦ | ୨ | -୧.୨୩୩ |

# କୋହଲିଙ୍କ ବିରୋଧରେ ଫେକ୍ ଫିଲ୍ଡିଂ ଅଭିଯୋଗ

**ଆଡିଲେଡ୍,୨।୧୧(ପି.ଟି.) :** ଟି୨୦ ବିଶ୍ୱକପରେ ଭାରତ ବିପକ୍ଷ ସୁପର ୧୨ ମ୍ୟାଚ ହାରିବା ପରେ ବିରାଟ କୋହଲିଙ୍କ ବିରୋଧରେ ଫେକ୍ ଫିଲ୍ଡିଂ ଅଭିଯୋଗ ଆଣିଛି ବାଂଲାଦେଶ। ଅଧିନାୟକ ଶାକିବ ଅଲ୍ ହସନ୍ ପରାଜୟକୁ ସ୍ୱୀକାର କରିଥିବା ବେଳେ କୋହଲି ଓ ଅନ୍‌ଫିଲ୍ଡ ଅମ୍ପାୟାରଙ୍କ ବିରୋଧରେ ଏଭଳି ଅଭିଯୋଗ ଆଣିଥିଲେ ସାଥୀ ଖେଳାଳି ନୁରୁଲ ହସନ। ମ୍ୟାଚ ପର ସାକ୍ଷାତକାର ବେଳେ ନୁରୁଲ ଏପରି କହିଥିଲେ। ନୁରୁଲ କହିଥିଲେ, ବାଂଲାଦେଶକୁ ୫ ଅତିରିକ୍ତ ମିଳିବା କଥା ଯାହା ମିଳିନଥିଲା। ଏପରି କହିବା ସହିତ ଦୁଇ ଅନଫିଲ୍ଡ ଅମ୍ପାୟାର କ୍ରିସ୍ ବ୍ରାଉନ୍ ଓ ମାରିଆସ୍ ଏରସ୍ମସଙ୍କୁ ଦୋଷାରୋପ କରିଥିଲେ ନୁରୁଲ। ଏହି ଘଟଣାଟି ମ୍ୟାଚର ସପ୍ତମ ଓଭରରେ ଘଟିଥିଲା। ଏକ ରିଲେ ଥ୍ରୋ କରୁଥବାର ଆକ୍ସନକୁ ଦୋହରାଇଥିଲେ କୋହଲି। ତେବେ କ୍ରିଜରେ ଥିବା ଲିଟନ୍ ଦାସ ଓ ନଜମୋଲ ହୋସେନ୍ ଶାନ୍ତୋ ଦୌଡିବା ସମୟରେ କୋହଲିଙ୍କୁ ଦେଖିନଥିବା ପରବର୍ତ୍ତୀ ସମୟରେ ଭିଡିଓ ଦେଖିବା ପରେ ଜଣାପଡିଥିଲା। ଆଇସିସିର ଧାରା ୪୧.୫ ଅନୁସାରେ ଏପରି କରିବା ଦଣ୍ଡନୀୟ। ମାତ୍ର କ୍ରିଜରେ ଥିବା ଦୁଇ ବ୍ୟାଟର କୋହଲିଙ୍କ ଆଡକୁ ଦେଖିନଥିବାରୁ ନୁରୁଲଙ୍କ ଅଭିଯୋଗ ଭିତ୍ତିହୀନ। ଅପର ପକ୍ଷରେ ମ୍ୟାଚ୍ ଅଫିସିଆଲଙ୍କୁ ଅସମ୍ମାନ କରିବା ଅଭିଯୋଗରେ ନୁରୁଲଙ୍କ ବିପକ୍ଷରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ସମ୍ଭାବନା ରହିଛି।

# ଡବଲ୍ସ ସେମିଫାଇନାଲରେ ପ୍ରମୋଦ

## ଟୋକିଓ ପାରା ବ୍ୟାଡ଼ମିଣ୍ଟନ

**ଭୁବନେଶ୍ୱର, ୩।୧୧ (କ୍ରୀଡ଼ା ପ୍ରତିନିଧି)**

ଜାପାନର ଟୋକିଓରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡମିଣ୍ଟନ୍ ବିଶ୍ୱ ଚାମ୍ପିୟନଶିପ୍‌ର ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ପ୍ରମୋଦ ଓ ମନୋଜ ସରକାରଙ୍କ ଯୋଡ଼ି ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଦକ୍ଷିଣ କୋରିଆର ଜୁ ଡୋଙ୍ଗ୍‌ଜି ଓ ଶିନ୍ କ୍ୟୁଙ୍ଗ୍ ହ୍ୱାନଙ୍କୁ ୨୧-୧୭, ୧୬-୨୧, ୨୧-୧୦ରେ ପରାସ୍ତ କରିଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ସମସ୍ତ ମ୍ୟାଚ ଜିତି ନକ୍‌ଆଉଟରେ ପ୍ରବେଶ କରିଥିବା ପ୍ରମୋଦ-ମନୋଜ କ୍ୱାର୍ଟର ଫାଇନାଲରେ ବାଇ ପାଇ ସେମିଫାଇନାଲରେ ପହଞ୍ଚିଛନ୍ତି। ପୂର୍ବରୁ ସେ ସିଙ୍ଗଲ୍ସର କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ସାରିଛନ୍ତି।

# ପେନାଲ୍ଟି ରୂପାନ୍ତର ଉପରେ ହରମନ୍‌ପ୍ରୀତଙ୍କ ଗୁରୁତ୍ୱ

## ପ୍ରୋ ହକି ଲିଗ୍

**ଭୁବନେଶ୍ୱର, ୩।୧୧ (ସ୍ପୋର୍ଟ୍ସ ବ୍ୟୁରୋ):** ଭୁବନେଶ୍ୱରରେ ଚାଲିଥିବା ପ୍ରୋ ହକି ଲିଗ୍‌ରେ ଶୁକ୍ରବାର ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ମ୍ୟାଚ ଖେଳାଯିବ। ମ୍ୟାଚ ପୂର୍ବରୁ ଗୁରୁବାର ଖବରଦାତା ସମ୍ମିଳନୀରେ ପେନାଲ୍ଟି କର୍ନର ରୂପାନ୍ତରଣ ଉପରେ ଗୁରୁତ୍ୱାରୋପ କରିଛନ୍ତି କୋଚ୍ ଗ୍ରାହାମ୍ ରିଡ୍ ଓ ହରମନ୍‌ପ୍ରୀତ ସିଂ। ଅନ୍ତିମ ମିନିଟରେ ଗୋଲ ବରଣ କରିବା ସହିତ ଭାରତ ପେନାଲ୍ଟିକର୍ନରଗୁଡିକୁ ରୂପାନ୍ତର କରିବାରେ ସଫଳ ହେଉନାହିଁ। ଭାରତୀୟ ଦଳ ନିରନ୍ତର ଭାବେ ଏହା ଉପରେ କାମ କରିଆସୁଛି ବୋଲି କହିଥିଲେ ହରମନ୍‌ପ୍ରୀତ। ସ୍ପେନ ବିପକ୍ଷରେ ସୁଯୋଗ ମିଳିଥିଲେ ହେଁ ଭାରତ ଏହାର ଫାଇଦା ଉଠାଇ ପାରି ନ ଥିଲା ବୋଲି ଉଭୟ କୋଚ୍ ଓ ଅଧିନାୟକ ସ୍ୱୀକାର କରିଥିଲେ। ସେହିପରି ମହମ୍ମଦ ରାହିଲ ଓ କର୍ତ୍ତିଙ୍କ ପରି ଯୁବ ଖେଳାଳି ପ୍ରଥମ ଥର ଭାରତୀୟ ଦଳକୁ ଆସିଥିବା ବେଳେ ଏମାନେ ଭବିଷ୍ୟତରେ ଭଲ ପ୍ରଦର୍ଶନ କରିବାକୁ ଯାଉଛନ୍ତି। ୩ ମାସର ବ୍ୟବଧାନରେ ହକି ବିଶ୍ୱକପ ରହିଥିବା ବେଳେ ଭାରତ ଅଭ୍ୟାସ କରିବା ପାଇଁ ଏହା ଏକ ସୁନ୍ଦର ଅବସର ବୋଲି କୋଚ୍ ଗ୍ରାହାମ ରିଡ୍ କହିଥିଲେ। ସ୍ପେନ୍‌ଠାରୁ ଅନ୍ତିମ ମ୍ୟାଚରେ ପରାଜିତ ହୋଇଥିଲେ ହେଁ ଭାରତ ଏହି ମ୍ୟାଚରେ ଦୃଢ଼ ଭାବରେ ପ୍ରତ୍ୟାବର୍ତ୍ତନ କରିବ ବୋଲି ରିଡ୍ କହିଥିଲେ। ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ନିଜର ଅନ୍ତିମ ମ୍ୟାଚ୍ ଜିତିଥିବା ବେଳେ ଏହା ଭାରତୀୟ ଦଳକୁ ଆତ୍ମବିଶ୍ୱାସ ପ୍ରଦାନ କରିବ ବୋଲି ମଧ୍ୟ ସେ ମତ ଦେଇଥିଲେ। ଭାରତ ଓ ନ୍ୟୁଜିଲାଣ୍ଡ ୪୨ ଥର ସାମ୍ନାସାମ୍ନି ହୋଇଥିବା ବେଳେ ଭାରତ ୨୨ଟିରେ ବିଜୟୀ ହୋଇଛି ଓ ୫ଟି ମ୍ୟାଚ ଡ୍ର'ରେ ଶେଷ ହୋଇଛି।

# ମୁମ୍ବାଇଠାରୁ ୧-୦ରେ ହାରିଲା ଓଡ଼ିଶା

## ବାଜି ରାଉତ କପ୍ ଜାତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ



ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ଢେଙ୍କାନାଳ ଅଫିସ, ୩।୧୧**

ଢେଙ୍କାନାଳ ଷ୍ଟାଡିୟମ୍‌ରେ ଗୁରୁବାରଠାରୁ ଆରମ୍ଭ ହୋଇଛି ବାଜି ରାଉତ କପ୍ ଜାତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ। ତୀବ୍ର ସଂଘର୍ଷପୂର୍ଣ୍ଣ ପ୍ରଥମ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ରେ କେଂକ୍ରେ ମୁମ୍ବାଇ ଏଫ୍‌ସି ୧-୦ ଗୋଲ୍‌ରେ ଓଡ଼ିଶା ଏଫ୍‌ସିକୁ ପରାସ୍ତ କରିଛି। ଘରୋଇ ଦଳ ଏକାଧିକ ସୁଯୋଗ ହାତଛଡ଼ା କରିଥିଲା, ଯାହା ପରାଜୟର ପ୍ରମୁଖ କାରଣ ପାଲଟିଥିଲା।

ଓଡ଼ିଶା ଦଳ କଳାଧଳା ଏବଂ ମୁମ୍ବାଇ ସବୁଜ ଜର୍ସିରେ ପଡ଼ିଆକୁ ଓହ୍ଲାଇଥିଲା। ପ୍ରଥମ ଏବଂ ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ। ଏହି ସମୟ ମଧ୍ୟରେ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ତେବେ ମ୍ୟାଚ୍‌ର ୪୩ତମ ମିନିଟ୍‌ରେ ମୁମ୍ବାଇ ଦଳର ୨୭ନଂ. ଜର୍ସିରେ ଖେଳୁଥିବା ଜୟ ପି. ଓଡ଼ିଶାର ରକ୍ଷଣ ଭାଗକୁ ଭେଦ କରି ଚମତ୍କାର ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ। ତାଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ଟ୍ରଫି ସହ ୨୦ ହଜାର ଟଙ୍କା ଦେଇ ପୁରସ୍କୃତ କରାଯାଇଥିଲା। ରେଫରି ନିପେନ ହାଲଦାର, ସହଯୋଗୀ ରେଫରି ସୋମନାଥ ବାନାର୍ଜୀ, ରୋହିତ ମେଟାଇ, ଡୁମୁଲି ଜୟସିଂ, ମ୍ୟାଚ କମିଶନର ଜେ.ପି. ସିଂ, ସୌମେନ୍ଦ୍ର ବୋଷ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଜିଲାର ବହୁ କ୍ରୀଡ଼ାପ୍ରେମୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଉପସ୍ଥିତ ରହି ଓଡ଼ିଶା ଦଳର ଉତ୍ସାହ ବଢ଼ାଇଥିଲେ। ଟୁର୍ନାମେଣ୍ଟର ଅନ୍ୟ କ୍ୱାର୍ଟର ଫାଇନାଲ ଏବଂ ୨ ସେମିଫାଇନାଲ ମ୍ୟାଚ ଅନୁଗୋଳ କଦମ ପଡ଼ିଆରେ ଅନୁଷ୍ଠିତ ହେବ। ସେହିପରି ୮ ତାରିଖରେ ତାଳଚେର ସାଉଥ୍ ବଲଣ୍ଡା ବ୍ଲାକ ଡାଇମଣ୍ଡ ଷ୍ଟାଡିୟମ୍‌ରେ ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ଆୟୋଜକ 'ଆମେ ଓଡ଼ିଆ' ସଙ୍ଗଠନର ସମ୍ପାଦକ ସଂଗ୍ରାମ ରାଉତ ସୂଚନା ଦେଇଛନ୍ତି।

ଏଥିପୂର୍ବରୁ ପୂର୍ବାହ୍ନ ୧୧ଟା ୫ରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏମ୍‌ପି ମହେଶ ସାହୁ, ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ ସଭାପତି କଲ୍ୟାଣ ଚୋବେ, ଜିଲାପାଳ ସରୋଜ କୁମାର ସେଠୀ, ପୌରାଧକ୍ଷା ଜୟନ୍ତୀ ପାତ୍ର, ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ନଳିନୀ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଓଲିଉଡ୍ ଅଭିନେତ୍ରୀ ଅର୍ଚ୍ଚିତା ଓ ଅଭିନେତା ସବ୍ୟସାଚୀ ପ୍ରମୁଖ ମନୋରଞ୍ଜନ କରାଇଥିଲେ। ଏହି ଜାତୀୟ ଟୁର୍ନାମେଣ୍ଟ ପାଇଁ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ ବୈଷୟିକ ସହାୟତା ଯୋଗାଇ ଦେଉଛି। ସେହିପରି ଜିଲା କ୍ରୀଡ଼ା ସଂସଦ ଏବଂ 'ଆମେ ଓଡ଼ିଆ' ସଙ୍ଗଠନ ପକ୍ଷରୁ ସହଯୋଗ କରାଯାଉଛି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ନିଆଁ ଲାଗି ଜଳି ଗଲା ଘର

ବୋଡେନ,(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ଥାନା ବାବେବୀର ପଞ୍ଚାୟତ ଖଇରଭାଡି ଗ୍ରାମର ଯଦୁ ହଂସଙ୍କ ଘରେ ନିଆଁ ଲାଗି ଜଳି ଯାଇଛି। ଖବର ପାଇ ସିନାପାଲି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଯଦୁଙ୍କ ଦୁଇ ବଖରା ଘରରୁ ଗୋଟିଏ ବଖରା ଜଳିଯାଇଛି। ଯଦୁ କୋମନାସ୍ଥିତ ତାଙ୍କ ଶ୍ୱଶୁର ଘରେ ରହୁଥିବା ବେଳେ ଯଦୁଙ୍କ ବିଧବା ମା' ସୁଲକ୍ଷଣୀ ହଂସ ଏକାକୀ ଘରେ ରହୁଥିଲେ। ସୁଲକ୍ଷଣୀ ଘରେ ନ ଥିବା ବେଳେ ବିଦ୍ୟୁତ୍ ସର୍ଟସର୍କିଟ୍ ଯୋଗୁ ନିଆଁ ଲାଗିଥିବା ଗ୍ରାମବାସୀ କହିଛନ୍ତି। ଅଗ୍ନିକାଣ୍ଡରେ ଯଦୁଙ୍କ ଘରେ ଥିବା ଖଟ, ଆଲମିରା, କୁଲର୍ ଆଦି ଆସବାବପତ୍ର ସହ ଲୁଗାପଟା ପୋଡି ନଷ୍ଟ ହୋଇଯାଇଛି।

## ସଂକ୍ଷେପରେ

### ଦୁର୍ନୀତି ନିବାରଣ ସଚେତନତା ରାଲି

**ବଲାଙ୍ଗୀର ଅଫିସ, ୩।୧୧:** ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଗୁରୁବାର ଜିଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ସଚେତନତା ରାଲି ଓ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା। କୋଶଳ କଳା ମଣ୍ଡଳ ପଡିଆରୁ ବାହାରିଥିବା ରାଲିକୁ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସୁଦର୍ଶନ ସଏ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ରାଲିରେ ସହରର ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା, ବିଭିନ୍ନ ବିଭାଗ ଅଧିକାରୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ର, ସ୍କାଉଟ, ରେଡକ୍ରସ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ, ଦୁର୍ନୀତି ନିବାରଣ ବିଭାଗ ଶାଖା କର୍ମଚାରୀ ଯୋଗଦେଇଥିଲେ। ରାଲିକୁ ଭିଜିଲାନ୍ସ ଡିଏସ୍‌ପି ପୁଲସ୍ତି ଛତ୍ରିଆ, ଡିଆଇପିଆରଓ ଜୟଦେବ ପାଣିଗ୍ରାହୀ, ଜିଲା କ୍ରୀଡା ଅଧିକାରୀ ପରାଶର ବାଗ, ସହକାରୀ ଜିଲାପାଳ ଆଦିତ୍ୟ ଦଳବେହେରା ପରିଚାଳନା କରିଥିଲେ। ସେହିପରି ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଭାଗିରଥି ଛକରେ ଭବାନୀ ଶଙ୍କର କଳା ପରିଷଦ କୁଟେନପାଲି କଳାକାରଙ୍କ ଦ୍ୱାରା ଏକ ସଚେତନତା ଧର୍ମୀ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା।

### ରାସ୍ତାରେ ବୁଲା ଗୋରୁ, ଶକ୍ତ ହେଲା ପ୍ରଶାସନ

**ଟିଟିଲାଗଡ, ୩।୧୧(ଡି.ଏନ.ଏ.):** ଟିଟିଲାଗଡ ସହରର ମୁଖ୍ୟ ରାସ୍ତାରେ ବୁଲା ଗୋରୁଙ୍କ ପାଇଁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏହାକୁ ନେଇ ପ୍ରଶାସନ କଠୋର ହୋଇଛି। ଗୁରୁବାର ପୌର ପରିଷଦ କାର୍ଯ୍ୟାଳୟ ସଭା ଗୃହରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଉପଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧକ୍ଷତାରେ ଓମଫେଡ ଜିଏମ ସରୋଜ କୁମାର ସାହୁ, ପୌରାଧକ୍ଷା ମମତାଦେବୀ ଜୈନ, ପୌର ନିର୍ବାହୀ ଅଧିକାରୀ ବିପିନ ଦୀପ ଏବଂ ବିଭିନ୍ନ ସାମାଜିକ ସଂଗଠନ ପ୍ରତିନିଧି ଉପସ୍ଥିତ ଥିଲେ। ରାସ୍ତାକୁ ଗୋରୁ ନ ଛାଡିବାକୁ ଆଗାମୀ ସାତ ଦିନ ଧରି ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରାଯିବ। ଏହାପରେ ମଧ ଯଦି ରାସ୍ତାରେ ଗୋରୁ ଦେଖାଗଲେ ସେମାନଙ୍କୁ ଧରି ସ୍ଥାନୀୟ ଗୋରୁ ବଜାର ପରିସରରେ ରଖାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଭିଏଏସ ବୈକୁଣ୍ଠ ନାଗ, ତ୍ରିଲୋଚନ ସେଠୀ, ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର, କାଉନସିଲର ସୁନିତା ଦାସ, ସୁନିଲ ଆଚାର୍ଯ୍ୟ ଉପସ୍ଥିତ ଥିଲେ।

### ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ପରଲୋକ

**ବଲାଙ୍ଗୀର ଅଫିସ, ୩।୧୧:** ବଲାଙ୍ଗୀର ସହର ଟିକ୍ରାପଡା ନିବାସୀ ଅବସରପ୍ରାପ୍ତ ପୋଲିସ ଡ୍ରିଲ ସବ୍‌ଇନ୍ସପେକ୍ଟର ହରିଶ୍ଚନ୍ଦ୍ର ରଥ (୮୨)ଙ୍କ ପରଲୋକ ହୋଇଛି। ସ୍ୱର୍ଗତ ରଥ ୨୦୦୦ ମସିହାରେ ବଲାଙ୍ଗୀର ରିଜର୍ଭ



ପୋଲିସ କାର୍ଯ୍ୟାଳୟରୁ ଅବସର ଗ୍ରହଣ କରିଥିଲେ। ଗତ ଜାନୁୟାରୀ ମାସରୁ ବାର୍ଦ୍ଧକ୍ୟ ଜନିତ କାରଣରୁ ସେ ଅସୁସ୍ଥ ହୋଇପଡିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତିନି ପୁଅ ବାସୁଦେବ, ସନ୍ତୋଷ ଓ ସଞ୍ଜୟ, ତିନି ଝିଅ ଅମୂଲ୍ୟ, ସନ୍ତୋଷିନୀ, ଆନନ୍ଦିନୀ, ବୋହୂ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ସ୍ଥାନୀୟ ବିଭୁତିପଡା ସ୍ଥିତ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ବଡ ପୁଅ ବାସୁଦେବ ମୁଖାଗ୍ନି ଦେଇଥିଲେ।

# ନମ୍ବର ପ୍ଲେଟ ବଦଳାଇ ବିକୁଥିଲେ

**ବେଲପଡା, ୩।୧୧(ଡି.ଏନ.ଏ.)**

- ୧୦ ଚୋରି ବାଇକ ଉଦ୍ଧାର, ୬ ଗିରଫ
- ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୨ ଲୁଟେରା, ୪ କ୍ରେତା

ବଲାଙ୍ଗୀର ଜିଲା ବେଲପଡା ପୋଲିସ ୧୦ଚୋରି ବାଇକ ଉଦ୍ଧାର କରିଛି। ଏହି ଘଟଣାରେ ୨ ଲୁଟେରା ଓ ୪ କ୍ରେତାଙ୍କ ସହ ୬ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଦୁଇ ଲଟେରା ମାଲିମୁଣ୍ଡାର ଚୂଡାମଣି ପୁଟେଲ(୨୫), ପରମେଶ୍ୱର ଚଣ୍ଡି(୨୪), କ୍ରେତା ବିଛୁବାହାଲିର ତ୍ରିନାଥ ବାଗ, ଲକ୍ଷ୍ମଣ ବାଗ, ନୁନହାଡର ସୁଲୋମଣି ମେହେର, ଓ ଭରୁଆପାଲିର ହେମନ୍ତ ଥପା। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ଗତ ଶନିବାର ବେଲପଡା ବିଦେଶୀ ମଦ ଦୋକାନ ସାମନାରେ ଏକ ବାଇକ ଚୋରି ହୋଇଥିଲା। ସିସି ଟିଭି ଫୁଟେଜ ଯାଞ୍ଚ ପରେ ଜଣେ ବ୍ୟକ୍ତଙ୍କୁ ପୋଲିସ ସନ୍ଦେହ ଘେରକୁ ଆଣିଥିଲା । ୧୫ଦିନ ପୂର୍ବରୁ ଜଣେ ପରିବା ବିକାଳିଙ୍କ ବାଇକ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ରବିବାର ତାଙ୍କ ବାଇକକୁ ଅନ୍ୟ ଜଣେ ଚଳାଉଥିବା ଦେଖିବାକୁ ପାଇଥିଲେ। ବାଇକକୁ ସେ ଚିହ୍ନି ପାରିଥିଲେ ହେଁ ଗାଡିର ନମ୍ବର ପ୍ଲେଟ ବଦଳା ଯାଇଥିଲା । ସ୍ଥାନୀୟ ଲୋକଙ୍କ ଉଦ୍ୟମ କ୍ରମେ ସେ ସମ୍ପୃକ୍ତ ବାଇକ ଚାଳକ ଚୂଡାମଣି ପୁଟେଲଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ପୋଲିସ ଶନିବାର ବିଦେଶୀ ମଦ ଦୋକାନ ସାମନାରୁ ଚୋରି ବାଇକ ଘଟଣାରେ ସିସି ଟିଭି ଫୁଟେଜରେ ଦେଖାଯାଇଥିବା ବ୍ୟକ୍ତିଙ୍କ ସହ ପୋଲିସ କାବୁ କରିଥବା ବ୍ୟକ୍ତି ସମାନ ବୋଲି ଜଣାପଡିଥିଲା। ଏହାପରେ ଚୂଡାମଣିଙ୍କ ଘରେ ଚଢାଉ କରି ୨ଟି ବାଇକ ଜବତ କରାଯାଇଥିଲା। ପରମେଶ୍ୱରଙ୍କ ସହ ସେ ମିଶି ବାଇକ ଲୁଟ୍ କରୁଥିଲେ ବୋଲି ପୋଲିସକୁ ଜେରା ବେଳେ କହିଥିଲେ। ଏଡାପରେ ପୋଲିସ ପରମେଶ୍ୱରଙ୍କୁ ଉଠାଇ ଆଣିଥିଲା। ଭିଡ ଜାଗାରୁ ଚୋରି ପରେ ନମ୍ବର ପ୍ଲେଟ ବଦଳାଇ ସେମାନେ ବାଇକ ବିକୁଥିଲେ ବୋଲି ପୋଲିସକୁ କହିଥିଲେ। ଏହାପରେ ପୋଲିସ ଚୂଡାମଣି ଓ ପରମେଶ୍ୱରଙ୍କଠାରୁ ଗାଡି କିଣିଥିବା ସୁଲୋମଣି, ଲକ୍ଷ୍ମଣ, ତ୍ରିନାଥ ଓ ହେମନ୍ତଙ୍କ ଘରେ ଚଢାଉ କରି ବାଇକଗୁଡିକୁ ଜବତ କରିଥିଲା। ଏ ନେଇ ଥାନାରେ ଏକ ମାମଲା(୧୮୮/୨୨) ରୁଜୁ ହୋଇଛି।



ପୋଲିସ ଜବତ କରିଥିବା ଚୋରି ବାଇକ।

# ଜିଲାପାଳ ଅଫିସ ସମ୍ମୁଖରେ ମୁଣ୍ଡିଆ ମାରି ଧାରଣା

**ବଲାଙ୍ଗୀର ଅଫିସ, ୩।୧୧**

**ଜିଲା ଡ୍ରାଇଭର ସଂଘ ପକ୍ଷରୁ ଅଭିନବ ପ୍ରତିବାଦ**

ଓଡିଶା ଡ୍ରାଇଭର ମହାସଂଘ ବଲାଙ୍ଗୀର ଜିଲା ପକ୍ଷରୁ ଗୁରୁବାର ଏକ ଅଭିନବ ପ୍ରତିବାଦ ଆୟୋଜନ କରାଯାଇଥିଲା। ଡ୍ରାଇଭରମାନଙ୍କ ନାର୍ଯ୍ୟ ଦାବି ପୂରଣ ଦିଗରେ ସରକାରଙ୍କ ଦୀର୍ଘ ଅବହେଳା ପ୍ରତିବାଦରେ ଏଭଳି ପ୍ରତିବାଦ ଜଣାଇଥିଲେ। ୯ ଦଫା ଦାବିପୂରଣ ନେଇ ରାସ୍ତା ଉପରେ ଶତାଧିକ ଡ୍ରାଇଭର ଶୋଇ ରହିବା ସହ ମୁଣ୍ଡିଆ ମାରିଥିଲେ। ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରରୁ ଶତାଧିକ ଡ୍ରାଇଭର ଏକ ରାଲିରେ ବାହାରି ପାଟଣା ହୋଟେଲ ଛକ, ମେନମାର୍କେଟ ଦେଇ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖକୁ ଆସିଥିଲେ। ଏହାପରେ ସେଠାରେ ଧୀର୍ଘ ସମୟ ଧରି ରାସ୍ତା ଉପରେ ଶୋଇରହି ପ୍ରତିବାଦ ଜଣାଇଥିଲେ। ଦୁର୍ଘଟଣାରେ ପ୍ରାଣ ହରାଉଥିବା ଡ୍ରାଇଭରମାନଙ୍କୁ ୨୦ଲକ୍ଷ ଟଙ୍କାର ବୀମା କ୍ଷତିପୂରଣ, ଦୁର୍ଘଟଣାରେ ଅକର୍ମଣ୍ୟ ହୋଇଯାଉଥିବା ଡ୍ରାଇଭରଙ୍କୁ ୧୦ ଲକ୍ଷ ଟଙ୍କା ବୀମା କ୍ଷତିପୂରଣ ଏବଂ ଦୁର୍ଘଟଣାରେ ଚିକିତ୍ସା ପାଇଁ ଡ୍ରାଇଭରଙ୍କୁ ୫ ଲକ୍ଷ ପର୍ଯ୍ୟନ୍ତ ଚିକିତ୍ସା ବୀମା ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି। ଏହାସହିତ ୫୫ବର୍ଷ ପରେ ପେନସନ, ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭରଙ୍କୁ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ, ଡ୍ରାଇଭରଙ୍କୁ ଆବାସ ଯୋଜନାରେ ୫ଲକ୍ଷ ଟଙ୍କା ପ୍ରଦାନ, ଡ୍ରାଇଭରଙ୍କ ପୁଅଝିଅଙ୍କୁ ଉତ୍ତମ ଶିକ୍ଷା, ପ୍ରତି ଶହେ କିଲୋମିଟରରେ ବିଶ୍ରାମଗାର ସୁବିଧା ଯୋଗାଇ ଦେବାକୁ ଓଡିଶା ଡ୍ରାଇଭର ମହାସଂଘ ପକ୍ଷରୁ ଦାବି କରାଯାଇଛି। ଡ୍ରାଇଭରମାନଙ୍କୁ ଦ୍ୱିତୀୟ ସୈନିକ ମାନ୍ୟତା ଓ ଲାଇସେନ୍ସ ବାବଦକୁ ରଖାଯାଇଥିବା ୧୫ ହଜାର ଟଙ୍କା ଫେରସ୍ତ କରିବାକୁ ଦାବି କରାଯାଇଛି। ପରେ ସଂଘ ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ଜରିଆରେ ଦାବିପତ୍ର ପ୍ରେରଣ କରାଯାଇଥିଲା। ଜିଲା ଡ୍ରାଇଭର ସଂଘ ସଭାପତି ଅଚ୍ୟୁତ୍ ସେଠ, ସମ୍ପାଦକ ରସାକ କୁମାର ସାଗରଙ୍କ ନେତୃତ୍ୱରେ ପ୍ରତିବାଦ ଧାରଣା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ୧୪ ବ୍ଲକର ଶତାଧିକ ଡ୍ରାଇଭର ଯୋଗ ଦେଇଥିଲେ।



ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଡ୍ରାଇଭର ସଂଘ ପକ୍ଷରୁ ମୁଣ୍ଡିଆ ମାରି ଧାରଣା ଦିଆଯାଇଛି।

# ସମାଜରେ ସଂସ୍କାର ପାଇଁ ଶିକ୍ଷା ଜରୁରୀ



ହୀରକ ଜୟନ୍ତୀ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

**ଦେଓଗାଁ, ୩।୧୧(ଡି.ଏନ.ଏ.)**

**ବଡବନ୍ଧ ୟୁପି ସ୍କୁଲ ହୀରକ ଜୟନ୍ତୀ ଉଦ୍‌ଯାପିତ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବନ୍ଧ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତିନିଦିନ ଧରି ଚାଲିଥିବା ହୀରକ ଜୟନ୍ତୀ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଦିବସରେ ବଡବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲିଙ୍ଗରାଜ ପଧାନ ସଭାପତିତ୍ୱ କରିଥିଲେ। ଓଡିଶା ହାଉସିଂ ବୋର୍ଡ ଅଧକ୍ଷ କଳିକେଶ ନାରାୟଣ ସିଂଦେଓ ମୁଖ୍ୟ ଅତିଥି, ଲୋକ କବିରତ୍ନ ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟବକ୍ତା, ଜିଲା ପରିଷଦ ସଭ୍ୟା ମମତା କୁମୁରା, ପଞ୍ଚାୟତ ସମିତି ଅଧକ୍ଷ ଦୟାନିଧି ଖମାରୀ, ସଦର ବ୍ଲକ ଉପାଧକ୍ଷା ପୁଷ୍ପାଞ୍ଜଳି ଚାନ୍ଦ, ନିବେଦିତା ହୋତା, ନିରଞ୍ଜନ ମେହେର, ଭଗୀରଥ ମେହେର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅତିଥି ବୃନ୍ଦ ସମାଜରେ ସଂସ୍କାର ପାଇଁ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ। ତେଣୁ ଇତିହାସ ହିଁ ବିକଳ୍ପ ଶିକ୍ଷାର ମାର୍ଗଦର୍ଶିକା ବୋଲି ମତବ୍ୟକ୍ତ କରିଥିଲେ । ପ୍ରଧାନଶିକ୍ଷକ ବିବରଣୀ ପାଠ କରିଥିଲେ। ମହୋତ୍ସବ କମିଟି ସଭାପତି ଶୁଶିଲ କୁମାର ଚାନ୍ଦ, ଉପସଭାପତି ସ୍ଥାନୀୟ ସରପଞ୍ଚ ଜଗବନ୍ଧୁ ମେହେର, ପ୍ରଦୀପ ବରର୍ଗି, ରାକେଶ ଗଡତ୍ୟା, ପରିଚାଳନା କମିଟି ସଭାପତି ଭବାନୀ ଶଙ୍କର ବରର୍ଗି, ସହ ସମ୍ପାଦକ ରାଘବ ଗଡତ୍ୟାଙ୍କ ସମେତ ବଡବନ୍ଧ ଗ୍ରାମବାସୀ ଓ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମର ସଫଳ ସମାପନରେ ସହଯୋଗ କରିଥିଲେ।

## ଷ୍ଟ୍ରିଟ ଲାଇଟ ଲଗାଇବାରେ ପକ୍ଷପାତିତା ଅଭିଯୋଗ

**ଲୋଇସିଂହା,୩।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ ଅନ୍ତର୍ଗତ କେଉଁଟପୋଲି ଗ୍ରାମରେ ନିକଟରେ ଷ୍ଟ୍ରିଟ ଲାଇଟ ଲଗାଯାଇଛି। ହେଲେ ଗ୍ରାମର ଅନ୍ୟ ଭାଗରେ ଲାଇଟ ନ ଲଗାଇବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ପଞ୍ଚାୟତ ପକ୍ଷରୁ କେଉଠିପାଲି ଗ୍ରାମବସ୍ତିରେ ଷ୍ଟ୍ରିଟ ଲାଇଟ ଲଗାଯାଇଛି। ଏପରିକି ବସ୍ତିର ଏକ ନିର୍ଦ୍ଧିଷ୍ଟ ଅଞ୍ଚଳରେ ୧୦ଟି ଲାଇଟ ଲଗାଯାଇଛି। କେଉଁଟପୋଲି ବସ୍ତି ଦେଇ ଛେଲବାହାଲ, ଗୋପାଳପୁର ରାସ୍ତା ସଂଯୋଗୀକରଣ ରହିଛି। ସମ୍ପୃକ୍ତ ଅଞ୍ଚଳବାସୀ ବଲାଙ୍ଗୀର ଯିବା ଆସିବାବେଳେ ୨୬ ନଂ ଜାତୀୟ ରାଜପଥ ହୀରାପୁର ଛକକୁ ଉକ୍ତ ବସ୍ତି ଦେଇ ଯାଇଥାନ୍ତି। ବସ୍ତିରେ ଏହି ମୋଡଣି ସ୍ଥାନ ଏବଂ ଗଣ୍ଡପଡାରେ ଷ୍ଟ୍ରିଟ ଲାଇଟ ଲଗାଇବାରେ ପକ୍ଷପାତିତା କରାଯାଇଥିବା ରସିଦ ନନ୍ଦ ଓ ପଡାବାସୀ ଅଭିଯୋଗ କରିଛନ୍ତି। ଏ ଦିଗରେ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।

## ୫୨ ଦାଦନ ଶ୍ରମିକ ଉଦ୍ଧାର

**କଣ୍ଟାବାଞ୍ଜି, ୩।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ପାଟ୍ରୋଲିଂ ପୋଲିସ ବୁଧବାର ରାତିରେ କଣ୍ଟାବାଞ୍ଜି ପୋଲିସ ଷ୍ଟେଶନ ରାସ୍ତାରୁ ୫୨ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ନୂଆପଡା ଜିଲାର ଏହି ଶ୍ରମିକମାନଙ୍କୁ ହାଇଦ୍ରାବାଦ ପଠାଇବାକୁ ସିହିନି ଗ୍ରାମର ଦାଦନ ସର୍ଦ୍ଦାର ସୁରେନ୍ଦ୍ର କୁମ୍ଭାର ଓ ରମେଶ ରଣା ଆଣୁଥିଲେ। ଶ୍ରମିକ ଚାଲାଣ ସମ୍ପର୍କିତ ଆବଶ୍ୟକ କାଗଜ ପତ୍ର ଦେଖାଇ ନ ପାରିବାରୁ ଏକ ମାମଲା(୨୬୫/୨୨) ରୁଜୁ କରି ପୋଲିସ ସର୍ଦ୍ଦାର ରମେଶ ରଣାଙ୍କୁ ଘଟଣାସ୍ଥଳରୁ ଗିରଫ କରିଥିବା ବେଳେ ଅନ୍ୟ ସର୍ଦ୍ଦାର ସୁରେନ୍ଦ୍ର ଫେରାର ହୋଇଯାଇଥିଲେ। ଗୁରୁବାର ଉଦ୍ଧାର ଶ୍ରମିକମାନଙ୍କୁ ସେମାନଙ୍କ ନିଜ ଗାଁକୁ ପଠାଇ ଦେଇଛି।

# ବିଜେଡିର ପଦଯାତ୍ରା, ଜୀବନ ବିନ୍ଦୁ କାର୍ଯ୍ୟକ୍ରମ

**ଲୋଇସିଂହା,୩।୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଉଡିଆପାଲି ଗ୍ରାମରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଓ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଯୁବନେତା ନିହାର ରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ଜିଲା ପରିଷଦ ସଭ୍ୟା ସବିତା ସେଠ, ସରପଞ୍ଚ ସାଳିନୀ ସେଠ, ସମିତି ସଭ୍ୟା ଅନୀତା ସୁନା, ବିମଳ ମେହେର, ଅକ୍ଷୟ ରାଉତ, ଓମପ୍ରକାଶ ଅଗ୍ରୱାଲ, ସମୀର ଅଗ୍ରୱାଲ ଯୋଗଦେଇଥିଲେ। ଦାଶରଥୀ ପଟେଲ, କିରଟି ସାହୁ, ଜୟକୃଷ୍ଣ ମାଝି, ବାହାଦୁର ରଣା ସଚେତନତା ସଭାରେ ମଞ୍ଚାସୀନ ହୋଇଥିଲେ। ରାଜ୍ୟ ସଭା ସଦସ୍ୟ ବିଶି, ଯୁବନେତା ବେହେରା ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାର ଅବତାରଣା କରିଥିଲେ। ଏହି ଅବସରରେ ଜୀବନ ବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୩୫ଜଣଙ୍କଠାରୁ ରକ୍ତ ସଂଗ୍ରହ କରାଯାଇଥିଲା। ସ୍ୱୟଂସହାୟକ ଗୋଷ୍ଠୀ, ରାମଜୀ ଯୁବକ ସଂଘ ସମେତ ବିଭିନ୍ନ ଅନୁଷ୍ଠାନ ଏଥିରେ ସାମିଲ ହୋଇଥିଲେ।





ସଚେତନତା ସଭାରେ ମଞ୍ଚାସୀନ ବିଜେଡି ନେତୃବର୍ଗ।

# ତେଲଙ୍ଗାନା ଚାଲାଣ ବେଳେ ୬ ଦାଦନ ଶ୍ରମିକ ଉଦ୍ଧାର

**ଖପ୍ରାଖୋଲ, ୩।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଅନ୍ତର୍ଗତ କଂସାପଲା ଗାଁ ନିକଟରେ ସ୍ଥାନୀୟ ପୋଲିସ ଗୁରୁବାର ସକାଳେ ଏକ ଆଟୋରେ ଯାଉଥିବା ୬ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଉଦ୍ଧାର ଶ୍ରମିକମାନେ ବରଗଡ଼ ଜିଲା ବୁଡେନ ଥାନା ଅନ୍ତର୍ଗତ ଭାଲୁଦୋର ଗାଁର ବୋଲି ପୋଲିସ କହିଛି। ସୂଚନା ଅନୁସାରେ ଦାଦନ ଶ୍ରମିକ ମାନଙ୍କୁ ତେଲଙ୍ଗାନା ରାଜ୍ୟର ପଇଦାପାଲିକୁ ଚାଲାଣ କରାଯାଉଥିଲା। ପୋଲିସ କୌଣସି ସୂତ୍ରରୁ ଖବର ପାଇ ଆଟୋକୁ କଂଶାପଲା ଗାଁ ନିକଟରେ ଅଟକ ରଖି ଦାଦନ ଶ୍ରମିକମାନଙ୍କୁ ଉଦ୍ଧାର କରିଥିଲା। ଏନେଇ ଖପ୍ରାଖାଲ ଥାନାରେ ଏକ ମାମଲା(୧୭୬/୨୨) ରୁଜୁ ହୋଇଛି। ପରେ ଉଦ୍ଧାର ଶ୍ରମିକମାନଙ୍କୁ ନିଜ ଗାଁରେ ଛାଡ଼ି ଦିଆଯାଇଥିବା ଏସଆଇ ଗୋପୀନାଥ ମହାକୁଡ ପ୍ରକାଶ କରିଛନ୍ତି। ଦଲାଲ ଫେରାର ହୋଇ ଯାଇଛନ୍ତି।



ଖପ୍ରାଖୋଲ ପୋଲିସ ଉଦ୍ଧାର କରିଥିବା ଦାଦନ ଶ୍ରମିକ।

# ପରୀକ୍ଷଣ ବେଳେ ଓଭରହେଡ୍ ଟାଙ୍କିରୁ ପାଣି ଝରିଲା

**ଲୋଇସିଂହା,୩।୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ପରିସରରେ ଏକ ଓଭରହେଡ ପାଣି ଟାଙ୍କି ନିର୍ମାଣ ହୋଇଛି। ଏହା କାର୍ଯ୍ୟକ୍ଷମ ହେବା ପୂର୍ବରୁ ପରୀକ୍ଷଣ କରାଯାଇଥିଲା। ଏହି ସମୟରେ ଟାଙ୍କିରୁ ପାଣି ଝରିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ପାଣି ଟାଙ୍କିର ସ୍ଥାୟିତ୍ୱକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏନେଇ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ଏବଂ ବିଭାଗୀୟ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଭାଗୀୟ ଯନ୍ତ୍ରୀ ପ୍ରସାଦ ସାମନ୍ତରାୟ କହିଛନ୍ତି ସବୁଠି ଏମିତି ହୁଏ, ଦୁଇ ସପ୍ତାହ ପରେ ଟାଙ୍କିରୁ ପାଣି ଝରିଲେ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବ। ତଥାପି ସେ କ୍ଷେତ୍ର ପରିଦର୍ଶନ ପରେ ଯାହା କିଛି କରି ହେବ ବୋଲି କହିଥିଲେ।

୪ ୱାର୍ଡ ବିଶିଷ୍ଟ ପଞ୍ଚାୟତର ସଦର ଗାଁ ବାଦିବାହାଲର ଜନସଂଖ୍ୟା ୪ ହଜାର। ଗାଁର କଟାଁରୁ ପାଇପରେ ପାଣି ଯୋଗାଣ ହେଉଛି। ଗ୍ରାମର ସମସ୍ତ ଅଞ୍ଚଳକୁ ସୁବିଧାରେ ପାଇପ ଜଳ ଯୋଗାଣ ପାଇଁ ବସୁଧା ଯୋଜନାରେ ପଞ୍ଚାୟତ ପରିସରରେ ୨ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଓଭରହେଡ ପାଣି ଟାଙ୍କି ନିର୍ମାଣ ହୋଇଛି। ଟାଙ୍କିର ତଳଭାଗର ଗୋଟିଏ ସ୍ଥାନରେ ଫାଟ ଦେଖା ଯାଉଛି। ଏପରିକି ଅନେକ ସ୍ଥାନରେ ପାଣି ଝରୁଛି। ନିମ୍ନମାନର କାମ ଯୋଗୁ ଏପରି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କାମ ଚାଲୁଥିବା ବେଳେ ତାଗିଦ୍ କରିଥିଲେ ସୁଦ୍ଧା ଠିକାଦର କିମ୍ବା ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ନ ଥିବା ଗ୍ରାମର ଗୋପାଳ ଧରୁଆ,ବ୍ଲକ ବିଜେଡି ସଭାପତି ହୃଦୟାନନ୍ଦ ବେହେରା କହିଛନ୍ତି।



ପାଣି ଝରୁଥିବା ଓଭରହେଡ ପାଣିଟାଙ୍କି।

# ଡେମୋ ଦେଖାଇଲେ ଅଭିଯୁକ୍ତ

**ସଇଁତଳା, ୩।୧୧ (ଡି.ଏନ.ଏ.)**

**ଆମ୍ବପାଲିରେ ମହିଳାଙ୍କୁ ହତ୍ୟା ଘଟଣା**

- ହତ୍ୟାରେ ବ୍ୟବହୃତ ଦା, ବାଡ଼ି ଜବତ
- ମାଛମରାକୁ ନେଇ ଘଟିଥିଲା ହତ୍ୟାକାଣ୍ଡ

ବଲାଙ୍ଗୀର ଜିଲା ସଇଁତଳା ଥାନା ଅନ୍ତର୍ଗତ ଆମ୍ବପାଲି ଗ୍ରାମରେ ଅକ୍ଟୋବର ୩୧ତାରିଖ ଜାନକୀ ମହାନନ୍ଦ ନାମ୍ନୀ ଜଣେ ମହିଳାକୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ପୁଷ୍କର ଗହୀର (୩୫)। ମାଛମରାକୁ କେନ୍ଦ୍ର କରି ସେ ଜାନକୀଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି। ଗୁରୁବାର ଅପରାହ୍ନରେ ପୁଷ୍କର ଘଟଣାସ୍ଥଳରେ କିଭଳି ହତ୍ୟାକାଣ୍ଡ ଭିଆଇଲେ ତାର ଡେମୋ ଦେଖାଇଥିଲେ। ହତ୍ୟାକାଣ୍ଡରେ ବ୍ୟବହୃତ ଧାନକଟା ଦା' ଓ ବାଡ଼ିକୁ ପୋଲିସ ଜବତ କରିଛି। ସନ୍ଧ୍ୟାରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

ଗତ ୩୧ତାରିଖ ସକାଳେ ବିଲକୁ ଯାଇ ସନ୍ଧ୍ୟା ପର୍ଯ୍ୟନ୍ତ ଆମ୍ବପାଲି ଗ୍ରାମର ଦୀନବନ୍ଧୁ ମହାନନ୍ଦଙ୍କ ସ୍ତ୍ରୀ ଜାନକୀ ଘରକୁ ଫେରି ନ ଥିଲେ। ରାତ୍ର ୮ଟାରେ ଚାଷ ଜମିରେ ଜାନକୀଙ୍କୁ କ୍ଷତାକ୍ତ ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ସଇଁତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ଜାନକୀଙ୍କ ପୁଅ ପଦ୍ମନାଭ ସଇଁତଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଟିଟିଲାଗଡ଼ ଏସ୍‌ଡ଼ିପିଓ ଅଙ୍କିତା କୁମ୍ଭାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଥାନାଧିକାରୀ ଅବନୀ କୁମାର ସାହୁ, ଏସଆଇ ପ୍ରସନ୍ନ କୁମାର ନାୟକ, ସଙ୍ଗୀତା ବେକ, ଥବିର ମହାରଣାଙ୍କୁ ନେଇ ଗଠିତ ଟିମ୍ ବିଭିନ୍ନ ଦିଗରୁ ତଦନ୍ତ କରି ପୁଷ୍କରଙ୍କ ସମେତ ୩ ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ଜାନକୀଙ୍କ ଚାଷ ଜମି ତଳକୁ ପୁଷ୍କରଙ୍କ ଏକ ଜମି ଅଛି। ପୁଷ୍କର ମାଟି ପକାଇ ପାଣି ବନ୍ଧାଇ ଦେଇଥିବାରୁ ଜାନକୀ ମାଛ ମାରିବାରେ ଅସୁବିଧା ହେଉଥିଲା । ତେଣୁ ଘଟଣାଦିନ ପୁଷ୍କର ନିଜ ଜମିକୁ ଆସିଥିବାବେଳେ ଜାନକୀ ପାଣି କାହିଁକି ବାନ୍ଧିଛୁ ବୋଲି କୁଆଡେ ତାଙ୍କୁ ଗାଳିଗୁଲଜ କରିଥିଲେ।। ଏଥିରେ ପୁଷ୍କର ଉତ୍‌କ୍ଷିପ୍ତ ହୋଇ ଧରିଥିବା ଏକ ବାଡ଼ିରେ ପ୍ରଥମେ ତାଙ୍କୁ ପିଟି ଦେଇଥିଲେ। ପରେ ପାଖରେ ଥିବା ଦା'ରେ ଜାନକୀଙ୍କ ମୁଣ୍ଡକୁ ଆଘାତ କରି ସେଠାରୁ ପଳାଇ ଯାଇଥିଲେ।



ହତ୍ୟାକାଣ୍ଡସ୍ଥଳରେ ଅଭିଯୁକ୍ତ ପୁଷ୍କର ଗହୀର ଡେମୋ ଦେଖାଉଛନ୍ତି।

**ଜାଣ୍ଡୋଲ ୧-୦ ଗୋଲରେ ବିଜୟୀ**

ବରଗଡ଼ ଅଫିସ୍ : ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାରେ ଗୁରୁବାର ପୁଟପୁଟପାଲି ଏବଂ ଜାଣ୍ଡୋଲ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ଜାଣ୍ଡୋଲ ୧-୦ ଗୋଲରେ ବିଜୟୀ ହୋଇଥିଲା। ଦଳର ବିନାୟକ ମହାନନ୍ଦ ଗୋଲ ସ୍କୋର କରିଥିଲେ। ଦୀପେଶ ପ୍ରଧାନ, ସନ୍ତୋଷ ପଟେଲ, ଉମାକାନ୍ତ ସାହୁ, ସ୍ୱର୍ଣ୍ଣଲତା ରାଉତ ମ୍ୟାଚ୍ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବାଇକ୍ ଲୁଟ୍ ଘଟଣା, ୨ ଗିରଫ



**ଅତବିରା/ସରଣ୍ଡା,୩।୧୧(ଡି.ଏନ.ଏ):** ବରଗଡ଼ ଜିଲା ଅତାବିରା ତହସିଲ ଅଫିସ ନିକଟରେ ୫୩ ନମ୍ବର ଜାତୀୟ ରାଜପଥରୁ ମାରଣାସ୍ତ୍ର ଦେଖାଇ ବାଇକ୍ (ନଂ.ଓଡ଼ି୧୫କ୍ୟୁ/୮୭୪୫), ମୋବାଇଲ ଏବଂ ନଗଦ ୧୫୦୦ ଟଙ୍କା ଲୁଟ୍ ଘଟଣାର ପର୍ଦ୍ଦାଫାସ ହୋଇଛି। ପୋଲିସ ଏହି ଘଟଣାରେ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ବରଗଡ଼ ଟାଉନ ଥାନା ଅନ୍ତର୍ଗତ ତଳିପଡ଼ାର ଅଶୋକ ବେହେରା(୩୬) ଏବଂ ଟଙ୍କ ଗୁଡ଼ି(୧୮)। ସେମାନଙ୍କ ପାଖରୁ ଲୁଟ୍ ବାଇକ୍ ଏବଂ ମୋବାଇଲ ଉଦ୍ଧାର ହୋଇଛି। ଏହାସହିତ ପୋଲିସ ଲୁଟ୍ ଘଟଣାରେ ବ୍ୟବହୃତ ଅନ୍ୟ ଏକ ବାଇକ୍ (ନଂ.ଓଆର୧୭ଏଚ୍ ୯୮୯୭) ଏବଂ ଗୋଟିଏ ଛୁରି ଜବତ କରିଛି। ଏ ନେଇ ଅତାବିରା ଥାନାରେ ଏକ ମାମଲା (ନଂ.୩୭୫/୨୨) ରୁଜୁ ହୋଇଛି । ପ୍ରକାଶ ଯେ, ଗତ ମାସ ୨୭ତାରିଖ ରାତି ପ୍ରାୟ ୧୦ଟାରେ ଗିରଫ ଅଭିଯୁକ୍ତ ଅତାବିରା ଥାନା ଭୋଇପାଲି ଗ୍ରାମର ମନୋରଞ୍ଜନ ପ୍ରଧାନ(୨୮)ଙ୍କୁ ମାରଣାସ୍ତ୍ରରେ ଭୟଭୀତ କରି ତାଙ୍କଠା ରୁ ବାଇକ୍, ମୋବାଇଲ ଏବଂ ନଗଦ ଟଙ୍କା ଲୁଟି ଫେରାର୍ ହୋଇ ଯାଇଥିଲେ। ମନୋରଞ୍ଜନ ଏ ନେଇ ଅତାବିରା ଥାନାରେ ଏତଲା ଦେଇଥିଲେ । ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଉକ୍ତ ମାମଲା ରୁଜୁ କରିଥିଲା ଏବଂ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ବାରଗୁଡ଼ାରେ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବରପାଲି,୩।୧୧(ଡି.ଏନ.ଏ.):** ବରଗଡ ଜିଲା ବରପାଲି ବ୍ଲକ ଅନ୍ତର୍ଗତ ବାରଗୁଡ଼ା ଗ୍ରାମରେ ମା’ ପଥେଇ ଦୁର୍ଗା ଓ ମା’ କରମସାନୀ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି। ମହୋତ୍ସବରେ ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ରୀତା ସାହୁ, ବ୍ଲକ ଅଧକ୍ଷା ରୀନା ଥଇତ, ବରପାଲି ଏନ୍ଏସି ଅଧକ୍ଷ ଦିନେଶ ଗହୀର ପ୍ରମୁଖ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ପୂଜା କମିଟି ସଭାପତି କୁଞ୍ଜବିହାରୀ ପଧାନ, ଉପସଭାପତି ନିମାଇଁ ତ୍ରିପାଠୀ, ସମ୍ପାଦକ ସନ୍ତୋଷ ବାରିକ, ପ୍ରଦୀପ ପଧାନ, କୋଷାଧକ୍ଷ ମାନସ ବାରିକ ପ୍ରମୁଖ ପୂଜାରେ ସାମିଲ ହୋଇଥିଲେ। ପୂଜକ ପ୍ରମୋଦ ପୁଝାରୀ, ରାମକୃଷ୍ଣ ହୋତା, ଝୁଲନ ହୋତା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ମାନସ ବାରିକ ଓ ସ୍ତ୍ରୀ ମମତା ବାରିକଙ୍କ ସମେତ ଗାଁର ଶତାଧିକ ଯୁବତୀ ଯୁବକ ବ୍ରାହ୍ମ ମୁହୂର୍ତ୍ତରୁ କଳସ ଯାତ୍ରା କରି ଗାଁ ପରିକ୍ରମା କରିଥିଲେ। ଗାଁରେ ରାତ୍ରି ପର୍ଯ୍ୟନ୍ତ ପୂଜା କରାଯାଇଥିଲା। ସ୍ମୃତି କମିଟି ମୁଖ୍ୟ ପରିଚାଳକ ଶିଶୁପାଳ ବରିହାଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### ବରଗାଁରେ ଗୀତାଯଜ୍ଞ

**ବରଗଡ଼ ଅଫିସ୍,୩।୧୧:** ବରଗଡ଼ ବ୍ଲକ ଅନ୍ତର୍ଗତ ବରଗାଁରେ ଗୋକୁଳାଷ୍ଟମୀ, ଗୀତାଯଜ୍ଞ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବ୍ଲକ ଯାଦବ ସାଂସ୍କୃତିକ ସମାଜ ଆନୁକୂଲ୍ୟରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ପାରମ୍ପରିକ ବୈଦିକ ରୀତିନୀତି ଅନୁସାରେ ପ୍ରଥମ ଦିବସରେ କଳସଯାତ୍ରା ସହିତ ଗୀତାଯଜ୍ଞ ଆରମ୍ଭ ହୋଇଥିଲା। ଦ୍ୱିତୀୟ ଦିବସରେ ଗୀତାଯଜ୍ଞ ସମାପନ ହୋଇ ଗୋପୂଜା କରାଯାଇଥିଲା। ପହିଲମାନ ମହାକୁର, ମଞ୍ଜୁଲତା ମହାକୁର, ବିପିନ ମାଝି, ବେଦମତୀ ମାଝି କର୍ତ୍ତାକାର୍ଯ୍ୟ ନିର୍ବାହ କରିଥିଲେ। ପ୍ରଦୀପ କୁମାର ଯୋଶୀ ପୂଜାର୍ଚ୍ଚନା କରିଥିବାବେଳେ ରୋଶନ ତ୍ରିପାଠୀ ଯଜ୍ଞକାର୍ଯ୍ୟ କରିଥିଲେ। ଉଭୟ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ପୂର୍ବତନ ବିଧାୟକ ସାଧୁ ନେପାକ, ଯାଦବ ସମାଜ ରାଜ୍ୟ ଉପସଭାପତି ଧନସିଂ ଭୋଇ, ଜିଲା ସମ୍ପାଦକ ନିଳାମ୍ବର ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ବରଗଡ଼ ବ୍ଲକ ସଭାପତି ତଥା ଜିଲା ସାଧାରଣ ସମ୍ପାଦକ ରାମ ନାରାୟଣ ଭୋଇ ମହୋତ୍ସବ ପରିଚାଳନା କରିଥିଲେ। ବ୍ଲକ ଉପସଭାପତି ରୂପଧର ଥପା, ବ୍ଲକ ସମ୍ପାଦକ ମାଲିକ ଭୋଇ, ଯୁଗ୍ମ ସମ୍ପାଦକ ମନବୋଧ ବନଛୋର, ବିଭୀଷଣ ମହାକୁର, ରାଧାଚରଣ ଷାଣ୍ଢ, ପର୍ଶୁରାମ ମହାକୁର ପ୍ରମୁଖ ସହଯୋଗ କରିଥିଲେ।

# ୧୧ରେ ଚାଷୀଙ୍କ ବିକ୍ଷୋଭ ପ୍ରଦର୍ଶନ

**ବରଗଡ଼ ଅଫିସ୍,୩।୧୧**

ବରଗଡ଼ ଜିଲାରେ ଧାନବିକ୍ରି ସମସ୍ୟାକୁ ନେଇ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି। ବିଳମ୍ବିତ ଧାନ କିଣାବିକା ସାଙ୍ଗକୁ ପ୍ରତିବର୍ଷ ଟୋକନ କଟକଣାକୁ ନେଇ ଚାଷୀ ଅସୁବିଧାର ସମ୍ମୁଖୀନ ହେବା, ଟୋକନ ସମସ୍ୟାର ସମାଧାନ ଜିଲାସ୍ତରରେ କରା ନ ଯାଇ ଭୁବନେଶ୍ୱରରେ କରାଯିବା ଆଦି ପ୍ରତିବାଦରେ ଜୟ କିଷାନ ଆନ୍ଦୋଳନ ଆସନ୍ତା ୧୧ତାରିଖରେ ବରଗଡ଼ ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ନିଷ୍ପତ୍ତି ନେଇଛି। ଏହାସହିତ ଉକ୍ତ ସମସ୍ୟାର ସମାଧାନ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ ଦେବାର କାର୍ଯ୍ୟକ୍ରମ ରହିଛି ।

ଏହି କ୍ରମରେ ବୁଧବାର ବରପାଲି ବ୍ଲକ ସତଲମାରେ ଜୟ କିଷାନ ଆନ୍ଦୋଳନ ପକ୍ଷରୁ ଏକ ଚାଷୀ ସମାବେଶ ଅନୁଷ୍ଠିତ ହୋଇଥିଲା। ଜୟ କିଷାନ ଆନ୍ଦୋଳନର ଜିଲା ସଭାପତି ସୁଶିଲ କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ହର ବଣିଆ, ଚାଷୀନେତା ଶିବ ପ୍ରସାଦ ପ୍ରଧାନ, ଭେଡ଼େନ ବ୍ଲକ ସଭାପତି ମହେଶ୍ୱର ପ୍ରଧାନ, ଦିନେଶ ସାହୁ, ରଞ୍ଜନ ସାହୁ, ସୁଦାମ ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରତିବର୍ଷ ଧାନବିକ୍ରିକୁ ନେଇ ଚାଷୀ ନାନା ସମସ୍ୟାରେ ଛନ୍ଦି ହୋଇ ଆସୁଥିବା ଯୋଗୁ ଏହାକୁ ନେଇ ଚାଷୀନେତାମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହାର ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ସମ୍ମିଳନୀରେ ଆହ୍ୱାନ ଦିଆଯାଇଥିଲା। ସମାବେଶରେ ଅଞ୍ଚଳର ବହୁସଂଖ୍ୟକ ଚାଷୀ ପ୍ରତିନିଧି ଉପସ୍ଥିତ ଥିଲେ।




ସମାବେଶରେ ମଞ୍ଚାସୀନ ଚାଷୀନେତାମାନେ ।

# ୪୮ ଘଣ୍ଟିଆ ପଦ୍ମପୁର ବନ୍ଦ ସଫଳ

**ପଦ୍ମପୁର,୩।୧୧(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡକୁ ଜିଲା ମାନ୍ୟତା ଦାବିରେ ବୁଧବାର ଆରମ୍ଭ ହୋଇଥିବା ୪୮ ଘଣ୍ଟିଆ ବନ୍ଦ ଆନ୍ଦୋଳନ ଗୁରୁବାର ଶେଷ ହୋଇଛି। ଏହି ବନ୍ଦକୁ ସମର୍ଥନ ଜଣାଇ ଉପଖଣ୍ଡର ସମସ୍ତ ଦୋକାନ, ସରକାରୀ, ବେସରକାରୀ, ବ୍ୟବସାୟିକ ପ୍ରତିଷ୍ଠାନ, ସ୍କୁଲ, କଲେଜ ଆଦି ବନ୍ଦ ରହିଥିଲା। ଏହି ଅବସରରେ ଗୁରୁବାର ବିଭିନ୍ନ ସଙ୍ଗଠନକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଶୁକ୍ରବାରଠାରୁ ପଦ୍ମପୁର-ଭେଉଁରିଆ ଛକଠାରେ ଦାବି ପୂରଣ ହେବା ପର୍ଯ୍ୟନ୍ତ ଗଣଧାରଣା ଜାରି ରହିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ

**ଦାବି ପୂରଣ ପର୍ଯ୍ୟନ୍ତ ଚାଲିବ ଧାରଣା**

ପ୍ରତ୍ୟେକ ଗ୍ରାମରେ ସଚେତନ କରାଯିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ସେହିପରି ଶୁକ୍ରବାର କ୍ରିୟାନୁଷ୍ଠାନ କମିଟି ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଦ୍ମପୁର ଉପଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଆବାହକ ଅଜିତ ଶତପଥୀ ସୂଚନା ଦେଇଛନ୍ତି। ପ୍ରତାପ ମିଶ୍ର, ଗୌନ୍ତିଆ ସାହୁ, ସୁନିଲ ଅଗ୍ରୱାଲ, ନନ୍ଦୁ ଅଗ୍ରୱାଲଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତା, ଅନୁଷ୍ଠାନର କର୍ମକର୍ତ୍ତା, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ପଡ଼ା ସମସ୍ୟା ନେଇ ବିଧାୟକଙ୍କୁ ଫେରାଦ

**ବରଗଡ଼ ଅଫିସ, ୩।୧୧**

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୧ ନିଗମାନନ୍ଦ ବିହାର ପଡ଼ାବାସୀ ବୁଧବାର ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ପଡାର ବିଭିନ୍ନ ସମସ୍ୟା ସମାଧାନ ପାଇଁ ଦୃଷ୍ଟି ଆକର୍ଷଣ କରିଛନ୍ତି। ପାନୀୟ ଜଳ, ଡ୍ରେନ, ଦୁର୍ଗା ମଣ୍ଡପ, କଲ୍ୟାଣ ମଣ୍ଡପ ଓ ମୁଖ୍ୟ ରାସ୍ତା ନିର୍ମାଣ ପାଇଁ ଦାବି କରାଯାଇଥିବା ବେଳେ ପଡାର ମୁଖ୍ୟ ପ୍ରବେଶ ପଥ ପ୍ରଶସ୍ତୀକରଣ ବିଷୟ ଉପସ୍ଥାପନ କରାଯାଇଥିଲା। ରାସ୍ତା ଓ ଡ୍ରେନ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରାଯାଇଥିବା ବେଳେ ତୁରନ୍ତ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଧାୟକ ଆଚାର୍ଯ୍ୟ ଉଲ୍ଲେଖ କରିଥିଲେ। ସେହିପରି ପାନୀୟ ଜଳ ଓ ଅନ୍ୟାନ୍ୟ ସମସ୍ତ ସମସ୍ୟା ପର୍ଯ୍ୟାୟ କ୍ରମେ ସମାଧାନ କରାଯିବ ବୋଲି ସେ ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଦୁର୍ଗା ପୂଜା କମିଟି ସମ୍ପାଦକ ନବୀନ ସାବତ, ସଭାପତି ସଦାଶିବ ସାହୁ, ବରିଷ୍ଠ ସଦସ୍ୟ ଅର୍ଜୁନ ସେଟ, ଶରତ ଦାଶ, ପ୍ରଦୀପ ସାହୁ, ନିଗମାନନ୍ଦ ବିହାର ଉନ୍ନୟନ କମିଟି ସମ୍ପାଦକ ଟିକେଲାଲ ନାଏକଙ୍କ ସମେତ ବହୁ ପଡ଼ାବାସୀ ଉପସ୍ଥିତ ଥିଲେ।



ବିଧାୟକଙ୍କୁ ଫେରାଦ ହୋଇଥିବା ପଡାବାସୀ।

### ସଂଗ୍ରାମୀଙ୍କୁ ଏକ ଟଙ୍କା ମୁଦ୍ରା ସହଯୋଗ

**ପଦ୍ମପୁର,୩।୧୧(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଚାଷୀମାନଙ୍କର ସାମୂହିକ ସ୍ୱାର୍ଥ ପାଇଁ ନିରନ୍ତର ସେବା କରୁଛନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମା, ଇନପୁଟ ସବସିଡି ଆଦି ଦାବିରେ କୃଷକ ସଙ୍ଗଠନ ଗତ କିଛିଦିନ ତଳେ ରେଳରୋକୋ କରି ନିଜର ଶକ୍ତି ପ୍ରଦର୍ଶନ କରିଥିଲା। ପ୍ରଶାସନ ୫୭ ଜଣଙ୍କ ନାମରେ ମାମଲା ରୁଜୁ କରିଥିଲା। ସଂଗ୍ରାମୀମାନଙ୍କର ମନୋବଳ ବୃଦ୍ଧି କରିବା ପାଇଁ ବିଭିନ୍ନ ପ୍ରାନ୍ତରୁ ଚାଷୀ, ମା’ ମାଉସୀମାନେ ଗୋଟିଏ ଲେଖାଏ ମୁଦ୍ରା ଦାନ କରିଛନ୍ତି। ଉକ୍ତ ମୁଦ୍ରା ମାମଲାର କିୟଦଂଶ କାମରେ ଆସିବ ବୋଲି କୃଷକ ସଙ୍ଗଠନ ପକ୍ଷରୁ କୁହାଯାଇଛି।

# ବିଜୟ ହଜାରେ ଟ୍ରଫିରେ ବରଗଡ଼ର ପ୍ରବୀଣ ସାମିଲ

**ବରଗଡ ଅଫିସ,୩।୧୧**

ବରଗଡ ଜିଲା କ୍ରିକେଟ ଆସୋସିଏଶନର ପ୍ରତିଭାବାନ ଖେଳାଳି ପ୍ରବୀଣ ଲୁହା ଜାତୀୟ ପ୍ରତିଯୋଗିତା ବିଜୟ ହଜାରେ ଟ୍ରଫିରେ ଭାଗ ନେବା ପାଇଁ ଓଡ଼ିଶା ବରିଷ୍ଠ ଦଳରେ ସାମିଲ ହୋଇଛନ୍ତି। ଆସନ୍ତା ୧୨ତାରିଖରୁ ମୁମ୍ବାଇଠାରେ ଆରମ୍ଭ ହେଉଥିବା ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଅଭିଷେକ ରାଉତଙ୍କ ନେତୃତ୍ୱରେ ଗଠିତ ୧୬ ଜଣିଆ ଓଡ଼ିଶା ଦଳରେ ପ୍ରବୀଣ ନିଜର ସ୍ଥାନ ପକ୍କା କରି ବରଗଡ ଜିଲା ପାଇଁ ସୌଭାଗ୍ୟ ଆଣିଛନ୍ତି। ପୂର୍ବରୁ ମଧ ପ୍ରବୀଣ ଓଡ଼ିଶା ବରିଷ୍ଠ ଦଳ ପକ୍ଷରୁ ସୟଦ ମୁସ୍ତାକ୍ ଅଲି ଟ୍ରଫି ପାଇଁ ଖେଳି ସାରିଛନ୍ତି। ପ୍ରବୀଣ ଜଣେ ଉଚ୍ଚକୋଟୀର ମଧଭାଗ ବ୍ୟାଟ୍ସମ୍ୟାନ ସାଙ୍ଗକୁ ଚମତ୍କାର ୱିକେଟ ରକ୍ଷକ ଅଟନ୍ତି। ତାଙ୍କର ଏହି ସଫଳତା ପାଇଁ ତାଙ୍କୁ ଜିଲା କ୍ରିକେଟ ଆସୋସିଏଶନ ସଭାପତି ହରିହର ପ୍ରଧାନ, ସମ୍ପାଦକ ରବି ପଣ୍ଡା, ପୂର୍ବତନ ସଭାପତି ଅରୁଣ ମହାନ୍ତି, ପୂର୍ବତନ ସମ୍ପାଦକ ସୁବ୍ରତ ଚାଟାର୍ଜୀ, ଉପ ସଭାପତି ଶୁଭ୍ରାଂଶୁ ଶେଖର ମହାପାତ୍ର, ଯୁଗ୍ମ ସମ୍ପାଦକ ସଚ୍ଚିଦାନନ୍ଦ ପଣ୍ଡା, କୋଷାଧକ୍ଷ ଗୁରୁଦତ୍ତ ଦାଶ, ବରିଷ୍ଠ ସଦସ୍ୟ ପୃଥ୍ୱୀରାଜ ନାୟକ, ପ୍ରଭାତ ଆଦିତ୍ୟ ମିଶ୍ର, ଗିରିଜା ପ୍ରସାଦ ନାଥ, କିଶୋର ରଥ, ସନ୍ତୋଷ ପଣ୍ଡା, ପ୍ରଦୀପ ନନ୍ଦ, ଚନ୍ଦ୍ରଶେଖର ପ୍ରଧାନ, ପ୍ରଦୀପ ସାହୁ, ଅମୀୟ ଭୂଷଣ ସାହୁ, ରଜତ ଦାଶ, ଶୌର୍ଯ୍ୟ ରଞ୍ଜନ ରାଏ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



ପ୍ରବୀଣ ଲୁହା।

# ଫାଇନାଲରେ ସୋହେଲା, କଦଳୀପାଲି



ଅତିଥିଙ୍କ ଗହଣରେ ଖେଳାଳିବୃନ୍ଦ ।

**ବରଗଡ଼ ଅଫିସ୍,୩।୧୧**

ବରଗଡ଼ ବ୍ଲକ ଅନ୍ତର୍ଗତ ଖୁଣ୍ଟପାଲି ଖେଳ ପଡ଼ିଆରେ ଚାଲିଥିବା ବାବା ବାଲୁଙ୍କେଶ୍ୱର କପ୍ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ସେମି ଫାଇନାଲରେ ସୋହେଲା ପ୍ରତିପକ୍ଷ କୁଣ୍ଡକେଲା(ସୁନ୍ଦରଗଡ଼)କୁ ୫-୧ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର କଦଳୀପାଲି ଏବଂ ସୋହେଲା ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଦ୍ୱିତୀୟ ସେମି ଫାଇନାଲରେ କଂଗ୍ରେସ ନେତା ନିହାର ରଞ୍ଜନ ମହାନନ୍ଦ, ନିପନ କୁମାର ଦାଶ ମୁଖ୍ୟଅତିଥି, ବାବୁଲୁ ଦେବତା, ପ୍ରମୋଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରିତେଶ ଆଚାର୍ଯ୍ୟ ଧାରା ବିବରଣୀ ପ୍ରଦାନ କରିଥିଲେ। ଆର୍ତ୍ତତ୍ରାଣ ସେଠ, ଉମେଶ ପ୍ରଧାନ, ରଞ୍ଜନ ଭୁଏ, ରିଙ୍କୁ ସାହୁ, ମଣ୍ଟୁ ପାତ୍ର, ରିଙ୍କୁ ଯୋଶୀ ପ୍ରମୁଖ ସହଯୋଗ କରିଥିଲେ ।

### ଧନୁଯାତ୍ରା ପ୍ରଚାର, ପ୍ରସାରକୁ ଗୁରୁତ୍ୱ

**ବରଗଡ଼ ଅଫିସ୍,୩।୧୧**

ବରଗଡ଼ ଧନୁଯାତ୍ରା ମହୋତ୍ସବ ପ୍ରଚାର, ପ୍ରସାର କାର୍ଯ୍ୟକାରୀ କମିଟିର ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଉକ୍ତ ବୈଠକ ହୋଇଥିଲା । ପ୍ରଚାର, ପ୍ରସାର କମିଟିର ଆବାହକ ତଥା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଚଳିତବର୍ଷ ଧନୁଯାତ୍ରା ମହୋତ୍ସବ ୭୫ବର୍ଷରେ ପଦାର୍ପଣ କରୁଥିବାରୁ ରାଜ୍ୟର ବିଭିନ୍ନ ଜିଲାରେ ହୋର୍ଡ଼ିଂ, ପୋଷ୍ଟର ଲଗାଯିବା ପାଇଁ ଆଲୋଚନା ହୋଇଥିଲା। ଧନୁଯାତ୍ରା ମହୋତ୍ସବ ଶୋଭାଯାତ୍ରାରେ ଏଥର ୨୦ରୁ ଅଧିକ ସାଂସ୍କୃତିକ ଦଳ ଅଂଶଗ୍ରହଣ କରିବାକୁ କଳାକାର, ଦଳଙ୍କ ସହିତ ଯୋଗାଯୋଗ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବୈଠକରେ ଜିଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା, କମିଟିର କାର୍ଯ୍ୟକାରୀ ସହ ଆବାହକ ରବି ପଣ୍ଡା ଏବଂ ଅନ୍ୟ ସଭ୍ୟବୃନ୍ଦ ଉପସ୍ଥିତ ଥିଲେ।

# ଶିବିରରେ ୧୦୫ ଜଣଙ୍କ ଚକ୍ଷୁ ପରୀକ୍ଷା



ବୁରୋମୁଣ୍ଡା ଗ୍ରାମରେ ଅନୁଷ୍ଠିତ ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମ ।

**ବରଗଡ଼ ଅଫିସ୍,୩।୧୧**

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ବୁରୋମୁଣ୍ଡା ଗ୍ରାମରେ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ସୁରେନ୍ଦ୍ର କୁମାର ସାହୁଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଅନୁଷ୍ଠିତ ଶିବିରରେ ୧୦୫ଜଣ ଚକ୍ଷୁ ପରୀକ୍ଷା କରିଥିଲେ। ୪୫ଜଣଙ୍କୁ ଅସ୍ତ୍ରୋପଚାର ପାଇଁ ସମ୍ବଲପୁର ନିଆଯାଇଥିଲା। ଶିବିରରେ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ, ସମିତିସଭ୍ୟ ଦେବେନ୍ଦ୍ର ଯୋଷୀ, ସରୋଜ ଶ୍ରୀଭୂଷଣ ସାହୁ, ଡଃ ଶ୍ୟାମସୁନ୍ଦର ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ। କୋସଲ ଯୁବଶକ୍ତି ତରଫରୁ ଡଃ ସାକେତ ଶ୍ରୀଭୂଷଣ ସାହୁ, ଲାଲାଜୀ ଝାଙ୍କର, ସୁଜିତ ପାତ୍ର, କୁନା ଜୁଆଡ଼ି, ବଲ୍ଲଭ ସାହୁ, ଶିଶୁପାଲ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଫୁଟବଲ: ସେମିରେ ସାହୁଟିକ୍ରା

**ବରଗଡ଼ ଅଫିସ/ବରପାଲି,୩।୧୧**

ବରଗଡ଼ ଜିଲା ବରପାଲି ଜୁଲଟ ଲକ୍ଷ୍ମୀନଗର ହାଇସ୍କୁଲ ପଡିଆରେ ଷଷ୍ଠ ଦିବସୀୟ ଚାରିଟେବୁଲ ଫୁଟବଲ ଟୁର୍ନାମେଣ୍ଟ ଚାଲିଛି। ଗୁରୁବାର ତୃତୀୟ ଦିବସରେ ସାହୁଟିକ୍ରା ଓ ମାଲିପାଲି ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ସାହୁଟିକ୍ରା ଟାଇବ୍ରେକର ଜରିଆରେ ୧-୦ ଗୋଲରେ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ବରଗଡ଼ ଓ ବିଜେପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବରଗଡ଼ ଦଳ ବିଜୟୀ ହୋଇଥିଲା। ଏହାପରେ ବରଗଡ଼ ଓ ସାହୁଟିକ୍ରା ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ୍ ହୋଇ ସାହୁଟିକ୍ରା ଦଳ ବିଜୟୀ ହେବା ସହିତ ସେମି ଫାଇନାଲରେ ପ୍ରବେଶ କରିଥିଲା। ଅନୁରୋଧ ପଧାନ, ରାମ ବିଶି, କଳିଙ୍ଗ ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଫ୍ରେଣ୍ଡସ ଏ ହୋପ ସୋସିଆଲ ୱାର୍କ ଗ୍ରୁପ୍ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପ୍ରତିନିଧି ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।



ଅତିଥିବୃନ୍ଦ ଖେଳାଳିଙ୍କ ସହିତ କରମର୍ଦ୍ଦନ କରୁଛନ୍ତି ।

# ଅନ୍ତର୍ନିହିତ ପ୍ରତିଭା ଅନ୍ୱେଷଣର ପ୍ରକୃଷ୍ଟ ମଞ୍ଚ ସୁରଭି

**ଅତାବିରା, ୩।୧୧(ଡି.ଏନ.ଏ.)**

ବିଦ୍ୟାଳୟସ୍ତରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭା ଅନ୍ୱେଷଣର ଉପଯୁକ୍ତ ମଞ୍ଚ ହେଉଛି ସୁରଭି କାର୍ଯ୍ୟକ୍ରମ ବୋଲି ବରଗଡ଼ ଜିଲା ଅତାବିରାଠାରେ ଆୟୋଜିତ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅତିଥିଗଣ ମତପ୍ରକାଶ କରିଛନ୍ତି। ବ୍ଲକ ଶିକ୍ଷାଧିକାରୀ ମଛିନ୍ଦ୍ର ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏକ ବିରାଟ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବ୍ଲକର ବିଭିନ୍ନ ସାଧନ କେନ୍ଦ୍ରରୁ ଆସିଥିବା ପ୍ରତିଯୋଗୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବ୍ଲକ ଶିକ୍ଷାଧିକାରୀ ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ରାଧାକାନ୍ତ ଛତ୍ରୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ କାର୍ତ୍ତିକ ବାଗ, ତପନ କୁମାର ଦାଶ, ଛବିଲ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ପୂର୍ଣ୍ଣଚନ୍ଦ୍ର ବେହେରା, ଧର୍ମେନ୍ଦ୍ର ପତି, ପ୍ରକାଶ ଦୋରା, ମନୋରଞ୍ଜନ ମିଶ୍ର, ବିରେନ୍ଦ୍ର ଭୋଇ, ରଶ୍ମିରଞ୍ଜନ ସାହୁ, ରଶ୍ମିରାଣୀ ନନ୍ଦ ଓ ସମସ୍ତ ସିଆରସିସି ସକ୍ରିୟ ଅଂଶଗ୍ରହଣ କରିଥିଲେ। ବ୍ଲକସ୍ତରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ପ୍ରଥମ କୃତୀ ପ୍ରତିଯୋଗୀମାନେ ଜିଲାସ୍ତରୀୟ ସୁରଭି ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବା ପାଇଁ ମନୋନିତ ହୋଇଥିବା ସୂଚନା ପ୍ରଦାନ କରାଯାଇଛି ।



ଅତିଥିଙ୍କ ଗହଣରେ ଖେଳାଳିବୃନ୍ଦ ।

### ଷଷ୍ଠ ତମ ଧନୁଯାତ୍ରା ମହୋତ୍ସବ ପ୍ରସ୍ତୁତି ବୈଠକ

ଖଡ଼ିଆଳ,(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଚିଦାଗୁଡା-ଦମାପଲା ୨ଟି ଗ୍ରାମର ଲୋକଙ୍କୁ ନେଇ ଷଷ୍ଠ ତମ ଧନୁଯାତ୍ରା ମହୋତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଧନୁଯାତ୍ରା ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି। ସଭାପତି ଭାବେ କ୍ଷେତ୍ର ମୋହନ ଦୁରିଆ, ଉପସଭାପତି ଭାବେ ସନ୍ତୋଷ କୁମାର ବିଶି, ସମ୍ପାଦକ ଭାବେ ସୁନୀଲ କୁମାର ମାଝି, ସହସମ୍ପାଦକ ଭାବେ ଭୋଲାନାଥ ପଟେଲ, ଯୁଗ୍ମ ସମ୍ପାଦକ ଭାବେ ଯତୀନ୍ଦ୍ର କୁମାର ବିଶି, କୋଷାଧକ୍ଷ ଭାବେ ଯୁକ୍ତ ତାଣ୍ଡି, ଆବାହକ ଭାବେ ଉଗ୍ରେସନ ରଣା, ସାଂସ୍କୃତିକ ସମ୍ପାଦକ ଭାବେ ହେମନ୍ତ କୁମାର ମାଝିଙ୍କୁ ଚୟନ କରାଯାଇଥିଲା।

## ସଂକ୍ଷେପରେ

### କାମକୁ ଆସୁନି ମାର୍କେଟ ପିଣ୍ଡି



ବେହେରା,୩।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ଗ୍ରାମପଞ୍ଚାୟତ ଅଧୀନ ସାପ୍ତାହିକ ବଜାର ପଡିଆରେ ନିର୍ମିତ ଅନେକ ବଜାର ପିଣ୍ଡି ଲୋକଙ୍କ କାମକୁ ଆସୁ ନ ଥିବା ଦେଖାଯାଇଛି। ପୂର୍ବରୁ ଲକ୍ଷାଧିକ ଟଙ୍କାରୁ ନିର୍ମିତ ହୋଇସାରିଥିବା ବେଳେ ୨୦୨୧-୨୨ବର୍ଷରେ ପୁଣିଥରେ ୧୦ଲକ୍ଷ ବ୍ୟୟରେ ନୂତନ ଭାବେ ନିର୍ମାଣ କରାଯାଇଛି। ପଞ୍ଚାୟତ ଅଣଦେଖା ଯୋଗୁ ପିଣ୍ଡି ଉପରେ ନାନା ପ୍ରକାର ଘାସ ଲତା ଉଠି ପଡିବାରୁ ଲୋକେ ଆବର୍ଜନା ଫିଙ୍ଗିବା ସହ ଝାଡା ପରିଶ୍ରା କରୁଥିବାରୁ କୌଣସି ଖୁଚୁରା ବ୍ୟବସାୟି ପିଣ୍ଡିକୁ ବ୍ୟାବହାର କରିପାରୁ ନାହାନ୍ତି। ଫଳରେ ଯେଉଁ ଉଦ୍ଦେଶ୍ୟ ନେଇ ନିର୍ମାଣ କରାଯାଇଛି, ତାହାର ସୁଫଳ ଲୋକେ ପାଇ ପାରୁନାହାନ୍ତି। ମୁଖ୍ୟ ରାସ୍ତାରେ ମାଛ ହାଟ ବସୁଥିବାରୁ ଏହାର ଦୁର୍ଗନ୍ଧ ଯାତାୟାତ ଲୋକଙ୍କୁ ଅଣନିଶ୍ୱାସୀ କରିବା ସହ ପାଖ ମାର୍କେଟ କମ୍ପ୍ଲେକ୍ସ ବ୍ୟବସାୟିଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଯେପରି ଏହି ପିଣ୍ଡିଗୁଡିକ ଲୋକଙ୍କ ବ୍ୟବହାର ଉପଯୋଗି ହୋଇପାରିବ, ସେପରି ବ୍ୟବସ୍ଥା କରାଯିବାକୁ ସାଧାରଣରେ ଦାବି ହେଉଛି।

### ରସାୟନ ବିଭାଗର ସେମିନାର ଉଦ୍‌ଯାପିତ

ଖଡ଼ିଆଳ,୩।୧୧(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ସ୍ନାତକୋତର ରସାୟନ ବିଭାଗ ପକ୍ଷରୁ ଚାଲିଥିବା ଦୁଇ ଦିନିଆ ସେମିନାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପରିବେଶ ରସାୟନ ବିଜ୍ଞାନ ବର୍ତ୍ତମାନ ଦିଗ ଉପରେ ଅନୁଷ୍ଠିତ ହୋଇଛି। ପ୍ରଥମ ଦିନରେ ମହାବିଦ୍ୟାଳୟ ଅଧକ୍ଷ ଡ଼ା ତରୁଣ କୁମାର ପ୍ରଧାନ ଉଦ୍‌ଘାଟନ କରିଥିବା ବେଳେ ନୂଆପଡ଼ା ମଡେଲ ଡିଗ୍ରୀ କଲେଜ ଅଧକ୍ଷ ଡ଼ା ଅକ୍ଷୟ କୁମାର ସାହୁ ମୁଖ୍ୟଅତିଥି ଭାବେ ଏବଂ ଡିନ ଡ଼ା ପଦ୍ମଲୋଚନ ବ୍ରହ୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଭାଗର ଅଧାପିକା ରାଜ ଲକ୍ଷ୍ମୀ ରଥ, ମମତା ଭୋଇ, ଅଧାପକ ରାଜାରାମ ମିଶ୍ର ପ୍ରମୁଖ ନିଜର ଉପସ୍ଥାପନ କରିଥିଲେ। ମୁଖ୍ୟଅତିଥି ପ୍ରଦୂଷଣମୁକ୍ତ ସମାଜ ପାଇଁ ରସାୟନ ବିଜ୍ଞାନର ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। ୨ୟ ଦିବସରେ ସଭାପତି ବିଶଜିତ ପାଢ଼ି ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପ୍ରୋଜେକ୍ଟ ମାଧମରେ କାମ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଥମ ଦିନରେ ୧୪ ଏବଂ ୨ୟ ଦିନରେ ମଧ ୧୪ ଛାତ୍ରୀଛାତ୍ର ପେପର ମାଧମରେ ଉପସ୍ଥାପନ କରିଥିଲେ। ଅଧାପକ ରାଜାରାମ ମିଶ୍ର ଓ ଅଧାପିକା ମମତା ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ପିଜି ଓ ଯୁକ୍ତ ୩ ସମସ୍ତ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ୨ ଅଧ୍ୟାପକଙ୍କ ନାମରେ ଥାନାରେ ମାମଲା

### ଜାଲ୍ ସାର୍ଟିଫିକେଟ ଦେଇ ଚାକିରି

ବେଲପଡା, ୩।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ବେଲପଡା ଥାନା ଅଞ୍ଚଳର ଦୁଇଟି କଲେଜରେ ୨ଜଣ ଇଂଲିଶ ବିଭାଗ ଅଧ୍ୟାପକ ଜାଲ ପ୍ରମାଣ ପତ୍ର ଦେଇ ଚାକିରି କରିଥିବା ନେଇ ଅଭିଯୋଗ ହୋଇଛି। ଧୁମାଭଟାସ୍ଥିତ ବୀଣାପାଣି ମହାବିଦ୍ୟାଳୟରୁ ଗୋଟିଏ ଅଭିଯୋଗ ଆସିଥିବା ବେଳେ ଅନ୍ୟଟି ଜଗନ୍ନାଥ ଦେବ ମହାବିଦ୍ୟାଳୟରୁ ଆସିଛି। ଉଭୟ କଲେଜର ଅଧକ୍ଷମାନେ ସମ୍ପୃକ୍ତ ଅଧ୍ୟାପକମାନଙ୍କ ନାମରେ ଏତଲା ଦେବା ପରେ ଥାନାରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି। ଏହି ଘଟଣା ବେଲପଡା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ବୀଣାପଣି କଲେଜର ପ୍ରିନ୍ସିପାଲ ଦେବାର୍ଚ୍ଚନ ନାଗ ସେହି କଲେଜର କାର୍ଯ୍ୟରତ ଇଂଲିଶ ବିଭାଗ ଅଧ୍ୟାପକ ଲାଲବାହାଦୁର ରଣାଙ୍କ ନାମରେ ସାର୍ଟିଫିକେଟ ଟ୍ୟାମ୍ପରିଂ କରି ଚାକିରି କରିଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅଧ୍ୟକ୍ଷ ମାଗିଥିବା ଆରଟିଆଇ ତଥ୍ୟ ଅନୁସାରେ ସମ୍ପୃକ୍ତ ଅଧ୍ୟାପକ ୟୁନିଭରସିଟିରେ ଆଡମିସନ ନ ନେଇ ପିଜି ସାର୍ଟିଫିକେଟ ଆଣି ୧୯୯୫ ମସିହାଠାରୁ କଲେଜରେ ପାଠ ପଢାଉଛନ୍ତି। ଅଧାପକ ରଣା କଲେଜରେ ଦେଇଥିବା ଯୋଗ୍ୟତା ସାର୍ଟିଫିକେଟ ଅନୁସାରେ ତାଙ୍କ ରୋଲ ନଂ ୯୨ ଇଏମଜି ୧୧-(୧୯୯୨-୯୪)। କିନ୍ତୁ ଉକ୍ତ ରୋଲ ନଂରେ ଜେମ୍ସ ସାମ ନାମରେ ସମ୍ବଲପୁର ୟୁନିଭରସିଟିରେ ପିଜି ସାର୍ଟିଫିକେଟ ଅଛି। ସେହି ସାର୍ଟିଫିକେଟକୁ ଟ୍ୟାମ୍ପରିଂ କରି ଲାଲବାହାଦୁର ରଣା ନାମରେ ଏଡିଟିଂ କରି ସେ ଚାକିରି କରିଛନ୍ତି। ୨୦୦୮ ମସିହାରୁ ସେ ବ୍ଲକ ଗ୍ରାଣ୍ଟ ଓ ୨୦୧୭ରୁ ଫୁଲ ଗ୍ରାଣ୍ଟ ଦରମା ପାଉଛନ୍ତି। ବର୍ତ୍ତମାନ ସପ୍ତମ କମିଶନ ଗାଇଡ ଅନୁଯାୟୀ ଦରମା ପାଇଁ ସମସ୍ତ ଅଧ୍ୟାପକଙ୍କୁ ସାର୍ଟିଫିକେଟ ୟୁନିଭରସିଟିକୁ ପଠାଇବାପାଇଁ ଅଧ୍ୟକ୍ଷ କହିଥିଲେ। ଏହା ପରଠାରୁ ଅଧ୍ୟାପକ ରଣା ଆଉ କଲେଜ ଆସି ନ ଥିଲେ। ଫଳରେ କଲେଜ କର୍ତ୍ତୃପକ୍ଷଙ୍କ ଏହାକୁ ନେଇ ସନ୍ଦେହ ପ୍ରକାଶ କରିଥିଲେ। ଆଇଟିଆଇରେ ସମସ୍ତ ତଥ୍ୟ ମାଗିବା ପରେ ଅଧ୍ୟାପକ ଜଣକ ନକଲି ପ୍ରମାଣପତ୍ର ଦେଇ ଚାକିରି କରିଥିବା ଜଣାପଡିଥିଲା। ଉପଜିଲାପାଳ ଡକ୍ଟର ବିଜୟାନନ୍ଦ ସେଠୀଙ୍କ ନିର୍ଦ୍ଦେଶରେ ଅଧ୍ୟକ୍ଷ ନାଗ ତାଙ୍କ ନାମରେ ବେଲପଡା ଥାନାରେ ଅଭିଯୋଗ କରିଛନ୍ତି।

ସେହିପରି ମଣ୍ଡଳ ଜଗନ୍ନାଥ ଦେବ ମହାବିଦ୍ୟାଳୟ ଇଂଲିଶ ବିଭାଗ ଅଧ୍ୟାପକ ନରୋତ୍ତମ ବେହେରାଙ୍କ ନାମରେ ନକଲି ସାର୍ଟିଫିକେଟରେ ଚାକିରି କରିବା ଜଣା ପଡିଥିଲା। କଲେଜ ଅଧ୍ୟକ୍ଷ ଅମ୍ବରୀଶ ମେହେର ଉପଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବେଲପଡା ଥାନାରେ ଅଭିଯୋଗ କରିଛନ୍ତି। ନରୋତ୍ତମ ୧୯୯୩ ମସିହାରେ ଇଂଲିଶ ପିଜି ସାର୍ଟିଫିକେଟ ୫୬ପ୍ରତିଶତ ରେଜଲ୍ଟରେ ଜଗନ୍ନାଥ ଦେବ ମହାବିଦ୍ୟାଳୟ ମଣ୍ଡଳ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ହୋଇଥିଲେ। ୨୦୦୯ରେ ବ୍ଲକଗ୍ରାଣ୍ଟ, ୨୦୧୮ରେ ଜିଆଇଏ ଗ୍ରାଣ୍ଟ ଓ ୨୦୨୨ ମସିହରେ ସପ୍ତମ କମିଶନ ଗାଇଡ ଲାଇନ ଅନୁଯାୟୀ ମୋଟା ଅଙ୍କର ଦରମା ହାତେଇଛନ୍ତି। ଅଧ୍ୟାପକ ମେହେରଙ୍କ ଆରଟିଆଇ ତଥ୍ୟ ଅନୁସାରେ ସେ ଇଂଲିଶରେ ପିଜି କରିଛନ୍ତି ସତ। କିନ୍ତୁ ମାର୍କସିଟ ପୁରାପୁରି ଜାଲ । ପ୍ରକୃତରେ ସେ ୪୩ ପ୍ରତିଶତ ମାର୍କ ରଖିଥିଲା ବେଳେ ତାକୁ ଚଞ୍ଚକତା କରି ୫୬ପ୍ରତିଶତ କରି ଦେଇ ସମସ୍ତ ସରକାରୀ ସୁବିଧା ସୁଯୋଗ ହାତେଇବାରେ ସକ୍ଷମ ହୋଇଛନ୍ତି। ଦୁଇ କଲେଜର ଅଧ୍ୟକ୍ଷଙ୍କ ଅଭିଯୋଗ ପରେ ବେଲପଡା ଥାନାରେ ଦୁଇଟି ପୃଥକ ମାମଲା ୧୯୩, ୧୯୪ରେ ମାମଲା ରୁଜୁ କରି ପୋଲିସ ତଦନ୍ତକୁ ଆଗକୁ ବଢାଇଛି। ମଣ୍ଡଳ କଲେଜ ଅଧ୍ୟାପକ ନରୋତ୍ତମ ବେହେରାଙ୍କୁ ଥାନାକୁ ଡାକି ପଚରାଉଚରା କରାଯାଇଥିବା ଥାନା ଆଇଆଇସି ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି।

# ଯାଦବ ସମାଜର ନୂଆଁଖାଇ ଭେଟ୍‌ଘାଟ



ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ଅଫିସ, ୩।୧୧

ବଲାଙ୍ଗୀର ଜିଲା ରାଜଆଗଲପୁରରେ ଯାଦବ ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଥିଲା। ଯାଦବ ସମାଜ ପକ୍ଷରୁ ପେଟ୍ରୋଲ ପମ୍ପ ନିକଟରେ ଇଷ୍ଟଦେବୀ ସମଲେଶ୍ୱରୀଙ୍କଠାରେ ପାରମ୍ପରିକ ଗୌଡବାଡି ପୂଜାର୍ଚ୍ଚନା ପରେ ମହିଳା ସଂକୀର୍ତ୍ତନ ଦଳ ଶୋଭାଯାତ୍ରାରେ ଗାଁ ପରିକ୍ରମା କରି ସଭାସ୍ଥଳକୁ ଯାଇଥିଲେ। ଭାରତୀୟ ଯାଦବ ମହାସଭାର ରାଜ୍ୟ ସଭାପତି ଇଂ ବଳରାମ ବରଗର୍ତ୍ତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଭେଟ୍‌ଘାଟ ରେ ଓଡିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଯାଦବମାନେ ସେମାନଙ୍କ କୌଳିକ ବୃତ୍ତି ଗୋପାଳନ ଜରିଆରେ ରୋଜଗାରକ୍ଷମ ହେବାକୁ ପରାମର୍ଶ ଦେଇଥିଲେ। ଏହି ସଭାରେ ଯାଦବ ସମାଜ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ବନମାଳୀ ପୋଢ଼, ସାରଦା ପ୍ରସନ୍ନ ସ୍ୱାଇଁ, ସୁଦର୍ଶନ ଛୋଟରାୟ, ଅଶୋକ ବରାଳ, କାହ୍ନୁ ଚରଣ ମାଝି ମଞ୍ଚାସୀନ ଥିଲେ। ଏହି ଅବସରରେ ୨୨ ଜଣ ଯାଦବ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପ୍ରଧାନମନ୍ତ୍ରୀ ସଡ଼କ କାମରେ ଦୁର୍ନୀତି



ଖବରଦାତା ସମ୍ମିଳନୀରେ ଏଏପି ନେତୃବୃନ୍ଦ।

- ଖବରଦାତା ସମ୍ମିଳନୀରେ ଅଭିଯୋଗ ଆଣିଲା ଏଏପି
- ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଲିଖିତ ଜଣାଇଲେ
- କାର୍ଯ୍ୟାନୁଷ୍ଠାନ ନହେଲେ ଆମରଣ ଅନଶନ ଚେତାବନୀ

ବଲାଙ୍ଗୀର ଅଫିସ, ୩।୧୧

ବଲାଙ୍ଗୀର ଜିଲାରେ ପ୍ରଧାନମନ୍ତ୍ରୀ ସଡକ ତିଆରି ନାଁରେ କୋଟିକୋଟି ଟଙ୍କା ଦୁର୍ନୀତି ହୋଇଛି। ଗୁରୁବାର ସ୍ଥାନୀୟ ଯାଦବ ଭବନରେ ଆମ୍ ଆଦମୀ ପାର୍ଟି(ଏଏପି)ର ଜିଲା ଆବାହକ ଆଶିଷ ପାଣ୍ଡେ ଓ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀ ସଂଯୋଜକ ସୁରଥ ବେହେରା ଏକ ଖବରଦାତା ସମ୍ମିଳନୀରେ ଏଭଳି ଅଭିଯୋଗ ଆଣଛନ୍ତି। ସଂଯୋଜକ ବେହେରା କହିଥିଲେ ଯେ, ଗତ ସେପ୍ଟେମ୍ବର ୧୩ରେ ଟିଟିଲାଗଡ ଗ୍ରାମ୍ୟ ଉନ୍ନୟନ ବିଭାଗରେ ସେ ବଙ୍ଗୋମୁଣ୍ଡା, ତୁରେକେଲା ଓ ମୁରିବାହାଲ ବ୍ଲକରେ ଚଳିତବର୍ଷ ପ୍ରଧାନମନ୍ତ୍ରୀ ସଡକ ସୁରକ୍ଷା କାମରେ କେଉଁ ବାବଦକୁ କେତେ ଟଙ୍କା ଖର୍ଚ୍ଚ ହୋଇଛି ତହିଁର ତଥ୍ୟ ମାଗିଥିଲେ। ତାଙ୍କୁ ନିର୍ଦ୍ଧାରିତ ସମୟରେ ତଥ୍ୟ ଦିଆ ନ ଯିବାରୁ ସେ କେନ୍ଦ୍ର ସରକାରଙ୍କ ମେରୀ ସଡକ ଆପ୍‌ରେ ଅଭିଯୋଗ କରିଥିଲେ। ଯାଞ୍ଚପରେ ମୋଟ ୧୫୧ କିଲୋମିଟର ମଧ୍ୟରୁ ୨୦ କିଲୋମିଟର ସଡକ ନଥିବା ଜଣା ପଡିଥିଲା। ୨୦ କିଲୋମିଟର ସଡକ କାମ ହୋଇ ନ ଥିଲେ ମଧ ସେ ବାବଦରେ କିଲୋମିଟର ପିଛା ୯ ଲକ୍ଷ ଟଙ୍କା ହିସାବରେ ୧ କୋଟି ୮୦ ଲକ୍ଷ ଟଙ୍କା ବିନା କାମରେ ବିଲ ଉଠିଥିବା ଜାଣିବାକୁ ପାଇଥିଲେ। ସମୁଦାୟ କାମକୁ ଦେଖିଲେ ଏଥିରେ କୋଟି ଟଙ୍କା ଘୋଟାଲା ହୋଇଥିବା ସେ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଅଧିକାରୀ, ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏଏପି ଜିଲା ଆବହକ ତଥା ରାଷ୍ଟ୍ରୀୟ ପରିଷଦ ସଦସ୍ୟ ପାଣ୍ଡେଙ୍କ ନେତୃତ୍ୱରେ ବିଭାଗୀୟ ମୁଖ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ଜିଲାପାଳ କାର୍ଯ୍ୟାଳୟ ଜରିଆରେ ଦାବିପତ୍ର ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ପାର୍ଟିର ବଲାଙ୍ଗୀର ଟାଉନ୍ ଇନଚାର୍ଜ ସଦାଶିବ ମେହେର, ଛାତ୍ରନେତା ହିତେଶ ବଗର୍ତ୍ତୀ, ଅମନ ମହାପାତ୍ର, ମୁକେଶ ବଗର୍ତ୍ତୀ, ଅମ୍ଲାନ ପାଳ, ଆଡଭୋକେଟ ସୁଧୀର ପଧାନ, ଅଜୟ ତ୍ରିପାଠୀ, ଗଙ୍ଗାରାମ ପଟେଲ, ଶଶୀକାନ୍ତ ଜାଲ, ରାମକୃଷ୍ଣ ଜାଲ, ଜ୍ୟୋତିକାନ୍ତ ସାଗର, ଜୟ ପ୍ରକାଶ ମିଶ୍ର ଉପସ୍ଥିତ ଥିଲେ।

# ସିଆର୍‌ପିଏଫ୍ ପକ୍ଷରୁ ଜନସମ୍ପର୍କ କାର୍ଯ୍ୟକ୍ରମ

ଲାଞ୍ଜିଗଡ,୩।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ତ୍ରିଲୋଚନପୁରଠାରେ ସିଆରପିଏଫ ୪ର୍ଥ ବାହିନୀ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ ପକ୍ଷରୁ ଜନସମ୍ପର୍କ କାର୍ଯ୍ୟକ୍ରମ ସ୍ଥାନୀୟ କ୍ୟାମ୍ପରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପଞ୍ଚାୟତର ୮ଟି ଗ୍ରାମର ୮୦ଜଣ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମ ଭାରତ ସରକାରଙ୍କ ଦ୍ୱାରା ଗରିବ ଆଦିବାସୀ ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ କଲ୍ୟାଣକାରି କାର୍ଯ୍ୟକ୍ରମ ମଧ୍ୟରୁ ଗୋଟିଏ। ୪ର୍ଥ ବାହିନୀ ସିଆରପିଏଫ କେବଳ ମାଓବାଦୀ ବିରୋଧୀ ଅଭିଯାନ କରୁଛି। ସିଆରପିଏଫ ବାହିନୀର ଡି କମ୍ପାନୀ ଦ୍ୱାରା ତ୍ରିଲୋଚନପୁରରେ ବିଭିନ୍ନ କଲ୍ୟାଣକାରି କାର୍ଯ୍ୟକ୍ରମ ମଧ୍ୟ କରାଯାଉଛି। ଏହି କାର୍ଯ୍ୟକ୍ରମ ୪ର୍ଥ ବାହିନୀର ଦୁର୍ଗପତି ମନୋଜ ଯାଦବଙ୍କ ନିର୍ଦ୍ଦେଶରେ ଦ୍ୱିତୀୟ କମାଣ୍ଡୋ ସଞ୍ଜୟ ରାଉତ ଏବଂ ଆସିଷ୍ଟାଣ୍ଡ କମାଣ୍ଡୋଙ୍କ ଦ୍ୱାରା ପରିଚାଳିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ବ୍ୟକ୍ତିଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ହୋଇଥିଲା। ଦ୍ୱିତୀୟ କମାଣ୍ଡୋ ଅଧିକାରୀ ଦ୍ୱାରା ଉପସ୍ଥିତ ଗ୍ରାମବାସୀଙ୍କୁ ଭାରତ ସରକାର ତଥା ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରି କାର୍ଯ୍ୟକ୍ରମ ବିଷୟରେ ପରାମର୍ଶ ଦିଆଯାଇଥିଲା। ଆଇଡି/୪ ବାହିନୀର ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ତଦାରଖ କଲେ ଓସେପାର ଯୁଗ୍ମ ନିର୍ଦ୍ଦେଶିକା

### ଶିକ୍ଷଣ ପରିପୂରଣ ଯୋଜନା

ଭବାନୀପାଟଣା,୩।୧୧(ସ୍ୱ.ପ୍ର.)

କୋଭିଡ୍ ସମୟରେ ପ୍ରାୟ ୨ ବର୍ଷ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ପ୍ରଭାବିତ ହୋଇଥିବା ବେଳେ ଶ୍ରେଣୀଗୃହ ଶିକ୍ଷା ଅଭାବରୁ ପିଲାଙ୍କ ଶିକ୍ଷଣସ୍ତର ଗଭୀର ଭାବେ ପ୍ରଭାବିତ ହୋଇଥିଲା। ଶିକ୍ଷଣସ୍ତରରେ ହୋଇଥିବା ଏହି ବ୍ୟବଧାନକୁ ପୂରଣ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଶିକ୍ଷଣ ପରିପୂରଣ କାର୍ଯ୍ୟକ୍ରମ ବର୍ତ୍ତମାନ ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ତୃତୀୟରୁ ନବମ ଶ୍ରେଣୀ ପିଲାଙ୍କ ପାଇଁ ଚାଲିଛି। ଏପରିସ୍ଥଳେ କଳାହାଣ୍ଡି ଜିଲାରେ ଏହାର ସୁପରିଚାଳନା ତଦାରଖ ପାଇଁ ଓସେପା ଯୁଗ୍ମ ନିର୍ଦ୍ଦେଶିକା ସୁରେଖା ତରାଇ ଓ ପ୍ରୋଗ୍ରାମର ଚିନ୍ମୟାନନ୍ଦ ସାମନ୍ତରାୟ ମଙ୍ଗଳବାର ଓ ବୁଧବାର ଦୁଇଦିନ ଧରି ଜିଲାର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଗସ୍ତ ସମୟରେ କଳାହାଣ୍ଡି ଜିଲା ଶିକ୍ଷାଧିକାରୀ ସୁଶାନ୍ତ ଚୋପଦାର ଓ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଟେମେଲାଲ ଦୁବେ ଉପସ୍ଥିତ ଥିଲେ। ଯୁଗ୍ମ ନିର୍ଦ୍ଦେଶିକା ତରାଇ ବିଭିନ୍ନ ବ୍ଲକର ବିଇଓ, ଏବିଇଓ, ପେଡାଗୋଜି ସଂଯୋଜିକା ତଥା ଏହି କାର୍ଯ୍ୟକ୍ରମ ସଂଯୋଜନା କରୁଥିବା ସୁଭଦ୍ରା ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତାଙ୍କୁ କାର୍ଯ୍ୟକ୍ରମର ସଫଳ ରୂପାୟନ ନେଇ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳନା ସହ ତାହାର ଅନଲାଇନ ମନିଟରିଂ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀମାନେ କିଭଳି ଦାୟିତ୍ୱପୂର୍ଣ୍ଣ ଭାବେ ଏହାର ସମ୍ପାଦନ କରିବେ, ସେଥିପ୍ରତି ସେ ପରାମର୍ଶ ଦେଇଥିଲେ।



ଜିଲାର ଏକ ସ୍କୁଲରେ ଶିକ୍ଷଣ ପରିପୂରଣ ଯୋଜନାର ତଦାରଖ କରୁଛନ୍ତି ଓସେପାର ଯୁଗ୍ମ ନିର୍ଦ୍ଦେଶିକା।

# ଫ୍ୟାନ୍ସି ଦୋକାନରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

କୋକସରା,୩।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବସଷ୍ଟାଣ୍ଡରେ ଥିବା ଏକ ଫ୍ୟାନ୍ସି ଦୋକାନ ଛାତ ଭାଙ୍ଗି ବୁଧବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଛି। ଏଥିରେ ଲକ୍ଷାଧିକ ଟଙ୍କାର ମୋବାଇଲ ଓ ନଗଦ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୋକାନରେ ଥିବା ସିସିଟିଭିରେ ଲୁଟ ସମୟର ଦୃଶ୍ୟ କଏଦ ହୋଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, କୋକସରା ସହର ବସଷ୍ଟାଣ୍ଡ ଓ ଥାନାରୁ ମାତ୍ର କିଛି ଦୂରରେ ରହିଥିବା ଏକ ଫେନ୍ସି ଦୋକାନରୁ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଦୋକାନ ଛାତ ଆଜବେଷ୍ଟର ଭାଙ୍ଗି ଲୁଟ କରିଛନ୍ତି। ଦୋକାନରେ ଚୋରି ସମୟର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଦୁର୍ବୃତ୍ତମାନେ ମୁଖାପିନ୍ଧା ମୋବାଇଲ ଚୋରାଉଥିବା ଦୃଶ୍ୟ କଏଦ ହୋଇଛି। ଦୋକାନ ମାଲିକ ତ୍ରିଲୋଚନ ମହାପାତ୍ର ଚୋରି ନେଇ ଥାନାରେ ଅଭିଯୋଗ କରିଛନ୍ତି। ୧୬ଟି ଦାମି ମୋବାଇଲ ଯାହାର ଆନୁମାନିକ ମୂଲ୍ୟ ୨ଲକ୍ଷ ୨୦ ହଜାର ଓ ନଗଦ ୫ ହଜାର ଟଙ୍କା ଚୋରି ହୋଇଥିବା ଦୋକାନ ମାଲିକ କହିଛନ୍ତି। ପୋଲିସ ଏକ ମାମଲା (ନଂ. ୨୬୯/୨୨) ରୁଜୁ କରି ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଆରମ୍ଭ କରିଛି।

# ବିକାଶର ସ୍ୱପ୍ନ ଦେଖାଇ ଲୋକଙ୍କୁ ଭୁଆଁ ବୁଲାଉଛି କମ୍ପାନୀ

### ସରପଞ୍ଚ, ସମିତିସଭ୍ୟ ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ

ଭବାନୀପାଟଣା,୩।୧୧(ସ୍ୱ.ପ୍ର.)



ସିକେରକୁପାଠାରେ ଅନୁଷ୍ଠିତ ବୈଠକ।

କଳାହାଣ୍ଡି ଜିଲା ଲାଞ୍ଜିଗଡସ୍ଥିତ ବେଦାନ୍ତ କମ୍ପାନୀ ସ୍ଥାପନ ହୋଇ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ ଅଞ୍ଚଳରେ ଆଖି ଦୃଷ୍ଟିଆ ବିକାଶ ହୋଇନି। ଅଞ୍ଚଳର ନିରୀହ ଅଧିବାସୀଙ୍କୁ ବିକାଶ ସ୍ୱପ୍ନ ଦେଖାଇ ଭୁଆଁ ବୁଲାଉଛି କମ୍ପାନୀ। ବ୍ଲକର ସିକେରକୁପା ଡାକ ବଙ୍ଗଳାରେ ସରପଞ୍ଚ ଓ ସମିତିସଭ୍ୟ ସଂଘ ପକ୍ଷରୁ ଆୟୋଜିତ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ବ୍ଲକର ୨୬ ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟ ଏଭଳି ଅଭିଯୋଗ କରିଛନ୍ତି। ସରପଞ୍ଚ ସଂଘ ସଭାପତି ସାଦ୍ଧୁରୁ ମାଝିଙ୍କ ଅଧକ୍ଷତାରେ ବ୍ଲକର ବିଭିନ୍ନ ୨୬ପଞ୍ଚାୟତ ସରପଞ୍ଚ ଓ ସମିତିସଭ୍ୟ ଯୋଗଦେଇ ବେଦାନ୍ତ କମ୍ପାନୀ ଉପରେ ବର୍ଷିଥିଲେ। କମ୍ପାନୀ ସ୍ଥାପନ ବେଳେ ଅଞ୍ଚଳବାସୀଙ୍କୁ ଅନେକ ସ୍ୱପ୍ନ ଦେଖାଇଥିଲା କମ୍ପାନୀ। ସ୍ଥାନୀୟ ଲୋକଙ୍କ ଘର ଓ ଜମିକୁ ଶାଗମାଛ ଦରରେ କିଣି ନିଯୁକ୍ତିର ଆଶା ଦେଖାଇଥିଲା। ହେଲେ ଜମି ନେବା ପରେ ସ୍ଥାନୀୟ ଲୋକଙ୍କୁ ପଚାରୁନାହିଁ କମ୍ପାନୀ। ଲାଞ୍ଜିଗଡରେ ଏତେ ବଡ଼ଶିଳ୍ପ ପ୍ରତିଷ୍ଠାନ ଥାଇ ସ୍ଥାନୀୟ ଯୁବକଯୁବତୀ ବାହାର ରାଜ୍ୟକୁ ଯାଇ ଦାଦନ ଖଟୁଛନ୍ତି ବୋଲି କହିଥିଲେ ସମିତି ସଭ୍ୟ ସଂଘ ସଭାପତି ଜଗଦୀଶ ବେନିଆ। ବେଦାନ୍ତ କାରଖାନାରୁ ନିର୍ଗତ ବିଷାକ୍ତ ରେଡ ମଡ୍‌ଗୁଣ୍ଡ ଉଡି ଘର ଛାତ ଲାଲ ହୋଇଯାଉଛି। ଏହି ବିଷାକ୍ତ ଗୁଣ୍ଡ ପୋଖରୀ, ବଂଶ ଧାରା ନଦୀରେ ମିଶୁଛି। ଏହି ପାଣି ଲୋକେ ବ୍ୟବହାର କରି ଚର୍ମ ରୋଗର ଶିକାର ହୋଇ ମୃତ୍ୟୁବରଣ କରୁଥିବା ଅଭିଯୋଗ କରି ଉପସ୍ଥିତ ଜନପ୍ରତିନିଧି ଆନ୍ଦୋଳନର ଚେତାବନୀ ଦେଇଥିଲେ। କାର୍ଯ୍ୟକ୍ରମରେ ଲାଞ୍ଜିଗଡ ବ୍ଲକ ଅଧକ୍ଷ୍ୟା କମଳା ପାତ୍ର ଯୋଗଦେଇ ଆଗାମୀ ଦିନରେ ବେଦାନ୍ତ ଯଦି ଲାଞ୍ଜିଗଡ ବ୍ଲକ ପଞ୍ଚାୟତ ଜନପ୍ରତିନିଧିଙ୍କୁ ଅଣଦେଖା କଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ବସନ୍ତପଡା ସରପଞ୍ଚ ଚାଁଚେର ମାଝି, ପୂର୍ବତନ ବ୍ଲକ ଅଧକ୍ଷ ମନୋହର ହରପାଲ, ଲାଞ୍ଜିଗଡ ସରପଞ୍ଚ ସ୍ୱରସତୀ ମୁଣ୍ଡା, ବିଧାୟକ ପ୍ରତିନିଧି ପ୍ରଦୀପ ଘଡେଇ, ଜିଲା ସରପଞ୍ଚ ସଂଘ ସଭାପତି, ଓ ଲାଞ୍ଜିଗଡ ବ୍ଲକର ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ରହି କମ୍ପାନୀକୁ କଡା ସମାଲୋଚନା କରିଥିଲେ।

OFFICE OF THE
MUNICIPAL COUNCIL, SUNDARGARH
No. 8750 Date: 31.10.2022
QUOTATION CALL NOTICE
No. C-1493: Sealed quotations are invited from the Intending Quotationers for **"Supply and Installation of MS Door, Window, MS Grill & Rolling Shutter in different areas of Sundargarh Municipality"**. The detail quotation documents will be available in the district website of Sundargarh i.e. **www.sundargarh.nic.in** from Dt.02.11.2022 to Dt.11.11.2022. The quotation document must be submitted to the Office of the Executive Officer, Sundargarh Municipality, Sundargarh through Regd. Post/Speed Post/By Hand only. The bidder should subscribe **"Supply and Installation of MS Door, Window, MS Grill Rolling Shutter & Collapsible Shutter in different areas of Sundargarh Municipality"** on the top of the envelope.
Last date of receipt of Quotation: 11.11.2022 upto 04.00 P.M.
Date of Opening of Quotation: 14.11.2022 at 11.30 A.M.
The authority reserves the right to accept or reject any proposals without assigning any reason thereof.
Sd./- Executive Officer
Sundargarh Municipality
OIPR-13130/11/0020/2223

HOUSING AND URBAN DEVELOPMENT DEPARTMENT
OFFICE OF THE MUNICIPAL COUNCIL:BARGARH
AT/PO/DIST.: BARGARH,PIN-768028
Ph.:06646:234347,Fax:06646:234347, Website:www.bargarhmunicipality.in, e-mail:bargarhmunicipality.eo@gmail.com
Letter No.2712/BMC Date:08.06.2022
No.C-1491: INVITATION FOR BIDS
BID IDENTIFICATION No. 3/BGH-MUN/2022-23

| | | |
|---|---|---|
| 1 | Nature of Work | Electrical Work |
| 2 | No. of Work | 4 Nos. |
| 3 | Amount put to tender (in lakh) | As per DTCN |
| 4 | Bid Cost | As per DTCN |
| 5 | Class of Contractor | HT & LT |
| 6 | Availability of Bids documents in website | From 11.00 Hrs. Dt.09.06.2022 to 17.30 Hrs. Dt.18.06.2022 |
| 7 | Date of Opening of Bid | Dt.20.06.2022 11.00 Hrs. |

The bidder have to participate in ONLINE bidding only. Further details can be seen from the website i.e., http://tenderodisha.gov.in and Bargarh Municipality Website i.e., http://www.bargarhmunicipality.in. Any addendum/corrigendum/cancellation of tender can also be seen only in the said website.
OIPR-13103/11/0017/2223 Sd./-Executive Officer, Bargarh Municipality

OFFICE OF THE EXECUTIVE ENGINEER
MINOR IRRIGATION DIVISION, JASHIPUR
GOVERNMENT OF ODISHA
No.A-678: "e"-PROCUREMENT NOTICE
BID IDENTIFICATION No: 06 MID (JSP/2022-23)
1. Name of the Inviting Officer :- Executive Engineer, Minor Irrigation Division, Jashipur
2. Name of the Work :- Construction of Check Dams in different Blocks of Mayurbhanj District.
3. No. of Works :- 2 (Two) Nos.
4. Tender Amount Varies From :- 37.73 lakh to 49.53 lakh
5. Date and Time of Availability of BID Document in the Portal for online Bidding from :- 10.00 Hrs. Dt.04.11.2022 to 17.00 hrs Dt.14.11.2022
6. Last Date and Time of receipt of Bids in the Portal :- 17.00hrs Dt.14.11.2022
7. Last Date and Time for clarification up to :- 17.00 hrs Dt.10.11.2022
8. Date of opening of Bid :- 11.00 hrs onwards Dt.15.11.2022
**The detail tender call notice can also be seen in the DOWR website: http://dowrorissa.gov.in**
Name & Address of the OIT : Executive Engineer, M.I. Division, Jashipur, At/PO-Khairi /Dist: Mayurbhanj, PIN-757091, E-Mail:- eemijashipur@yahoo.com
Further details can be seen from the : **http://tenderorissa.gov.in** e-Procurement market place.
• Subsequent corrigendum/addendum if required shall be available in the above portal.
• The tender inviting authority reserves the right to reject/cancel any or all tenders without assigning any reason thereof.
Sd./- 28.10.2022
Executive Engineer, M.I Division, Jashipur
OIPR-32282/11/0004/2223

ODISHA PVTG EMPOWERMENT & LIVELIHOODS IMPROVEMENT PROGRAMME
ST & SC DEVELOPMENT DEPARTMENT
2nd Floor, TDCCOL Building, Rupali Square, Bhubaneswar- 751022
Notice No.3590/Date:02.11.2022
ENGAGEMENT OF PROGRAMME OFFICER (LIVELIHOODS & CONVERGENCE)
**No.CAD-2400:**Programme Director, OPELIP invites applications from eligible candidates for engagement of "Programme Officer- Livelihoods & Convergence" in PMU, OPELIP on short term basis to be positioned at PMU, OPELIP, 2nd floor, TDCCOL Building, Rupali Square, Bhubaneswar - 751022. Application form along with the detailed ToR can be downloaded from our official website i.e. www.opelip.org. Last date of receipt of applications by post/courier only **14th November, 2022 at 05.00 PM.** Application beyond the dateline will not be considered.
Only shortlisted candidates will be called for Interview for empanelment Programme Director, OPELIP reserves the right of accepting or rejecting the applications without assigning any reason thereof.
OIPR-26024/11/0008/2223 Sd/-Programme Director

## ଷଷ୍ଠ ତମ ଧନୁଯାତ୍ରା ମହୋତ୍ସବ ପ୍ରସ୍ତୁତି ବୈଠକ

ଖଡ଼ିଆଳ,(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଚିନ୍ଦାଗୁଡା-ଦମାପଲା ୨ଟି ଗ୍ରାମର ଲୋକଙ୍କୁ ନେଇ ଷଷ୍ଠ ତମ ଧନୁଯାତ୍ରା ମହୋତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଧନୁଯାତ୍ରା ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି। ସଭାପତି ଭାବେ କ୍ଷେତ୍ର ମୋହନ ଦୁରିଆ, ଉପସଭାପତି ଭାବେ ସନ୍ତୋଷ କୁମାର ବିଶି, ସମ୍ପାଦକ ଭାବେ ସୁନୀଲ କୁମାର ମାଝି, ସହସମ୍ପାଦକ ଭାବେ ଭୋଳାନାଥ ପଟେଲ, ଯୁଗ୍ମ ସମ୍ପାଦକ ଭାବେ ଯତୀନ୍ଦ୍ର କୁମାର ବିଶି, କୋଷାଧକ୍ଷ ଭାବେ ଯୁକ୍ତ ତାଣ୍ଡି, ଆବାହକ ଭାବେ ଉଗ୍ରେସନ ରଣା, ସାଂସ୍କୃତିକ ସମ୍ପାଦକ ଭାବେ ହେମନ୍ତ କୁମାର ମାଝିଙ୍କୁ ଚୟନ କରାଯାଇଥିଲା।

### ସଂକ୍ଷେପରେ

## ନୂତନ ପେନସନଭୁକ୍ତ ପ୍ରାଥମିକ ଶିକ୍ଷକଙ୍କ ବୈଠକ

ଅମରପାଲି, ୩।୧୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଜଗନ୍ନାଥ ମନ୍ଦିରରେ ଗୁରୁବାର ଦିନ ନୂତନ ପେନସନଭୁକ୍ତ ଶିକ୍ଷକମାନଙ୍କ ଏକ ବୈଠକ ବୀରମହାରାଜପୁର ସଂଘର ସଭାପତି ନାରାୟଣ ଜଗଦଲାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟର ଶିକ୍ଷକ ସଂଘଗୁଡିକ ଏକତ୍ରିତ ହୋଇଥିବାରୁ ସମସ୍ତେ ସ୍ୱାଗତ ଜଣାଇଥିଲେ। ଆଗାମୀ ଦିନରେ ରାଜ୍ୟର ମିଳିତ ଫୋରମର ନିଷ୍ପତ୍ତିକୁ ଗ୍ରହଣ କରିବାକୁ ସଂଘର ସମ୍ପାଦକ ଅକ୍ଷୟ ରାଏ ପ୍ରକାଶ କରିଥିଲେ। ଆସନ୍ତା ୫ ତାରିଖରେ ଜିଲାରେ ହେବାକୁ ଥିବା ରାଲିରେ ବୀରମହାରାଜପୁର ସଂଘ ଯୋଗଦେବ ନାହିଁ ବୋଲି ସଂଘର ସଭାପତି ଓ ଉପସଭାପତି ପ୍ରକାଶ କରିଛନ୍ତି। ବୈଠକରେ ବରିଷ୍ଠ ସଦସ୍ୟ ଗିରିଜା ଶଙ୍କର ପଣ୍ଡା, ମେଘନାଦ ଭୋଇ, ସଂଘର ସଦସ୍ୟ ମନୋଜ ଦାସ, ଏ.ପଧାନ, ଅମୂଲ୍ୟ ପଧାନ, ଜମ୍ମେଶ୍ୱର ଦୀପ, ସୁନିଲ ମହାପାତ୍ର, ନବୀନ ଜଗଦଲା, ସୁରେନ୍ଦ୍ର କୁମାର ହୋତା, ସ୍ୱାଧୀନ କୁମାର ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଶେଷରେ ସଂଘର ଉପଦେଷ୍ଟା ପଦ୍ମନାଭ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ରସାୟନ ବିଭାଗର ସେମିନାର ଉଦ୍‌ଯାପିତ

ଖଡ଼ିଆଳ,୩।୧୧(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ସ୍ନାତକୋତର ରସାୟନ ବିଭାଗ ପକ୍ଷରୁ ଚାଲିଥିବା ଦୁଇ ଦିନିଆ ସେମିନାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପରିବେଶ ରସାୟନ ବିଜ୍ଞାନ ବର୍ତ୍ତମାନ ଦିଗ ଉପରେ ଅନୁଷ୍ଠିତ ହୋଇଛି। ପ୍ରଥମ ଦିନରେ ମହାବିଦ୍ୟାଳୟ ଅଧକ୍ଷ ଡ଼ା ତରୁଣ କୁମାର ପ୍ରଧାନ ଉଦ୍‌ଘାଟନ କରିଥିବା ବେଳେ ନୂଆପଡ଼ା ମଡେଲ ଡିଗ୍ରୀ କଲେଜ ଅଧକ୍ଷ ଡ଼ା ଅକ୍ଷୟ କୁମାର ସାହୁ ମୁଖ୍ୟଅତିଥି ଭାବେ ଏବଂ ଡିନ ଡ଼ା ପଦ୍ମଲୋଚନ ବ୍ରହ୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଭାଗର ଅଧାପିକା ରାଜ ଲକ୍ଷ୍ମୀ ରଥ, ମମତା ଭୋଇ, ଅଧାପକ ରାଜାରାମ ମିଶ୍ର ପ୍ରମୁଖ ନିଜର ଉପସ୍ଥାପନ କରିଥିଲେ। ମୁଖ୍ୟଅତିଥି ପ୍ରଦୂଷଣମୁକ୍ତ ସମାଜ ପାଇଁ ରସାୟନ ବିଜ୍ଞାନର ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। ୨ୟ ଦିବସରେ ସଭାପତି ବିଶଜିତ ପାଢ଼ି ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପ୍ରୋଜେକ୍ଟ ମାଧମରେ କାମ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଥମ ଦିନରେ ୧୪ ଏବଂ ୨ୟ ଦିନରେ ମଧ ୧୪ ଛାତ୍ରୀଛାତ୍ର ପେପର ମାଧମରେ ଉପସ୍ଥାପନ କରିଥିଲେ। ଅଧାପକ ରାଜାରାମ ମିଶ୍ର ଓ ଅଧାପିକା ମମତା ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ପିଜି ଓ ଯୁକ୍ତ ୩ ସମସ୍ତ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ୨ ଅଧ୍ୟାପକଙ୍କ ନାମରେ ଥାନାରେ ମାମଲା

### ଜାଲ୍ ସାର୍ଟିଫିକେଟ ଦେଇ ଚାକିରି

ବେଲପଡା, ୩।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ବେଲପଡା ଥାନା ଅଞ୍ଚଳର ଦୁଇଟି କଲେଜରେ ୨ଜଣ ଇଂଲିଶ ବିଭାଗ ଅଧ୍ୟାପକ ଜାଲ ପ୍ରମାଣ ପତ୍ର ଦେଇ ଚାକିରି କରିଥିବା ନେଇ ଅଭିଯୋଗ ହୋଇଛି। ଧୁମାଭଟାସ୍ଥିତ ବୀଣାପାଣି ମହାବିଦ୍ୟାଳୟରୁ ଗୋଟିଏ ଅଭିଯୋଗ ଆସିଥିବା ବେଳେ ଅନ୍ୟଟି ଜଗନ୍ନାଥ ଦେବ ମହାବିଦ୍ୟାଳୟରୁ ଆସିଛି। ଉଭୟ କଲେଜର ଅଧକ୍ଷମାନେ ସମ୍ପୃକ୍ତ ଅଧ୍ୟାପକମାନଙ୍କ ନାମରେ ଏତଲା ଦେବା ପରେ ଥାନାରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି। ଏହି ଘଟଣା ବେଲପଡା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ବୀଣାପଣି କଲେଜର ପ୍ରିନ୍ସିପାଲ ଦେବାର୍ଚ୍ଚନ ନାଗ ସେହି କଲେଜର କାର୍ଯ୍ୟରତ ଇଂଲିଶ ବିଭାଗ ଅଧ୍ୟାପକ ଲାଲବାହାଦୁର ରଣାଙ୍କ ନାମରେ ସାର୍ଟିଫିକେଟ ଟ୍ୟାମ୍ପରିଂ କରି ଚାକିରି କରିଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅଧ୍ୟକ୍ଷ ମାଗିଥିବା ଆରଟିଆଇ ତଥ୍ୟ ଅନୁସାରେ ସମ୍ପୃକ୍ତ ଅଧ୍ୟାପକ ୟୁନିଭରସିଟିରେ ଆଡମିସନ ନ ନେଇ ପିଜି ସାର୍ଟିଫିକେଟ ଆଣି ୧୯୯୫ ମସିହାଠାରୁ କଲେଜରେ ପାଠ ପଢାଉଛନ୍ତି। ଅଧାପକ ରଣା କଲେଜରେ ଦେଇଥିବା ଯୋଗ୍ୟତା ସାର୍ଟିଫିକେଟ ଅନୁସାରେ ତାଙ୍କ ରୋଲ ନଂ ୯୨ ଇଏମଜି ୧୧-(୧୯୯୨-୯୪)। କିନ୍ତୁ ଉକ୍ତ ରୋଲ ନଂରେ ଜେମ୍ସ ସାମ ନାମରେ ସମ୍ବଲପୁର ୟୁନିଭରସିଟିରେ ପିଜି ସାର୍ଟିଫିକେଟ ଅଛି। ସେହି ସାର୍ଟିଫିକେଟକୁ ଟ୍ୟାମ୍ପରିଂ କରି ଲାଲବାହାଦୁର ରଣା ନାମରେ ଏଡିଟିଂ କରି ସେ ଚାକିରି କରିଛନ୍ତି। ୨୦୦୮ ମସିହାରୁ ସେ ବ୍ଲକ ଗ୍ରାଣ୍ଟ ଓ ୨୦୧୭ରୁ ଫୁଲ ଗ୍ରାଣ୍ଟ ଦରମା ପାଉଛନ୍ତି। ବର୍ତ୍ତମାନ ସପ୍ତମ କମିଶନ ଗାଇଡ ଅନୁଯାୟୀ ଦରମା ପାଇଁ ସମସ୍ତ ଅଧ୍ୟାପକଙ୍କୁ ସାର୍ଟିଫିକେଟ ୟୁନିଭରସିଟିକୁ ପଠାଇବାପାଇଁ ଅଧ୍ୟକ୍ଷ କହିଥିଲେ। ଏହା ପରଠାରୁ ଅଧ୍ୟାପକ ରଣା ଆଉ କଲେଜ ଆସି ନ ଥିଲେ। ଫଳରେ କଲେଜ କର୍ତ୍ତୃପକ୍ଷଙ୍କ ଏହାକୁ ନେଇ ସନ୍ଦେହ ପ୍ରକାଶ କରିଥିଲେ। ଆଇଟିଆଇରେ ସମସ୍ତ ତଥ୍ୟ ମାଗିବା ପରେ ଅଧ୍ୟାପକ ଜଣକ ନକଲି ପ୍ରମାଣପତ୍ର ଦେଇ ଚାକିରି କରିଥିବା ଜଣାପଡିଥିଲା। ଉପଜିଲାପାଳ ଡକ୍ଟର ବିଜୟାନନ୍ଦ ସେଠୀଙ୍କ ନିର୍ଦ୍ଦେଶରେ ଅଧ୍ୟକ୍ଷ ନାଗ ତାଙ୍କ ନାମରେ ବେଲପଡା ଥାନାରେ ଅଭିଯୋଗ କରିଛନ୍ତି।

ସେହିପରି ମଣ୍ଡଳ ଜଗନ୍ନାଥ ଦେବ ମହାବିଦ୍ୟାଳୟ ଇଂଲିଶ ବିଭାଗ ଅଧ୍ୟାପକ ନରୋତ୍ତମ ବେହେରାଙ୍କ ନାମରେ ନକଲି ସାର୍ଟିଫିକେଟରେ ଚାକିରି କରିବା ଜଣା ପଡିଥିଲା। କଲେଜ ଅଧ୍ୟକ୍ଷ ଅମ୍ବରୀଶ ମେହେର ଉପଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବେଲପଡା ଥାନାରେ ଅଭିଯୋଗ କରିଛନ୍ତି। ନରୋତ୍ତମ ୧୯୯୩ ମସିହାରେ ଇଂଲିଶ ପିଜି ସାର୍ଟିଫିକେଟ ୫୬ପ୍ରତିଶତ ରେଜଲ୍ଟରେ ଜଗନ୍ନାଥ ଦେବ ମହାବିଦ୍ୟାଳୟ ମଣ୍ଡଳ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ହୋଇଥିଲେ। ୨୦୦୯ରେ ବ୍ଲକଗ୍ରାଣ୍ଟ, ୨୦୧୮ରେ ଜିଆଇଏ ଗ୍ରାଣ୍ଡ ଓ ୨୦୨୨ ମସିହରେ ସପ୍ତମ କମିଶନ ଗାଇଡ ଲାଇନ ଅନୁଯାୟୀ ମୋଟା ଅଙ୍କର ଦରମା ହାତେଇଛନ୍ତି। ଅଧ୍ୟାପକ ମେହେରଙ୍କ ଆରଟିଆଇ ତଥ୍ୟ ଅନୁସାରେ ସେ ଇଂଲିଶରେ ପିଜି କରିଛନ୍ତି ସତ। କିନ୍ତୁ ମାର୍କସିଟ ପୁରାପୁରି ଜାଲ । ପ୍ରକୃତରେ ସେ ୪୩ ପ୍ରତିଶତ ମାର୍କ ରଖିଥିଲା ବେଳେ ତାକୁ ଚଞ୍ଚକତା କରି ୫୬ପ୍ରତିଶତ କରି ଦେଇ ସମସ୍ତ ସରକାରୀ ସୁବିଧା ସୁଯୋଗ ହାତେଇବାରେ ସକ୍ଷମ ହୋଇଛନ୍ତି। ଦୁଇ କଲେଜର ଅଧ୍ୟକ୍ଷଙ୍କ ଅଭିଯୋଗ ପରେ ବେଲପଡା ଥାନାରେ ଦୁଇଟି ପୃଥକ ମାମଲା ୧୯୩, ୧୯୪ରେ ମାମଲା ରୁଜୁ କରି ପୋଲିସ ତଦନ୍ତକୁ ଆଗକୁ ବଢାଇଛି। ମଣ୍ଡଲ କଲେଜ ଅଧ୍ୟାପକ ନରୋତ୍ତମ ବେହେରାଙ୍କୁ ଥାନାକୁ ଡାକି ପଚରାଉଚରା କରାଯାଇଥିବା ଥାନା ଆଇଆଇସି ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି।

## ଭାଜପା ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣା



ସୋନପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ଧାରଣା ଦିଆଯାଇଛି।

### ଅର୍ଚ୍ଚନା କେଲେଙ୍କାରୀ ଓ ଧର୍ମେନ୍ଦ୍ର ଆତ୍ମହତ୍ୟା ମାମଲା

ସୋନପୁର,୩।୧୧(ନି.ପ୍ର.)

ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗ କେଲେଙ୍କାରୀ ଓ ପୁରୀ ଜିଲା ଗୋପ ବ୍ଲକର ବିଜେଡି ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା ମାମଲାରେ ବିଜେଡି ନେତାଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଭାଜପା ଦାବି କରିଛି। ଏହି ଦାବି ନେଇ ଗୁରୁବାର ଭାଜପା ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ସୋନପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଅର୍ଚ୍ଚନାଙ୍କ ଘରକୁ ବିଜେଡିର ମନ୍ତ୍ରୀ, ବିଧାୟକ, ନେତା, ପୋଲିସ ଓ ପ୍ରଶାସନିକ ଅଧିକାରୀ ଯାଉଥିଲେ। ତାଙ୍କ ବାସଭବନରେ ବଦଳି, ନିଯୁକ୍ତି ଓ ଟେଣ୍ଡର ଫିକ୍ସିଂ ଭଳି ନିଷ୍ପତ୍ତି ନିଆ ଯାଉଥିଲା ବୋଲି ଭାଜପା ଅଭିଯୋଗ କରିଛି। ସେହିପରି ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ମୃତ୍ୟୁ ପୂର୍ବରୁ ଏକ ଭିଡିଓ ବାର୍ତ୍ତା ଜରିଆରେ ରାଜନୈତିକ ବିବାଦ ହିଁ ପାରିବାରିକ କଳହର ମୁଖ୍ୟ କାରଣ ବୋଲି କହିଥିଲେ। ତେଣୁ ଏହି ଦୁଇ ସମ୍ବେଦନଶୀଳ ବିଷୟରେ ନିରପେକ୍ଷ ତଦନ୍ତ ପାଇଁ ଦଳ ପକ୍ଷରୁ ସିବିଆଇ ତଦନ୍ତ ଦାବି କରାଯାଇଛି। ଏ ସମ୍ପର୍କରେ ସୋନପୁର ଉପଜିଲାପାଳଙ୍କ ଜରିଆରେ ୪ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଭାଜପା ଜିଲା ସଭାପତି ପ୍ରମୋଦ କୁମାର ମହାପାତ୍ରଙ୍କ ନେତୃତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ କୁମାର ପୂଜାରୀ, ବିଜୟ ମହାକୁର, ଶରତ ଶତପଥୀ, ସୁନିତା ଗିରି, ଗଙ୍ଗାଧର ତରିଆ, ସାନନ୍ଦ ମେହେର, ତ୍ରିଲୋଚନ ତରିଆ, ସୁରୁବାବୁ ସାହୁ, ପ୍ରଫୁଲ୍ଲ ସାହୁ, ବାବୁଲୁ ସାଗର, ରାମେଶ୍ୱର ପ୍ରଧାନ ଓ ସତ୍ୟବାନ ଜଗଦଲା ପ୍ରମୁଖ ଗଣଧାରଣାରେ ସାମିଲ ହୋଇ ସରକାରୀ ବିରୋଧୀ ସ୍ଲୋଗାନ ଦେଇଥିଲେ।

# ପ୍ରଧାନମନ୍ତ୍ରୀ ସଡ଼କ କାମରେ ଦୁର୍ନୀତି




ଖବରଦାତା ସମ୍ମିଳନୀରେ ଏଏପି ନେତୃବୃନ୍ଦ।

ବଲାଙ୍ଗୀର ଅଫିସ, ୩।୧୧

- ଖବରଦାତା ସମ୍ମିଳନୀରେ ଅଭିଯୋଗ ଆଣିଲା ଏଏପି
- ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଲିଖିତ ଜଣାଇଲେ
- କାର୍ଯ୍ୟାନୁଷ୍ଠାନ ନହେଲେ ଆମରଣ ଅନଶନ ଚେତାବନୀ

ବଲାଙ୍ଗୀର ଜିଲାରେ ପ୍ରଧାନମନ୍ତ୍ରୀ ସଡକ ତିଆରି ନାଁରେ କୋଟିକୋଟି ଟଙ୍କା ଦୁର୍ନୀତି ହୋଇଛି। ଗୁରୁବାର ସ୍ଥାନୀୟ ଯାଦବ ଭବନରେ ଆମ୍ ଆଦମୀ ପାର୍ଟି(ଏଏପି)ର ଜିଲା ଆବାହକ ଆଶିଷ ପାଣ୍ଡେ ଓ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀ ସଂଯୋଜକ ସୁରଥ ବେହେରା ଏକ ଖବରଦାତା ସମ୍ମିଳନୀରେ ଏଭଳି ଅଭିଯୋଗ ଆଣଛନ୍ତି। ସଂଯୋଜକ ବେହେରା କହିଥିଲେ ଯେ, ଗତ ସେପ୍ଟେମ୍ବର ୧୩ରେ ଟିଟିଲାଗଡ ଗ୍ରାମ୍ୟ ଉନ୍ନୟନ ବିଭାଗରେ ସେ ବଙ୍ଗୋମୁଣ୍ଡା, ତୁରେକେଲା ଓ ମୁରିବାହାଲ ବ୍ଲକରେ ଚଳିତବର୍ଷ ପ୍ରଧାନମନ୍ତ୍ରୀ ସଡକ ସୁରକ୍ଷା କାମରେ କେଉଁ ବାବଦକୁ କେତେ ଟଙ୍କା ଖର୍ଚ୍ଚ ହୋଇଛି ତହିଁର ତଥ୍ୟ ମାଗିଥିଲେ। ତାଙ୍କୁ ନିର୍ଦ୍ଧାରିତ ସମୟରେ ତଥ୍ୟ ଦିଆ ନ ଯିବାରୁ ସେ କେନ୍ଦ୍ର ସରକାରଙ୍କ ମେରୀ ସଡକ ଆପ୍‌ରେ ଅଭିଯୋଗ କରିଥିଲେ। ଯାଞ୍ଚପରେ ମୋଟ ୧୫୧ କିଲୋମିଟର ମଧ୍ୟରୁ ୨୦ କିଲୋମିଟର ସଡକ ନଥିବା ଜଣା ପଡିଥିଲା। ୨୦ କିଲୋମିଟର ସଡକ କାମ ହୋଇ ନ ଥିଲେ ମଧ ସେ ବାବଦରେ କିଲୋମିଟର ପିଛା ୯ ଲକ୍ଷ ଟଙ୍କା ହିସାବରେ ୧ କୋଟି ୮୦ ଲକ୍ଷ ଟଙ୍କା ବିନା କାମରେ ବିଲ ଉଠିଥିବା ଜାଣିବାକୁ ପାଇଥିଲେ। ସମୁଦାୟ କାମକୁ ଦେଖିଲେ ଏଥିରେ କୋଟି ଟଙ୍କା ଘୋଟାଲା ହୋଇଥିବା ସେ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଅଧିକାରୀ, ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏଏପି ଜିଲା ଆବହକ ତଥା ରାଷ୍ଟ୍ରୀୟ ପରିଷଦ ସଦସ୍ୟ ପାଣ୍ଡେଙ୍କ ନେତୃତ୍ୱରେ ବିଭାଗୀୟ ମୁଖ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ଜିଲାପାଳ କାର୍ଯ୍ୟାଳୟ ଜରିଆରେ ଦାବିପତ୍ର ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ପାର୍ଟିର ବଲାଙ୍ଗୀର ଟାଉନ୍ ଇନଚାର୍ଜ ସଦାଶିବ ମେହେର, ଛାତ୍ରନେତା ହିତେଶ ବଗର୍ତ୍ତା, ଅମନ ମହାପାତ୍ର, ମୁକେଶ ବଗର୍ତ୍ତା, ଅମ୍ଳାନ ପାଳ, ଆଡଭୋକେଟ ସୁଧୀର ପଧାନ, ଅଜୟ ତ୍ରିପାଠୀ, ଗଙ୍ଗାରାମ ପଟେଲ, ଶଶୀକାନ୍ତ ଜାଲ, ରାମକୃଷ୍ଣ ଜାଲ, ଜ୍ୟୋତିକାନ୍ତ ସାଗର, ଜୟ ପ୍ରକାଶ ମିଶ୍ର ଉପସ୍ଥିତ ଥିଲେ।

## ସିଆର୍‌ପିଏଫ୍ ପକ୍ଷରୁ ଜନସମ୍ପର୍କ କାର୍ଯ୍ୟକ୍ରମ

ଲାଞ୍ଜିଗଡ,୩।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ତ୍ରିଲୋଚନପୁରଠାରେ ସିଆରପିଏଫ ୪ର୍ଥ ବାହିନୀ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ ପକ୍ଷରୁ ଜନସମ୍ପର୍କ କାର୍ଯ୍ୟକ୍ରମ ସ୍ଥାନୀୟ କ୍ୟାମ୍ପରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପଞ୍ଚାୟତର ୮ଟି ଗ୍ରାମର ୮୦ଜଣ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମ ଭାରତ ସରକାରଙ୍କ ଦ୍ୱାରା ଗରିବ ଆଦିବାସୀ ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ କଲ୍ୟାଣକାରି କାର୍ଯ୍ୟକ୍ରମ ମଧ୍ୟରୁ ଗୋଟିଏ। ୪ର୍ଥ ବାହିନୀ ସିଆରପିଏଫ କେବଳ ମାଓବାଦୀ ବିରୋଧୀ ଅଭିଯାନ କରୁଛି। ସିଆରପିଏଫ ବାହିନୀର ଡି କମ୍ପାନୀ ଦ୍ୱାରା ତ୍ରିଲୋଚନପୁରରେ ବିଭିନ୍ନ କଲ୍ୟାଣକାରି କାର୍ଯ୍ୟକ୍ରମ ମଧ୍ୟ କରାଯାଉଛି। ଏହି କାର୍ଯ୍ୟକ୍ରମ ୪ର୍ଥ ବାହିନୀର ଦୁର୍ଗପତି ମନୋଜ ଯାଦବଙ୍କ ନିର୍ଦ୍ଦେଶରେ ଦ୍ୱିତୀୟ କମାଣ୍ଡୋ ସଞ୍ଜୟ ରାଉତ ଏବଂ ଆସିଷ୍ଟାଣ୍ଡ କମାଣ୍ଡୋଙ୍କ ଦ୍ୱାରା ପରିଚାଳିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ବ୍ୟକ୍ତିଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ହୋଇଥିଲା। ଦ୍ୱିତୀୟ କମାଣ୍ଡୋ ଅଧିକାରୀ ଦ୍ୱାରା ଉପସ୍ଥିତ ଗ୍ରାମବାସୀଙ୍କୁ ଭାରତ ସରକାର ତଥା ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରି କାର୍ଯ୍ୟକ୍ରମ ବିଷୟରେ ପରାମର୍ଶ ଦିଆଯାଇଥିଲା। ଆଇଡି/୪ ବାହିନୀର ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଗ୍ରାମବାସୀଙ୍କ ଗଣଧାରଣା ତୃତୀୟ ଦିନରେ



### ପଥରକ୍ୱାରୀ ଓ କ୍ରଶର ପୁନଃ ଚାଲିବା ନିଷ୍ପତ୍ତି

ବୌଦ୍ଧ,୩।୧୧ (ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଖରଭୁଇଁଠାରେ ବନ୍ଦ ଥିବା କ୍ରଶର ଓ ପଥରକ୍ୱାରୀ ପୁନଃ ଚାଲୁ ପାଇଁ ପ୍ରଶାସନର ନିଷ୍ପତ୍ତି ପ୍ରତିବାଦରେ ଗ୍ରାମବାସୀ ଧାରଣାରେ ବସିଛନ୍ତି। ଗତ ମଙ୍ଗଳବାର ଠାରୁ ଧାରଣା ଚାଲୁ ରହିଥିବା ବେଳେ ଗୁରୁବାର ଏହା ତୃତୀୟ ଦିବସରେ ପହଞ୍ଚିଛି। ତିନି ଦିନ ହେଲା ଗ୍ରାମବାସୀ ସରାଡିଖୋଲ ଗ୍ରାମର ପଞ୍ଚାୟତ ରାସ୍ତା ଉପରେ ବସି ରହିଛନ୍ତି। ତୃତୀୟ ଦିବସରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ନ ଯାଇ ନିଜର ବାପା ମାଆଙ୍କ ସହ ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ସେହିପରି ଗୁରୁବାର ଥିଲା ସୁଦଶାବ୍ରତ। ମହିଳାମାନେ ଏହି ବ୍ରତ ନିଜ ଘରେ ନ କରି ଏକା ସଙ୍ଗେ ଧାରଣାସ୍ଥଳରେ ପାଳନ କରିଥିବା ଦେଖିବାକୁ ମିଳିଛି। ତୃତୀୟ ଦିନ ଧାରଣାରେ ସିପିଆଇର ଦାମୋଦର ବେହେରା, ଭୀମସେନ ଘିବେଲା ନେତ୍ରାନନ୍ଦ କହଁର, ଜୟନ୍ତ କୁମାର ଦେହୁରୀ ସାମିଲ ଥିଲେ। କ୍ରଶର ଓ ପଥରକ୍ୱାରୀ ବନ୍ଦ ପାଇଁ ପ୍ରଶାସନ ନିଷ୍ପତ୍ତି ନ ନେବା ପର୍ଯ୍ୟନ୍ତ ଏହି ଗଣାଧାରଣା ଚାଲୁ ରହିବ ବୋଲି ଗ୍ରାମ କମିଟି ସଭାପତି ଅକ୍ଷୟ ନାଏକ, ବୃନ୍ଦାବନ ଦେହୁରୀ, ହୃଦାନନ୍ଦ ଦେହୁରୀ ,ରଞ୍ଜନ ବଗର୍ତ୍ତୀ,ସୁକୃତା ଭୋଇ ଓ ତିଳୋତମା କହଁର ଚେତାବନୀ ଦେଇଛନ୍ତି।

# ଫ୍ୟାନ୍ସି ଦୋକାନରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

କୋକସରା,୩।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବସଷ୍ଟାଣ୍ଡରେ ଥିବା ଏକ ଫ୍ୟାନ୍ସି ଦୋକାନ ଛାତ ଭାଙ୍ଗି ବୁଧବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଛି। ଏଥିରେ ଲକ୍ଷାଧିକ ଟଙ୍କାର ମୋବାଇଲ ଓ ନଗଦ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୋକାନରେ ଥିବା ସିସିଟିଭିରେ ଲୁଟ ସମୟର ଦୃଶ୍ୟ କଏଦ ହୋଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, କୋକସରା ସହର ବସଷ୍ଟାଣ୍ଡ ଓ ଥାନାରୁ ମାତ୍ର କିଛି ଦୂରରେ ରହିଥିବା ଏକ ଫେନ୍ସି ଦୋକାନରୁ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଦୋକାନ ଛାତ ଆଜବେଷ୍ଟର ଭାଙ୍ଗି ଲୁଟ କରିଛନ୍ତି। ଦୋକାନରେ ଚୋରି ସମୟର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଦୁର୍ବୃତ୍ତମାନେ ମୁଖାପିନ୍ଧା ମୋବାଇଲ ଚୋରାଉଥିବା ଦୃଶ୍ୟ କଏଦ ହୋଇଛି। ଦୋକାନ ମାଲିକ ତ୍ରିଲୋଚନ ମହାପାତ୍ର ଚୋରି ନେଇ ଥାନାରେ ଅଭିଯୋଗ କରିଛନ୍ତି। ୧୬ଟି ଦାମି ମୋବାଇଲ ଯାହାର ଆନୁମାନିକ ମୂଲ୍ୟ ୨ଲକ୍ଷ ୨୦ ହଜାର ଓ ନଗଦ ୫ ହଜାର ଟଙ୍କା ଚୋରି ହୋଇଥିବା ଦୋକାନ ମାଲିକ କହିଛନ୍ତି। ପୋଲିସ ଏକ ମାମଲା (ନଂ. ୨୬୯/୨୨) ରୁଜୁ କରି ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଆରମ୍ଭ କରିଛି।

# ବିକାଶର ସ୍ୱପ୍ନ ଦେଖାଇ ଲୋକଙ୍କୁ ଭୁଆଁ ବୁଲାଉଛି କମ୍ପାନୀ

ଭବାନୀପାଟଣା,୩।୧୧(ସ୍ୱ.ପ୍ର.)



ସିକେରକୁପାଠାରେ ଅନୁଷ୍ଠିତ ବୈଠକ।

### ସରପଞ୍ଚ, ସମିତିସଭ୍ୟ ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ

କଳାହାଣ୍ଡି ଜିଲା ଲାଞ୍ଜିଗଡସ୍ଥିତ ବେଦାନ୍ତ କମ୍ପାନୀ ସ୍ଥାପନ ହୋଇ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ ଅଞ୍ଚଳରେ ଆଖି ଦୃଷ୍ଟିଆ ବିକାଶ ହୋଇନି। ଅଞ୍ଚଳର ନିରୀହ ଅଧିବାସୀଙ୍କୁ ବିକାଶ ସ୍ୱପ୍ନ ଦେଖାଇ ଭୁଆଁ ବୁଲାଉଛି କମ୍ପାନୀ। ବ୍ଲକର ସିକେରକୁପା ଡାକ ବଙ୍ଗଳାରେ ସରପଞ୍ଚ ଓ ସମିତିସଭ୍ୟ ସଂଘ ପକ୍ଷରୁ ଆୟୋଜିତ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ବ୍ଲକର ୨୬ ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟ ଏଭଳି ଅଭିଯୋଗ କରିଛନ୍ତି। ସରପଞ୍ଚ ସଂଘ ସଭାପତି ସାନ୍ଧୁରୁ ମାଝିଙ୍କ ଅଧକ୍ଷତାରେ ବ୍ଲକର ବିଭିନ୍ନ ୨୬ପଞ୍ଚାୟତ ସରପଞ୍ଚ ଓ ସମିତିସଭ୍ୟ ଯୋଗଦେଇ ବେଦାନ୍ତ କମ୍ପାନୀ ଉପରେ ବର୍ଷିଥିଲେ। କମ୍ପାନୀ ସ୍ଥାପନ ବେଳେ ଅଞ୍ଚଳବାସୀଙ୍କୁ ଅନେକ ସ୍ୱପ୍ନ ଦେଖାଇଥିଲା କମ୍ପାନୀ। ସ୍ଥାନୀୟ ଲୋକଙ୍କ ଘର ଓ ଜମିକୁ ଶାଗମାଛ ଦରରେ କିଣି ନିଯୁକ୍ତିର ଆଶା ଦେଖାଇଥିଲା। ହେଲେ ଜମି ନେବା ପରେ ସ୍ଥାନୀୟ ଲୋକଙ୍କୁ ପଚାରୁନାହିଁ କମ୍ପାନୀ। ଲାଞ୍ଜିଗଡରେ ଏତେ ବଡ଼ଶିଳ୍ପ ପ୍ରତିଷ୍ଠାନ ଥାଇ ସ୍ଥାନୀୟ ଯୁବକଯୁବତୀ ବାହାର ରାଜ୍ୟକୁ ଯାଇ ଦାଦନ ଖଟୁଛନ୍ତି ବୋଲି କହିଥିଲେ ସମିତି ସଭ୍ୟ ସଂଘ ସଭାପତି ଜଗଦୀଶ ବେନିଆ। ବେଦାନ୍ତ କାରଖାନାରୁ ନିର୍ଗତ ବିଷାକ୍ତ ରେଡ ମଡ଼ଗୁଣ୍ଡ ଉଡି ଘର ଛାତ ଲାଲ ହୋଇଯାଉଛି। ଏହି ବିଷାକ୍ତ ଗୁଣ୍ଡ ପୋଖରୀ, ବଂଶ ଧାରା ନଦୀରେ ମିଶୁଛି। ଏହି ପାଣି ଲୋକେ ବ୍ୟବହାର କରି ଚର୍ମ ରୋଗର ଶିକାର ହୋଇ ମୃତ୍ୟୁବରଣ କରୁଥିବା ଅଭିଯୋଗ କରି ଉପସ୍ଥିତ ଜନପ୍ରତିନିଧି ଆନ୍ଦୋଳନର ଚେତାବନୀ ଦେଇଥିଲେ। କାର୍ଯ୍ୟକ୍ରମରେ ଲାଞ୍ଜିଗଡ ବ୍ଲକ ଅଧକ୍ଷ୍ୟା କମଳା ପାତ୍ର ଯୋଗଦେଇ ଆଗାମୀ ଦିନରେ ବେଦାନ୍ତ ଯଦି ଲାଞ୍ଜିଗଡ ବ୍ଲକ ପଞ୍ଚାୟତ ଜନପ୍ରତିନିଧିଙ୍କୁ ଅଣଦେଖା କଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ବସନ୍ତପଡା ସରପଞ୍ଚ ଚାଁଦେର ମାଝି, ପୂର୍ବତନ ବ୍ଲକ ଅଧକ୍ଷ ମନୋହର ହରପାଳ, ଲାଞ୍ଜିଗଡ ସରପଞ୍ଚ ସ୍ୱରସତୀ ମୁଣ୍ଡା, ବିଧାୟକ ପ୍ରତିନିଧି ପ୍ରଦୀପ ଘଡେଇ, ଜିଲା ସରପଞ୍ଚ ସଂଘ ସଭାପତି, ଓ ଲାଞ୍ଜିଗଡ ବ୍ଲକର ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ରହି କମ୍ପାନୀକୁ କଡା ସମାଲୋଚନା କରିଥିଲେ।

OFFICE OF THE
MUNICIPAL COUNCIL, SUNDARGARH
No. 8750 Date: 31.10.2022
QUOTATION CALL NOTICE
No. C-1493: Sealed quotations are invited from the Intending Quotationers for **"Supply and Installation of MS Door, Window, MS Grill & Rolling Shutter in different areas of Sundargarh Municipality"**. The detail quotation documents will be available in the district website of Sundargarh i.e. **www.sundargarh.nic.in** from Dt.02.11.2022 to Dt.11.11.2022. The quotation document must be submitted to the Office of the Executive Officer, Sundargarh Municipality, Sundargarh through Regd. Post/Speed Post/By Hand only. The bidder should subscribe **"Supply and Installation of MS Door, Window, MS Grill Rolling Shutter & Collapsible Shutter in different areas of Sundargarh Municipality"** on the top of the envelope.
Last date of receipt of Quotation: 11.11.2022 upto 04.00 P.M.
Date of Opening of Quotation: 14.11.2022 at 11.30 A.M.
The authority reserves the right to accept or reject any proposals without assigning any reason thereof.
Sd./- Executive Officer
Sundargarh Municipality
OIPR-13130/11/0020/2223

HOUSING AND URBAN DEVELOPMENT DEPARTMENT
OFFICE OF THE MUNICIPAL COUNCIL:BARGARH
AT/PO/DIST.: BARGARH,PIN-768028
Ph.:06646:234347,Fax:06646:234347, Website:www.bargarhmunicipality.in, e-mail:bargarhmunicipality.eo@gmail.com
Letter No.2712/BMC Date:08.06.2022
No.C-1491: INVITATION FOR BIDS
BID IDENTIFICATION No. 3/BGH-MUN/2022-23

| | | |
|---|---|---|
| 1 | Nature of Work | Electrical Work |
| 2 | No. of Work | 4 Nos. |
| 3 | Amount put to tender (in lakh) | As per DTCN |
| 4 | Bid Cost | As per DTCN |
| 5 | Class of Contractor | HT & LT |
| 6 | Availability of Bids documents in website | From 11.00 Hrs. Dt.09.06.2022 to 17.30 Hrs. Dt.18.06.2022 |
| 7 | Date of Opening of Bid | Dt.20.06.2022 11.00 Hrs. |

The bidder have to participate in ONLINE bidding only. Further details can be seen from the website i.e., http://tenderodisha.gov.in and Bargarh Municipality Website i.e., http://www.bargarhmunicipality.in. Any addendum/corrigendum/cancellation of tender can also be seen only in the said website.
OIPR-13103/11/0017/2223 Sd./-Executive Officer, Bargarh Municipality

OFFICE OF THE EXECUTIVE ENGINEER
MINOR IRRIGATION DIVISION, JASHIPUR
GOVERNMENT OF ODISHA
No.A-678: "e"-PROCUREMENT NOTICE
BID IDENTIFICATION No: 06 MID (JSP/2022-23)
1. Name of the Inviting Officer :- Executive Engineer, Minor Irrigation Division, Jashipur
2. Name of the Work :- Construction of Check Dams in different Blocks of Mayurbhanj District.
3. No. of Works :- 2 (Two) Nos.
4. Tender Amount Varies From :- 37.73 lakh to 49.53 lakh
5. Date and Time of Availability of BID Document in the Portal for online Bidding from :- 10.00 Hrs. Dt.04.11.2022 to 17.00 hrs Dt.14.11.2022
6. Last Date and Time of receipt of Bids in the Portal :- 17.00hrs Dt.14.11.2022
7. Last Date and Time for clarification up to :- 17.00 hrs Dt.10.11.2022
8. Date of opening of Bid :- 11.00 hrs onwards Dt.15.11.2022
**The detail tender call notice can also be seen in the DOWR website: http://dowrorissa.gov.in**
Name & Address of the OIT : Executive Engineer, M.I. Division, Jashipur, At/PO-Khairi /Dist: Mayurbhanj, PIN-757091, E-Mail:- eemijashipur@yahoo.com
Further details can be seen from the : **http://tenderorissa.gov.in** e-Procurement market place.
• Subsequent corrigendum/addendum if required shall be available in the above portal.
• The tender inviting authority reserves the right to reject/cancel any or all tenders without assigning any reason thereof.
Sd./- 28.10.2022
Executive Engineer, M.I Division, Jashipur
OIPR-32282/11/0004/2223

ODISHA PVTG EMPOWERMENT & LIVELIHOODS IMPROVEMENT PROGRAMME
ST & SC DEVELOPMENT DEPARTMENT
2nd Floor, TDCCOL Building, Rupali Square, Bhubaneswar- 751022
Notice No.3590/Date:02.11.2022
ENGAGEMENT OF PROGRAMME OFFICER (LIVELIHOODS & CONVERGENCE)
**No.CAD-2400:**Programme Director, OPELIP invites applications from eligible candidates for engagement of "Programme Officer- Livelihoods & Convergence" in PMU, OPELIP on short term basis to be positioned at PMU, OPELIP, 2nd floor, TDCCOL Building, Rupali Square, Bhubaneswar - 751022. Application form along with the detailed ToR can be downloaded from our official website i.e. www.opelip.org. Last date of receipt of applications by post/courier only **14th November, 2022 at 05.00 PM.** Application beyond the dateline will not be considered.
Only shortlisted candidates will be called for Interview for empanelment Programme Director, OPELIP reserves the right of accepting or rejecting the applications without assigning any reason thereof.
OIPR-26024/11/0008/2223 Sd/-Programme Director

### ଝୁଲନ୍ତା ମୃତଦେହ ଜବତ

ବୋଡେନ,(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ଥାନା ପୋଲିସ ସୁନାପୁର ପଞ୍ଚାୟତ ମହୁଲପଦର ଗ୍ରାମ ଗୁରୁଡଙ୍ଗର ଜଙ୍ଗଲ ଏକ ମହୁଲ ଗଛରୁ ଗୁରୁବାର ଏକ ଝୁଲନ୍ତା ମୃତଦେହ ଜବତ କରିଛି। ସୂଚନା ଅନୁସାରେ, ସକାଳେ ଗ୍ରାମର କିଛି ଲୋକ ଜଙ୍ଗଲକୁ ଯାଇଥିବା ବେଳେ ଏକ ମହୁଲ ଗଛରେ ଜଣେ ହଳଦିଆ ରଙ୍ଗର ଗାମୁଛାରେ ବେକରେ ଲଗାଇ ଝୁଲୁଥିବା ଦେଖିବାକୁ ପାଇଥିଲେ। ମୃତ ବ୍ୟକ୍ତ ଜଣକ ଲୁଙ୍ଗି ଓ ଲାଲ ରଙ୍ଗର ସାର୍ଟ ପିନ୍ଧିଥିବା ଦେଖାଯାଇଛି। ବୋଡେନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ମୃତକ ପରିଚୟ ମିଳିପାରି ନାହିଁ।

## ସଂକ୍ଷେପରେ

### ଇନ୍ଦ୍ରାବତୀ କେନାଲରେ ଭାସି ଯୁବକ ନିଖୋଜ

**କୋକସରା,୩।୧୧(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ କାଶିବାହଲ ପଞ୍ଚାୟତ ନୂଆପଡ଼ା ଗ୍ରାମର ଦେବେନ୍ଦ୍ର ବାଗ (୨୫) ଗୁରୁବାର ମଧ୍ୟାହ୍ନରେ ଗାଁ ନିକଟ ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲକୁ ଗାଧେଇବାକୁ ଆସି କେନାଲର ପ୍ରଖର ପାଣି ସ୍ରୋତରେ ଭାସି ଯାଇଥିବା ସନ୍ଦେହ କରାଯାଉଛି। ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜିବାକୁ ଆସିଥିଲେ। କେନାଲ ହୁଡା ନିକଟରେ ଦେବେନ୍ଦ୍ରଙ୍କ ପେଣ୍ଟ, ସାର୍ଟ, ଚପଲ ଓ ସାଇକେଲ ଥିବା ଦେଖି କେନାଲରେ ଭାସି ଯାଇଥିବା ନେଇ ପରିବାର ଓ ଗ୍ରାମବାସୀ ସନ୍ଦେହ ପ୍ରକାଶ କରିଛନ୍ତି। ସ୍ଥାନୀୟ ସରପଞ୍ଚ ପୁଷ୍ପାଞ୍ଜଳି ନାଏକଙ୍କୁ ଖବର ଦେବାପରେ ସରପଞ୍ଚ ପ୍ରତିନିଧି ରୁଦ୍ର ପ୍ରସାଦ ନାଏକ, ସମିତି ସଭ୍ୟ ଗଜାନନ ନିଆଲ ଆସି କୋକସରା ପୋଲିସ ଓ ଦମକଳ କର୍ମଚାରୀଙ୍କୁ ଖବର ଦେବା ପରେ ଦମକଳ କର୍ମଚାରୀ ପହଞ୍ଚି କେନାଲରୁ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। କେନାଲରେ ପାଣିର ସ୍ରୋତ ଅଧିକ ରହିଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ପରେ ଇନ୍ଦ୍ରାବତୀ କର୍ତ୍ତୃପକ୍ଷଙ୍କୁ ଖବର ଦେବା ସହ କେନାଲର ଗେଟ ବନ୍ଦ କରାଯାଇଛି। ଖବର ଲେଖିବା ପର୍ଯ୍ୟନ୍ତ ନିଖୋଜ ଯୁବକଙ୍କ କୌଣସି ସନ୍ଧାନ ମିଳିନାହିଁ।

### ମରଣାନ୍ତକ ଆକ୍ରମଣ ଘଟଣାର ରାୟ ପ୍ରକାଶ: ଅଭିଯୁକ୍ତଙ୍କୁ ୭ବର୍ଷ ଜେଲ ଦଣ୍ଡାଦେଶ

**ଭବାନୀପାଟଣା,୩।୧୧(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଜୟପାଟଣା ଥାନା ଅନ୍ତର୍ଗତ ବନ୍ଧକନା (ନୂଆପଡା) ଗ୍ରାମରେ ୨୦୨୧ରେ ହୋଇଥିବା ଏକ ମରଣାନ୍ତକ ଆକ୍ରମଣ ଘଟଣାର ରାୟ ଗୁରୁବାର ପ୍ରକାଶ ପାଇଛି। ଏହି ଘଟଣାରେ ସମସ୍ତ ସାକ୍ଷ ପ୍ରମାଣକୁ ଭିତ୍ତିକରି ଉକ୍ତ ଗ୍ରାମର ମହେନ୍ଦ୍ର ବେହେରୁକଙ୍କୁ ୭ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି ଧର୍ମଗଡ ଅତିରିକ୍ତ ଜିଲା ଦୋରାଜଜ୍ ବନ୍ଦନା କର। ଏହାସହ ୧୦ ହଜାର ଟଙ୍କା ଜରିମାନା ମଧ କରିଛନ୍ତି। ଜରିମାନା ଅନାଦେୟ ଆହୁରି ୬ ମାସ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି। ସୂଚନା ଅନୁଯାୟୀ, ଗତ ୧୪।୬।୨୦୨୧ରେ ବନ୍ଧକନା (ନୂଆପଡା) ଗ୍ରାମର ଶ୍ରୀକାନ୍ତ ପାଢ଼ିଙ୍କ ଜମିର ଏକ ଗଛ ପଡିଯିବାରୁ ସେଠାରେ ଥିବା ମହେନ୍ଦ୍ର ବେହେରୁକଙ୍କ ଘରକୁ ସଂଯୋଗ କରୁଥିବା ବିଦ୍ୟୁତ ତାର କଟିଯାଇଥିଲା। ଏହି ଘଟଣାକୁ କେନ୍ଦ୍ର କରି ମହେନ୍ଦ୍ର ଶ୍ରୀକାନ୍ତଙ୍କୁ ଗାଳିଗୁଲଜ କରିବା ସହ ଲୁହା କାତିରେ ତାଙ୍କ ମୁଣ୍ଡକୁ ମରଣାତ୍ମକ ଆକ୍ରମଣ କରିଥିଲେ। ଶ୍ରୀକାନ୍ତ ଗୁରୁତର ହୋଇଥିଲେ। ସ୍ଥାନୀୟ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୧୭୯/୨୧) ରୁଜୁ କରି ମହେନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସରକାରୀ ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ନାଗ ମାମଲା ପରିଚାଳନା କରିଥିଲେ।

### ୨ ଫୁଟ ଲମ୍ବର ଅଜଗର ଉଦ୍ଧାର



ବୋତଲରେ ଉଦ୍ଧାର ସାପ।

**ନୂଆପଡ଼ା ଅଫିସ,୩।୧୧:** ସ୍ଥାନୀୟ ମିନି ଷ୍ଟାଡିୟମରେ ବୁଧବାର ନୂଆପଡା ବିଭାଗ ଦ୍ୱାରା ଏକ ଅଜଗର ସାପ ଉଦ୍ଧାର କରି ସୁରକ୍ଷିତ ଭାବେ ଜଙ୍ଗଲରେ ଛଡାଯାଇଛି। ନୂଆପଡା ମିନି ଷ୍ଟାଡିୟମକୁ ପ୍ରତିଦିନ ଭୋରୁ ଅନେକ ଲୋକ ଆସି ବିଭିନ୍ନ ବ୍ୟାୟାମ କରି ଚାଲି ଯାଇଥାନ୍ତି। ବୁଧବାର ସେହି ସମୟରେ ମିନି ଷ୍ଟାଡିୟମରେ ଏକ ଅଜଗର ବାହାରି ଥିଲା। ଉପସ୍ଥିତ ଲୋକେ ତୁରନ୍ତ ନୂଆପଡା ବନ ବିଭାଗକୁ ଖବର ଦେଇଥିଲେ। ନୂଆପଡା ବନ ବିଭାଗ ଫରେଷ୍ଟର ଦୀପ୍ତିମାନ ପଣ୍ଡା, ପ୍ରମାନନ୍ଦ ତାଣ୍ଡି, କେଶବ ରଣା, ଘନଶ୍ୟାମ ରଣା ପ୍ରମୁଖ ଆସି ସାପ ଉଦ୍ଧାର କରି କାଲାଭେରାସ୍ଥିତ ଜଙ୍ଗଲରେ ସୁରକ୍ଷିତ ଭାବେ ନେଇ ଛାଡି ଦେଇଥିଲେ। ଏହି ସାପ ୩ରୁ ୪ ମାସ ମଧ୍ୟ ହୋଇଥିବା ବେଳେ ୨ ଫୁଟ ଲମ୍ବ ଏବଂ ୨ କିଲୋଗ୍ରାମ ରହିଥିଲା। ଛୋଟ ସାପ ବାହାରି ଥିବାରୁ ମାଈ ସାପ ସେଠାରେ ରହିଥିବ ବୋଲି ଉପସ୍ଥିତ ଲୋକେ ସନ୍ଦେହ କରୁଛନ୍ତି।

# ୨୫ରୁ ଧାନ ସଂଗ୍ରହ

### ଜିଲାସ୍ତରୀୟ ଖରିଫ ଧାନ ସଂଗ୍ରହ କମିଟି ବୈଠକ

**ଭବାନୀପାଟଣା,୩।୧୧(ସ୍ୱ.ପ୍ର.)**



ଜିଲାସ୍ତରୀୟ ଖରିଫ ଧାନ ସଂଗ୍ରହ କମିଟି ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

କଳାହାଣ୍ଡି ଜିଲାରେ ଖରିଫ ଧାନ ସଂଗ୍ରହ ନିମନ୍ତେ ଗୁରୁବାର ଭବାନୀପାଟଣାରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଚଳିତବର୍ଷ ଜିଲାରେ ନଭେମ୍ବର ୨୫ରୁ ବିଭିନ୍ନ ମଣ୍ଡିରୁ ଧାନ କ୍ରୟ ନିମନ୍ତେ ବିଶେଷ ଆଲୋଚନା ହୋଇଛି। ବୈଠକରେ ଏମ୍‌ପି ବସନ୍ତ ପଣ୍ଡା, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ, ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ, ଅତିରିକ୍ତ ଜିଲାପାଳ ସୁଶାନ୍ତ କୁମାର ପଟେଲ, ଧର୍ମଗଡ଼ ଉପଜିଲାପାଳ ବେଦ ଭୂଷଣ, ଭବାନୀପାଟଣା ଉପଜିଲାପାଳ ଡ. ବିଶ୍ୱଜିତ୍ ଦାଶ, ନର୍ଲା ଓ ଭବାନୀପାଟଣା ବିଧାୟକ ପ୍ରତିନିଧି ଉପସ୍ଥିତ ଥିଲେ। ପ୍ରଥମେ ଜିଲା ଯୋଗାଣ ଅଧିକାରୀ ପବିତ୍ର ସାହୁ ଏଜେଣ୍ଡା ଅନୁଯାୟୀ ସଭା କାର୍ଯ୍ୟ ଆଗେଇଥିଲେ। ଜିଲାପାଳ ଚାଷୀମାନଙ୍କ ସୁବିଧା ପାଇଁ ମଣ୍ଡିରେ ପର୍ଯ୍ୟାପ୍ତ ସୁବିଧା, ଶୀଘ୍ର ଧାନ ଉଠିବା ପାଇଁ ନିଆଯାଉଥିବା ପଦକ୍ଷେପ ଓ ଚୋରା ଚାଲାଣ ହେଉଥିବା ଧାନଗାଡ଼ିକୁ ଜବତ କରିବା ଉପରେ ମତ ଦେଇଥିଲେ। ଏମ୍‌ପି ପଣ୍ଡା ଗତ ଖରିଫରେ ମଣ୍ଡିରେ ଉପୁଜିଥିବା ବିଭିନ୍ନ ସମସ୍ୟା ଉପସ୍ଥାପନ କରି ମିଲରମାନେ ନିଜର କର୍ମଚାରୀ ନ ପଠାଇ ଦଲାଲ ମାଧ୍ୟମରେ ଧାନ ଉଠାଉ ଥିବାରୁ ଚାଷୀମାନେ କଟନି ଛଟନିର ଶିକାର ହେଉଛନ୍ତି। ଏଥିପ୍ରତି ଜିଲାପାଳ ଏ ଦିଗରେ ବିଶେଷ ଧ୍ୟାନ ଦେବାକୁ କହିଥିଲେ। ଏହି ବିଷୟ ନେଇ ଜିଲାପାଳ ସମସ୍ତ ମିଲର ନିଜର ଏଜେଣ୍ଟ ଓ ଷ୍ଟାଫଙ୍କ ତାଲିକା ସିଏସଓଙ୍କୁ ଦେବେ ଓ ସେମାନଙ୍କୁ ଆଇଡି କାର୍ଡ ପ୍ରଦାନ କରାଯିବ ବୋଲି କହିଥିଲେ। ଜୁନାଗଡ ବିଧାୟକ ମିଶ୍ର ମଣ୍ଡିରେ ଦଲାଲର ପ୍ରବେଶକୁ କଟକଣା ଲଗାଯାଇ କଟନି ଛଟନି ଯୋଗୁ ଚାଷୀ କିଭଳି ଆର୍ଥିକ କ୍ଷତିଗ୍ରସ୍ତ ହେଉଛନ୍ତି ନିଜ ମଣ୍ଡିଗସ୍ତ ଅନୁଭୂତିକୁ ପ୍ରକାଶ କଲେ। ଚଳିତବର୍ଷ ଏଫଏ କ୍ୟୁ ଧାନର ସରକାରୀ ଧାର୍ଯ୍ୟ ମୂଲ୍ୟ ପ୍ରତି କୁଇଣ୍ଟାଲ ୨୦୪୦ ଓ ଗ୍ରେଡ ଏ ମୂଲ୍ୟ ପ୍ରତି କୁଇଣ୍ଟାଲ ୨୦୬୦ ଟଙ୍କା ରଖାଯାଇଛି। ଚଳିତବର୍ଷ ଖରିଫ ଧାନ ବିକ୍ରୟ ପାଇଁ ଜିଲାରେ ୯୮,୩୩୭ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଖରିଫ ଋତୁରେ ୧,୮୬,୭୩୪ ହେକ୍ଟର ଚାଷ ଜମିରେ ଧାନ ହୋଇଥିବା ଜମିରୁ ୮,୫୮,୯୭୬ ମେଟ୍ରିକ ଟନ ଧାନ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି। ଖରିଫ ୨୦୨୨-୨୩ରେ ଭବାନୀପାଟଣା ଓ ଧର୍ମଗଡ ସବଡିଭିଜନରେ ୭୪ଟି ପାକ୍ସ, ୧୭୫ଟି ଧାନ ସଂଗ୍ରହ କେନ୍ଦ୍ର, ୩୩ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଧାନ ସଂଗ୍ରହ କରାଯିବ। ଏହା ବ୍ୟତୀତ ଧାନ ବିକ୍ରୟ ପାଇଁ ଅସୁବିଧା ଭୋଗୁଥିବା ଚାଷୀଙ୍କ ପାଇଁ ଅତିରିକ୍ତ ଧାନ ସଂଗ୍ରହ କେନ୍ଦ୍ର ଖୋଲିବା ପାଇଁ ଜୁନାଗଡ ବିଧାୟକ ତଥା ଏମପି କେତେକ ସ୍ଥାନର ଅନ୍ତର୍ଭୁକ୍ତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ସଭାରେ ଚାଷୀ ପ୍ରତିନିଧି ଦୀପ୍ତି ରଞ୍ଜନ ପ୍ରହରାଜ, ଚାଷୀ ପ୍ରଶାନ୍ତ ପାଟଯୋଶୀ, ମିଲର ସଭାପତି ନଳିନୀ ପାଟଯୋଶୀ, ମହେଶ ଅଗ୍ରୱାଲ, ବିଭିନ୍ନ ବ୍ଲକରୁ ଚାଷୀ ପ୍ରତିନିଧି, ପାକ୍ସ, ସମ୍ପୃକ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

#### ଧାନ ବିକ୍ରୟ ପାଇଁ ଜିଲାର ୯୮,୩୩୭ ଚାଷୀ ପଞ୍ଜୀକୃତ

## ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ବିଦ୍ୟାଳୟ ରନର୍ସଅପ



ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ଖେଳାଳିମାନେ।

### ରାଜ୍ୟସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା

■ଜାତୀୟସ୍ତରୀୟ ପାଇଁ ୭ ଖେଳାଳି ମନୋନୀତ

**ଲାଞ୍ଜିଗଡ,୩।୧୧(ଡି.ଏନ.ଏ.)**

ଜଗତସିଂହପୁର ଜିଲା ପାରାଦୀପ ଇଫକୋ ଡିଏଭି ପବ୍ଲିକ ସ୍କୁଲଠାରେ ନଭେମ୍ବର ୧ରୁ ୨ ତାରିଖ ୨ ଦିନ ଧରି ଚାଲିଥିବା ଡିଏଭି ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ ଖେଳାଳିମାନେ ରନର୍ସଅପ ହୋଇଛନ୍ତି। ଲାଞ୍ଜିଗଡ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ ଏବଂ ଡିଏଭି ଚନ୍ଦ୍ରଶେଖରପୁର ସହିତ ଫାଇନାଲ ମ୍ୟାଚ ଖେଳିଥିଲେ। ଫାଇନାଲରେ ଡିଏଭି ଚନ୍ଦ୍ରଶେଖରପୁର ଚାମ୍ପିୟନ ହୋଇଥିବା ବେଳେ ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ ରନର୍ସଅପ ହୋଇଥିଲା। ଏହି ଖେଳାଳିମାନଙ୍କ ମଧ୍ୟରୁ ୭ଜଣ ଜାତୀୟସ୍ତରୀୟ ଖେଳିବା ପାଇଁ ମନୋନୀତ ହେଇଛନ୍ତି। ସେହି ଖେଳାଳିମାନେ ହେଲେ କୌସ୍ତୁଭ ପାତ୍ର, ମୀନକେତନ ମାଝି, ବେଦାନ୍ତ ଦଳପତି, ଅମନଜୀତ ଯାଦବ, ରାଜେଶ କୁମାର ନାୟକ, ସୌରିନ ପଧାନି, ଅକ୍ଷୟ କର। ଏମାନଙ୍କ ମଧ୍ୟରୁ କୌସ୍ତୁଭ ପାତ୍ରଙ୍କୁ ବେଷ୍ଟ ଖେଳାଳି ଭାବେ ପୁରସ୍କାର ମିଳିଛି। ଡିଏଭି ବେଦାନ୍ତ ଆନ୍ତର୍ଜାତୀୟ ବିଦ୍ୟାଳୟର ଅଧ୍ୟକ୍ଷ ସଦାନନ୍ଦ ହୋତାଙ୍କ ନେତୃତ୍ୱରେ ଖେଳ ଶିକ୍ଷକ ଦୁଷ୍ମନ୍ତ ମାଝି ଓ ଜିତେନ୍ଦ୍ର କୁମାର ବାରିକଙ୍କ ସହିତ ଏହି ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ପାଇଁ ଗସ୍ତ କରିଥିଲେ। ଅନ୍ତର୍ଜାତୀୟ ଖେଳିବାକୁ ଯିବା ପାଇଁ ମନୋନୀତ ଖେଳାଳିମାନେ ଜିଲା ପାଇଁ ଗୌରବ ଆଣିଥିବାରୁ ବିଭିନ୍ନ ମହଲରେ ଖୁସିର ଲହରୀ ଖେଳିଯାଇଛି।

## ଏବିଇଓ, ଅବସରପ୍ରାପ୍ତ ବିଇଓଙ୍କୁ ଜେରା

### ଏକ୍ସକ୍ୟାଡ୍ର ଶିକ୍ଷକଙ୍କ ଦରମା ଜାଲିଆତି ଘଟଣା

■୨୭ ଦିନ ପରେ ବି ସୁଚିସ୍ମିତାଙ୍କୁ ଧରିବାରେ ପୋଲିସ ବିଫଳ

**ଭବାନୀପାଟଣା,୩।୧୧(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକର ୧୭୧ଜଣ ଏକ୍ସକ୍ୟାଡ୍ର ଶିକ୍ଷକଙ୍କ ଗୋଟିଏ ମାସର ଦରମା ଜାଲିଆତି କରି ଆକାଉଣ୍ଟାଣ୍ଟ ସୁଚିସ୍ମିତା ସୁଆର ଫେରାର ହୋଇଛନ୍ତି। ଏ ନେଇ ଏକ୍ସକେଡ୍ର ଶିକ୍ଷକ ସଂଘ ପକ୍ଷରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତଦନ୍ତ ଆରମ୍ଭ କରିଥିଲା ଜିଲା ଶିକ୍ଷା ବିଭାଗ। ସେହିପରି ଭବାନୀପାଟଣା ବିଇଓଙ୍କ ପକ୍ଷରୁ ଟାଉନ ଥାନାରେ ଶୁଚିସ୍ମିତା ଫେରାର ନେଇ ଅଭିଯୋଗ ହେବା ପରେ ପୋଲିସ ଏହାର ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପଟେ ଏହି ଘଟଣା ନେଇ ନିଜଆଡ଼ୁ ମାମଲା ରୁଜୁ କରି ତଦନ୍ତ ଭାର ନେଇଛି ଜିଲା ଭିଜିଲାନ୍ସ। କଳାହାଣ୍ଡି ଏସ୍‌ପି ଅଭିଳାଷ ଜିଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଗତ ୩ ଦିନ ଧରି ପୂର୍ବତନ ବିଇଓ ଜଗନ୍ନାଥ ପୁରୋହିତ ଓ କାର୍ଯ୍ୟରତ ଏବିଇଓ ଜୟ କୁମାର ମାଝିଙ୍କୁ ମାରାଥନ ଜେରା କରିବା ଘଟଣା ଏବେ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ପୂର୍ବରୁ ଏହି ଘଟଣାରେ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଶୁଚିସ୍ମିତା ଟଙ୍କା ହଡ଼ପ ଘଟଣାରେ କେଉଁମାନେ ସାମିଲ ଅଛନ୍ତି ସେ ନେଇ ଖୋଳତାଡ଼ ଆରମ୍ଭ କରିଛି। ଏପରିକି ଦୁହିଁଙ୍କ ବ୍ୟାଙ୍କ କାଗଜପତ୍ର ମଧ ଯାଞ୍ଚ କରାଯାଇଛି। ଶୁଚିସ୍ମିତା ଫେରାର ଥିବା ଯୋଗୁ ଠାବ କରିବା ନେଇ ପୋଲିସ ପକ୍ଷରୁ ଜୋଦାର ଉଦ୍ୟମ ଆରମ୍ଭ କରିଛି। ଇତିମଧ୍ୟରେ ୨୭ ଦିନ ବିତିଯାଇଥିଲେ ମଧ ସୁଚିସ୍ମିତାଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି।

## ଆଉଟ ସୋର୍ସିଙ୍ଗ କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ

**ଭବାନୀପାଟଣା,୩।୧୧(ସ୍ୱ.ପ୍ର.)**

ରାଜ୍ୟ ସରକାର ଠିକା ନିଯୁକ୍ତି ବ୍ୟବସ୍ଥାର ଉଚ୍ଛେଦ କରି ରାଜ୍ୟର ୫୭ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ସ୍ଥାୟୀ କରିଥିବା ବେଳେ ଏହାକୁ ନେଇ ରାଜ୍ୟରେ ଏକ ଆଲୋଡନ ସୃଷ୍ଟି ହୋଇଛି। ରାଜ୍ୟର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଠିକା କର୍ମଚାରୀମାନଙ୍କ ସହିତ ଏବେ ଆଉଟ ସୋର୍ସିଙ୍ଗ କର୍ମଚାରୀମାନେ ମଧ ତାଙ୍କ ଚାକିରୀକୁ ସ୍ଥାୟୀ କରିବାକୁ ସରକାର ନିକଟରେ ଦାବି କରି ଆସୁଛନ୍ତି। ଏପରିସ୍ଥଳେ ଗୁରୁବାର ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆଉଟ ସୋର୍ସିଙ୍ଗ କର୍ମଚାରୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଦ୍ରିକା ନାଏକ, ଚୈତନ୍ୟ ନାଏକ, ମହେନ୍ଦ୍ର ରଣା, ମାଳତି ମଝି, ଦେବକୀ ନାଏକ, ଜୟନ୍ତୀ ଦୀପ, ହୋତା ନାଏକ, ଶ୍ୟାମ କିଶୋର ବେହେରା, ଘନଶ୍ୟାମ ବାଗ ପ୍ରମୁଖଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଳୟ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଶତାଧିକ ଆଉଟ ସୋର୍ସିଙ୍ଗ କର୍ମଚାରୀ ଯୋଗଦେଇଥିଲେ। ଏହି ଅବସରରେ ଆଉଟ ସୋର୍ସିଙ୍ଗ ବ୍ୟବସ୍ଥାର ଉଚ୍ଛେଦ କରି ସମସ୍ତ କର୍ମଚାରୀଙ୍କ ଚାକିରି ସ୍ଥାୟି କରିବା ଓ ସମାନ କାମକୁ ସମାନ ଦରମା ଦାବି ନେଇ ଆଲୋଚନା ହୋଇଥିଲା। ସରକାର ଯଦି ଆଗାମୀ ଦିନରେ ଦାବି ପୂରଣ ନ ହେଲେ ଆଉଟ ସୋର୍ସିଙ୍ଗ କର୍ମଚାରୀମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଥିଲେ।

## ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**କର୍ଲାମୁଣ୍ଡା,୩।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ପଞ୍ଚାୟତ ସମିତି ହାଇସ୍କୁଲଠାରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୨ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ସଭାରେ ବ୍ଲକ ଅଧକ୍ଷ୍ୟା କୁନି ସାହୁ, ବିଡିଓ ସୁଚାରିତା ମୁଗ୍ରୀ, ତହସିଲଦାର ମିଳନ କୁମାର ଝାଙ୍କର, ଏବିଇଓ ସହଦେ ସୁନା, ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ପଧାନ, ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ଏସବିଆଇ ଶାଖା ପରିଚାଳକ ରାଜେଶ କୁମାର ହିଆଲ ପ୍ରମୁଖ ଯୋଗଦେଇଥିଲେ। ସୁରଭି କାର୍ଯ୍ୟକ୍ରମ ଦ୍ୱାରା ପ୍ରତିଭା ଲୋକ ଲୋଚନକୁ ଆସୁଛି ବୋଲି ଅତିଥିମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ କୁମାର ପାଠି, କ୍ଷୀରୋଦ ବଡ଼ମାଲି, ପ୍ରଦୀପ କୁମାର ବେହେରା, ମନୋଜ ସାହୁ, ହେମନ୍ତ ନାଏକ, ମକର୍ଦ୍ଧଜ ବାଗ, ସୋମନାଥ ସାହୁ, ଅନ୍ତର୍ଯ୍ୟାମୀ ମଲ୍ଲିକଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ସିଆରସିସି ସହଯୋଗ କରିଥିଲେ। ଶିକ୍ଷକ ଉଜ୍ଜ୍ୱଳ କୁମାର ସାହୁ, ଦୁର୍ଗା ପ୍ରସାଦ ସାହୁ ସଂଯୋଜନା କରିଥିଲେ।



କସ୍ତୁରବା ବାଳିକା ବିଦ୍ୟାଳୟର ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ଅସୁବିଧା ଭୋଗୁଛନ୍ତି ୧୫ରୁ ଊର୍ଦ୍ଧ୍ୱ ଗ୍ରାମବାସୀ

**ନୂଆପଡ଼ା ଅଫିସ,୩।୧୧**



ଭଙ୍ଗା ଯାଇଥିବା ପୋଲ।

### ବର୍ଷା ସରିଲା, ପୋଲ ନିର୍ମାଣ କାମ ଆରମ୍ଭ ହୋଇନି

ନୂଆପଡା ଜିଲା ସଦର ମହକୁମାର ଅନେକ ସ୍ଥାନକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଯୋଡା ଯାଉଛି। କିନ୍ତୁ ଅନେକ ଗ୍ରାମବାସୀ ସଦର ମହକୁମାକୁ ଆସିବା ପାଇଁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏପରି ପରିସ୍ଥିତି ଦେଖିବାକୁ ମିଳିଛି ନୂଆପଡା ସଦର ବ୍ଲକ କୋଦୋମେରୀ ପଞ୍ଚାୟତର ବିନ୍ଧନମୁଡି ଗ୍ରାମ ନିକଟରେ। ନୂଆପଡା ସଦର ବ୍ଲକ ଗୋଡଫୁଲା ପଞ୍ଚାୟତ ପଗାରପାଣି ଓ ବିନ୍ଧନମୁଡିକୁ ଯାଉଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ରାସ୍ତା ବିନ୍ଧନମୁଡି, ବୋଏରଭାଡି, ମାଗୁରପାଣି, କେରମେଲି, ଜାମପାଣି, ଛିନ୍ଦପାଣି ଲୋକଙ୍କ ପାଇଁ ଜିଲା ସଦର ମହକୁମାକୁ ସିଧାସଳଖ ସଂଯୋଗ ହେଉଛି। ଏହି ରାସ୍ତାର ବିନ୍ଧନମୁଡି ଗ୍ରାମ ନିକଟରେ ପୋଲ ଭଙ୍ଗାଯାଇ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଏଠାରେ ଏକ ନୂଆ ପୋଲ ନିର୍ମାଣ କରିବା ଲାଗି କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଫଳରେ ସେଠାରେ ଥିବା ପୁରୁଣା ପୋଲକୁ ଭଙ୍ଗା ଦିଆଯାଇଥିଲା। ଉକ୍ତ ସ୍ଥାନରେ ନୂତନ ପୋଲ ନିର୍ମାଣ ପାଇଁ ସମ୍ପୃକ୍ତ ଠିକାଦାରଙ୍କୁ ବିଭାଗୀୟ ଯନ୍ତ୍ରୀ ଲେଆଉଟ ଦେଇଥିଲେ। ସମ୍ପୃକ୍ତ ଠିକାଦାର ପୋଲ ନିର୍ମାଣ ସାମଗ୍ରୀ ଠୁଳ କରି ଆରମ୍ଭ କରିବା ସମୟରେ ବର୍ଷା ଦାଉ ସାଧିଥିଲା। ଏହି ପୋଲ ଉପରେ ନିର୍ଭର କରୁଥିବା ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବର୍ତ୍ତମାନ ସମୟରେ ଗ୍ରାମବାସୀ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଦୁରଦୃଷ୍ଟିତାକୁ ଦାୟୀ କରିବା ସହ ପୋଲ ଭାଙ୍ଗିବା ପୂର୍ବରୁ ଅନ୍ୟ ବିକଳ୍ପ ବ୍ୟାବସ୍ଥା କାହିଁକି ଗ୍ରହଣ କରାଗଲା ନାହିଁ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ବିଭାଗୀୟ ଯନ୍ତ୍ରୀମାନେ ଆଗକୁ ବର୍ଷା ଅଛି ବୋଲି କ'ଣ ଜାଣି ନ ଥିଲେ। ସେମାନେ ପୋଲକୁ ଭାଙ୍ଗିଦେଲେ କାହିଁକି, ଯଦି ଭାଙ୍ଗିଲେ ଅସ୍ଥାୟୀ ବାଏପାସ ରାସ୍ତା ନିର୍ମାଣ କଲେ ନାହିଁ କାହିଁକି ବୋଲି ପ୍ରଶ୍ନ ଉଠାଇଛନ୍ତି। ବର୍ତ୍ତମାନ ବର୍ଷା କମି ଗଲାଣି, କାମ କାହିଁକି ଆରମ୍ଭ କରାଯାଇନାହିଁ ବୋଲି ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ସତ୍ୟନାରାୟଣ ପଣ୍ଡାଙ୍କୁ ପଚାରିବାରୁ ବର୍ଷା ପୂର୍ବରୁ ପୋଲ ନିର୍ମାଣ ପାଇଁ ଚେଷ୍ଟା କରିଥିଲୁ। ହେଲେ ହଠାତ ଅତ୍ୟଧିକ ବର୍ଷା ହେବାରୁ କାମ ଅଟକି ରହିଯାଇଛି। ବର୍ତ୍ତମାନ ବର୍ଷା କମି ଗଲାଣି, କାମ ଆରମ୍ଭ କରାଯିବ ବୋଲି କହିଥିଲେ।

### ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ତମ୍ରା





@ ଖଗେଶ୍ୱର



@ ମିଳନ



@ ଶ୍ରୀତମ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୪ ନଭେମ୍ବର, ୨୦୨୨



## ସଂକ୍ଷେପରେ

### ୫ରେ ଶିକ୍ଷକ ସଂଘର ଆନ୍ଦୋଳନ

**ସୋନପୁର, ୩।୧୧(ନି. ପ୍ର.):** ସୁବର୍ଣ୍ଣପୁରରେ ଆସନ୍ତା ୫ ତାରିଖରେ ମିଳିତ ଶିକ୍ଷକ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ। ସୋନପୁର ଏନଜିଓସିସି ହଲରେ ଜିଲାର ସମସ୍ତ ବର୍ଗର ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ମିଳିତ ବୈଠକରେ ଗୁରୁବାର ଏହି ନିଷ୍ପତ୍ତି ନିଆଯାଇଛି । ଏଥିରେ ଜିଲାର ବିଭିନ୍ନ ଶିକ୍ଷକ ସଂଘର ସଭାପତି ଓ ସଂପାଦକ ଯୋଗ ଦେଇଥିଲେ । ବୈଠକରେ ରାଜ୍ୟ ସରକାରଙ୍କ ଶିକ୍ଷକମାନଙ୍କ ପ୍ରତି ବୈମାତୃକ ମନୋଭାବର ଘୋର ନିନ୍ଦା କରାଯାଇଥିଲା। ଶିକ୍ଷକମାନଙ୍କର ୬ ରୁ ୮ ବର୍ଷ ଠିକାରେ କାମ କରିଥିବା ଅବଧିକୁ ନିୟମିତ କରି ଇନକ୍ରିମେଣ୍ଟ ପ୍ରଦାନ, ୨୮୦୦ ଗ୍ରେଡ ପେ ଓ ପୁରୁଣା ପେନସନ ଯୋଜନା ପୁନର୍ବାର ଲାଗୁ କରିବା ଇତ୍ୟାଦି ଦାବି ପୂରଣ କରିବାକୁ ସରକାରଙ୍କୁ ଅନୁରୋଧ କରିବାକୁ ପ୍ରସ୍ତାବ ଦିଆଯାଇଛି । ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯିବ। ୫ ତାରିଖରେ ଶିକ୍ଷକମାନେ ରୟାଲ ପଡିଆରୁ ଏକ ରାଲିରେ ବାହାରି ସହର ପରିକ୍ରମା କରିବେ । ଏଣୁ ସମସ୍ତ ବର୍ଗର ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ସାମିଲ ହୋବକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି । ଏଥିରେ ଶିକ୍ଷକ ପ୍ରତିନିଧି ପ୍ରଦ୍ୟୁମ୍ନ ମହାନ୍ତି, ଜ୍ୟୋତି ସାହୁ, ଦାମୋଦର ପଣ୍ଡା , ସଞ୍ଜିବ ମିଶ୍ର, କୃଷ୍ଣଚନ୍ଦ୍ର ପଣ୍ଡା , ବିଜୟ ପୁରୋହିତ, ବ୍ରତାନନ୍ଦ ଭୋଇ, ହରିହର ସା , ଉମାକାନ୍ତ ମିଶ୍ର ଓ ଦିଲୀପ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ ।

### ବହିରା ଓ ବାଦିକଟା ହାଇସ୍କୁଲ ପରିଦର୍ଶନ କଲେ ବୌଦ୍ଧ ଜିଲାପାଳ

**ବାଉଁଶୁଣୀ,୩।୧୧(ଡି.ଏନ.ଏ.):** ବୌଦ୍ଧ ବ୍ଲକ ଅନ୍ତର୍ଗତ ବହିରା ଓ ବାଦିକଟା ହାଇସ୍କୁଲକୁ ଜିଲାପାଳ ସତ୍ୟରଞ୍ଜନ ସାହୁ ଗୁରୁବାର ପରିଦର୍ଶନ କରିଛନ୍ତି । ତାଙ୍କ ସହିତ ପିଡି ଡିଆରଡିଏ ଅଶ୍ୱିନୀ କୁମାର ମେହେର, ବିଡିଓ ଅବିନାଶ ପାଣ୍ଡିଆ, ସହକାରୀ ଯନ୍ତ୍ରୀ ସମ୍ବିତ୍ ବିଶ୍ୱାଳ, ଯନ୍ତ୍ରୀ ପରେଶ ବେହେରା ମଧ ଯାଇଥିଲେ । ଜିଲାପାଳ ବହିରା ଉଚ୍ଚ ବିଦ୍ୟାଳୟ ସମେତ ପରିସର ମଧରେ ଥିବା ସରକାରୀ ଉପ୍ରା ବିଦ୍ୟାଳୟ ବୁଲି ଦେଖିଥିଲେ । ଉଚ୍ଚ ବିଦ୍ୟାଳୟର ପୂର୍ବତନ ପରିଚାଳନା କମିଟି ସମ୍ପାଦକ ତଥା ଶିକ୍ଷକ ଦେଶବନ୍ଧୁ ମହାକୁଳ, ପ୍ରଧାନ ଶିକ୍ଷୟିତ୍ରୀ ସୁରମା ତ୍ରିପାଠୀ, ଶିକ୍ଷୟିତ୍ରୀ କଲ୍ୟାଣୀ ବେହେରା, ଧରିତ୍ରୀ ତ୍ରିପାଠୀ, ସସ୍ମିତା ଜେନା, ଶିକ୍ଷକ ଅଜିତଲାଲ ମିଶ୍ର, ବିଦ୍ୟାଳୟର ଯୋଗେଶ ବାରିକ, ପ୍ରମୋଦ ପୂଜାହାରୀ, ମୋ ସ୍କୁଲ ଅଭିଯାନ ସଭାପତି ସଞ୍ଜିତ ବେହେରା, ଅନିରୁଦ୍ଧ ଉର୍ମା ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ବାଦିକଟା ହାଇସ୍କୁଲ ପରିଦର୍ଶନ ସମୟରେ ବିଦ୍ୟାଳୟ ପ୍ରତିଷ୍ଠାତା ତଥା ପରିଚାଳନା କମିଟି ସଭାପତି ସନତ କୁମାର ମହାକୁଳ, ପ୍ରଧାନଶିକ୍ଷକ ପ୍ରମୋଦ କୁମାର ରଥ, କମିଟି ସଦସ୍ୟ ସନ୍ତୋଷ ହାତୀ ଓ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ । ଏହି ଉଚ୍ଚ ବିଦ୍ୟାଳୟରେ ଆରମ୍ଭ ହୋଇଥିବା ୫-ଟି କାମକୁ ଜିଲାପାଳ ତଦାରଖ କରିଥିଲେ ।

# ଜିଲା ପ୍ରଶାସନର ଗାଁକୁ ଚାଲ ଅଭିଯାନ ଆରମ୍ଭ

**ବୌଦ୍ଧ,୩।୧୧(ସ୍ୱ.ପ୍ର.)**

ବୌଦ୍ଧ ଜିଲାପାଳ ସତ୍ୟ ରଞ୍ଜନ ସାହୁ କୌଣସି ସଭାସମିତିକୁ ଯିବା ବେଳେ ପାଖରେ ଥିବା ଗାଁଗୁଡିକ ପରିଦର୍ଶନ କରିବା ସହ ବିଦ୍ୟାୟକଗୁଡିକର ସ୍ଥିତି ପରଖିଥାନ୍ତି। ବର୍ତ୍ତମାନ ଜିଲାପାଳ ସାହୁ ଲୋକଙ୍କ ସମସ୍ୟା ବୁଝିବାକୁ ଗାଁକୁ ଚାଲ ଅଭିଯାନ ଆରମ୍ଭ କରିଛନ୍ତି। ଗୁରୁବାର ଜିଲାପାଳ ଓ ଜିଲା ପ୍ରଶାସନର ଅଧିକାରୀମାନେ ବୌଦ୍ଧ ବ୍ଲକ ତେଲିବନ୍ଧ ଗ୍ରାମପଞ୍ଚାୟତର ଚନ୍ଦ୍ରପୁର ଗ୍ରାମକୁ ଯାଇ ପ୍ରତ୍ୟେକ ପରିବାରର ସମସ୍ୟା ବୁଝିଥିଲେ। ଗ୍ରାମରେ ୨୫୦ ପରିବାର ରହୁଥିବା ବେଳେ ୪୦ ଜଣ ଛାତ୍ରଙ୍କ ବୈଷୟିକ ଶିକ୍ଷାର ଆବଶ୍ୟକତା ରହିଥିବା ଓ ମଡେଲ ଅଙ୍ଗନବାଡି କେନ୍ଦ୍ରରେ ପରିଶ୍ରାଗାର ଏବଂ ପାନୀୟଜଳ ଯୋଗାଣ ସମସ୍ୟା ରହିଥିବା ଜାଣିବାକୁ ପାଇଥିଲେ। ଜଣେ ଭିନ୍ନକ୍ଷମଙ୍କ ଆର୍ଥିକ ସହାୟତା ସହ ଟ୍ରାଇସାଇକେଲର ଆବଶ୍ୟକତା ରହିଥିବା, ଗ୍ରାମରେ ଷ୍ଟ୍ରିଟ ଲାଇଟ ବ୍ୟବସ୍ଥା. ଅନେକ ଲୋକ ଭତ୍ତା ପାଉଥିଲେ ମଧ



ଚନ୍ଦ୍ରପୁର ଗ୍ରାମରେ ଜିଲାପାଳ ଓ ଅନ୍ୟ ଅଧିକାରୀ ଲୋକଙ୍କ ସମସ୍ୟା ବୁଝୁଛନ୍ତି ।

ବ୍ୟାଙ୍କକୁ ଯାଇ ହଇରାଣ ହେଉଥିବା, କେତେଜଣ ଯୋଗ୍ୟ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହେବା ନଜରକୁ ଆସିଥିଲା। ସେହିପରି ଗ୍ରାମରେ ୨୨୩ ଏକର ପରିମିତ ଅଞ୍ଚଳରେ ଥିବା ରାଜାବନ୍ଧ ଲୋକଙ୍କ କୌଣସି କାର୍ଯ୍ୟରେ ଆସୁ ନ ଥିବା ଜାଣିବାକୁ ପାଇଥିଲେ। ପାରାଲିସସରେ ଆକ୍ରାନ୍ତ ଜଣେ ୬୫ ବର୍ଷର ବୃଦ୍ଧାଙ୍କୁ ଚିକିତ୍ସା ସେବା ଆବଶ୍ୟକ ଥିବା ଜାଣିବାକୁ ପାଇଥିଲେ। ଗ୍ରାମରେ ଥିବା ଚେକ୍ ଡ୍ୟାମର ପୁନରୁଦ୍ଧାର ପାଇଁ ଅଞ୍ଚଳବାସୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାଛଡା ୩୬ ଲକ୍ଷ ଟଙ୍କା ବ୍ୟୟରେ ୨୦୨୦-୨୧ ଆର୍ଥିକ ବର୍ଷରେ

### ସମସ୍ୟାର ସମାଧାନ ପାଇଁ ଦେଲେ ପ୍ରତିଶ୍ରୁତି

ଉଠାଜଳସେଚନ ବିଭାଗ ପକ୍ଷରୁ ନିର୍ମାଣାଧୀନ ପ୍ରକଳ୍ପ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ ନ ଥିବା ନଜରକୁ ଆସିଥିଲା। ଯଥାଶୀଘ୍ର ଗ୍ରାମର ସମସ୍ୟାଗୁଡିକର ସମାଧାନ ପାଇଁ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଜିଲାପାଳଙ୍କ ସହିତ ଏହି ଅଭିଯାନରେ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ଅଶ୍ୱିନୀ କୁମାର ମେହେର,ବୌଦ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅବିନାଶ ପାଣ୍ଡିଆ,ସହକାରୀ ନିର୍ବାହୀ ଯନ୍ତ୍ରୀ ସମ୍ବିତ ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ। ପ୍ରତି ସପ୍ତାହରେ ଜିଲା ଓ ବ୍ଲକର ସମସ୍ତ ଅଧିକାରୀ ଉପାନ୍ତ ଅଞ୍ଚଳରେ ଥିବା ଗୋଟିଏ ଗ୍ରାମରେ ପହଞ୍ଚି ପ୍ରତ୍ୟେକ ପରିବାର ସହ ଆଲୋଚନା କରି ସମସ୍ୟା ବୁଝିବା ସହ ସେଗୁଡିକର ତୁରନ୍ତ ସମାଧାନ କରିବା ଦିଗରେ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

# ଶ୍ୱଶୁର ଘରେ ସ୍ୱାମୀଙ୍କ ସନ୍ଦେହଜନକ ମୃତ୍ୟୁ



ପାଲିଗାଁରେ ମୃତ ବନ୍ତୋଷଙ୍କ ଶ୍ୱଶୁର ଘର ଆଗରେ ଲୋକଙ୍କ ଗହଳି ।

**ଅମରପାଲି,୩।୧୧(ଡି.ଏନ.ଏ)**

**ବୀରମହାରାଜପୁର ଥାନା**
- ସକାଳେ ସ୍ତ୍ରୀଙ୍କୁ କରିଥିଲେ ମରଣାନ୍ତକ ଆକ୍ରମଣ
- ମୃତଦେହ ଜବତ,ପୋଲିସର ତଦନ୍ତ ଆରମ୍ଭ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ମହଦା ପଞ୍ଚାୟତର ପାଲିଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। କୌଣସି କାରଣରୁ ଦ୍ୱିତୀୟ ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରି ସ୍ୱାମୀ ବନ୍ତୋଷ ଗଣ୍ଡ (୬୦) ଶ୍ୱଶୁର ଘରେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ତେବେ ଏହା ହତ୍ୟା ନା ଆତ୍ମହତ୍ୟା ସେନେଇ ସନ୍ଦେହ ଦେଖାଦେଇଛି।

ମିଳିଥିବା ସୂଚନା ଅନୁଯାୟୀ, ସମ୍ବଲପୁର ଜିଲା ଅନ୍ତର୍ଗତ ଚିପିଲିମା ଅଞ୍ଚଳର ବନ୍ତୋଷ ଗତ ୯ ବର୍ଷ ପୂର୍ବେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ପାଲିଗାଁର ସୁରେଶ ବଗର୍ତ୍ତିଙ୍କ ଝିଅ ରଞ୍ଜିତା(୩୫)ଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ତାଙ୍କର ପ୍ରଥମ ସ୍ତ୍ରୀର ୫ ଝିଅ ପୁଅ ଥିବା ବେଳେ ଦ୍ୱିତୀୟ ସ୍ତ୍ରୀଙ୍କର ୨ଝିଅ ପୁଅ ଅଛନ୍ତି। ରଞ୍ଜିତା ଗତ ଭାଇ ଜିଉନ୍ତିଆ ବେଳୁ ନିଜ ବାପ ଘର ପାଲିଗାଁକୁ ଆସିଥିବା ବେଳେ ବନ୍ତୋଷ ପ୍ରାୟ ୧୫ଦିନ ହେବ ଶ୍ୱଶୁର ଘର ଗାଁ ପାଲିଗାଁକୁ ଆସିଥିଲେ। ଗୁରୁବାର ସକାଳେ କୌଣସି କଥାକୁ ନେଇ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ଉତ୍କ୍ଷିପ୍ତ ହୋଇ ବନ୍ତୋଷ ନିଜ ସ୍ତ୍ରୀ ରଞ୍ଜିତାଙ୍କୁ ଏକ ଭୁଜାଲିରେ ଆକ୍ରମଣ କରିଥିଲେ। ଆକ୍ରମଣରେ ସେ ଗୁରୁତର ହୋଇପଡିବାରୁ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ତେବେ ସ୍ତ୍ରୀଙ୍କୁ ଆକ୍ରମଣ କରିବା ପରେ ଶ୍ୱଶୁର ଘରର ଏକ କୋଠରୀରେ ବେକରେ ଲୁଗା ବାନ୍ଧି ବନ୍ତୋଷ ଆତ୍ମହତ୍ୟା କରିଥିବା ଶଶୁର ଘର ଲୋକେ ବୀରମହାରାଜପୁର ଥାନାରେ ଅଭିଯୋଗ କରିଛନ୍ତ। ସନ୍ଧ୍ୟାରେ ବୀରମହାରାଜପୁର ପୋଲିସ ମୃତଦେହ ଜବତ କରିଛି। ମୃତକଙ୍କ ଗୋଡ ତଳେ ଲାଗିଥିବାରୁ ଏହା ଆତ୍ମହତ୍ୟା କି ହତ୍ୟା ସେନେଇ ପୋଲିସ ତଦନ୍ତ ଚଳାଇଛି। ଅପରପକ୍ଷରେ ପୋଲିସ ରଞ୍ଜିତାଙ୍କୁ ଆକ୍ରମଣ କରିବା ଘଟଣାରେ ଏକ ମାମଲା(ନଂ ୧୬/୨୨)ରୁଜୁ କରିଛି' ଶଶୁର ଘର ଲୋକଙ୍କ ଅଭିଯୋଗ ଆଧାରରେ ବନ୍ତୋଷଙ୍କ ଆତ୍ମହତ୍ୟା ନେଇ ଏକ ଅପମୃତ୍ୟୁ ମାମଲା (ନଂ ୨୧୯/୨) ମଧ ଥାନାରେ ରୁଜୁ ହୋଇଛି।

# ଗଛ ଉପରକୁ ଚଢି କିଶୋରଙ୍କ ଆତ୍ମହତ୍ୟା ଧମକ

**ଅମରପାଲି,୩।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ବାଘମାରି- କର୍ଣ୍ଣପାଲି ନିକଟରେ ଜଣେ କିଶୋରଙ୍କ ଉନ୍ମତ୍ତକାଣ୍ଡ ଯୋଗୁ ଅଗ୍ନିଶମ ବିଭାଗ ନାକେଦମ ହୋଇ ପଡିଥିବା ଜଣାପଡିଛି। ପ୍ରକାଶ ଯେ, ବାଘମାରି -କର୍ଣ୍ଣପାଲି ଗାଁର ଜଣେ ୧୭ ବର୍ଷର କିଶୋର ଗୁରୁବାର ହଠାତ୍ ଗାଁ ମୁଣ୍ଡରେ ଥିବା ଏକ ବରଗଛ ଉପରକୁ ଚଢିଯାଇ ଆତ୍ମହତ୍ୟା କରିବାକୁ ଧମକ ଦେଇଥିଲେ। ଏହାଦେଖି ଗାଁର କେତେଜଣ ବ୍ୟକ୍ତି ଉଦ୍ଧାର ପାଇଁ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ହେଲେ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚିବା ପରେ ସେ ସେମାନଙ୍କୁ ଦେଖି ଗଛର ଉପରି ଭାଗକୁ ଚଢି ଯାଇଥିଲେ। ବହୁ କଷ୍ଟରେ ଅଗ୍ନିଶମ କର୍ମଚାରୀମାନେ କୌଶଳକ୍ରମେ ସମ୍ପୃକ୍ତ କିଶୋରଙ୍କୁ ଉଦ୍ଧାର କରିଥିଲେ। କିଶୋର ଜଣକ ନିଶାସକ୍ତ ହୋଇ ଏପରି କାଣ୍ଡ ଘଟାଇଥିବା କୁହାଯାଉଛି ।

### ଶୈବପୀଠ ଚରଦାରେ ଦଶମୀ ଯାତ୍ରା ପାଳିତ

**ବିନିକା,୩।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଚରଦାସ୍ଥିତ କପିଳେଶ୍ୱର ମନ୍ଦିରଠାରେ ଗୁରୁବାର ଦଶମୀ ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ଶ୍ରଦ୍ଧାଳୁମାନେ ଧାଡ଼ିବାନ୍ଧି ବାବା କପିଳେଶ୍ୱର ଓ ଇଷ୍ଟଦେବୀ ମା' ଚରଦେଈଙ୍କ ଦର୍ଶନ କରିଥିଲେ। ପରମ୍ପରା ଅନୁଯାୟୀ ପ୍ରତିବର୍ଷ ଏହି ଦିନ ସେଲେ ଗ୍ରାମରୁ ଛତର, ଦେବତା ସହ ବରୁଆଁ ନାଚି ନାଚି ଶୋଭାଯାତ୍ରାରେ ଆସି ବାବା କପିଳେଶ୍ୱରଙ୍କୁ ବର ମାଗି ନିଜ ଗ୍ରାମକୁ ଫେରିଥିଲେ। ସେହିପରି ମନ୍ଦିର ପରିସରରେ ବିରାଜମାନ ଥିବା ମା' ଚରଦେଈଙ୍କୁ ମଧ ଢୋଲ, ନିଶାନର ତାଳେ ତାଳେ ଏକ ବିରାଟ ଶୋଭାଯାତ୍ରାରେ କଲାସି କୁଠିକୁ ଅଣାଯାଇଥିଲା। ବରୁଆଙ୍କ ନୃତ୍ୟ ଓ ଦେବତାଙ୍କ ଦର୍ଶନ ପାଇଁ ଚଳିତବର୍ଷ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଟ୍ରଷ୍ଟ ବୋର୍ଡ କମିଟି ସଦସ୍ୟ, ମନ୍ଦିର ସେବାୟତ, ପଞ୍ଚାୟତ ପ୍ରତିନିଧି ଏବଂ ଗ୍ରାମବାସୀ ସମାରୋହ ପରିଚାଳନାରେ ସହଯୋଗ କରିଥିଲେ।

### ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

**ବିନିକା,୩।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ କଲେଜରେ ଯୁକ୍ତ ୩ ଶ୍ରେଣୀରେ ଅଧ୍ୟୟନ ପାଇଁ ନାମ ଲେଖାଇ ଥିବା ନବାଗତ ଛାତ୍ରୀଛାତ୍ରଙ୍କୁ କଲେଜ ତରଫରୁ ବୁଧବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ଅଧକ୍ଷ ଡ. ଧୀରେନ୍ଦ୍ର କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସିଦ୍ଧାର୍ଥ ଜୁନିୟର କଲେଜର ଅଧକ୍ଷା ରେଖା ପଧାନ ସ୍ୱତନ୍ତ୍ର ଅତିଥି, ଅଧାପକ ବୀଣା ପ୍ରସାଦ ବିଶ୍ୱାଳ ମୁଖ୍ୟବକ୍ତା, ଅଧାପକ ଗୋପାଳ କୃଷ୍ଣ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଦିବ୍ୟାଲୋକା ମହାପାତ୍ର ଧନ୍ୟବାଦ ଦେଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ତମ୍ମା



@ ଖଗେଶ୍ୱର



@ ମିଲନ



@ ଶ୍ରୀତମ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବୌଦ୍ଧ ଜିଲା ଡ୍ରାଇଭର ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ବୌଦ୍ଧ,୩।୧୧(ସ୍ୱ.ପ୍ର.)**

ଓଡିଶା ଡ୍ରାଇଭର ମହାସଂଘର ବିଭିନ୍ନ ଦାବି ପୂରଣ ନେଇ ସରକାର ଅବହେଳା କରୁଥିବା ଅଭିଯୋଗ ହୋଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ବୌଦ୍ଧ ଜିଲା ଡ୍ରାଇଭର ସଂଘ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୩୦ ଗୋଟି ଜିଲାରେ ଡ୍ରାଇଭର ସଂଘ ରହିଥିବା ବେଳେ ସେମାନଙ୍କୁ ବିଭିନ୍ନ ସୁବିଧା ଯୋଗାଇ ଦେବାକୁ ଡ୍ରାଇଭରମାନେ ରାଜଧାନୀରେ ଏକ ବିଶାଳ ରାଲି କରି ପ୍ରତିବାଦ କରିଥିଲେ। ସେହି ସମୟରେ ସରକାର ଦାବି ପୂରଣ କରିବାକୁ ପ୍ରତଶ୍ରୁତି ଦେଇଥିଲେ ହେଁ କୌଣସି ସୁଫଳ ମିଳିନାହିଁ । ବୌଦ୍ଧ ଜିଲା ଡ୍ରାଇଭର ସଂଘ ପକ୍ଷରୁ ସଂଘର ସଭାପତି ବିପିନି ବିହାରୀ ବ୍ରହ୍ମାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କ ଜରିଆରେ ଏହି ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ଜଣାପଡିଛି। ଯଦି ସରକାର ଦାବି ପୂରଣ ନ କରନ୍ତି ଆଗାମୀ ଦିନରେ ସଂଘ ପକ୍ଷରୁ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି। ଡ୍ରାଇଭରମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଦଣ୍ଡବତ ଯାତ୍ରା କରି ପ୍ରତିବାଦ କରିଥିବା ଦେଖିବାକୁ ମିଳିଥିଲା।



ଦଣ୍ଡବତ ଯାତ୍ରା କରି ଡ୍ରାଇଭର ସଂଘ ପ୍ରତିନିଧି ମଣ୍ଡଳୀ ଦାବିପତ୍ର ପ୍ରଦାନ କରିବାକୁ ଯାଉଛନ୍ତି ।

# ଶିଶୁ ପ୍ରତିଭା ପ୍ରସ୍ଫୁଟିତ କରିବାର ମାଧ୍ୟମ ସୁରଭି

**ଡୁଙ୍ଗୁରିପାଲି,୩।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଗୁରୁବାର ବ୍ଲକସ୍ତରୀୟ ସୁରଭି- ୨୦୨୨ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଡୁଙ୍ଗୁରିପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିପୁର ମହାନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷାକ୍ଷେତ୍ରରେ ଯୁଗାନ୍ତକାରୀ ବିକାଶ ପାଇଁ ରାଜ୍ୟ ସରକାର ବିଦ୍ୟାଳୟଗୁଡିକୁ ୫-ଟି ରୂପାନ୍ତରଣ କରି ସ୍ମାର୍ଟ କ୍ଲାସ, ଇ-ଲାଇବ୍ରେରୀ ଆଦି ନୂତନ ବ୍ୟବସ୍ଥା ପ୍ରଚଳନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶିକ୍ଷକ ସମାଜ ତଥା ଅଭିଭାବକଙ୍କ ସହଯୋଗ ତଥା ଛାତ୍ରୀଛାତ୍ର ନିଜ ଭବିଷ୍ୟତ ଗଠନ ନେଇ ଅଧିକ ନିଷ୍ଠାବାନ ହୋଇ ସରକାରଙ୍କ ଉଦ୍ୟମକୁ ସାକାର କରିବାକୁ ବିଡ଼ିଓ ମହାନନ୍ଦ ଆହ୍ୱାନ କରିଥିଲେ। ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ କିଷାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ




ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ସୁବର୍ଣ୍ଣପୁର ଜିଲା ସମଗ୍ର ଶିକ୍ଷା ଅଭିଯାନର ଡିଇଓ ତଥା ଡିପିସି ରାଧାକାନ୍ତ ଗଡତିଆ, ଡୁଙ୍ଗୁରିପାଲି ଥାନା ସବ ଇନ୍ସପେକ୍ଟର ଟଙ୍କଧର ଛତ୍ରିଆ, ଡୁଙ୍ଗୁରିପାଲି ଗୋଷ୍ଠୀ ଚିକିତ୍ସାଳୟର ଭାରପ୍ରାପ୍ତ ଅଧିକାରୀ ଡା. କିରଣପ୍ରଭା ଦୁମଦୁମ, ଅଗ୍ନିଶମ ବିଭାଗ ଅଧିକାରୀ କୁମାର ବିଲୁଙ୍ଗ ପ୍ରମୁଖ ମଞ୍ଚାସୀନ ଥିଲେ। ସୁଧୀର କୁମାର ଗଡତିଆ, ଅନୁପ୍ରିୟ ମିଶ୍ର, ମୁରାରୀ ରଥ, ପ୍ରତିମା ପଣ୍ଡା ଓ ରୂପକଳା ତିୱାରୀ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିରେ ସୁବର୍ଣ୍ଣପୁର ଜିଲା ପରିଷଦ ଅଧକ୍ଷା ସୁପାର ଠେଲା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଡୁଙ୍ଗୁରିପାଲି ଗ୍ରାମପଞ୍ଚାୟତ ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର, ଡୁଙ୍ଗୁରିପାଲି ଜିଲା ପରିଷଦ ସଭ୍ୟା ମଞ୍ଜୁଶ୍ରୀ ମାଝୀ, ଡୁଙ୍ଗୁରିପାଲି ସମିତି ସଭ୍ୟାଙ୍କ ପ୍ରତିନିଧି ଧର୍ମେନ୍ଦ୍ର ବିଶ୍ୱାଳ,ବିଇଓ ଗଣେଶ କିଷାନ, ଏବିଇଓ ଦିଲୀପ କୁମାର ମେହେର, ଗଞ୍ଜୁଲୁ ମିର୍ଦ୍ଧା, ବଟକୃଷ୍ଣ ପାଢ଼ୀ, ପ୍ରମୁଖ ମଞ୍ଚାସୀନ ଥିଲେ। ସିଆରସିସି ଦିଲୀପ କୁମାର ପଧାନ, ସୁରେଶ କୁମାର ପଧାନ, ଥବିର ଦୋରା, ସୁରେଶ କୁମାର ପୂଜାରୀ, ସୁଧାଂଶୁ କୁମାର ସାହୁ, ରେଖାରାମ ବାଗ ତଥା ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ସୁରଭି କାର୍ଯ୍ୟକ୍ରମରେ ଡୁଙ୍ଗୁରିପାଲି ଗୋଷ୍ଠୀ ଶିକ୍ଷାକେନ୍ଦ୍ର କାର୍ଯ୍ୟାଳୟରେ ପ୍ରଥମ କରି ଯୋଗଦାନ କରିଥିବା ବିଇଓ ଟଙ୍କଧର ଛତ୍ରିଆଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ନାଟ୍ୟକାର ବାସୁଦେବ ନାଏକଙ୍କୁ ମଧ ଜିଲା ପରିଷଦ ଅଧକ୍ଷାଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକର ୧୫ ଟି କ୍ଲଷ୍ଟରରୁ ୫୦୦ ଛାତ୍ରୀଛାତ୍ର ଯୋଗଦେଇ ଗୀତ, ବକ୍ତୃତା, ପ୍ରବନ୍ଧ, ସୃଜନାତ୍ମକ ଲିଖନ, ଚିତ୍ରାଙ୍କନ, ହସ୍ତଶିଳ୍ପ, ଶ୍ରୁତଲିଖନ, ଦଳଗତ ନୃତ୍ୟ, ଏକକ ନୃତ୍ୟ ଆଦି ପ୍ରତିଯୋଗିତାର ବରିଷ୍ଠ ଓ କନିଷ୍ଠ ବିଭାଗରେ ଭାଗ ନେଇଥିଲେ। କୃତି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ସମସ୍ତ ପ୍ରତିଯୋଗୀ ଜିଲାସ୍ତରୀୟ ସୁରଭିରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି।